- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

BHUBANESWAR | •VOLUME- 43 •ISSUE-98 •WEDNESDAY •1 OCTOBER 2025 •PAGE-12 •₹ 6.00

•ବର୍ଷ-୪୩ •ସଂଖ୍ୟା-୯୮ •ବୁଧବାର •୧ ଅକ୍ଟୋବର ୨୦୨୫ •ପୃଷ୍ଠା-୧୨ •ଟ.୬.୦୦




**ମଣ୍ଡପରେ ମା'** ଆଜି ମହାନବମୀ...

# ଟଙ୍କା ଦିଅ, ଚାକିରି ନିଅ

## ପୁଲିସ ଏସ୍ଆଇ ପଦ ନିଲାମ, ପ୍ରାରମ୍ଭିକ ମୂଲ୍ୟ ୨୫ ଲକ୍ଷ ଟଙ୍କା

■ **ବ୍ରହ୍ମପୁର/ଭୁବନେଶ୍ୱର, ୩୦।୯ (ସମିସ):** ନିଲାମ ହୋଇଛି ପୁଲିସ ଏସ୍ଆଇ ପଦ। ୨୫ ଲକ୍ଷରୁ ୩୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମୂଲ୍ୟ ଛିଡ଼ିଛି। ଶତାଧିକ ଆଶାୟୀଙ୍କଠାରୁ ଅଗ୍ରୀମ ୫ରୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆଦାୟ ହୋଇଛି। ବକେୟା ଅର୍ଥ ପାଇଁ ସେମାନଙ୍କର ଶିକ୍ଷାଗତ ପ୍ରମାଣପତ୍ର ବନ୍ଧକ ରଖାଯାଇଛି। ଚାକିରି ପାଇଁ ମନୋନୀତ ହେବା ପରେ ସେମାନଙ୍କଠାରୁ ବକେୟା ଅର୍ଥ ଆଦାୟ କରାଯିବ ଓ ନିଯୁକ୍ତି ଭେରିଫିକେସନ ସମୟରେ ସାର୍ଟିଫିକେଟ ପ୍ରଦାନ କରାଯିବାକୁ ସର୍ତ୍ତ ରଖାଯାଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଯେଉଁ ସଂସ୍ଥାକୁ ପରୀକ୍ଷା ପରିଚାଳନା ପାଇଁ ଓଡ଼ିଶା ପୁଲିସ ରିକ୍ରୁଟମେଣ୍ଟ ବୋର୍ଡ ଦାୟିତ୍ୱ ଦେଇଛି; ସେହି ସଂସ୍ଥା ହିଁ ଏହି ପିଲାମାନଙ୍କୁ ପରୀକ୍ଷା ପାଇଁ ଅଭ୍ୟାସ କରାଇବାକୁ ହାଇଦ୍ରାବାଦ ନେଇଛି। ସିଧାସିଧା କହିଲେ ଚୋର ହାତରେ ଚାବିକାଠି ଧରାଇଛି ଓଡ଼ିଶା ପୁଲିସ ରିକ୍ରୁଟମେଣ୍ଟ ବୋର୍ଡ। ଅନ୍ୟପକ୍ଷରେ କେଉଁମାନେ ପରୀକ୍ଷା ପାଇଁ ଆବେଦନ କରିଛନ୍ତି ସେ ତଥ୍ୟ ପରୀକ୍ଷା ପରିଚାଳନା କରୁଥିବା ସଂସ୍ଥା ନିକଟରେ କିପରି ପହଞ୍ଚିଲା ବୋଲି ପ୍ରଶ୍ନ ଉଠିଛି ଏବଂ ଏଥିରେ ପ୍ରତ୍ୟକ୍ଷ ଭାବରେ ଓପିଆର୍‌ବିର ଭୂମିକାକୁ ▶ପୃଷ୍ଠା-୭

**ହାଇଦ୍ରାବାଦ ଯିବା ବେଳେ ଧରାପଡ଼ିଲେ ୧୧୦ରୁ ଊର୍ଦ୍ଧ୍ୱ ପରୀକ୍ଷାର୍ଥୀ**

**ବିଳମ୍ବିତ ରାତିରେ ଶ୍ରୀକାକୁଲମରେ ୩ଟି ବସ୍ ଅଟକାଇଲା ବ୍ରହ୍ମପୁର ପୁଲିସ**

**ବ୍ରହ୍ମପୁରରେ ଏଜେଣ୍ଟ ଓ ଆଶାୟୀଙ୍କୁ କ୍ରାଇମବ୍ରାଞ୍ଚ ଡିଜିଙ୍କ ମାରାଥନ ଜେରା**

### ପରୀକ୍ଷା ପୁଣି ସ୍ଥଗିତ

■ **ଭୁବନେଶ୍ୱର, ୩୦।୯ (ସମିସ):** ଓଡ଼ିଶା ପୁଲିସ ସବ୍ ଇନ୍ସପେକ୍ଟର (ଏସ୍ଆଇ) ନିଯୁକ୍ତି ପରୀକ୍ଷା ପୂର୍ବରୁ ଅଭ୍ୟାସ ପାଇଁ ହାଇଦ୍ରାବାଦ ଯାଉଥିବା ୧୧୦ ପିଲା ଧରାପଡ଼ିବା ପରେ ଆସନ୍ତା ୫ ଓ ୬ ତାରିଖରେ ହେବାକୁଥିବା ପରୀକ୍ଷାକୁ ବାତିଲ କରାଯାଇଛି। ଓଡ଼ିଶା ପୁଲିସ ରିକ୍ରୁଟମେଣ୍ଟ ବୋର୍ଡର ଅଧ୍ୟକ୍ଷ ତଥା ଜେଲ୍ ଡିଜି ସୁଶାନ୍ତ କୁମାର ନାଥ ଏ ସଂକ୍ରାନ୍ତରେ ବିଜ୍ଞପ୍ତି ଜାରି କରିଛନ୍ତି। ପୂର୍ବରୁ ଏହି ପରୀକ୍ଷା ମାର୍ଚ୍ଚ ୮ ଓ ୯ ତାରିଖରେ କରିବାକୁ ଧାର୍ଯ୍ୟ ହୋଇଥିଲା। ସେତେବେଳେ ମଧ୍ୟ ପ୍ରଶ୍ନପତ୍ର ଲିକ୍ ହୋଇଥିବା ଆଶାୟୀମାନେ ଅଭିଯୋଗ କରିଥିଲେ ହେଁ ପରୀକ୍ଷା ▶ପୃଷ୍ଠା-୭

### ବ୍ୟବସ୍ଥିତ ବିଫଳତା: ନବୀନ



**ଏସ୍ଆଇ ନିଯୁକ୍ତି ପରୀକ୍ଷା ବାତିଲକୁ ନେଇ କ୍ଷୋଭ ପ୍ରକାଶ**

■ **ଭୁବନେଶ୍ୱର, ୩୦।୯ (ସମିସ):** ରାଜ୍ୟରେ ଗୋଟିଏ ପରେ ଗୋଟିଏ ପରୀକ୍ଷାର ବିଭ୍ରାଟକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଏହି ଘଟଣାକୁ ଉତ୍ଥାପନ କରି ନବୀନ ରାଜ୍ୟରେ ବିଭିନ୍ନ ପରୀକ୍ଷାରେ ହେଉଥିବା ତ୍ରୁଟି ଓ ଦୁର୍ନୀତିକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ସେ କହିଛନ୍ତି ଯେ ଆଜି ରାଜ୍ୟରେ ଆଉ ଏକ ନିଯୁକ୍ତି ପରୀକ୍ଷା ବାତିଲ ହୋଇଥିବା ଜାଣି ଆଶ୍ଚର୍ଯ୍ୟ ଲାଗୁଛି। ସବ୍-ଇନ୍ସପେକ୍ଟର ନିଯୁକ୍ତି ପାଇଁ ଉଦ୍ଦିଷ୍ଟ କମ୍ବାଇଣ୍ଡ ପୁଲିସ୍ ସର୍ଭିସ୍ ପରୀକ୍ଷା ୨୦୨୪କୁ ▶ପୃଷ୍ଠା-୭

### ଶାରୀରିକ ପରୀକ୍ଷାରେ ପାସ୍ କଲେ ନିଯୁକ୍ତି ପକ୍କା

■ **ଭୁବନେଶ୍ୱର, ୩୦।୯ (ସମିସ):** ଶାରୀରିକ ପରୀକ୍ଷାରେ ପାସ୍ କରିବା ପରେ ଚାକିରି ଗ୍ୟାରେଣ୍ଟି। ତେବେ ଏଥିପାଇଁ ଦେବାକୁ ହେବ ମୋଟା ଅଙ୍କର ଅର୍ଥରାଶି। ଯେଉଁ ସଂସ୍ଥାକୁ ପରୀକ୍ଷା ପରିଚାଳନା ଦାୟିତ୍ୱ ଦିଆଯାଇଛି, ସେହି ସଂସ୍ଥା ପରୀକ୍ଷାର୍ଥୀଙ୍କୁ ପାସ୍ କରିବାକୁ ବି ଦାୟିତ୍ୱ ନେଇଥିବା ଅଭିଯୋଗ ହୋଇଛି। ହାଇଦ୍ରାବାଦରେ ପରୀକ୍ଷାର୍ଥୀମାନଙ୍କୁ ପରୀକ୍ଷା ନିମନ୍ତେ ପ୍ରସ୍ତୁତ କରାଯିବାକୁ ଯୋଜନା ଫସରଫାଟିବା ପରେ ଗୋଟିଗୋଟି ରହସ୍ୟ ପଦାକୁ ଆସୁଛି।

ଅଭିଯୋଗ ଅନୁସାରେ ଲେଖିପଢ଼ି ଜାଣୁଥିବା ପିଲାଙ୍କୁ ଦଲାଲ୍‌ଙ୍କ ଜରିଆରେ ଯୋଗାଯୋଗ କରାଯାଇଛି। ସେମାନଙ୍କୁ ପ୍ରଶ୍ନପତ୍ର ଅଭ୍ୟାସ କରାଇ ଅଧିକ ନମ୍ବର ରଖିବା ପାଇଁ ବ୍ୟବସ୍ଥା ବି ହୋଇଛି। କେବଳ ଶାରୀରିକ ପରୀକ୍ଷା ପରୀକ୍ଷା (୮ ମିନିଟ୍‌ରେ ୧୬୦୦ ମିଟର୍) ଅତିକ୍ରମ କରିପାରିଲେ ଚାକିରି ସୁନିଶ୍ଚିତ ବୋଲି ସେମାନଙ୍କୁ ପ୍ରତିଶ୍ରୁତି ଦିଆଯାଇ ଅଗ୍ରୀମ ନିଆଯାଇଛି। ଶାରୀରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ ଲିଖିତ ପରୀକ୍ଷା ସହ ▶ପୃଷ୍ଠା-୭

### ଦଶହରା ଶୁଭେଚ୍ଛା

ପବିତ୍ର ଦଶହରା ପର୍ବ ଅବସରରେ ଓଡ଼ିଶାର ସମସ୍ତ ଜନସାଧାରଣ, ପାଠକପାଠିକା, ବିଜ୍ଞାପନଦାତା, ଶୁଭେଚ୍ଛୁ ଓ ବିତରକ ବନ୍ଧୁଙ୍କୁ 'ସକାଳ' ପରିବାର ତରଫରୁ ହାର୍ଦ୍ଦିକ ଶୁଭେଚ୍ଛା।

### 'ସକାଳ'ର ଛୁଟି

ପବିତ୍ର ଦଶହରା ପର୍ବ ଉପଲକ୍ଷେ ଅକ୍ଟୋବର ୧, ୨ ଓ ୩ ତାରିଖ 'ସକାଳ' କାର୍ଯ୍ୟାଳୟ ଛୁଟି ରହୁଥିବାରୁ ଏହାର ପରବର୍ତ୍ତୀ ସଂସ୍କରଣ ୫ ତାରିଖ (ରବିବାର) ପ୍ରକାଶ ପାଇବ।

*ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ*

**ବିହାର ଏସ୍ଆଇଆର୍**

### ୬୯ ଲକ୍ଷ ଭୋଟର୍ ବାଦ୍

■ **ନୂଆଦିଲ୍ଲୀ, ୩୦।୯ (ଏଜେନ୍ସି):** ବିହାରରେ ବିବାଦୀୟ ଭୋଟର ତାଲିକା ସଂଶୋଧନ (ଏସ୍ଆଇଆର) ପ୍ରକ୍ରିୟା ଶେଷ ହେବା ପରେ ଆଜି ନିର୍ବାଚନ କମିସନଙ୍କ ପକ୍ଷରୁ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରାଯାଇଛି। ଏଥିରେ ପ୍ରାୟ ୬୯ ଲକ୍ଷ ଭୋଟରଙ୍କ ନାମ କାଟି ଦିଆଯାଇଥିବା ବେଳେ ୨୧ ଲକ୍ଷ ନୂଆ ଭୋଟର ଯୋଡ଼ି ହୋଇଛନ୍ତି। ଏହାସହିତ ରାଜ୍ୟରେ ଭୋଟର ସଂଖ୍ୟା ୭ କୋଟି ୯୦ ଲକ୍ଷରୁ ୭ କୋଟି ୪୨ ଲକ୍ଷକୁ ହ୍ରାସ ପାଇଛି। ଏସ୍ଆଇଆର ମାମଲା ଏବେ ସୁପ୍ରିମକୋର୍ଟଙ୍କ ବିଚାରାଧୀନ ଥିବାବେଳେ କୋର୍ଟ ସ୍ପଷ୍ଟ କରିଦେଇଛନ୍ତି ଯେ ସଂଶୋଧନ ପ୍ରକ୍ରିୟାରେ କୌଣସି ପ୍ରକାର ତ୍ରୁଟି ଦେଖାଦେଲେ ସମଗ୍ର ସଂଶୋଧନ ପ୍ରକ୍ରିୟାକୁ ବାତିଲ କରିଦିଆଯିବ। ଏସ୍ଆଇଆର ପ୍ରକ୍ରିୟାକୁ ବିରୋଧ କରି ବିଭିନ୍ନ ରାଜନୈତିକ ଦଳ ଓ ସଂଗଠନ ସର୍ବୋଚ୍ଚ ଅଦାଲତଙ୍କ ▶ପୃଷ୍ଠା-୭

**ଯୋଡ଼ିହେଲେ ୨୧.୫ ଲକ୍ଷ ଭୋଟର**

**ଭୋଟର ସଂଖ୍ୟା ୭.୪୨ କୋଟିକୁ ଖସିଲା**




## କାମ କରିବା ସମୟ ୧୦ ଘଣ୍ଟା ଶ୍ରମିକ ବିରୋଧୀ

# ପ୍ରତ୍ୟାହାର ଦାବିକଲା ଏଚ୍‌ଏମ୍‌ଏସ୍

ସମ୍ବଲପୁର,୩୦।୯ (ସମିସ): ଓଡ଼ିଶା ସରକାରଙ୍କ କ୍ୟାବିନେଟ ବୈଠକରେ ଗତ ସେପ୍ଟେମ୍ବର ୨୯ ତାରିଖରେ ଶ୍ରମିକମାନଙ୍କ କାମ କରିବା ସମୟ ସୀମାକୁ ୮ ଘଣ୍ଟାରୁ ୧୦ଘଣ୍ଟାକୁ ବୃଦ୍ଧି କରିବା ନିଷ୍ପତ୍ତିକୁ ସମ୍ପୂର୍ଣ୍ଣ ଶ୍ରମିକ ବିରୋଧୀ ବୋଲି ହିନ୍ଦ୍ ମଜଦୂର ସଭା (ଏଚ୍‌ଏମ୍‌ଏସ୍)ର ରାଜ୍ୟ ଶାଖା କାର୍ଯ୍ୟକାରୀ ସଭାପତି ବିଜୟ କୁମାର ମହାନ୍ତି ମନ୍ତବ୍ୟ ଦେଇଛନ୍ତି। ଶ୍ରୀ ମହାନ୍ତି ପ୍ରେସ ବିବୃତିରେ କହିଛନ୍ତି ଯେ, "ଶ୍ରମ ବିଭାଗ ପକ୍ଷରୁ ଆଗତ ଏକ ପ୍ରସ୍ତାବରେ ଉଲ୍ଲେଖ କରାଯାଇଛି ଯେ, ରାଜ୍ୟର ନୂତନ ଶିଳ୍ପ ଓ ନିବେଶକୁ ଆକର୍ଷିତ କରିବା ଓ କଳକାରଖାନା ଗୁଡ଼ିକର ଉତ୍ପାଦନ ବୃଦ୍ଧି କରିବା ଏବଂ ଶ୍ରମିକ ମାନଙ୍କୁ ଅଧିକ ଓଭର୍‌ଟାଇମ୍ କାମ କରିବାକୁ ଅନୁମତି ଦେଇ ଅଧିକ ରୋଜଗାର ବୃଦ୍ଧି କରିବାକୁ ୧୯୫୬ ମସିହା ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ ଆଇନ ଏବଂ ୧୯୪୮ ମସିହା କଳକାରଖାନା ଆଇନକୁ ସଂଶୋଧନ କରି ନୂତନ ପ୍ରସ୍ତାବ ଅଣାଯାଇଛି'। ପୁଞ୍ଜି ନିବେଶ ଓ ଉତ୍ପାଦନ ବୃଦ୍ଧି କରିବାରେ କେହି ବିଭାଗ କରିବେ ନାହିଁ। କିନ୍ତୁ ଶ୍ରମିକମାନଙ୍କ ଅଧିକାର ଓ କାର୍ଯ୍ୟ କରିବାର ମାନବିକ ଦକ୍ଷତାକୁ କ୍ଷୁର୍ଣ୍ଣ କରି ଉଦ୍ଦେଶ୍ୟ ଏକ ମାତ୍ର ଲକ୍ଷ୍ୟ ଭାବରେ ଗ୍ରହଣ କରାଯିବା ସମ୍ପୂର୍ଣ୍ଣ ଶ୍ରମିକ ଓ ମାନବିକତା ବିରୋଧୀ ଅଟେ ବୋଲି ଶ୍ରୀ ମହାନ୍ତି କହିଛନ୍ତି। ବର୍ତ୍ତମାନ ରାଜ୍ୟ ସରକାର ଏହି ପ୍ରସ୍ତାବକୁ ସେହି ଐତିହାସିକ ଅଧିକାରକୁ କ୍ଷୁର୍ଣ୍ଣ କରୁଛନ୍ତି। କେବଳ ସେତିକି ନୁହେଁ ଏହି ୧୦ ଘଣ୍ଟା କାମ ସମୟ ବୃଦ୍ଧି ଦ୍ୱାରା ବ୍ୟବସାୟିକ ପ୍ରତିଷ୍ଠାନ ଓ କର୍ପୋରେଟ୍ ହାଉସ୍ କମ୍ପାନୀମାନେ ଫାଇଦା ଓ ପୁଞ୍ଜି ବୃଦ୍ଧି କରିବା ପାଇଁ ଉର୍ଦ୍ଧିଷ୍ଟ ଏବଂ ଏହାଦ୍ୱାରା ଶ୍ରମିକ ଶ୍ରେଣୀ କ୍ଷତିଗ୍ରସ୍ତ ହେବେ କିମ୍ବା ସମୟ କାମ ବୃଦ୍ଧି ପାଇଁ ନୂତନ ମଜୁରୀ ବୃଦ୍ଧି କରିବା ପ୍ରସ୍ତାବ ହୋଇନାହିଁ। ଆହୁରି ମଧ୍ୟ ଓଡ଼ିଶା ସରକାର ଯେଉଁ ସର୍ବନିମ୍ନ ମଜୁରୀ ଘୋଷଣା କରିଛନ୍ତି ତାହା ୮ଘଣ୍ଟା ଶ୍ରମ ସମୟ ପାଇଁ ଧାର୍ଯ୍ୟ କରିଥାନ୍ତି। ଏହା ସର୍ବନିମ୍ନ ମଜୁରୀ ଆଇନ ଅନୁଯାୟୀ ହୋଇଆସୁଛି। ଏପରିକି ବର୍ତ୍ତମାନ ବିଜେପି ସରକାର ୨୦୨୪ ମସିହା ଜୁଲାଇ ୧୮ ରେ ଯେଉଁ ସର୍ବନିମ୍ନ ମଜୁରୀ ନଂ- ୫୩୦୮ ଗେଜେଟ୍ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି। ସେଥିରେ ମଧ୍ୟ ସର୍ବନିମ୍ନ ମଜୁରୀ ବୃଦ୍ଧି ଉଲ୍ଲେଖ କରିଛନ୍ତି ଯେ, ଜଣେ ସାବାଳକ ଶ୍ରମିକ ପ୍ରତିଦିନ ୮ଘଣ୍ଟା ପରିଶ୍ରମ କରି ଅଧଘଣ୍ଟା ବିଶ୍ରାମ ପାଇବା ସହ ପ୍ରଚଳିତ ମଜୁରୀ ହାର ପ୍ରଯୁଜ୍ୟ। ତେଣୁ ପ୍ରଚଳିତ ମଜୁରୀ ହାରରେ ୧୦ ଘଣ୍ଟାକୁ କମ୍ ସମୟ ବୃଦ୍ଧି କରିବା ସମ୍ପୂର୍ଣ୍ଣ ଶ୍ରମିକ ବିଭାଗର ଓ ଶ୍ରମ ଆଇନର ବିରୋଧାଚରଣ ମାନବିକତା ବିରୋଧୀ ତଥା ସ୍ୱାସ୍ଥ୍ୟ ପକ୍ଷେ ଅହିତକାରକ ଅଟେ। ଏହାଦ୍ୱାରା ଶ୍ରମିକ ଶ୍ରେଣୀ ଅଧିକ ଶୋଷିତ ହେବେ ଏବଂ ମାଲିକ ତଥା କର୍ପୋରେଟ କମ୍ପାନୀମାନେ ଲାଭବାନ ହେବେ। ଏହା ବିରୋଧରେ ଶ୍ରମିକ ଶ୍ରେଣୀ ଏକଜୁଟ ହୋଇ ଆନ୍ଦୋଳନ କରିବାକୁ ପ୍ରସ୍ତୁତ ହେବାକୁ ଶ୍ରୀ ମହାନ୍ତି ଆହ୍ୱାନ ଜଣାଇଛନ୍ତି।

## ରାବଣପୋଡ଼ି ମହୋତ୍ସବ ପାଇଁ ଶୁଭସ୍ତମ୍ଭ ସ୍ଥାପନ

ରେଢ଼ାଖୋଲ,୩୦।୯ (ସମିସ): ରେଢ଼ାଖୋଲ ସହରର କଦମ୍ବ ପଡ଼ିଆରେ ରାବଣ ପୋଡି ମହୋତ୍ସବ ପାଇଁ ମଙ୍ଗଳବାର ସଂଧ୍ୟାରେ ଶୁଭସ୍ତମ୍ଭ ସ୍ଥାପନ କରାଯାଇଛି। ଆସନ୍ତା ଦଶହରା ବା ବିଜୟା ଦଶମୀ ଦିନ କଦମ୍ବ ପଡ଼ିଆରେ ରାବଣ ପୋଡି ମହୋତ୍ସବ ପାଳନ କରାଯିବ। ଚଳିତବର୍ଷ ଅତ୍ୟାଧୁନିକ ବାଣ ଦ୍ୱାରା ୪୦ ଫୁଟ ଉଚ୍ଚତା ବିଶିଷ୍ଟ ରାବଣ ପୋଡି କରାଯିବ ଓ ସ୍ଥାନୀୟ କଳାକାରଙ୍କ ଦ୍ୱାରା ରାବଣ ବଧର ଗିତିନାଟ୍ୟ ପରିବେଷଣ କରାଯିବ। ସଭାପତି ଶିବରାମ ସାହୁ , ସଂପାଦକ ଶରତ ପ୍ରଧାନ , କାଉନସିଲର ଅମରେଶ ନାଏକ, ରମାକାନ୍ତ ମହାନନ୍ଦ, ପ୍ରକାଶ ମୁଖୀ, ସଂଯୋଜକ ଅନିଲ ପୃଷ୍ଟି, ଦିଲିପ ଲାଉରିଆ, ଲବ ଷଣ୍ଢ, ନରେନ୍ଦ୍ର ମଲ୍ଲିକ, ଦିଲ୍ଲୀପ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ପଣ୍ଡିତ ସୁଧାଂଶୁ ପୁରୋହିତ ପୂଜାର୍ଚ୍ଚନା କରିଥିଲେ।

## ● ପାର୍ବଣରେ ଅପରାଧିକ କାର୍ଯ୍ୟକଳାପ ଆଶଙ୍କା

# ରିଂରୋଡ୍ ଅନ୍ଧାର, ଜଳୁନି ଅଧିକାଂଶ ଲାଇଟ୍

ସମ୍ବଲପୁର, ୩୦।୯ (ସମିସ): ମହାନଦୀ କୂଳରେ ସମ୍ବଲପୁର କଚେରୀ ଛକରୁ ଦୁର୍ଗାପାଲିଠାରେ ଜାତୀୟ ରାଜପଥକୁ ସଂଯୋଗ କରିଥିବା ରିଂରୋଡ୍ ବହୁଳ ଭାବରେ ବ୍ୟବହାର କରାଯାଉଛି। ଏହି ରାସ୍ତାରେ ମା' ସମଲେଶ୍ୱରୀଙ୍କ ମନ୍ଦିର ସହ ମହାନଗର ନିଗମ କାର୍ଯ୍ୟାଳୟ ମଧ୍ୟ ରହିଛି। ସାଧାରଣତଃ ଶୀତଳଷଷ୍ଠୀ, ଦଶହରା ଭଳି ପାର୍ବଣ ସମୟରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଏହି ରାସ୍ତା ଲୋକେ ବ୍ୟବହାର କରିଥାନ୍ତି। ସମ୍ବଲପୁର ସହରାଞ୍ଚଳରେ ବ୍ୟାପକ ଟ୍ରାଫିକ ଜାମ୍‌କୁ ଏଡ଼ାଇବା ପାଇଁ ବିକଳ୍ପ ରାସ୍ତା ଭାବେ ଏହା ବ୍ୟବହୃତ ହୁଏ। ତେବେ, ଏହି ରାସ୍ତାରେ ଥିବା ଷ୍ଟ୍ରୀଟ୍ ଲାଇଟ୍ ଗୁଡ଼ିକ ବହୁସଂଖ୍ୟାରେ ଅଚଳ ହୋଇଯାଇଥିବାବେଳେ ଡେକୋରେସନ (ରଙ୍ଗି) ଲାଇଟ୍ ମଧ୍ୟ ଜଳୁନାହିଁ। ଆକାଶବାଣୀ ପଛପଟ ରିଂରୋଡ଼ ଆରମ୍ଭରୁ ଝାଡୁଆପଡ଼ା ପର୍ଯ୍ୟନ୍ତ ୬୪ଟି ଲାଇଟ୍ ଜଳୁନଥିବା ଦେଖାଯାଇଛି। ପୁଣି ବାଲିବନ୍ଧା-ଦୁର୍ଗାପାଲି ପଟକୁ ମଧ୍ୟ ଅନେକ ଲାଇଟ୍ ଜଳୁନାହିଁ। ସମଗ୍ର ଅଞ୍ଚଳ ଅନ୍ଧାରରେ ବୁଡ଼ିରହୁଛି। ରାସ୍ତାରେ ଗାଈଗୋରୁ ଶୋଇଥିବାବେଳେ ଅନେକେ ଦୁର୍ଘଟଣାଗ୍ରସ୍ତ ହେବା ନଜିର ରହିଛି। ଏବେ ପାର୍ବଣ ସମୟରେ ପୁରୁଷ ମହିଳାମାନେ ଏହି ରାସ୍ତାକୁ ବହୁଳ ବ୍ୟବହାର କରୁଥିବାରୁ ଲୁଟ୍, ଛିନ୍‌ତାଇ ଭଳି ଘଟଣା ଘଟିବା ଆଶଙ୍କା ରହିଛି। ତୁରନ୍ତ ସମସ୍ତ ଲାଇଟ୍‌କୁ କାର୍ଯ୍ୟକ୍ଷମ କରିବାକୁ ସଚେତନ ମହଲରେ ଦାବି ହେଉଛି।




































# ଆନନ୍ଦ ଓ ଭକ୍ତିର ଲହର ଆଣିଛି ଶାରଦୀୟ ଦୁର୍ଗାପୂଜା


ଦୁର୍ଗା ମନ୍ଦିର ସମ୍ମୁଖ ରାସ୍ତାରେ ରଙ୍ଗୋଲି ପ୍ରତିଯୋଗିତା


ଭେଡେନ


ମାଁ ସମଲେଶ୍ୱରୀ ଓ ବରଦା ଦୁର୍ଗାଙ୍କ ସିଦ୍ଧିଦାତ୍ରୀ ବେଶ


ସରକାରୀ ବସଷ୍ଟାଣ୍ଡରେ ମାଁଙ୍କ ଦର୍ଶନ କଲେ ବିଧାୟକ

## ପଦ୍ମପୁରରେ ରାଜ ପରମ୍ପରା ଅକ୍ଷୁଣ୍ଣ







ପଦ୍ମପୁର: ଆଜିର ଯୁଗରେ ରାଜା କି ରାଜ ସିଂହାସନ ନାହିଁ ହେଲେ ବୋଡାସମ୍ବର ଜନସାଧାରଣଙ୍କ ରାଜ ପରିବାର ପ୍ରତି ସେହି ଆଦର ଏଯାଏଁ ଅତୁଟ ରହିଛି। ଆଜି ବି ପଦ୍ମପୁରବାସୀ ରାଜ ପରିବାର ପରମ୍ପରାକୁ ବଞ୍ଚାଇ ରଖି ସହରର ଗୋଟିଏ ମାତ୍ର ପାଠ ରାଜପ୍ରାସାଦରେ ମାଁ ଦୁର୍ଗାଙ୍କୁ ଯେଉଁ ଆବହମାନ କାଳରୁ ପୂଜା କରୁଛନ୍ତି। ରାଜ ପରିବାର ଏହି ପୂଜା ପାଇଁ ଆଜି ପୃଷ୍ଠପୋଷକତା କରିପାରୁ ନ ଥିଲେ ମଧ୍ୟ ପୂଜା କମିଟି ତରଫରୁ ସେମାନଙ୍କୁ ପୂଜା କର୍ତ୍ତା ଭାବେ ଗୁରୁତ୍ୱ ଦିଆଯାଉଛି। ୧୮୮୪ରେ ପଦ୍ମପୁରର ନବ ନିର୍ମିତ ରାଜ ଦରବାରରେ ଏହି ପୂଜା ଆରମ୍ଭ ହୋଇଥିବା କୁହାଯାଏ। ୧୯୫୨ରେ ଜମିଦାରୀ ଉଚ୍ଛେଦ ପରେ ମଧ୍ୟ ଜମିଦାରଙ୍କ ପୃଷ୍ଠପୋଷକତାରେ ପ୍ରାୟ ୩୧ବର୍ଷ ପୂଜା ଅନୁଷ୍ଠିତ ହେଉଥିଲା। ତେବେ ୧୯୫୨ରୁ ପଦ୍ମପୁର ସାଧାରଣ ଜନତାଙ୍କ ସହଯୋଗରେ ଗୋଟିଏ ମାତ୍ର ମଣ୍ଡପରେ ପୂଜା ପାଳିତ ହେଇ ଆସୁଛି। ଚଳିତ ବର୍ଷ ମଧ୍ୟ ରବିବାର ଠାରୁ ମନୋରଞ୍ଜନ କାର୍ଯ୍ୟକ୍ରମ ମାନ ସହରର ବିଭିନ୍ନ ସ୍ଥାନରେ ହେଉଛି। ପ୍ରତିଦିନ ମୀନାବଜାର, ଅର୍କେଷ୍ଟ୍ରା, ଦଣ୍ଡନୃତ୍ୟ, ନାଟକ, ଅପେରା, ରାମଲୀଳା ସହିତ ଏଥର ରାବଣପୋଡିକୁ ଆକର୍ଷଣୀୟ କରାଯିବ ବୋଲି ପୂଜା କମିଟି ତରଫରୁ କୁହାଯାଇଛି।

## ଉମା ମାହେଶ୍ୱରୀଙ୍କ ମହାଅଷ୍ଟମୀ, ମହାନବମୀ ପୂଜା

ଅତାବିରା, ୩୦।୯ (ସମିସ): ଅତାବିରା ବ୍ଲକ ଗମ୍ଭାରୀପାଲି ସ୍ଥିତ ଆଞ୍ଚଳିକ ଉମା ମାହେଶ୍ୱରୀ ମନ୍ଦିରରେ ମହାଷ୍ଟମୀ, ମହାନବମୀ ଓ ସନ୍ଧିପୂଜା ଅନୁଷ୍ଠିତ ହୋଇଯାଇଛି। ସନ୍ତୋଷ ମହାକୁର ପୂଜାର୍ଚ୍ଚନା କରିଥିଲେ। ମାଁଙ୍କ ଶାଳକା ବାଡିକୁ ଛତ୍ର, ବଇରଗ, ଚାମର ସହ ପୁଷ୍କରିଣୀକୁ ସ୍ନାନ ଯାତ୍ରା ପାଇଁ ନିଆଯାଇଥିଲା।



ଘାଟରେ ପୂଜା କରିବା ପରେ ଶାଳକା ବାଡିକୁ ଗାଁ ପରିକ୍ରମା କରାଯାଇ ଗାଁର ପ୍ରତ୍ୟେକ ଘରେ ମାଁଙ୍କ ପୂଜାର୍ଚ୍ଚନା ହୋଇଥିଲା। ଦଶହରାରେ ବର୍ଷକୁ ଥରେ ମାଁ ଗ୍ରାମବାସୀଙ୍କ ଦ୍ୱାରକୁ ଯାଉଥାନ୍ତି। ଏଣୁ ପ୍ରତ୍ୟେକ ପରିବାର ମାଁଙ୍କ ଆଗମନକୁ ଆକୁଳତାର ସହ ଅପେକ୍ଷା କରିବା ସହ ପୂଜା କରି ଆଶୀର୍ବାଦ ଲାଭ କରିଥାନ୍ତି। ମଙ୍ଗଳବାର ଶାଳକା ବାଡିକୁ ପ୍ରତିଷ୍ଠା କରାଯାଇ ମାଁ ମାହେଶ୍ୱରୀଙ୍କର ମହାନବମୀ ଓ ସନ୍ଧି ପୂଜା କରାଯାଇଥିଲା। ପଣ୍ଡିତ ଦୈତାରୀ ପୂଜାରୀ ଚଣ୍ଡୀହୋମ କରିଥିଲେ। ଶଶିଭୂଷଣ ଶତପଥୀ ମାଁଙ୍କ ନବାନ୍ନ ଭୋଗଲାଗି କରିବା ପରେ ଡୁମାଲ ଜାତିର ସମସ୍ତ ପରିବାର ନୂଆଁଖାଇ ଥିଲେ। ମକରଧ୍ୱଜ କର୍ମୀ ଓ ସ୍ୱାଧୀନ ପାତ୍ରଙ୍କୁ ମାଁଙ୍କର ବରୁଆ ଆସିଥିଲେ। ଦୁର୍ଗା ପ୍ରଧାନ, ଭବାନୀ ପ୍ରଧାନ, ଜୟନ୍ତ କର୍ଣ୍ଣ, ସନ୍ତୋଷ ଥାଟି, ଚମ୍ପେଶ୍ୱର ମହାକୁର, ଶ୍ରୀଧର ନାଏକ, ସୁନ୍ଦର ପ୍ରଧାନ, ଗଙ୍ଗାଧର ପର୍ଡ଼ିଆ, ପ୍ରସନ୍ନ ପ୍ରଧାନ, ଗଜରାଜ ପ୍ରଧାନ, ଭାଗିରଥି ପ୍ରଧାନ ଓ ବଂଶୀଧର ସେଠ ସେବାୟତ ଦାୟିତ୍ୱ ତୁଲାଇଥିଲେ। କାର୍ଯ୍ୟକ୍ରମରେ ଡୁମାଲ ପରିଷଦର ରାଜ୍ୟ ସଭାପତି ଦୟାସାଗର ମେଣ୍ଡିଲି, ଗଣେଶ ପ୍ରଧାନ, ଧ୍ରୁବ ଚରଣ ପ୍ରଧାନ, ଗମ୍ଭାରୀପାଲି ଓ ଚାରପାଲି କେନ୍ଦ୍ର ଅଧୀନ ଆଞ୍ଚଳିକ ଉମା ମାହେଶ୍ୱରୀର ୪୨ଖଣ୍ଡ ଗାଁର ସମସ୍ତ ଡୁମାଲ ଜାତିଭାଇ ମାଁ ମାହେଶ୍ୱରୀଙ୍କର ଆଶୀର୍ବାଦ ଲାଭ କରିଥିଲେ। ଏଥିରେ ମନ୍ଦିର କମିଟିର ସୁଶୀଲ ପ୍ରଧାନ, ରମେଶ ପର୍ଡ଼ିଆ, ଲକ୍ଷ୍ମଣ ପ୍ରଧାନ, କୈବଲ୍ୟ ପ୍ରଧାନ, ଗୋପାଳ ପ୍ରଧାନ, ପ୍ରତୁଲ କର୍ଣ୍ଣ, ସୁନୀଲ ପ୍ରଧାନ, ପ୍ରମୋଦ କର୍ଣ୍ଣ, ନନ୍ଦକାହ୍ନା ମହାକୁର, ବିଜୁ କର୍ମୀ, ସୁଶାନ୍ତ ପ୍ରଧାନ, ଦେବାଶିଷ ପ୍ରଧାନ, ସୁଦାମ ସେଠ, ମାଁ ମାହେଶ୍ୱରୀ ସେନାର ସଦସ୍ୟ ଓ ଗ୍ରାମବାସୀ ସହଯୋଗ କରିଥିଲେ।

## ବକଟି ସ୍ଥିତ ମାଁ ମାହେଶ୍ୱରୀଙ୍କ ଷୋହଳ ପୂଜା ଉଦ୍‌ଯାପିତ

ଭେଡେନ: ଭେଡେନ ବ୍ଲକ ବକଟି ଗାଁର ଅଧିଷ୍ଠାତ୍ରୀ ଦେବୀ ମାଁ ମାହେଶ୍ୱରୀଙ୍କ ୧୭ଦିନ ଧରି ଚାଲିଥିବା ୧୬ ପୂଜା ମଙ୍ଗଳବାର ଶେଷ ହୋଇଛି। ମାଁଙ୍କ ଦର୍ଶନ ପାଇଁ ପ୍ରତ୍ୟେକ ଦିନ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହୁଥିଲା। ପୀଠରେ



ଅନ୍ନଭୋଗର ବ୍ୟବସ୍ଥା କରାଯାଇଥିଲା। ସନ୍ଧ୍ୟାରେ ପୀଠରେ ମାଁଙ୍କ ବେଜି ଆବିର୍ଭାବ ହେଉଥିଲା ଓ ପୀଠଟି ଢୋଲ ନିଶାଣରେ ଦୁଲୁକୁଥିଲା। ଏଥିରେ ଗୌରଚନ୍ଦ୍ର ଦେହେରି, ଚିତ୍ରସେନ ଦେହେରି ପୂଜା କାର୍ଯ୍ୟ ତୁଲାଉଥିଲେ। ଦେବରାଜ ଖେତୀଙ୍କ ଦେହରେ ମାଁଙ୍କ ବେଜି ଆବିର୍ଭାବ ହେଉଥିଲା। ପଣ୍ଡିତ ତେଜରାଜ ଶତପଥୀ ଚଣ୍ଡୀ ପାଠ କରୁଥିବା ବେଳେ ଗୌନ୍ତିଆ ସନ୍ତୋଷ ବେହେରା, ମୋହନ ମହାକୁର, ବାହାଲ ମହାର, କୃଷ୍ଣଚନ୍ଦ୍ର ପାତ୍ର, ନୀଳମନି ଦନ୍ତା, ତ୍ରିଲୋଚନ ପଧାନ, ଗୋପାଳ ପଧାନ, ଗୋପାଳ ପାତ୍ର, ମଳୟ ଖେତୀ, ସୁରୁବାବୁ ଖେତୀ, ଭାବଗ୍ରାହୀ ଡାଙ୍ଗ, ଶତ୍ରୁଘ୍ନ ପାତ୍ର ପ୍ରମୁଖ ମାଁଙ୍କ ଗମ୍ଭୀରା ପୂଜା କାର୍ଯ୍ୟ ତୁଲାଉଥିଲେ।

## ରଷୁଡା ରାମଲୀଳାର ତୃତୀୟ ସନ୍ଧ୍ୟା

ଭେଡେନ: ଭେଡେନ ବ୍ଲକ ରଷୁଡା ଗାଁରେ ୫୫ତମ ସାର୍ବଜନୀନ ଦୁର୍ଗା ପୂଜା ଅବସରରେ ରାମଲୀଳା ଅନୁଷ୍ଠିତ ହେଉଛି। ଏହାର ତୃତୀୟ ସନ୍ଧ୍ୟାରେ ରାମ, ଲକ୍ଷ୍ମଣ, ଭାରତ, ଶତ୍ରୁଘ୍ନ ରାଜଗୁରୁ ବଶିଷ୍ଠଙ୍କ ଠାରୁ ବିଦ୍ୟା ଲାଭ କରି ଅଯୋଧ୍ୟା ଫେରିବା, ମହର୍ଷି ବିଶ୍ୱାମିତ୍ର ଯଜ୍ଞରକ୍ଷା ପାଇଁ ରାମ, ଲକ୍ଷ୍ମଣଙ୍କୁ ନେଇ ବନରେ ପ୍ରବେଶ, ଯୁଦ୍ଧରେ ମାରିଚ ସୁବାହୁ ବନରୁ ନିର୍ବାସିତ, ଅହଲ୍ୟା ଉଦ୍ଧାର, ମହର୍ଷି ବିଶ୍ୱାମିତ୍ର, ରାମ ଲକ୍ଷ୍ମଣ ଗଙ୍ଗା ନଦୀ ପାରି ହୋଇ ମିଥିଳାରେ ଅନୁଷ୍ଠିତ ସୀତା



ସ୍ୱୟମ୍ବରରେ ପହଞ୍ଚିବା, ରାବଣ ମନ୍ଦୋଦରୀ ବିବାହ, ଶିବ ଧନୁ ଭାଙ୍ଗି ରାମସୀତାଙ୍କ ବିବାହ, ରାବଣର ସ୍ୱର୍ଗ ଅଧିକାର ଆଦି ଦୃଶ୍ୟ ଅଭିନୀତ ହୋଇଥିଲା। ଗତକାଲି ରାଜ ଦରବାରରେ ରାଜ ଅତିଥି ଭାବେ ସାମ୍ବାଦିକ ଜ୍ୟୋତିରଞ୍ଜନ ମହାପାତ୍ର, ମୁକୁନ୍ଦ ଷଡଙ୍ଗୀ, ମହେନ୍ଦ୍ର ସାହୁ, ରଷୁଡା ଫାଣ୍ଡି ଅଧିକାରୀ ଅରୁପ ରଞ୍ଜନ ବରାଇକ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ କମିଟି ସଭାପତି ରବୀନ୍ଦ୍ର ଦେହେରି, ସମ୍ପାଦକ ଡାକ୍ତର ରଥ, ରାଜୀବ ଦାଶ, ସୁରେନ୍ଦ୍ର କର୍ମୀଙ୍କ ସମେତ କମିଟିର ସମସ୍ତ ସଦସ୍ୟ ଓ ଗ୍ରାମବାସୀ ସହଯୋଗ କରୁଛନ୍ତି।

## ଟି.ଗଣ୍ଡପାଳିରେ ସୁବର୍ଣ୍ଣ ଜୟନ୍ତୀ

ବିଜେପୁର: ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ଟି.ଗଣ୍ଡପାଳି ଗାଁର ଦୁର୍ଗାପୂଜା ଚଳିତ ବର୍ଷ ୫୦ ବର୍ଷରେ ପଦାର୍ପଣ କରିଛି। ପୂଜାର ସୁବର୍ଣ୍ଣ ଜୟନ୍ତୀ ପାଳନ କରାଯାଉଥିବାରୁ ଅଞ୍ଚଳବାସୀଙ୍କ ପ୍ରବଳ ଉତ୍ସାହ ଦେଖାଦେଇଛି।



କମଳଲୋଚନ ସାହୁ କର୍ତ୍ତା ଦାୟିତ୍ୱ ନିର୍ବାହ କରୁଥିବା ବେଳେ ପଣ୍ଡିତ ଶରତ ଚନ୍ଦ୍ର ମିଶ୍ର, ଯୁବରାଜ ମିଶ୍ର ଓ ଯୁଧିଷ୍ଠିର ମିଶ୍ର ପୂଜାର୍ଚ୍ଚନା କରୁଛନ୍ତି। ଏହି ଅବସରରେ ଅନୁଷ୍ଠିତ ରାମଲୀଳା କାର୍ଯ୍ୟକ୍ରମରେ ଯୁବ କଳାକାର ସନୟ ମେହେର ରାବଣ ଭୂମିକାରେ ଅଭିନୟ କରୁଛନ୍ତି। ପ୍ରତିଦିନ ନାଟକ, ଦଣ୍ଡନୃତ୍ୟ, ଲୋକନୃତ୍ୟ ସମେତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି।

## ଲାଉମୁଣ୍ଡା ଉତ୍ସବମୁଖର

ବିଜେପୁର: ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ଲାଉମୁଣ୍ଡା ଗାଁରେ ତ୍ରିଦିନାତ୍ମକ ଶାରଦୀୟ ଦୁର୍ଗାପୂଜା ନେଇ ସ୍ଥାନୀୟ ଅଞ୍ଚଳ ଉତ୍ସବମୁଖର ହୋଇଉଠିଛଇ। ପ୍ରତିଦିନ ମାଁଙ୍କୁ ଷୋଡ଼ଶ ଉପଚାରରେ ପୂଜା କରାଯାଇ ଚଣ୍ଡୀପାଠ, ଯଜ୍ଞ, ଆରତି, ପୁଷ୍ପାଞ୍ଜଳୀ



କରାଯାଉଛି। ଆଶୁତୋଷ ମେହେର ଓ ମାନସୀ ମେହେର ସପତ୍ନିକ କର୍ତ୍ତା ରହିଥିବା ବେଳେ ପଣ୍ଡିତ ଗୋକୁଳ ହୋତା, ରଞ୍ଜନ ହୋତା ପ୍ରମୁଖ ପୂଜାର୍ଚ୍ଚନା କରୁଛନ୍ତି। ପୂଜା କମିଟି ସଭାପତି ସୁନନ୍ଦ ମହେରଙ୍କ ସମେତ କର୍ମକର୍ତ୍ତା, ଗ୍ରାମବାସୀଙ୍କ ସହଯୋଗରେ ପୂଜା ତଥା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି।

## ବିଜେପୁର ସମଲେଶ୍ୱରୀ ମନ୍ଦିର

ବିଜେପୁର: ବରଗଡ଼ ଜିଲ୍ଲା ବିଜେପୁର ସମଲେଶ୍ୱରୀ ମନ୍ଦିରରେ ୯ ଦିନ ଧରି ଚାଲିଥିବା ମାଁ ସମଲେଶ୍ୱରୀଙ୍କ ପୂଜା ଆଜି ସମ୍ପନ୍ନ ହୋଇଯାଇଛି। ପ୍ରତିଦିନ ମାଁଙ୍କୁ ବିଭିନ୍ନ ବେଶରେ ସୁସଜ୍ଜିତ କରାଯାଇ ପୂଜାର୍ଚ୍ଚନା କରାଯାଉଥିଲା। ଲଳିତା ଓ ଚତୁର୍ଭୁଜ ମେହେର, ସପତ୍ନିକ କ୍ଷିରସିନ୍ଧୁ କାଣ୍ଡ, ମମତା ଓ ନେତ୍ରମଣୀ ମେହେର, ମୋହିନୀ ଓ ଗୋବିନ୍ଦ ମେହେର, ଧନମତୀ ଓ ଗୌର ମହାକୁର, ଲଳିତା ଓ ଚତୁର୍ଭୁଜ ମେହେର, ଦିପାଞ୍ଜଳୀ ଓ ରବି ଭୋଇ, ଦେବକୀ ଓ ଟିକେଶ୍ୱର ଭୋଇ, ଅରୁଣା ଓ ବିଭୁତି ଷାଣ୍ଢ ବିଭିନ୍ନ ଦିବସରେ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପଣ୍ଡିତ ଅବିନାଶ



ମହାପାତ୍ର, ନେପାଳ ମିଶ୍ର, ମନ୍ଦିର ପୂଜକ ତୁଳସୀରାମ ଭୋଇ, କାଳିଆ ଦାଶ ପ୍ରମୁଖ ପୂଜାର୍ଚ୍ଚନାରେ ସାମିଲ ହୋଇଥିଲେ।

## ଶ୍ରୀକୃଷ୍ଣ ଭଜନାଶ୍ରମ

ବରଗଡ଼: ଶ୍ରୀକୃଷ୍ଣ ଭଜନାଶ୍ରମ ଦୁର୍ଗା ପୂଜା କମିଟି ଜିରା ନଦୀରୁ ବାଦ୍ୟଯନ୍ତ୍ର ଏବଂ ଶ୍ରଦ୍ଧା ସହିତ କଳସ ଆଣି ଦୁର୍ଗାପୂଜାକୁ ବିଧିବଦ୍ଧ ଭାବେ ଶୁଭାରମ୍ଭ କରିଛି। ବିଗତ ୮୭ ବର୍ଷ ଧରି ବରଗଡ଼ ସହରର ମହାନ ସାଜସଜ୍ଜା ଏବଂ ଆକର୍ଷଣର କେନ୍ଦ୍ର ହୋଇରହିଛି। ଏହି ବର୍ଷ ଭଜନାଶ୍ରମ ଦୁର୍ଗାପୂଜା ମଣ୍ଡପକୁ ବିଶ୍ୱ ପ୍ରସିଦ୍ଧ



କୋଣାର୍କ ମନ୍ଦିର ଭାବେ ସଜ୍ଜିତ କରାଯାଇଛି। ଏହାସହ ୧୨ଟି ଜ୍ୟୋତିର୍ଲିଙ୍ଗ ମଧ୍ୟ ପ୍ରଦର୍ଶିତ ହୋଇଛି। ପ୍ରାୟ ୧୦୦ କେଜି ରୂପା, ସୁନା ଛତା ଏବଂ ଅନ୍ୟାନ୍ୟ ସୁନା ଅଳଙ୍କାରରେ ମାଁ ଦୁର୍ଗାଙ୍କ ମୂର୍ତ୍ତିକୁ ସଜାଯାଇଛି। ଏନେଇ ମଣ୍ଡପରେ ଭକ୍ତଙ୍କ ପ୍ରବଳ ଭିଡ ହେଉଛି। ଗଣେଶ ରେଖାନୀ, ପ୍ରେମ ସାୱାଡିଆ, ଓମପ୍ରକାଶ ସାୱାଡିଆ, କୈଳାସ ଅଗ୍ରୱାଲ, ଦୀନଦୟାଲ ଲାଠ, ପ୍ରଦୀପ ରେଖାନୀ, ଦିଲୀପ ସୱାଡିଆ, ସୁମିତ ସାୱାଡିଆ, ଗିରିଧାରୀ ଅଗ୍ରୱାଲ, ହାର୍ଦ୍ଦିକ ଦହଲାନ, ସୁଭାଷ ଜିଜାରିଆ, ଗୋବିନ୍ଦ ଛାପାଡିଆ, ନବୀନ ସାୱାଡିଆଙ୍କ ସମେତ ଶହ ଶହ ସଦସ୍ୟଙ୍କ ସହଯୋଗରେ କାର୍ଯ୍ୟକ୍ରମ ପରିଚାଳିତ ହେଉଛି।

## ସାଂସ୍କୃତିକ ସନ୍ଧ୍ୟା ପ୍ରତିଭା ଅନ୍ୱେଷଣ

ବରଗଡ଼: ସ୍ଥାନୀୟ ନିଗମାନନ୍ଦ ବିହାର ଦୁର୍ଗାପୂଜା କମିଟି ଆନୁକୂଲ୍ୟରେ ସାଂସ୍କୃତିକ ସନ୍ଧ୍ୟା ପ୍ରତିଭା ଅନ୍ୱେଷଣ ୨୦୨୫ ଅନୁଷ୍ଠିତ ହୋଇଛି। ପୂଜା କମିଟିର ସଭାପତି ଚନ୍ଦ୍ର ଶେଖର କମ୍ପଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଉନ୍ନୟନ କମିଟି ସଭାପତି ସଦାଶିବ ସାହୁ, ସମ୍ପାଦକ ଟିକେ ଲାଲ ନାଏକ



ଦୁର୍ଗାପୂଜା କମିଟି ଉପସଭାପତି ଅର୍ଜୁନ ସେଠ୍, ସମ୍ପାଦକ ନବୀନ ସାବତ, ପ୍ରକୃତି ବନ୍ଧୁ ଡ.ଡୋଳାମଣି ଶତପଥୀ, ଅବସରପ୍ରାପ୍ତ ଶିକ୍ଷକ କପିଳ ବାଗ, ଜିଲ୍ଲା ସଙ୍କୀର୍ତ୍ତନ ପରିଷଦ ଅଧ୍ୟକ୍ଷ ପ୍ରମୋଦ ଦାଶ ପ୍ରମୁଖ ଯୋଗ ଦେଇଥିଲେ। ସାଂସ୍କୃତିକ ସଂଯୋଜକ ଭାବେ ଗୋପବନ୍ଧୁ ପୁରୋହିତ ଚନ୍ଦ୍ରକାନ୍ତ ସାହୁ, ପ୍ରଦୀପ ସାହୁ, ରବି ନାରାୟଣ ସାହୁ ପ୍ରମୁଖ ରହିଥିଲେ। କାର୍ଯ୍ୟକ୍ରମରେ ପଡ଼ାର କଳାକାର ଅଙ୍କିତ ସାହୁଙ୍କ ସଂଯୋଜନାରେ ପଡ଼ାର ବିଭିନ୍ନ ବର୍ଗର କଳାକାର ନିଜ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ।

## ବିଜେପୁରରେ ରାବଣ ଦରବାର

ବିଜେପୁର: ବିଜେପୁର ଶାରଦୀୟ ନବଦୁର୍ଗା ପୂଜା ଅବସରରେ ରାମଲୀଳା ଓ ରାବଣରାଜ କାର୍ଯ୍ୟକ୍ରମରେ ଜନସମାଗମ ଦେଖିବାକୁ ମିଳିଛି। ବିଶିଷ୍ଟ ମଞ୍ଚ କଳାକାର ଗୋଲାପ ଚନ୍ଦ୍ର ଦାଶ ରାବଣ ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି। ବିଭୀଷଣ ଭୂମିକାରେ ସୁରେଶ ଚନ୍ଦ୍ର ଭୋଇ, କୁମ୍ଭକର୍ଣ୍ଣ ମଧୁସୂଦନ ବାରିକ, ମହାମନ୍ତ୍ରୀ ପିଣ୍ଟୁ, ବିପ୍ଳବ, ସେନାପତି ପ୍ରଫୁଲ୍ଲ ମାଝୀ, ସୁବଳ ପଧାନ, ରାମ ଭୂମିକାରେ ତୁଷାର ବାରିକ, ଲକ୍ଷ୍ମଣ ଦଧିବାହନ ଠାକୁର, ସୀତା ଭୂମିକାରେ ପ୍ରିୟଙ୍କାରାଣୀ ପଧାନ, ବ୍ରହ୍ମା ଆଦିକନ୍ଦ ପଧାନ, ପର୍ଶୁରାମ ଶମ୍ଭୁ ପ୍ରସାଦ ପ୍ରମୁଖ ବିଭିନ୍ନ ଭୂମିକାରେ ନିଖୁଣ ଅଭିନୟ କରୁଛନ୍ତି। କଳାକାର ଅକ୍ଷୟ ଦାଶ ସଙ୍ଗୀତ ସଂଯୋଜନା କରୁଛନ୍ତି। ପୂଜା କମିଟିର ସମ୍ପାଦକ ଜନାର୍ଦ୍ଦନ ପାଣିଗ୍ରାହୀ, ସହସମ୍ପାଦକ ପାଣ୍ଡବ ପଧାନ, କମିଟିର ସଦସ୍ୟ ଚୁଡାମଣି ଭୋଇ, ଯୋଗେଶ ଚନ୍ଦ୍ର ମେହେର, ରାଜେଶ୍ୱର ବେହେରା, ଶିବ ମେହେର, ଗଙ୍ଗାଧର ପଧାନ, ସୁଧିର ସାହୁ, ଗୋପୀନାଥ ପଧାନ, ତାପସ ଗଡ଼ତୀୟା ଜୟନ୍ତ ଗଡ଼ତୀୟା, ମହେଶ ଦେବତା ଜିତେନ୍ଦ୍ରିୟ ମେହେର ପ୍ରମୁଖ ରାଜ୍ୟାଭିଷେକ ସମୟରେ ଉପସ୍ଥିତ ଥିଲେ। ମହାରାଜା ଦଶାନନଙ୍କ ନଗର ଭ୍ରମଣ ପରେ ଅନୁଷ୍ଠିତ ଦରବାର କାର୍ଯ୍ୟକ୍ରମରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ଡୁମ୍ରେବାହାଲରେ ଷୋହଳ କୋଠୀ ଓ ଡାଲଖାଇ ପୂଜା

ପାଇକମାଲ: ପଶ୍ଚିମ ଓଡ଼ିଶାର ଲୋପ ପାଉଯାଉଥିବା ଲୋକ ସଂସ୍କୃତି ପରମ୍ପରା ଓ ଲୋକ କଳାକୁ ବଞ୍ଚାଇ ରଖିବା ପାଇଁ ପାଇକମାଲ ବ୍ଲକ ମାଣ୍ଡୋସିଲ ପଞ୍ଚାୟତ ଡୁମ୍ରେବାହାଲ ଗାଁର ଗୌଡପଡ଼ାରେ ଷୋହଳ କୋଠୀ ଓ ଡାଲଖାଇ ପୂଜା ତିନି ଦିନ ପାଳିତ ହୋଇଯାଇଛି। ଗାଁର ଅଙ୍ଗାରବତୀ ବାଗ, ବୀଣା ବାଗ, ପ୍ରମିଳା ବାଗ, ପାରିଜାତ ବାଗ, ସରସ୍ୱତୀ ବାଗ, ଗୋମତୀ ହଂସ, ଯମୁନା ବରିହା, ଦ୍ରୁପଦୀ



ନେତାମ, ସକୁନ୍ତଳା ଏଣ୍ଡଜା, ପୂର୍ଣ୍ଣିମା ବରିହା, ତିଲୋତ୍ତମା ହଂସ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ୭ ଜଣ କୁଆଁରୀ କନ୍ୟା ତିନିଦିନ ଉପବାସ କରି ପୂଜାର୍ଚ୍ଚନା କରି ଷୋହଳ ଦେବାଦେବୀ ଓ ଗାଁ ଦେବତାଙ୍କୁ ପୂଜା କରିଥିଲେ। ଢୋଲ ମହୁରୀ ତାଳେ ତାଳେ ଡାଲଖାଇ ନୃତ୍ୟ ପରିବେଷଣ କରି ଗାଁ ପରିକ୍ରମା ହୋଇଥିଲା। ପିଙ୍କୁ ବାଗ, କୁମର ହଂସ, କ୍ଷିତ ହଂସ, ବେଦବ୍ୟାସ ହଂସ, କେଶବ ବାଗ, ଚତୁର୍ଭୁଜ ନେତାମ, ସୁଦାମ କନ୍ଧେର ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଝାରପାଲିରେ ସପ୍ତମ ବର୍ଷ

ଅମ୍ବାଭୋନା: ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅଧୀନ ଝାରପାଲି ଗାଁରେ ଏବର୍ଷ ସପ୍ତମ ବର୍ଷରେ ଜଗତ୍‌ଜନନୀ ମାଁ ଦୁର୍ଗାଙ୍କ ପୂଜା ପାଳିତ ହେଉଛି। ମୁଖ୍ୟ ପଣ୍ଡିତ ଅଶୋକ ମହାପାତ୍ରଙ୍କ ସହିତ ସହପଣ୍ଡିତ ସତ୍ୟାନନ୍ଦ ପଣ୍ଡା ଓ ଘନ ପୂଜାରୀ ପୂଜା କାର୍ଯ୍ୟ ସମ୍ପାଦନ କରୁଛନ୍ତି। କର୍ତ୍ତା ଦାୟିତ୍ୱରେ ଗଣେଶ ଭୋଇ (ବାବୁଲୁ) ଓ ତାଙ୍କ ସହଧର୍ମିଣୀ ରହିଛନ୍ତି। ପ୍ରତିଦିନ ପୂଜା ପରେ ଆୟୋଜିତ



ସାଂସ୍କୃତିକ କାର୍ଯ୍ୟକ୍ରମରେ ଗୀତ, ନୃତ୍ୟ, କବି ସମ୍ମିଳନୀ ଓ ବିଭିନ୍ନ ଧାର୍ମିକ ପ୍ରତିଯୋଗିତା ହେଉଛି। ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଅମ୍ବାଭୋନା ବ୍ଲକର ସାମ୍ବାଦିକ ହେମନ୍ତ ପଧାନ, ରଞ୍ଜିତ ଦାଶ ଓ ପ୍ରକାଶ ରଥଙ୍କୁ ପୁଷ୍ପମାଲ୍ୟ ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ବିକାଶ ନାଏକ, ତାପସ ଭୋଇ, ତନ୍ମୟ ସାହୁ ଓ ବିଘ୍ନେଶ୍ୱର ପଟେଲଙ୍କ ସହିତ ତାଙ୍କ ସାଥୀ ମାନଙ୍କ ଭଜନ ସମାରୋହ ଲୋକଙ୍କୁ ଆକୃଷ୍ଟ କରିଥିଲା। ଭକ୍ତମାନଙ୍କ ପାଇଁ ପ୍ରତିଦିନ ଅନ୍ନପ୍ରସାଦ ବଣ୍ଟନ ବ୍ୟବସ୍ଥା ରହିଛି। ନବମୀ ଦିନ ଅଟଳ ଚାରିଟେବୁଲ ଟ୍ରଷ୍ଟର ପ୍ରତିଷ୍ଠାତା ଶିବାଜୀ ପଟେଲଙ୍କ ସହାୟତାରେ ଅନ୍ନପ୍ରସାଦ ବଣ୍ଟନ କରାଯାଇଥିଲା।

## ନୂଆପଡ଼ାରେ ସାଲିହାଗଡ଼ କ୍ରାନ୍ତି ଦିବସ

# ସ୍ୱାଧୀନତାକୁ ପ୍ରବାସୀ ଶ୍ରମିକ ହୋଇ ଅପମାନ କରିବା ନାହିଁ

ନୂଆପଡା,୩୦।୯ (ସମିସ): ନୂଆପଡା ସ୍ଥିତ ସାଲିହାଗଡଗ୍ରାମ ସ୍ମୃତିସ୍ତମ୍ଭ ପ୍ରାଙ୍ଗଣରେ ସାଲିହାଗଡ଼ ସ୍ମୃତି ପରିଷଦ, ଜିଲ୍ଲା ପ୍ରଶାସନ ନୂଆପଡା ଓ ପର୍ଯ୍ୟଟନ ବିଭାଗ, ଓଡ଼ିଶା ସରକାରଙ୍କ ମିଳିତ ସହଯୋଗରେ 'ସାଲିହାଗଡ଼ କ୍ରାନ୍ତି ଦିବସ-୨୦୨୫'ପାଳିତ ହୋଇଯାଇଛି। ଖାମ ସିଂ ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଜିଲ୍ଲାପାଳ ମଧୁସୂଦନ ଦାଶ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତଅତିଥି ଭାବେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅମ୍ରିତ ପାଲ ସିଂ, ପୂର୍ବତନ ସାଂସଦ ବସନ୍ତ ପଣ୍ଡା, ପୂର୍ବତନ ଛତିଶଗଡ଼ ସାଂସଦ ଚୁନିଲାଲ ସାହୁ, ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ, ଯୁବ ବିଜେଡି ନେତା ଜୟ ଢୋଲକିଆ, ଜିଲ୍ଲା ବିଜେଡି ସଭାପତି ଅବନୀ ରଞ୍ଜନ ଯୋଶୀ, ନୂଆପଡା ବ୍ଲକ୍ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଉପାଧ୍ୟକ୍ଷ ଦିଲ୍ଲୀପ ନିର୍ମଲ୍କର, ଖରୀଆରରୋଡ ଏନ୍ଏସି ଅଧ୍ୟକ୍ଷା ଡ଼. ସୋନିଆ ଅଗ୍ରୱାଲ ,ବିଜେପି କୃଷକ ନେତା ଯଦୁମଣି ପାଣିଗ୍ରାହୀ, ସ୍ମୃତି ପରିଷଦ ତରଫରୁ ହୋମ ସିଂ ମାଝୀ,ମହେଶ ରାମ ସାହୁ ପ୍ରମୁଖ ଏବଂ ବକ୍ତାଭାବରେ ବିଶିଷ୍ଟ ଲେଖକ ସାହିତ୍ୟିକ ଡ.ଶିବ ପ୍ରସାଦ ବେହେରା ଓ ଡ.. ବାସୁଦେବ ସୁନାନୀ ଯୋଗଦେଇଥିଲେ। ସମସ୍ତ ଅତିଥି ସଂଗ୍ରାମୀ ରକ୍ତ କ୍ଷେତ୍ର ସାଲିହାଗଡର ମହତ୍ତ୍ୱ ଏବଂ ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ବଳିଦାନର ସ୍ମୃତି ଚାରଣ କରିଥିଲେ। ଜିଲ୍ଲାପାଳଙ୍କ ଅନୁରୋଧରେ ସ୍ୱାଧୀନତା ସଂଗ୍ରାମୀଙ୍କ ପରିବାର ବର୍ଗ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ସ୍ୱାଧୀନତା ସଂଗ୍ରାମୀଙ୍କ ପରିବାର ବର୍ଗଙ୍କୁ ଉପଢୌକନ, ମାନପତ୍ର ଓ ସ୍ମୃତିଫଳକ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସମସ୍ତଙ୍କୁ ସ୍ୱାଗତ କରି ଜିଲ୍ଲାପାଳ କହିଲେ ନୂଆପଡାର ବୀର ପୂର୍ବ ପୁରୁଷ ସ୍ୱାଧୀନତା ସଂଗ୍ରାମୀମାନେ ଆମକୁ ଯେଉଁ ଅମୂଲ୍ୟ ସ୍ୱାଧୀନତା ଦେଇଯାଇଛନ୍ତି ତାକୁ ପ୍ରବାସୀ ଶ୍ରମିକ ହିସାବରେ ଯାଇ ବରବାଦ କରିବା ନାହିଁ। ସମସ୍ତେ ଜିଲ୍ଲାରେ ରହି ସରକାରୀ ଯୋଜନାର ଲାଭ ଉଠାଇ ଏହାକୁ ସବୁଜ ସୁନ୍ଦର ଏବଂ ପ୍ଲାଷ୍ଟିକ ମୁକ୍ତ ଜିଲ୍ଲା କରି ପାରିଲେ ଏହା ସଂଗ୍ରାମୀଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ। ଦିବସ ଉପଲକ୍ଷେ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆୟୋଜିତ ପ୍ରବନ୍ଧ, ଚିତ୍ରାଙ୍କନ ଓ ପ୍ରଶ୍ନମଞ୍ଚ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ନୂଆପଡା ରୋହିତ ଭୋଇ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଘନଶ୍ୟାମ ମୁଣ୍ଡ , ସଂସ୍କୃତି ଅଧିକାରୀ ରମେଶ ମହରା , ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା , ସରପଞ୍ଚ, ସାଲିହା ଗ୍ରାମ ପଞ୍ଚାୟତ ସହଯୋଗ କରିଥିଲେ।

# ରାବଣପୋଡ଼ି ମହୋତ୍ସବ ପାଇଁ ଶୁଭସ୍ତମ୍ଭ ସ୍ଥାପନ

ରେଢ଼ାଖୋଲ,୩୦।୯ (ସମିସ): ରେଢ଼ାଖୋଲ ସହରର କଦମ୍ବ ପଡ଼ିଆରେ ରାବଣ ପୋଡି ମହୋତ୍ସବ ପାଇଁ ମଙ୍ଗଳବାର ସଂଧ୍ୟାରେ ଶୁଭସ୍ତମ୍ଭ ସ୍ଥାପନ କରାଯାଇଛି। ଆସନ୍ତା ଦଶହରା ବା ବିଜୟା ଦଶମୀ ଦିନ କଦମ୍ବ ପଡ଼ିଆରେ ରାବଣ ପୋଡି ମହୋତ୍ସବ ପାଳନ କରାଯିବ। ଚଳିତବର୍ଷ ଅତ୍ୟାଧୁନିକ ବାଣ ଦ୍ୱାରା ୪୦ ଫୁଟ ଉଚ୍ଚତା ବିଶିଷ୍ଟ ରାବଣ ପୋଡି କରାଯିବ ଓ ସ୍ଥାନୀୟ କଳାକାରଙ୍କ ଦ୍ୱାରା ରାବଣ ବଧର ଗିତିନାଟ୍ୟ ପରିବେଷଣ କରାଯିବ। ସଭାପତି ଶିବରାମ ସାହୁ , ସଂପାଦକ ଶରତ ପ୍ରଧାନ , କାଉନସିଲର ଅମରେଶ ନାଏକ, ରମାକାନ୍ତ ମହାନନ୍ଦ, ପ୍ରକାଶ ମୁଖୀ, ସଂଯୋଜକ ଅନିଲ ପୃଷ୍ଟି, ଦିଲିପ ଲାଉରିଆ, ଲବ ଷଣ୍ଢ, ନରେନ୍ଦ୍ର ମଲ୍ଲିକ, ଦିଲ୍ଲୀପ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ପଣ୍ଡିତ ସୁଧାଂଶୁ ପୁରୋହିତ ପୂଜାର୍ଚ୍ଚନା କରିଥିଲେ।

# ଇସ୍ତଫା ଦେଇ ସରକାରୀ ଚାକିରି କଲେ ସରପଞ୍ଚ

ଭବାନୀପାଟଣା,୩୦।୯ (ସମିସ): ସଦରବ୍ଲକ୍ ଅନ୍ତର୍ଗତ ଗୁଡିଆଳିପଦର ପଞ୍ଚାୟତର ଲୋକପ୍ରିୟ ସରପଞ୍ଚ ପ୍ରିୟଙ୍କା ମହାଖୁଡ ସରପଞ୍ଚ ପଦବୀରୁ ଇସ୍ତଫା ଦେଇ ସରକାରୀ ଚାକିରିରେ ଯୋଗ ଦେଇଥିବା ଜଣାପଡିଛି। ଗତ ପଞ୍ଚାୟତ ନିର୍ବାଚନରେ ପଞ୍ଚାୟତର ୧୨ଟି ଗ୍ରାମବାସୀଙ୍କ ଅକୁଣ୍ଠ ସହଯୋଗରେ ସେ ସରପଞ୍ଚ ହୋଇ ପଞ୍ଚାୟତ ପାଇଁ ବହୁ ଉନ୍ନତିକର କାର୍ଯ୍ୟକରି ପଞ୍ଚାୟତ ଓ ବ୍ଲକ୍ସ୍ତରରେ ବହୁ ଲୋକପ୍ରିୟତା ଅର୍ଜନକ ରିଥିଲେ। ଜଣେ ଉଚ୍ଚ ଶିକ୍ଷିତା ମହିଳା ଭାବେ ସେ ସବୁସ୍ତରର ଲୋକଙ୍କ ନିକଟରେ ପହଞ୍ଚି ବହୁ ଉନ୍ନତିମୂଳକ କାର୍ଯ୍ୟ କରିଥିଲେ। ନିଜ ଭବିଷ୍ୟତକୁ ନେଇ ଚିନ୍ତା କରିବା ସହ ସରକାରୀ ଚାକିରି ପାଇଁ ଏକ ସାକ୍ଷାତକାର ଦେଇ ସରକାରୀ ଆଇଟିଆଇର ସହକାରୀ ଟ୍ରେନିଂ ଅଧିକାରୀ ଭାବେ ନିଯୁକ୍ତି ପାଇଥିଲେ। ନିୟମାନୁଯାୟୀ ସେ ସରପଞ୍ଚ ପଦରୁ ଇସ୍ତଫା ଦେଇଥିଲେ। ଗତ ୨୮ ତାରିଖ ରବିବାର ଗୁଡ଼ିଆଳିପଦର ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ପ୍ରିୟଙ୍କାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜଣାଇବା ପାଇଁ ସଭାର ଆୟୋଜନ କରାଯାଇଥିଲା। ନାଏବ ସରପଞ୍ଚ ସତ୍ୟନାରାୟଣ ସାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଏଡିଇଓ, ଚନ୍ଦ୍ରମଣି ନାଏକ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଗୌରାଙ୍ଗ ମାଝୀ,ୱାର୍ଡ ସଭ୍ୟ କନ୍ଦର୍ପ ତାଣ୍ଡି,ଲୋକନାଥ ମିଶ୍ର ଓ ୱାର୍ଡ ସଭ୍ୟା ଅହଲ୍ୟା ଶବର ମଞ୍ଚରେ ଉପସ୍ଥିତ ଥିଲେ। ବିଭିନ୍ନ ୱାର୍ଡର ସଭ୍ୟାସଭ୍ୟା,ଜନସାଧାରଣ ଓ ଗଣମାଧ୍ୟମ ପ୍ରତିନିଧ ଉପସ୍ଥିତ ଥିଲେ। ସମ୍ବଦ୍ଧନାର ଉତ୍ତରରେ ବିଦାୟୀ ସରପଞ୍ଚ ଶ୍ରୀମତୀ ମହାଖୁଡ ଲୋତକାପ୍ଲୁତ ନୟନରେ ପଞ୍ଚାୟତବାସୀ ବ୍ଲକ୍ ଅଧିକାରୀ,ପଞ୍ଚାୟତ ୱାର୍ଡ ମେମ୍ବରଙ୍କ ଭଲପାଇବା ଓ ସହକର୍ମୀଙ୍କ ସହଯୋଗ ପାଇଁ କୃତଜ୍ଞତା ଜଣାଇଥିଲେ। ଏଡିଇଓ ଚନ୍ଦ୍ର ମଣି ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।



































୧୯ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



✓ ବନବାସୀ ସାମଲ
ସ୍ୱାମୀ–✓ଅଧୀକାରୀ ସାମଲ
ଖଡ଼ଗପ୍ରସାଦ,ଢେଙ୍କାନାଳ
ତିରୋଧାନ–୧୨.୧୦.୨୦୦୫
ତୁମ ଆତ୍ମାର ଶାନ୍ତି ଓ ସଦଗତି ନିମନ୍ତେ ଜଗତର ନାଥ ପ୍ରଭୁ
ଶ୍ରୀଜଗନ୍ନାଥଙ୍କ ଚରଣାବିନ୍ଦରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ ପରିବାର
ପୁଅ–ବୋହୁ– ରମେଶ,ଅଞ୍ଜଳୀ,ଗଙ୍ଗା,ଗୀତା,ସୁଧିର(ନିଧି),ଅବନ୍ତୀ
ଝିଅ–ଜ୍ୱାଇଁ– ଇନ୍ଦ୍ରମଣୀ,ସୁଧାକର,ସୁଷମା,ପ୍ରତାପ
ନାତି– କୁମାର,ଅବିନାଶ,ଜଗ
ନାତୁଣୀ– ଲିପ୍ସୁ,ଲିଟୁ,ଲିମା,ଲିଜା,ଲିକି,ଲୋନୀ,ରାନୀ ଓ ସାମଲ ପରିବାର।



































## ବ୍ରାହ୍ମଣୀ ନଦୀରେ ବୁଡ଼ି ବୃଦ୍ଧା ମୃତ

**ବଣାଇଁ, ୩୦।୯ (ସମିସ):** ବ୍ରାହ୍ମଣୀ ନଦୀରେ ବୁଡ଼ି ମଙ୍ଗଳବାର ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି। ମୃତ ବୃଦ୍ଧା ଜଣକ ଲହୁଣୀପଡ଼ା ଥାନା ଗମଲେଇ ଗ୍ରାମର ଚମ୍ପାବତୀ ସାହୁ (୭୦) ବୋଲି ଜଣାପଡ଼ିଛି। ଚମ୍ପାବତୀ ଆଜି ସକାଳେ ବ୍ରାହ୍ମଣୀ ନଦୀରେ ଗାଧୋଇବା ବେଳେ ଗୋଡ଼ ଖସିଯିବାରୁ ପାଣିରେ ବୁଡ଼ି ଯାଇ ନିଖୋଜ ହୋଇଯାଇଥିଲେ। ଲହୁଣୀପଡ଼ା ପୁଲିସ ଓ ବଣାଇଁ ଅଗ୍ନିଶମ ବାହାନୀ ଟାଙ୍କଯୋଡା ଗ୍ରାମର ବ୍ରାହ୍ମଣୀ ନଦୀ କୂଳରୁ ବୃଦ୍ଧାଙ୍କ ଶବ ଉଦ୍ଧାର କରି ବଣାଇଁ ଉପଖଣ୍ଡ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୁଲିସ ଘଟଣାର ତଦନ୍ତ କରୁଛି।

## ଦୀପ ନିଆଁରେ ମହିଳା ଗୁରୁତର

**ରାଉରକେଲା, ୩୦।୯ (ସମିସ):** ମଙ୍ଗଳବାର ମା'ଙ୍କ ଅଷ୍ଟମୀ ପୂଜା ଚାଲିଥିବାବେଳେ ଦୀପ ନିଆଁରେ ଜଣେ ମହିଳା ଗୁରୁତର ହୋଇଛନ୍ତି। ଗୁରୁତର ମହିଳା ଜଣକ ଶକ୍ତିନଗର ଅଞ୍ଚଳର ଉର୍ମିଳା ସିଂ ବୋଲି ଜଣାପଡ଼ିଛି। ପୂର୍ବାହ୍ନରେ ଶକ୍ତି ନଗର ଅଞ୍ଚଳର ମଣ୍ଡପରେ ଅଷ୍ଟମୀ ପୂଜା ଚାଲିଥିଲା। ଉକ୍ତ ଅଞ୍ଚଳର ୬୬ ବର୍ଷୀୟା ଉର୍ମିଳା ସିଂ ମା'ଙ୍କ ନିକଟରେ ଦୀପ ଜଳାଇବାକୁ ଆସିଥିଲେ। ଅସାବଧାନତା କାରଣରୁ ହଠାତ୍ ତାଙ୍କ ଶାଢ଼ୀ କାନିରେ ନିଆଁ ଲାଗି ଶରୀର ସାରା ବ୍ୟାପି ଯାଇଥିଲା। ପୂଜା କମିଟି ସମେତ ଅନ୍ୟ ଲୋକେ ନିଆଁକୁ ଆୟତ୍ତ କରିବା ସହ ମହିଳାଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ପଠାଇଥିଲେ। ମହିଳାଙ୍କ ଶରୀର ପ୍ରାୟ ୩୦ ପ୍ରତିଶତ ଜଳି ଯାଇଥିବାବେଳେ ଡାକ୍ତରଖାନାରେ ଭର୍ତ୍ତି ଥିବା ସୂଚନା ମିଳିଛି।

## ଘରୁ ଚୋରି ଅଭିଯୋଗରେ ୩ ଗିରଫ

**ରାଉରକେଲା, ୩୦।୯ (ସମିସ):** ଘରୁ ଚୋରି ଘଟଣାରେ ସେକ୍ଟର -୭ ଥାନା ପୁଲିସ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ମାଲଗୋଦାମ କାଳୀ ମନ୍ଦିର ନିକଟର ଏମ୍‌ଡି କୈଫ ଆଲମ (୧୯), ଛୋଟୁ ଓରଫ ଏମ୍‌ଡି ଫରିଦ ଖାନ (୨୪) ଓ ଝୁଲେ ଓରଫ ଇରଫାନ ଅନସାରୀ (୧୯)। ସମସ୍ତ ୩ ଅଭିଯୁକ୍ତକୁ ଗିରଫ କରି ପୁଲିସ କୋର୍ଟ ଚାଲାଣ କରିଛି। ସେମାନଙ୍କ ଠାରୁ ଗୋଟିଏ ସ୍କୁଟି, ରୁପା ପାଉଁଜି, ସୁନା ମୁଦି, ସୁନା ଚେନ, କଟର ମେସିନ ଓ ସିସିଟିଭି ଜବତ କରାଯାଇଛି। ପୁଲିସ ସୂଚନା ମୁତାବକ, ସେକ୍ଟର -୭, ସି/୧୬୮ କ୍ୱାର୍ଟର୍ସରେ ରହୁଥିବା ତନୁଜା ସୁନାଙ୍କ ପରିବାର ଗତ ୧୬ ତାରିଖରେ ପୁରୀ ଯାଇଥିଲେ। ୨୪ ତାରିଖରେ ଘରକୁ ଫେରିବା ପରେ ସ୍କୁଟି ନଥିବା ବେଳେ କବାଟ ତାଲା ଭଙ୍ଗା ଯାଇଥିବା ଦେଖିବାକୁ ପାଇଥିଲେ। ଘରୁ ଅନ୍ୟ ସାମଗ୍ରୀ ଚୋରି ହୋଇଥିବା ମଧ୍ୟ ଜାଣିବାକୁ ପାଇଥିଲେ। ଏନେଇ ଥାନାରେ ଅଭିଯୋଗ କରିବା ପରେ ପୁଲିସ ତଦନ୍ତ କରି ମଙ୍ଗଳବାର ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଛୋଟୁ ନାଁରେ ପୂର୍ବରୁ ବିଭିନ୍ନ ଥାନାରେ ୪ଟି, ଝୁଲେ ନାଁରେ ୧୦ଟି ଓ କୈଫ ନାଁରେ ୩ଟି ମାମଲା ରହିଥିବା ତଦନ୍ତରୁ ଜଣାପଡ଼ିଛି।

## ଅଚାନକ ରାସ୍ତା କାମ; ଟ୍ରାଫିକ ସମସ୍ୟା ଭୋଗୁଛନ୍ତି ଲୋକେ

**ରାଉରକେଲା, ୩୦।୯ (ସମିସ):** ରାଉରକେଲା-ବନ୍ଧମୁଣ୍ଡା ରାସ୍ତାରେ ହଠାତ୍ ରାସ୍ତା ମରାମତି କାର୍ଯ୍ୟ ଯୋଗୁଁ ଦୁଇ ଦିନ ଧରି ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇଛି। ସିଆଇଏସ୍‌ଏଫ୍ ଗେଟ୍‌ଠାରୁ କୋଇଲା ଗେଟ୍ ପର୍ଯ୍ୟନ୍ତ ପ୍ରାୟ ଦୁଇ କିଲୋମିଟର ଲମ୍ବା ଜାମ୍ ମଧ୍ୟରେ ଶତାଧିକ ଯାନବାହାନ ଫସି ରହିଥିବା ଦେଖିବାକୁ ମିଳିଛି। ଫଳରେ ପ୍ରବଳ ଗରମରେ ଲୋକଙ୍କୁ ଘୋର ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଛି। ବନ୍ଧମୁଣ୍ଡାରୁ ଲୋକେ ଦୁର୍ଗା ପୂଜା ଅବସରରେ ପରିବାର ସହିତ ରାଉରକେଲା ଯାଉଥିଲେ। ଏହି ସମୟରେ ରାଉରକେଲା ଇସ୍ପାତ କାରଖାନା ହଠାତ୍ ରାସ୍ତା ମରାମତି କାର୍ଯ୍ୟ ଆରମ୍ଭ କରିଥିଲା। ଫଳରେ ଟ୍ରାଫିକ୍ ସମସ୍ୟା ଦେଖାଦେଇଛି। ଠିକା ସଂସ୍ଥା ପକ୍ଷରୁ କୌଣସି ପୂର୍ବ ସୂଚନା କିମ୍ବା ବିକଳ୍ପ ବ୍ୟବସ୍ଥା କରାଯାଇ



ନଥିଲା। ଜାମ୍ ସମୟରେ ଛୋଟ ପିଲା ଓ ବୟସ୍କ ଲୋକମାନେ ସବୁଠାରୁ ଅଧିକ କଷ୍ଟ ଭୋଗିଥିଲେ। ପାର୍ବଣ ସମୟରେ ମରାମତି କାର୍ଯ୍ୟ ଆରମ୍ଭକୁ ନେଇ ବାସିନ୍ଦାମାନେ କ୍ଷୋଭ ପ୍ରକାଶ କରିଛନ୍ତି। ସୋମବାର ଓ ମଙ୍ଗଳବାର ସମାନ ଦୃଶ୍ୟ ଦେଖିବାକୁ ମିଳିଥିବା ବେଳେ ଟ୍ରାଫିକ ସମସ୍ୟା ଯୋଗୁଁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିବା ଦେଖିବାକୁ ମିଳିଛି।

### ଜାତୀୟ ପେନକାକ୍ ସିଲଟ ଚାମ୍ପିଅନ୍‌ସିପ୍

## ସୁନ୍ଦରଗଡ଼କୁ ୮ ସ୍ୱର୍ଣ୍ଣ, ୪ ରୌପ୍ୟ ପଦକ




**ରାଉରକେଲା, ୩୦।୯ (ସମିସ):** ୧୩ତମ ଜାତୀୟ ପେନକାକ୍ ସିଲଟ୍ ଚାମ୍ପିଅନ୍‌ସିପ୍ ୨୦୨୫ରେ ସୁନ୍ଦରଗଡ଼ ଜିଲ୍ଲା ଗର୍ବ ଓ ଗୌରବର ଅଧ୍ୟାୟ ସୃଷ୍ଟି କରିଛି। ଜିଲ୍ଲାକୁ ୮ଟି ସ୍ୱର୍ଣ୍ଣ ଓ ୪ଟି ରୌପ୍ୟ ପଦକ ପ୍ରତିଯୋଗୀମାନେ ଆଣିଛନ୍ତି। କର୍ଣ୍ଣାଟକ ସ୍ଥିତ ଜିଲ୍ଲା ଇଣ୍ଡୋର୍ ଷ୍ଟାଡିୟମ୍ ଓ ଖେଲୋ ଇଣ୍ଡିଆ ସେଣ୍ଟର୍‌ଠାରେ ସେପ୍ଟେମ୍ବର ୨୬ରୁ ୨୮ ତାରିଖ ଯାଏଁ ଅନୁଷ୍ଠିତ ହୋଇଛି। ଏଥିରେ ଓଡ଼ିଶା ପକ୍ଷରୁ ସୁନ୍ଦରଗଡ଼ ଜିଲ୍ଲାର ୧୨ ଜଣ ଖେଳାଳି ଅଂଶ ଗ୍ରହଣ କରିଥିଲେ। ଏହି କ୍ରମରେ ଅଙ୍କୁଶ ରାଜ ସିଂହ, ସାଇ ପ୍ରସାଦ ପାଣିଗ୍ରାହୀ, ରୁଦ୍ରଶିତ ମିଶ୍ର, ଅନନ୍ୟା ବେହେରା, ସାଇ ପ୍ରତିକ୍ ପ୍ରଧାନ, ଅନୟା କୋହଲି, ଆୟୁଷ ପରିଡ଼ା, ଆଦୃତି ଭାବ୍ୟା ନାୟକ ପ୍ରମୁଖ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେହିପରି ପି. ଗଙ୍ଗୋତ୍ରୀ, ସରକ୍ଷୀ ନାଥ, ସ୍ନେହା ସାମନ୍ତରାୟ, ସାଇ କିରଣ ମାଝୀ ପ୍ରମୁଖ ରୌପ୍ୟ ପଦକ ହାସଲ କରିଛନ୍ତି। ସିଙ୍ଗା, ମାକାନ୍, ପ୍ରି-ଟିନ୍, ପ୍ରି-ଜୁନିଅର ଓ ଜୁନିଅର ବିଭାଗରେ ସମସ୍ତ ଯୁବ ଖେଳାଳିଙ୍କ ଉତ୍ତମ ପ୍ରଦର୍ଶନ ସୁନ୍ଦରଗଡ଼କୁ ଗର୍ବିତ କରିଥିବା ମତ ପ୍ରକାଶ ପାଇଛି। ତେବେ ସମସ୍ତ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ପେନକାକ୍ ସିଲଟ୍ ଆସୋସିଏସନ୍ ଅଫ୍ ସୁନ୍ଦରଗଡ଼ ସଂଗଠନର ସଭାପତି ହର୍ମନ୍ ଲାକ୍ରା, ଉପସଭାପତି ସୁଶାନ୍ତ କୁମାର ଷଡ଼ଙ୍ଗୀ, ଶ୍ରୀୟା କୋହଲି, ସଞ୍ଚିତା ଗୁପ୍ତା, ରାକେଶ କୁମାର ବେହେରା, ନିକ୍କି କୁମାରୀ, ସମ୍ପାଦକ ଶରତ କୁମାର ଦାସ, ସହ ସମ୍ପାଦକ ଜିତେନ୍ଦ୍ର କୁମାର ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

### ମିର୍ଥର୍ଡା ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

## କେଏମ୍‌ଜେ ଇଲେଭେନ୍ ଚାମ୍ପିଅନ୍

**କୋଇଡା, ୩୦।୯ (ସମିସ):** କୋଇଡା ବ୍ଲକ ପାଟମୁଣ୍ଡା ପଞ୍ଚାୟତ ମିର୍ଥର୍ଡା ମିନି ଷ୍ଟାଡିୟମ୍‌ରେ ଦୁଇ ଦିନ ଧରି ଚାଲିଥିବା ଫୁଟବଲ ଟୁର୍ଣ୍ଣାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ବାବା ସ୍ୱପ୍ନେଶ୍ୱର ୟୁଥ୍ କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ମୋଟ୍ ୧୬ ଗୋଟି ଦଳ ଅଂଶଗ୍ରହଣ କରିଥିବା ବେଳେ ଏହାର ଫାଇନାଲ ମୁକାବିଲା କେଏମ୍‌ଜେ ଇଲେଭେନ୍ ବନାମ୍ ୟୁଏମଜେ କୋଇଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ କେଏମ୍‌ଜେ ଇଲେଭେନ୍ ୧-୦ ଗୋଲ୍‌ରେ ବିଜୟଲାଭ କରି ଚଳିତବର୍ଷ ଚାମ୍ପିଅନ୍ ହୋଇଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଜେଡି ଜିଲ୍ଲା ସଭାପତି ତଥା ସରପଞ୍ଚ ଅବିନାଶ ସୁମନ ବାଗେ, ଟାଟା ଷ୍ଟିଲ୍ ଅଧିକାରୀ ତ୍ରିଲୋଚନ ପାଣିଗ୍ରାହୀ, ସମାଜସେବୀ ବୁଧୁ ପାତ୍ର, ଯୁବ ସାମ୍ବାଦିକ କାଜଲ ବେହେରା, ପରମେଶ୍ୱର ବାରିକ୍ ପ୍ରମୁଖ ଯୋଗଦେଇ ଚାମ୍ପିଅନ୍ ଦଳକୁ ୨୦ ହଜାର ନଗଦ ସହ ଟ୍ରଫି, ଉପବିଜେତା ଦଳକୁ ୧୫ ହଜାର ନଗଦ ସହ ଟ୍ରଫି, ତୃତୀୟ ସ୍ଥାନରେ ଥିବା ୦୯ ଷ୍ଟାର ବାଲଗୋପାଲ ଅଧିକାର ଦଳକୁ ୮ ହଜାର ନଗଦ ସହ ଟ୍ରଫି ଓ ଚତୁର୍ଥ ସ୍ଥାନ ରୀଙ୍କୁ ୧୧ ଦଳକୁ ୭ ହଜାର ନଗଦ ସହ ଟ୍ରଫି ପ୍ରଦାନ କରିଥିଲେ। କ୍ଲବ୍ ପକ୍ଷରୁ ସଭାପତି ଭକ୍ତବନ୍ଧୁ ନାଏକ ଓ ଅନ୍ୟାନ୍ୟ ସଦସ୍ୟମାନେ ଟୁର୍ଣ୍ଣାମେଣ୍ଟ ଆୟୋଜନ ଓ ପରିଚାଳନାରେ ସହଯୋଗ କରିଥିଲେ।



### ଅପରେସନ୍ ଅଗ୍ନି

## ୨ ଗୋଦାମରେ ଚଢ଼ଉ; କୋଟିଏ ଟଙ୍କାର ବାଣ ଜବତ





**ରାଉରକେଲା, ୩୦।୯ (ସମିସ)**

ଅପରେସନ ଅଗ୍ନିରେ ସୁନ୍ଦରଗଡ଼ ପୁଲିସକୁ ଏକ ବଡ ସଫଳତା ମିଳିଛି। ସୁନ୍ଦରଗଡ଼ ପୁଲିସ ଜିଲ୍ଲା ଅନ୍ତର୍ଗତ ବିରମିତ୍ରପୁର ଅଞ୍ଚଳରେ ଗୋଟିଏ ଘର ଏବଂ ୨ଟି ଗୋଦାମରେ ଚଢ଼ଉ କରି ସୁନ୍ଦରଗଡ଼ ପୁଲିସ ଅନ୍ୟୂନ କୋଟିଏ ଟଙ୍କାର ବେଆଇନ ବାଣ ଜବତ କରିଛି। ଯାହା ଅଞ୍ଚଳରେ ଚର୍ଚ୍ଚା ପାଲଟିଛି। ଦୀର୍ଘ ଦିନ ଧରି ଚାଲି ଆସୁଥିବା ଏହି ବେଆଇନ ବାଣ କାରବାର ରାକେଟର ଚେର ସାରା ଜିଲ୍ଲାକୁ ଲମ୍ବିଥିବା ବେଳେ ନୂତନ ଏସ୍‌ପି ଅମ୍ରିତପାଲ କୌରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ପ୍ରାୟ ୧୨ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ଚାଲିଥିବା ଏହି ଚଢ଼ଉରେ ପୁଲିସ ୧୭ଟି ଗାଡିରେ ବୋଝେଇ ହୋଇଥିବା ବାଣ ଜବତ କରିଥିବା ବେଳେ ଆହୁରି ୨ଟି ଗାଡିର ଜବତ ବାଣ ସେଠାରେ ରହିଥିବା ସୂଚନା ମିଳିଛି। ଏହି ଚଢ଼ଉ ସମୟରେ ପ୍ରାୟ ୯୦ ଲକ୍ଷ ଟଙ୍କାର ବେଆଇନ୍ ଗଚ୍ଛିତ ବାଣ ଜବତ କରାଯାଇଥିବା ଏସ୍‌ପି ଅମ୍ରିତପାଲ କୌର ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଥିବା ବେଳେ ଜବତ ବାଣର ମୂଲ୍ୟ ୧ କୋଟିରୁ ଉର୍ଦ୍ଧ୍ୱର୍ ହେବ ବୋଲି ଆକଳନ କରାଯାଉଛି। ତେବେ ଏହି ସାମ୍ବାଦିକ ସମ୍ମିଳନୀରେ ବୀରମିତ୍ରପୁର ଏସ୍‌ଡିପିଓ ସୁଶାନ୍ତ କୁମାର ଦାଶ, ଆଇଆଇସି ରାମପ୍ରସାଦ ନାଗ ଉପସ୍ଥିତ ଥିଲେ। ସୂଚନାନୁଯାୟୀ, ଆଗକୁ ଦିପାବଳୀ ଥିବା ବେଳେ ଏହି ସମୟରେ ଚାଲିଥିବା ବେଆଇନ ବାଣ କାରବାର ର୍‌ୟାକେଟ୍‌କୁ ରୋକିବାକୁ ସୁନ୍ଦରଗଡ଼ ପୁଲିସ ପକ୍ଷରୁ ଅପରେସନ ଅଗ୍ନି ଆରମ୍ଭ ହୋଇଛି। ମଙ୍ଗଳବାର ବିରମିତ୍ରପୁର ସହରରେ ଏହି ଅପରେସନ୍ ଅଧୀନରେ ବେଆଇନ୍ ବାଣ ଗଚ୍ଛିତ ଥିବା ଗୋଦାମରେ ଆଜି ଆଉ ଏକ ବଡ ଧରଣର ଚଢ଼ଉ କରାଯାଇଛି। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ସୁନ୍ଦରଗଡ଼ ଏସ୍‌ପି ଅମ୍ରିତପାଲ କୌର ବିରମିତ୍ରପୁରରେ ପହଞ୍ଚିବା ସହ ତାଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲାର ଏକ ସ୍ପେଶାଲ ସ୍କ୍ୱାର୍ଡ ଓ ବୀରମିତ୍ରପୁର ପୁଲିସ ମିଳିତ ଭାବେ ବୀରମିତ୍ରପୁର ସହରର ଗୋଲ ବଜାର ଭିତରେ ଥିବା ରାଧିକା କମ୍ପ୍ଲେକ୍ସର ମାଲିକ ଭିକି ଟାକରିୱାଲଙ୍କ ୨ଟି ଗୋଦାମରେ ଚଢ଼ଉ କରି ବିପୁଳ ପରିମାଣରେ ବେଆଇନ ବାଣ ଜବତ କରିଥିଲେ। ସେହିପରି କଣ୍ଟ୍ରାକ୍ଟର କଲୋନୀ ସ୍ଥିତ ପବ୍ଲିକ ଡିମାଣ୍ଡ ଦୋକାନର ମାଲିକ ନଟୱାର ଅଗ୍ରୱାଲଙ୍କ ଘରେ ମଧ୍ୟ ଚଢ଼ଉ କରାଯାଇ ବିପୁଳ ପରିମାଣର ବେଆଇନ୍ ବାଣ ଜବତ କରାଯାଇଥିଲା। ଏହି ଅବସରରେ ୩ଟି ସ୍ଥାନରୁ ମୋଟ ୫୪୫ ପ୍ୟାକେଟ ବାଣ ଜବତ ହୋଇଥିଲା। ଏ ସମସ୍ତ ବାଣକୁ ଗଚ୍ଛିତ ରଖିବାରେ ଭିକି ଟାକରିୱାଲ ଓ ନଟୱାର ଅଗ୍ରୱାଲଙ୍କ କୌଣସି ବୈଧ ଲାଇସେନ୍ସ ନଥିଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ତଥା ସମ୍ବେଦନଶୀଳ ବିଷୟ ହେଉଛି ଏତେ ପରିମାଣର ବାଣ ଜନବସତି ମଧ୍ୟରେ ଅତ୍ୟନ୍ତ ଅସୁରକ୍ଷିତ ଭାବେ ରଖାଯାଇଥିଲା, ଯାହାକି କୌଣସି ମୁହୂର୍ତ୍ତରେ ବଡଧରଣର ଦୁର୍ଘଟଣାକୁ ଆମନ୍ତ୍ରଣ କରୁଥିଲା। ତେବେ କେଉଁଠୁ ଓ କେମିତି ଏତେ ପରିମାଣର ବାଣ ବିରମିତ୍ରପୁର ସହରକୁ ଆସିଲା ଏବଂ ତାକୁ କିପରି ବିରମିତ୍ରପୁର ପୁଲିସ ଜାଣି ପାରିଲାନି ତାକୁ ନେଇ ଏବେ ସାଧାରଣରେ ପ୍ରଶ୍ନ ଉଠିଛି। ବିପଦଜ୍ଜନକ ପରିସ୍ଥିତିରେ ଏତେ ପରିମାଣର ବାଣ ଗଚ୍ଛିତ ରହିଥିବା ବେଳେ ପୁଲିସ କାହିଁକି ଚଢ଼ଉ କରୁନଥିଲା ବୋଲି ବୁଦ୍ଧିଜୀବୀ ପ୍ରଶ୍ନ କରିଛନ୍ତି। ଏହି ଘଟଣାରେ ଜଣେ ଡିଏସ୍‌ପିଙ୍କ ଭୂମିକା ମଧ୍ୟ ସନ୍ଦେହଜନକ ଥିବା ସାଧାରଣରେ ଆଲୋଚନା ହେଉଛି। ଅପରପକ୍ଷେ ଅଭିଯୁକ୍ତ ଭିକି ଟାକରିୱାଲଙ୍କ ବେଆଇନ ବାଣ ଯୋଗାଣ ନେଇ ସମଗ୍ର ଜିଲ୍ଲା ଏବଂ ଜିଲ୍ଲା ବାହାରେ ଏକ ରାକେଟ କାର୍ଯ୍ୟ କରୁଥିବା କୁହାଯାଉଛି। ତେବେ ବିରମିତ୍ରପୁର ପୁଲିସକୁ ଆଢୁଆଳରେ ରଖି ଜିଲ୍ଲାର ଏକ ପୁଲିସ ଟିମ ଦ୍ୱାରା ଚଢ଼ଉ କରି ଏସ୍‌ପି ଅମ୍ରିତପାଲ କୌର ଏହି ବେଆଇନ ବାଣ କାରବାରର ପର୍ଦ୍ଦାଫାଶ କରିଥିବାରୁ ବିରମିତ୍ରପୁରବାସୀ ଏସ୍‌ପିଙ୍କୁ ସାଧୁବାଦ ଜଣାଇଛନ୍ତି। ସୂଚନାଯୋଗ୍ୟ, ଗତ ୨୬ ତାରିଖରେ ଏସ୍‌ପି ଅମ୍ରିତପାଲ କୌରଙ୍କ ନିର୍ଦ୍ଦେଶ କ୍ରମେ ରାଜଗାଙ୍ଗପୁର ଏବଂ ସୁନ୍ଦରଗଡ଼ ପୁଲିସ ୧୨ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ବାଣ ଜବତ କରିଥିଲେ।



ଭବାନୀପାଟଣା ସହରର ବିଭିନ୍ନ ମଣ୍ଡପରେ ପୂଜା ପାଉଛନ୍ତି ମା' ଦୁର୍ଗା

## ୪୯ ବର୍ଷରେ ସିଂଗଝରର ଦୁର୍ଗା ପୂଜା | ଦଶମୀରେ ବୁଢ଼ାରଜାଙ୍କ ଛତର ଯାତ୍ରା ମୁଖ୍ୟ ଆକର୍ଷଣ

ସିନାପାଲି,୩୦।୯ (ସମିସ): ଜଗତଜନନୀ ମା'ଦୁର୍ଗାଙ୍କ ଆଗମନରେ ଗାଁ ଠାରୁ ସହର ସବୁଠି ଲାଗି ରହିଛି ଉଲ୍ଲାସ। ପାର୍ବଣରେ ସମସ୍ତେ ମସଗୁଲ୍ ଥିବା ବେଳେ ପୂଜାମଣ୍ଡପ ଗୁଡ଼ିକ ଝଲସି ଉଠୁଛି। ପାର୍ବଣ ରେ ମା'ଦୁର୍ଗାଙ୍କ ପୂଜା ସାଙ୍ଗକୁ ବିଭିନ୍ନ ଗାଁ ଗଣ୍ଡା ଗୁଡିକରେ ଇଷ୍ଟ ଦେବା ଦେବୀଙ୍କ ପୂଜା ଚାଲିଛି। ଦେବା ଦେବୀ ପୀଠ ଗୁଡିକରେ ମଧ ରୀତିନୀତି ଅନୁସାରେ ଚାଲିଛି ପୂଜା କାର୍ଯ୍ୟ। ଏହକୁ ନେଇ ଗାଁ ଗଣ୍ଡା ଗୁଡିକ ଚଳଚଞ୍ଚଳ ହୋଇ ଉଠିଥିବା ବେଳେ ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ର ସିଂଗଝର ଗ୍ରାମ ଠାରେ ଦୁର୍ଗା ପୂଜା ସହ ଦଶମୀ ତିଥିରେ ଗ୍ରାମର ଆରାଧ ଦେବତା ବୁଢ଼ାରଜାଙ୍କ ଛତର ଯାତ୍ରା ଅନୁଷ୍ଠିତ ହୋଇଥାଏ। ଏଥିପାଇଁ ଗ୍ରାମରେ ସମସ୍ତଙ୍କ ମନରେ ଆନନ୍ଦ ଉଲ୍ଲାସ ଲାଗି ରହିଛି। ବିଭିନ୍ନ ଗାଁକୁ ବିବାହ ହୋଇ ଯାଇଥିବା ଝିଅ ତଥା ବନ୍ଧୁ ବାନ୍ଧବଙ୍କୁ ନିମନ୍ତ୍ରଣ କରି ଛତର ଯାତ୍ରାରେ ସାମିଲ କରିଥାନ୍ତି। ଏହି ବୁଢ଼ାରଜା ଯାତ୍ରା କେଉଁ ଆବାହନମାନ କାଳରୁ ଚାଲି ଆସୁଛି। ପାରମ୍ପରିକ ଭାବରେ ଏହି ପ୍ରଥା ଚାଲୁଥିବା ବେଳେ ବିଧି ଅନୁସାରେ ଜୁନା ନାଏକ (ମାଳି) ବଂଶର ଆଜ୍ଞା ମାଲ ପାଇବା ପରେ ବୁଢ଼ାରଜାଙ୍କ ପୂଜା



କାର୍ଯ୍ୟ ଆରମ୍ଭ ହୋଇଥାଏ।ପ୍ରତି ବର୍ଷ ଦଶହରାରେ ଛତର ଯାତ୍ରା ଅନୁଷ୍ଠିତ ହୋଇଥାଏ। ଦୁର୍ଗା ପୂଜା ତିନି ଦିନ ଧରି ଅନୁଷ୍ଠିତ ହେଉଥିବା ବେଳେ ସୁଉଚ୍ଚ ତୋରଣ ସାଙ୍ଗକୁ ଆଲୋକ ମାଳରେ ଗାଁ ଦାଣ୍ଡ ଝଲସି ଉଠୁଛି।ତିନି ଦିନ ଧରି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ବେଳେ ପୌରାଣିକ ଓ ସାମାଜିକ ନାଟକ ଗୁଡ଼ିକ ମଞ୍ଚସ୍ଥ ହେଉଛି। ଏହି ଗାଁ ସୀମାନ୍ତ ଛତିଶଗଡ଼ ରାଜ୍ୟର ଦେଭୋଗ ଯିବା ରାସ୍ତା ର ମୁଖ୍ୟ ଦ୍ୱାରରେ ରହିଥିବା ବେଳେ ଛତର ଯାତ୍ରା ଦେଖିବା ପାଇଁ ସିନାପାଲି ଅଞ୍ଚଳ ସମେତ ପଡ଼ୋଶୀ ଛତିଶଗଡ଼ ରାଜ୍ୟର ଲୋକଙ୍କ ସମାଗମ ହୋଇଥାଏ। ପ୍ରବଳ ଭିଡ଼ ପରିଲକ୍ଷିତ ହେଉଥିବା ବେଳେ ପୁଲିସ ପ୍ରଶାସନ ତରଫରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇ ଥାଏ। ବୁଢ଼ାରଜାଙ୍କ ନିକଟରେ ଅପୁତ୍ରିକ ନାରୀ ଅଧିଆ ପଡ଼ି ପୁତ୍ର ପ୍ରାପ୍ତି କାମନା କରିଥାଏ। ଅନେକ ଶ୍ରଦ୍ଧାଳୁ ଏଠାକୁ ଆସି ମାନସିକ ପୂରଣ ପାଇଁ ଚତୁର୍ଭୁଜ ବୁଢ଼ାରଜାଙ୍କ ନିକଟରେ ଭିଡ ଜମାଇଛନ୍ତି। ପରେ ଗ୍ରାମ ପରିକ୍ରମା ପରେ ପାଟଖଣ୍ଡାରେ ବଳି ପଡ଼ିଥାଏ। ଚଳିତ ବର୍ଷ ପୂଜାକୁ ସୁଚାରୁ ରୂପେ ସମ୍ପାଦନା କରିବା ପାଇଁ କମିଟିର ସଭାପତି ଭାବରେ ଧରଣୀଧର ମାଝି,ସମ୍ପାଦକ ଭାବରେ ଦେବେନ୍ଦ୍ର ନାରାୟଣ ନାଏକ,ସହସମ୍ପାଦକ ସୁରେଶ ମାଝି,କୋଷାଧ୍ୟକ୍ଷ ରମେଶ ଚନ୍ଦ୍ର ଅଗ୍ରୱାଲ ଓ ସହକୋଷାଧ୍ୟକ୍ଷ ମହେନ୍ଦ୍ର ଅଗ୍ରୱାଲ ପ୍ରମୁଖ ରହିଥିବା ବେଳେ ଯୀଶୁରାମ ବୈଠାରୁ, କେଶବ ନାଏକ, ବୈକୁଣ୍ଠ କଶ୍ୟପ, ପ୍ରାଣକୃଷ୍ଣ ନାଏକ, ପ୍ରକାସ ମାଝି, ଚନ୍ଦ୍ର ମାଝି ସୁବାଷ ବୈଠାରୁ, ଭୂତେଶ ବୈଠାରୁ, ଯଜ୍ଞେଶ୍ୱର ନାଏକ ପ୍ରମୁଖ ସହଯୋଗ କରୁଥିବା ବେଳେ ଚନ୍ଦ୍ରଭାନୁ କଶ୍ୟପ, କଳିଙ୍ଗ ବୈଠାରୁ, ସୁଧୀର ନାଏକ,ଚନ୍ଦ୍ରଧ୍ୱଜ ବୈଠାରୁ, ଗୌରୀ ଶଙ୍କର ମାଝି, ରାମ ବିଶି ପ୍ରମୁଖ ଉପଦେଷ୍ଟା ମଣ୍ଡଳୀରେ ରହିଛନ୍ତି।

## ସାନଚେରଗାଁରେ ବସ୍ତରେଣିଙ୍କ ଛତର ଯାତ୍ରା

ଗୋଳାମୁଣ୍ଡା,୩୦।୯ (ସମିସ): କଳାହାଣ୍ଡି ଜିଲ୍ଲା ଗୋଳାମୁଣ୍ଡା ବ୍ଲକ୍ ସାନଚେରଗାଁ ଗ୍ରାମରେ ମା'ବସ୍ତରେଣିଙ୍କ ଛତର ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଯାତ୍ରାରେ ହଜାର ହଜାର ସଂଖ୍ୟାରେ ଭକ୍ତମାନେ ଭିଡ଼ ହୋଇଥିବା ଦେଖିବାକୁ ମିଳିଛି। କଳାହାଣ୍ଡି ଜିଲ୍ଲା ଅଧିଷ୍ଠାତ୍ରୀ ଦେବୀ ମା'ମାଣିକେଶ୍ୱରୀଙ୍କ ଛତର ଯାତ୍ରା ପରି ଏଠାରେ ବି ପାଳିତ ହୋଇଛି। ମା'ବସ୍ତରେଣିଙ୍କ ଛତର ଦିନ ୧ ଘଟିକାରୁ ବାହାରି ଗ୍ରାମର ସମସ୍ତଙ୍କ ଘର ଘର ବୁଲି ପୂଜା ପାଇଥିଲେ। ପୂର୍ବପୁରୁଷମାନଙ୍କ କହିବା ଅନୁଯାଇ ଦେବୀଙ୍କୁ ବନ୍ଦାପଣା କରି ନିଜ ନିଜର ଦୁଃଖ ଜଣାଇଲେ ସମସ୍ତ ଭକ୍ତ ବୃନ୍ଦ ମନସ୍କାମନା ପୂର୍ଣ୍ଣ ହୁଏ ବୋଲି ହଜାର ହଜାର ସଂଖ୍ୟାରେ ଭକ୍ତମାନେ ରୁଣ୍ଡ ହୋଇ ମା'ଙ୍କୁ ମୁଣ୍ଡିଆ ମାରି



ନିଜ ନିଜ ଦୁଃଖ ଜଣାଇଥିଲେ। ଯାତ୍ରାରେ ୬ଟି ସଂସ୍କୃତିକ କାର୍ଯ୍ୟକ୍ରମ ଯଥା କଳାହାଣ୍ଡି ବୀରବାଦ୍ୟ ଘୁମୁରା,ଘଣ୍ଟନାଦ,ମାଦଳ, ଢାବ, ଦୁଲଦୁଲି, ମହାକାଳୀ ଗ୍ରୁପ ସହିତ ଅନେକ ପୁରୁଣା ସଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ମା'ଙ୍କ ଛତର ଯାତ୍ରା ପାଳିତ ହୋଇଥିଲା। କେଗାଁ ପୋଲିସ ପ୍ରଶାସନ ଛତର ଯାତ୍ରାରେ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ବଜାୟ ରଖିଥିଲା। ଛତର ଯାତ୍ରା ଗ୍ରାମର ପରିଚାଳନା କମିଟିର ମାଧ୍ୟମରେ ଆୟୋଜିତ ହୋଇଥିଲା। କମିଟିରେ ସଭାପତି ଶ୍ରୀନିବାସ ଦାସ,ସମ୍ପାଦକ ଦୁର୍ବାଦଳ ସାହୁ, ସୁନୀଲ ସାହୁ, ଟିଟୁ ସାହୁ, ଅନନ୍ତ ସାହୁ, ମତିରାମ କର ପ୍ରମୁଖ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ବେଳେ ଗ୍ରାମର ସମସ୍ତ ବୁଦ୍ଧିଜୀବି ଓ ଯୁବ ଗୋଷ୍ଠି ସହଯୋଗ କରିଥିଲେ।

## ପ୍ରଥମ ଆଦିମ ଆଦିବାସୀ ଯୁବତୀଙ୍କ ପିଏଚ୍‌ଡି

ନୂଆପଡ଼ା,୩୦।୯ (ସମିସ): ସୁନାବେଡ଼ା ଉପତ୍ୟକାର ଆଦିମ ଜନଜାତି ଛାତ୍ରୀ ପ୍ରଥମ କରି ପିଏଚ୍‌ଡି ଲାଭ କରିଥିବା ଜୟମନୀ ଝାଙ୍କରଙ୍କୁ ଜିଲ୍ଲାପାଳ ମଧୁସୁଦନ ଦାଶ ତାଙ୍କ ନିବାସ କାର୍ଯ୍ୟାଳୟ ସ୍ଥିତ ପ୍ରକୋଷ୍ଠରେ ସମ୍ବର୍ଦ୍ଧିତ କରିଛନ୍ତି। ମଙ୍ଗଳବାର ପୂର୍ବାହ୍ନରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଜିଲ୍ଲା ମଙ୍ଗଳ ଅଧିକାରୀ ଦିପ୍ତିମନ୍ତ ଭୋଇ, ଧରମବନ୍ଧା ସେବାଶ୍ରମ ହାଇସ୍କୁଲ ପ୍ରଧାନଶିକ୍ଷକ ପ୍ରକାଶ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲାପାଳ ଜୟମନିଙ୍କୁ ଉତ୍ତରୀୟ ସହ ଫୁଲ ତୋଡ଼ା ଦେଇ ସମ୍ବର୍ଦ୍ଧିତ କରିଥିଲେ।ପ୍ରକାଶ ଯେ ସୁନାବେଡ଼ା ଉପତ୍ୟକାରେ ବସବାସ କରୁଥିବା ଜୟମନି,ଚାକୋଟିଆ ଭୁଞ୍ଜିଆ ଆଦିମ ଜନଜାତି



ବର୍ଗର ଆଦିବାସୀ ଛାତ୍ରୀ। ବାପା ବିଜୟ ଝାଙ୍କର ଓ ମାତା ବୈଦେହୀଙ୍କର ତୃତୀୟ କନ୍ୟା। ଜୟମନି ପ୍ରାଥମିକ ତଥା ହାଇସ୍କୁଲ ଶିକ୍ଷା ସୁନାବେଡା ଗୁରୁକୁଳ ଆଶ୍ରମରେ ଆରମ୍ଭ କରି ଧରମ ବନ୍ଧାସ୍ଥିତ ଅନୁସୂଚୀତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ଦୁଇ ପାସ କରି ଖଡ଼ିଆଳ କଲେଜରେ ଯୁକ୍ତ ତିନି ପାସ କରିଥିଲେ। ପରେ ଗାଁରୁ ପାଦ କାଢି କଳିଙ୍ଗ ଇନଷ୍ଟିଚ୍ୟୁଟ ଫର ସୋସିଆଲ ସାଇନ୍ସରେ ସ୍ନାତକୋତର ପରେ ହରବାଲ ମେଡ଼ିସିନ ଉପରେ ପିଏଚ୍‌ଡି ଲାଭ କରିପାରିଛନ୍ତି।







## ମାଣିକେଶ୍ୱରୀଙ୍କ ଆଦିପୀଠରେ ଛତର୍ ଯାତ୍ରା



ଥୁଆମୂଳରାମପୁର,୩୦।୯ (ସମିସ): କଳାହାଣ୍ଡି ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମାଁ ମାଣିକେଶ୍ୱରୀଙ୍କ ଆଦିପୀଠ ଥୁଆମୂଳରାମପୁରରେ ମାଁଙ୍କ ପ୍ରସିଦ୍ଧ ଛତର ଯାତ୍ରା ଉତ୍ସବ ସମ୍ପନ୍ନ ହୋଇଯାଇଛି। ଏହି ଅବସରରେ ଜେନାଖାଲଠାରୁ ମାଁଙ୍କ ମନ୍ଦିର ପର୍ଯ୍ୟନ୍ତ ବହୁ ମାନସିକଧାରୀ ସେମାନଙ୍କ ମାନସିକ ପୂରଣ ହେତୁ ଆରାଧ୍ୟା ଦେବୀଙ୍କ ଛତର ସମ୍ମୁଖରେ ବୋଦା, କୁକୁଡା, ପାରା ବଳି ଦେଇଥିଲେ। ଜେନାଖାଲଠାରେ ପାରମ୍ପାରିକ ପୂଜା ପରେ ଜେନାବଳି ପୂଜା ଅନୁଷ୍ଠିତ ହେଇଥିଲା। ସମସ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ମାଁ ମାଣିକେଶ୍ୱରୀଙ୍କ ଛତ୍ର ଓ ଦେବୀଙ୍କ କାଳସୀ ଜେନାଖାଲଠାରୁ ଫେରିଥିଲେ। ମନ୍ଦିରର ମୁଖ୍ୟ ପୂଜକଙ୍କ ତତ୍ତ୍ୱାବଧାନରେ ମଙ୍ଗଳ ଆଳତି, ହୋମ ପୂର୍ବକ ପୂଜାର୍ଚ୍ଚନା ହେଲା ପରେ ଶ୍ରଦ୍ଧାଳୁଙ୍କ ପାଇଁ ମନ୍ଦିର ହାର ଫିଟା ଯାଇଥିଲା। ଦିନ ୧୧ଟାରେ ମନ୍ଦିର କବାଟ ପଡ଼ିଥିଲା।ସନ୍ଧ୍ୟା ୬ଟାରେ ପୁନଃ ଦ୍ୱାର ଫିଟା ପୂର୍ବରୁ ମନ୍ଦିର।ଗର୍ଭ ଗୃହରେ ଚଣ୍ଡୀ ପାଠ ସହ ଗୁପ୍ତ ପୂଜା ହୋଇଥିଲା। ଏହାପରେ ମାଁଙ୍କଠାରେ ନବାନ୍ନ ଲାଗି ହୋଇଥିଲା। ରାତିର ସନ୍ଧିପୂଜାରେ ମହାବଳି ପଡ଼ିଲା ପରେ ମନ୍ଦିର ଦ୍ୱର ଫିଟା ହୋଇଥିଲା। ନବମୀ ଦିନ ପ୍ରସ୍ତୁତି ପୂର୍ବକ ପ୍ରାତଃ ସମୟରେ ମାଁଙ୍କ ଛତର ଯାତ୍ରା ପର୍ବ ଆରମ୍ଭ ହୋଇଥିଲା। ମାଁଙ୍କ ମନ୍ଦିରରୁ ମାଁ ଦକ୍ଷିଣ କାଳୀଙ୍କ କାଳିସୀ ଲାଗି ହେଲା ପରେ ଜେନାଖାଲ ଅଭିମୁଖେ ବାହାରିଥିଲେ। ସେଠାରେ ଏକ ଗୁପ୍ତ ପୂଜା ପ୍ରକ୍ରିୟା ମାଧ୍ୟମରେ ଜେନା ମେଣ୍ଢା ବା ଗଡ଼ରାକୁ ମାଁ ମାଣିକେଶ୍ୱରୀଙ୍କ ଛତର ପାଇଁ ଏହି ପୂଜାରେ ବଳି ଭାବେ ସମର୍ପଣ କରାଯାଇଥିଲା। ଏହାପରେ ବୁଢାରଜା ଏବଂ ଦକ୍ଷିଣକାଳୀଙ୍କ କାଳିସୀ ଲାଗି ହେଲା ପରେ ମାଁମାଣିକେଶ୍ୱରୀ ଛତର ସହ ସେଠାରୁ ବାହାରି ମନ୍ଦିର ପ୍ରତ୍ୟାବର୍ତ୍ତନ କରିଛନ୍ତି।

## ● ଚିଲିଗୁଡାରେ ଦେବୀ ସର୍ବମଙ୍ଗଳାଙ୍କ ଛତର ଯାତ୍ରା | ଶୁକ୍ଳ ଭୋଗରେ ପୂଜା ପାଇଲେ ଦେବୀ

କୋକସରା,୩୦।୯ (ସମିସ): କଳାହାଣ୍ଡିର ଅଧିଷ୍ଠାତ୍ରୀ ଦେବୀ ମା'ମାଣିକେଶ୍ୱରୀଙ୍କ ବିଶ୍ୱ ପ୍ରସିଦ୍ଧ ଛତର ଯାତ୍ରା ମଙ୍ଗଳବାର ଅନୁଷ୍ଠିତ ହୋଇଥିବା ରକ୍ତ ରଞ୍ଜିତ ହୋଇଛି ଭବାନୀପାଟଣା ସହର। ତେବେ ଜିଲ୍ଲାର କୋକସରା ବ୍ଲକ୍‌ସଦର ମହକୁମା



ପଞ୍ଚାୟତର ଚିଲିଗୁଡା ଠାରୁ ପୂଜିତ ଦେବୀ ସର୍ବମଙ୍ଗଳାଙ୍କ ଛତର ଯାତ୍ରାରେ ରକ୍ତ ଭୋଗ ବଦଳରେ ଶୁକ୍ଳ ଭୋଗରେ ପୂଜା ପାଇଛନ୍ତି। ପ୍ରାଚୀନ "ଅଭିଚାର ତନ୍ତ୍ର' ଧାରାର ଅନ୍ୟତମ ସର୍ବମାନ୍ୟ ଦେବୀ ହେଉଛନ୍ତି ମା'ସର୍ବମମଙ୍ଗଳା। ବର୍ଷରେ ଥରେ ମା'ଙ୍କ ଛତର ଯାତ୍ରା ବାହାରିଥାଏ। ସୋମବାର ମଧ୍ୟରାତ୍ରୀରୁ ଦେବୀଙ୍କ ଛତର ମନ୍ଦିରରୁ ବାହାରି ଗାଁ ଗୌନ୍ତିଆ ବିନୋଦ ବିହାରୀ ସିଂଙ୍କ ଘରକୁ ଆସିଥିଲା।ସେଠାରେ ଦେବୀଙ୍କ ପ୍ରତିମା ଛତର ରୂପରେ ପୂଜାର୍ଚ୍ଚନା ପରେ ସକାଳୁ ଦେବୀଙ୍କ ଛତର ମନ୍ଦିର ଅଭିମୁଖେ ବାହାରି ଯାଇଥିଲା। ଏହି ସମୟରେ ହଜାର ହଜାର ଶ୍ରଦ୍ଧାଳୁ ରାସ୍ତା କଡ଼ରେ ଠିଆ ହୋଇ ଧୂପଦୀପ ଜଳାଇ ମନ୍ଦାର ମାଳ,ବେଲପତ୍ର, ନଡିଆ ଭାଙ୍ଗି ପୁଜା କରି ମା'ଙ୍କ ନିକଟରେ ଆଶ୍ରୀବାଦ ଭିକ୍ଷା କରିବା ସହ ମାନସିକ କରିଥିଲେ। ଦେବୀଙ୍କ ଛତର ଗାଁ ପରିକ୍ରମା କରି ମୁଖ୍ୟ ପୀଠକୁ ପହଞ୍ଚି ଥିଲା। ରାତିରେ ନାଟକ ସହ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ଅନୁଷ୍ଠିତ ହୋଇଛି। ପୂଜା କମିଟି ସଭାପତି ପ୍ରଶାନ୍ତ ସିଂହ, ସମ୍ପାଦକ ଅଭିମନ୍ୟୁ ଗୋପାଳ,ଉପସଭାପତି ଦୈତାରୀ ବାରିକ, ସହ ସମ୍ପାଦକ ରଜନୀକାନ୍ତ ପଣ୍ଡା, ପୂଜକ ମନଧର ପୁଝାରୀ, ଶିରା କୈଳାସ ଚନ୍ଦ୍ର ସିଂହ, ଗୌନ୍ତିଆ ବିନୋଦ ବିହାରୀ ସିଂହ, ଉପଦେଷ୍ଟା ଉତ୍ତମ କୁମାର ପଣ୍ଡା, ଲିଙ୍ଗରାଜ ନିଆଲ, ଧର୍ମୁ ନାଗ, ବଂଶୀଧର ବାଗ, ଅରୁଣ କୁମାର ସିଂହ, ଜିତେନ୍ଦ୍ର ନିଆଲ, କୁଞ୍ଜବିହାରୀ ସିଂହ ସମେତ ଗ୍ରାମବାସୀ ପୂଜା ପରିଚାଳନାରେ ସହଯୋଗ କରିଥିଲେ।

## ଭାଇ ଜିଉଁତିଆ। | ସୀମାନ୍ତ ଅଞ୍ଚଳରେ ବଞ୍ଚିଛି ପାରମ୍ପରିକ ଡାଲଖାଇ ନୃତ୍ୟ

ନୂଆପଡ଼ା,୩୦।୯ (ସମିସ): ପଶ୍ଚିମ ଓଡ଼ିଶାର ଏକ ମହାନ ପର୍ବ ଭାଇ ଜିଉନ୍ତିଆ ଏହି ପର୍ବ ମାଧ୍ୟମରେ ଭାଇର ମଙ୍ଗଳ ପାଇଁ ଭଉଣୀମାନେ ଉପବାସ ଭଉଣୀମାନେ ବ୍ରତ କରିଥାନ୍ତି। ପଶ୍ଚିମ ଓଡିଶାରେ ବ୍ରତ ପାଳନ ଆଶ୍ୱିନୀ ମାସ ସପ୍ତମୀ ଦିନ ଠାରୁ ଆରମ୍ଭହୋଇ ଦଶମୀ ଦିନ ପର୍ଯ୍ୟନ୍ତ ଚାଲିଥାଏ। ଦେବୀ ଦୁର୍ଗାଙ୍କ



କରି ମା' ଦୁର୍ଗାଙ୍କ ଠାରେ ପୂଜାର୍ଚ୍ଚନା କରି ଗୁହାରୀ କରିଥାନ୍ତି।ଏହି ଦିନ ଭାଇର ମଙ୍ଗଳ କାମନା ସହ ଦୀର୍ଘଜୀବନ କାମନା ପାଇଁ ଭଉଣୀ ରଖେ ଉପବାସ ରଖନ୍ତି। ଏହି ପରିପ୍ରେକ୍ଷୀରେ ନୂଆପଡା ଜିଲ୍ଲାବ୍ୟାପି ପାଳନ ହେଉଥିବା ମୁଖ୍ୟ ପର୍ବ ଗୁଡିକ ମଧ୍ୟରେ ଅନ୍ୟତମ। ଭାଇର ମଙ୍ଗଳ ତଥା ଦୀର୍ଘାୟୁ କାମନା କରି ସପ୍ତମୀ ପୂଜା ପରେ ପରେ ନୂଆପଡାରେ ଭଉଣୀମାନେ ଭାଇ ଜିଉନ୍ତିଆ ବ୍ରତ କରିଥାନ୍ତି। ଦିନ ସାରା ନିର୍ଜଳା ଉପବାସ ରହି ସନ୍ଧ୍ୟାରେ ୭ ପ୍ରକାର ଫୁଲ, ୭ଟି ଜୁଗାର କରି ଧୂପଦୀପ ନୈବେଦ୍ୟ ଦେଇ ଦେବୀ ଦୁର୍ଗାଙ୍କୁ ପୂଜା କରିଥାନ୍ତି। ଭାଇଙ୍କ ମଙ୍ଗଳ ମନାସି ୧୦୮ ଦୁବ ଓ ଅକ୍ଷତ ଅରୁଆଚାଉଳକୁ ଏକାଠି କରି ଜୀଉନ୍ତିଆରେ ବାନ୍ଧି ଦେବୀଙ୍କ ପାଖରେ ସମର୍ପଣ କରି ଥାନ୍ତି। ପର ଦିନ ସକାଳେ ବନ୍ଧା ହୋଇଥିବା ଦୁବକୁ ନେଇ ଭାଇକୁ ବନ୍ଦାଇବାର ପରମ୍ପରା ରହିଛି। ଏହି ଓଷା ପାଳନ ବେଳେ ଭଉଣୀ ମାନେ ନିଜକୁ ଖୁସିରେ ମାତାଲ କରି ରଖିବାକୁ ଡାଲଖାଇ ନୃତ୍ୟରେ ମଜ୍ଜି ରହିଥାନ୍ତି ଯାହା କି ସବୁଠାରୁ ନିଆରା। ଜୀଉନ୍ତିଆ ଓଷା ସହ ଡାଲଖାଇ ପାଳନ କରିବା ପରମ୍ପରା ବହୁ ପୁରୁଣା। ଏଥିରେ ପୁରୁଷ ପୁଅ ମାନେ ମଧ୍ୟ ଅଂଶ ଗ୍ରହଣ କରି ଗୀତର ତାଳ ଦେଇ ନାଚିଥାନ୍ତି। ଏହି ନାଚ ଯେ ପଶ୍ଚିମ ଓଡିଶା କେବଳ ନୁହେଁ ଓଡିଶା-ଛତିଶଗଡ଼ ସୀମାନ୍ତ ଅର୍ଥାତ ହିନ୍ଦୀ ଭାଷା ଭାଷୀ ଅଞ୍ଚଳରେ ବି ବହୁଳ ଭାବେ ହୋଇଥାଏ। ନାଚ ଗାଁ ଲୋକଙ୍କ ମଧ୍ୟରେ ଭାଇଚାରା, ଆତ୍ମୀୟତା ବୃଦ୍ଧି କରିବା ସହ ବର୍ଷ ବର୍ଷର ମନୋମାଳିନ୍ୟକୁ ଶାନ୍ତ କରିବାରେ ଏକ ମାଇଲ ଖୁଣ୍ଟ।

## କୁଆଁରୀ ଝିଅଙ୍କ ଭାଇ ଜୀଇଁତ



ସିନାପାଲି,୩୦।୯ (ସମିସ): ସିନାପାଳି ଅଞ୍ଚଳର ବିଭିନ୍ନ ଗାଁ ଗଣ୍ଡାରେ କୁଆଁରୀ ଝିଅ ଭାଇ ଜୀଇଁତା ଆନନ୍ଦ ଉଲ୍ଲାସ ସହ ପାଳନ କରିଛନ୍ତି। ଝିଅମାନେ ବିଭିନ୍ନ ଫଳଫୁଲ ମୂଳକନ୍ଦା ସାଙ୍ଗକୁ ବାରୁ ନେଇ ପୂଜାସ୍ଥଳରେ ରଖି ମା'ଦୁର୍ଗାଙ୍କ ନିକଟରେ ସମର୍ପଣ କରି ଭାଇ ପାଇଁ ମଙ୍ଗଳ ମନାସିଛନ୍ତି। ଭାଇର ଦୀର୍ଘାୟୁ କାମନା କରି ଭାଇର ବିଜୟୀ କାମନା କରିଥାନ୍ତି। ପୁରାଣ ଅନୁସାରେ ଭଉଣୀ ସୁଭଦ୍ରା ଭାଇ ଜଗନ୍ନାଥଙ୍କ ପାଇଁ ପ୍ରଥମେ ଭାଇ ଜୀଉଁତା କରିଥିଲେ। ପରାକ୍ରମୀ ଜରାସନ୍ଧ ଶ୍ରୀକୃଷ୍ଣଙ୍କୁ ବାରମ୍ବାର ଯୁଦ୍ଧରେ ପରାସ୍ତ କରି ଚାଲିଥିବା ବେଳେ ଭାଇ ପାଇଁ ବିଜୟୀ କାମନା କରି ଏହି ବ୍ରତଧାରଣ କରିଥିବା ପୁରାଣ ଶାସ୍ତ୍ରରେ ବର୍ଣ୍ଣିତ ରହିଛି।



# ମା'ଙ୍କ ଆଗମନରେ ଚଳଚଞ୍ଚଳ ଧରାପୃଷ୍ଠ

## ବଳିଯାତ୍ରାରେ ଚେପଟା ଢ଼ୋଲର ସ୍ୱତନ୍ତ୍ରତା

## ଢୋଲ ବାଜିଲେ ବରୁଆ ଦେହରେ ପ୍ରକଟ ହୁଅନ୍ତି ଦେବୀ

ସୋନପୁର,୩୦।୯ (ସମିସ): ସୋନପୁର ଗଡଜାତର ଐତିହାସିକ ବଳିଯାତ୍ରାରେ ଲୋକବାଦ୍ୟ ଓ ଲୋକ ସଂଗୀତ ଏକ ପ୍ରମୁଖ ସ୍ଥାନ ଗ୍ରହଣ କରି ଆସିଛି। ତାନ୍ତ୍ରିକ ପଦ୍ଧତିରେ ଭିନ୍ନ ଭିନ୍ନ ପ୍ରକାରର ଯନ୍ତ୍ର ଓ ରହସ୍ୟମୟ ମନ୍ତ୍ରର ପ୍ରୟୋଗରେ ବଳିଯାତ୍ରା ଅନୁଷ୍ଠିତ ହୁଏ। ପାରମ୍ପରିକ ଲୋକବାଦ୍ୟ ଷୋହଳ ଭର୍ଣ୍ଣ ବାଦ୍ୟ। ଏହି ବାଦ୍ୟର ଗୁରୁଗମ୍ଭିର ଧ୍ୱନିରେ ମୁଖରିତ ହୁଏ ସାରା ପରିବେଶ। ବିଶେଷକରି ସୋନପୁର ଗଡଜାତର ମହାବଳି ଯାତ୍ରାରେ ଏହି ଷୋହଳ ଭର୍ଣ୍ଣ ବାଦ୍ୟର ପ୍ରୟୋଗ ହୁଏ। ଷୋହଳ ଭର୍ଣ୍ଣ ବାଦ୍ୟର ପ୍ରମୁଖ ହେଉଛି ପାଟ ଢୋଲ ବା ଚେପଟା ଢୋଲ। ଶତାଧିକ ବର୍ଷ ହେଲା ସୋନପୁର ବଳିଯାତ୍ରାରେ ଚେପଟା ଢୋଲ ବ୍ୟବହାର ହୋଇ ଆସୁଛି। ପାଟଢୋଲିଆ ଚେପଟା ଢୋଲରେ ପର୍ଯ୍ୟାୟ କ୍ରମେ ଖାଡି ପରେ ଖାଡି ଷୋହଳ ଖାଡି ବାଦ୍ୟ ବଜାଇ ଯନ୍ତ୍ରାରୁଢ ବରୁଆ ଦେହରେ ଦୈବୀଶକ୍ତି ପ୍ରକଟିତ କରିବାରେ ସହାୟକ ହୁଅନ୍ତି। ତାନ୍ତ୍ରିକ ପଦ୍ଧତିରେ ଭିନ୍ନ ଭିନ୍ନ ପ୍ରକାରର ଯନ୍ତ୍ର ଉପରେ ବରୁଆକୁ ବସାଇ ରହସ୍ୟମୟ ମନ୍ତ୍ରର ପ୍ରୟୋଗରେ ବରୁଆ ଦେହରେ ଦେବତା ଆସିଥାଏ। ତେବେ ଚେପଟା ଢୋଲ ନବାଜିଲେ ବରୁଆ ଦେହରେ ଦେବୀ ପ୍ରକଟ ହୁଅନ୍ତି ନାହିଁ। ଏହି ଢୋଲଟି



ଚେପଟା ଆକୃତିର ବୋଲି ଏହାକୁ ଚେପଟା ଢୋଲ କୁହାଯାଏ। ଏହି ବାଦ୍ୟ ଯନ୍ତ୍ରରେ ଖମ୍ବେଶ୍ୱରୀ ବିରାଜମାନ କରିଥିବା ବିଶ୍ୱାସ ଥିବାରୁ ଏହା ପାଟ ଢୋଲ ବା ଚେପଟା ଢ଼ୋଲ ବଳିଯାତ୍ରାର ପ୍ରମୁଖ ଢୋଲ ବୋଲି କୁହାଯାଏ। ଏହି ପାଟ ଢୋଲଟି ସର୍ବପୁରାତନ ବୋଲି କୁହାଯାଏ। ଏହା ସହ ଇତିହାସ ଯୋଡ଼ି ହୋଇ ରହିଛି। ଏହି ଢୋଲ ସଂପର୍କରେ ପାଟ ଢୋଲିଆ ଆନନ୍ଦ ବାରିକ କହିଛନ୍ତି, ଚୌହାନ ଶାସନ କାଳରେ ଖେମୁଣ୍ଡିର ରାଜଜେମା ସୋନପୁର ଗଡଜାତକୁ ବୋହୂ ହୋଇ ଆସିବା ବେଳେ ଉପହାର ସ୍ୱରୁପ ଏହି ଢୋଲ ଆଣିଥିଲେ। ଏହି ଢ଼ୋଲଟି ପୁରୁଣା ହୋଇ ଭାଙ୍ଗି ଯିବା ପରେ ମହାନଦୀ ଦଶମତୀ ଘାଟରେ ଭସାଇ ଦିଆଯାଇଥିଲା। ମହାନଦୀରେ ବଢି ପାଣି ଥିବା ସତ୍ତ୍ୱେ ଢୋଲଟି ପାଣି ସ୍ରୋତରେ ବହି ନଯାଇ ପୁଣି ଭୋରରେ ସେହି ଦଶମତୀ ଘାଟରେ ଲାଗିଥିଲା। ରାଜାଙ୍କୁ ସ୍ୱପ୍ନାଦେଶ ହେବାରୁ ପୁଣି ଢୋଲଟିକୁ ଅଣାଯାଇ ଅଷ୍ଟଧାତୁ ଲଗାଇ ମରାମତି କରାଯାଇଥିଲା। ପୂଜା ଆରାଧନା କରି ମହାରାଜା ପାଟ ଢୋଲିଆଙ୍କୁ ଅର୍ପଣ କରିଥିଲେ। ସେହିଦିନଠାରୁ ପାଟ ଢୋଲିଆଙ୍କ ଘରେ ଚେପଟା ଢୋଲ ପୂଜା ପାଉଛନ୍ତି। ପୁଅ ଜିଉନ୍ତିଆଠୁ ପୂର୍ଣ୍ଣିମା ଯାଏଁ ଚେପଟା ଢୋଲ ବାହାରେ ବୋଲି ଆନନ୍ଦ କହିଛନ୍ତି। ଚେପଟା ଢୋଲ ଉପରେ ବଳି ବା ବରୁଆ ବିରାଜମାନ କରି ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ ଦେବାର ପରମ୍ପରା ଆଜି ବି ଅତୁଟ ରହିଛି। ବାଦ୍ୟ ଭିତରେ ଷୋହଳ ଭର୍ଣ୍ଣ ବାଦ୍ୟ ଓ ଢୋଲ ଭିତରେ ଚେପଟା ଢୋଲ ସୋନପୁର ମହାବଳୀ ଯାତ୍ରାରେ ଏକ ସ୍ୱତନ୍ତ୍ର ସ୍ଥାନ ରଖି ଆସିଛି। ତେବେ ପାଟ ଢୋଲିଆ ସ୍ୱର୍ଗତ ପୁରନ୍ଦର ବାରିକ ଷୋହଳ ଭର୍ଣ୍ଣ ବାଦ୍ୟ ବଜାଇବାରେ ଖୁବ୍ ସିଦ୍ଧହସ୍ତ ଥିଲେ।

## ମା' ମାହେଶ୍ୱରୀଙ୍କ ସ୍ନାନଯାତ୍ରା

ବୀରମହାରାଜପୁର,୩୦।୯ (ସମିସ): ବୀରମହାରାଜପୁର ଅଞ୍ଚଳରେ ମା' ମାହେଶ୍ୱରୀଙ୍କ ସ୍ନାନ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପଶ୍ଚିମ ଓଡ଼ିଶା ମହାନ୍‌ପର୍ବ ଭାଇ ଜିଇତିଆ, ଅଷ୍ଟମୀ ତିଥି ଅବସରରେ ଭଉଣୀମାନେ ଭାଇମାନଙ୍କ ମଙ୍ଗଳ ଓ ଦୀର୍ଘ ଜୀବନ କାମନା କରି ଉପବାସ ରହି ମା' ମାହେଶ୍ୱରୀଙ୍କ ଠାରେ ପୂଜାର୍ଚ୍ଚନା କରିଥିଲେ। ଉଫୁଲା, ହିଲୁଙ୍ଗ, ଷଣ୍ଢା, ମେଣ୍ଡାମାଳ ଗ୍ରାମର ମା' ମାହେଶ୍ୱରୀ ଦେବୀଙ୍କ ମନ୍ଦିରରେ ପୂଜା ପରେ ମହାନଦୀକୁ ଯାଇ ସ୍ନାନକାର୍ଯ୍ୟ ସାରି ଷୋହଳ ପୂଜା କରାଯାଇଥିଲା। ଏଥିପାଇଁ ଗାଁ ମନ୍ଦିରରୁ ସନ୍ଧ୍ୟାରେ ଘଣ୍ଟ, ଘଣ୍ଟା, ଢୋଲ ନିଶାନ, ମହୁରୀ ଓ ବିଭିନ୍ନ ବାଦ୍ୟ ବଜାଇ ଶୋଭାଯାତ୍ରାରେ ବୀରମହାରାଜପୁର ରାଜରାସ୍ତା ପ୍ରକମ୍ପିତ ହୋଇଉଠିଥିଲା। ମହାନଦୀରେ ସ୍ନାନ ସାରି ରାତି ୪ଟା ସମୟରେ ଗାଁରେ ଘରେ ଘରେ ମା'ଙ୍କ ଗୋଡଧୁଆ କାର୍ଯ୍ୟକ୍ରମ ହୋଇଥିଲା। ଗାଁର ଝିଅ ବୋହୂମାନେ ଏକତ୍ରିତ ହୋଇ ଜିଇତିଆ ପୂଜା କରି ସକାଳୁ ଘରକୁ ଫେରିଥାନ୍ତି। ପରେ ଗାଧୋଇ ନୂଆ ବସ୍ତ୍ର ପିନ୍ଧି ଦୀପ ଜାଳି ଭାଇମାନଙ୍କୁ ମା'ଙ୍କଠାରେ ଚଢ଼ାଇ ଥିବା ୧୦୮ ଦୁବକୁ ମୁଣ୍ଡରୁ ପାଦ ପର୍ଯ୍ୟନ୍ତ ଭାଇଙ୍କ ମଙ୍ଗଳକାମନା କରି ଉତାରି ଥାଆନ୍ତି। ପରେ ଭାଇଙ୍କ ହାତରେ ଜିଇତିଆ ବାନ୍ଧି ଥାନ୍ତି ଭଉଣୀମାନେ।



## ବଲେନପାଲିରେ ଚର୍ଯ୍ୟାଧର୍ମୀ ନାଗବାଚା ପୂଜା



ଡୁଙ୍ଗୁରିପାଲି, ୩୦।୯ (ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ଅନ୍ତର୍ଗତ ବଲେନପାଲି ଗ୍ରାମରେ ଆଜକୁ ସାତଦିନ ଧରି ଚର୍ଯ୍ୟାଧର୍ମୀ ନାଗବାଚା ପୂଜା ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତଃ ଗୁରୁଶ୍ରୀ ଦଧି ପୋଢଙ୍କ ଶିଷ୍ୟତ୍ୱ ଗ୍ରହଣ ପୂର୍ବକ ଗୁରୁଶ୍ରୀ ଶିବ ପଧାନଙ୍କ ତତ୍ତ୍ୱାବଧାନରେ ଦେହେରୀ ସୁରେଶ ତାଣ୍ଡି ସମସ୍ତ ପୂଜା କାର୍ଯ୍ୟ ତୁଲାଇଥିଲେ। ଏହି ପୂଜା ପର୍ବରେ ଦିକ୍ଷାଧାରୀମାନେ ସାତଦିନ ଧରି ନୀତି ନିୟମକୁ ନିଷ୍ଠାର ସହ ପାଳନ କରିଥାନ୍ତି। ମହାଦେବ ବରଣ ପାଇଁ ବଡ଼କର୍ଲେ ସ୍ଥିତ ଶିବ ମନ୍ଦିରକୁ ଯାତ୍ରା କରି ସେଠାରେ ପୂଜା ସାରିବା ପରେ ଗାଁକୁ ଆସି ବଇଲ୍ ଯାତ୍ରା ଓ ନାଗବାବାଙ୍କର ଗ୍ରାମ୍ୟ ପରିକ୍ରମା ହୋଇଥିଲା। ସୋମବାର ରାତ୍ରିରେ ବଡ଼ପୂଜା ସାରି ମଙ୍ଗଳବାର ଖଳାପୂଜା ପାଇଁ ବଲାଙ୍ଗୀର ଜିଲ୍ଲାର ଭୀମଡୁଙ୍ଗୁରିକୁ ଯାତ୍ରା କରିଥିଲେ। ପାରମ୍ପରିକ ଭାବେ ଏହି ଉତ୍ସବ ଏହି ଗ୍ରାମରେ ଦୀର୍ଘ ୬୦ ବର୍ଷ ଧରି ପାଳିତ ହୋଇଆସୁଛି। ନାଗବାଚା ପୂଜା ପରମ୍ପରା ଶୈବ ସଂସ୍କୃତିର ଏକ ଅଂଶ। ଶିବ ଏହି ପରମ୍ପରାର ଇଷ୍ଟ ଦେବତା। ଏହି ପୂଜନୋତ୍ସବରେ ତିଆରି ହେଉଥିବା ଔଷଧ ରୋଗପ୍ରତିରୋଧକ ଟୀକା ରୂପେ କାର୍ଯ୍ୟ କରିଥାଏ। ସର୍ପ ଦଂଶନ ଭଳି ଗମ୍ଭୀର ସ୍ଥିତିକୁ ଏହା ସାମାନ୍ୟ କରିଥାଏ। ଯାହା ଦ୍ୱାରା ଚାଷ କାର୍ଯ୍ୟରେ ମଧ୍ୟ କୌଣସି ଅସୁବିଧା ଆସି ନ ଥାଏ ବୋଲି ବିଶ୍ୱାସ ରହିଛି। ପଶ୍ଚିମ ଓଡ଼ିଶାରେ ବିଭିନ୍ନ ଅଞ୍ଚଳରେ ଏହି ଯାତ୍ରା ଅନୁଷ୍ଠିତ ହୋଇଥାଏ। ବିଶେଷ କରି ଦଶହରା ସମୟରେ ଏହି ପୂଜା ହେଉଥିବା ବେଳେ କିଛି ସ୍ଥାନରେ ପୌଷ ମାସରେ ମଧ୍ୟ ଏହି ପୂଜା ହୋଇଥାଏ।

## ୪୬ ବର୍ଷରେ ତେଲିବନ୍ଧ ଦୁର୍ଗାପୂଜା



ବୌଦ୍ଧ,୩୦।୯ (ସମିସ): ବୌଦ୍ଧ ବ୍ଲକ୍ ତେଲିବନ୍ଧ ପଞ୍ଚାୟତ ସଦର ଗାଁ ରୋପ କ୍ଲବ ପକ୍ଷରୁ ଶାରଦୀୟ ଦୁର୍ଗାପୂଜା ଏଥର ୪୬ ବର୍ଷରେ ପଦାର୍ପଣ କରିଛି। ଚଳିତବର୍ଷ ଅଷ୍ଟମ ତିଥିରୁ ମଣ୍ଡପରେ ମା'ଙ୍କ ପୂଜାକର୍ମ ଆରମ୍ଭ ହୋଇଛି। ପୂଜକ ଭାବେ ସନ୍ତୋଷ ପୁରୋହିତ ଦାୟିତ୍ୱ ନିର୍ବାହ କରୁଥିବା ବେଳେ କର୍ତ୍ତା ଭାବେ କୁନୁ କର୍ଣ୍ଣ ଓ ତାଙ୍କର ପତ୍ନୀ କଳ୍ପନା କର୍ଣ୍ଣ ଦାୟିତ୍ୱ ନିର୍ବାହ କରୁଛନ୍ତି। ଚଳିତ ଥର ୪୬ ବର୍ଷ ପୂର୍ତ୍ତି ଅବସରରେ ପୂଜାମଣ୍ଡପ ସାଜସଜ୍ଜା ଓ ତୋରଣ ପ୍ରତି ବିଶେଷ ଧ୍ୟାନ ଦିଆଯାଇଛି। ଏହା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରତି ମଧ୍ୟ ଗୁରୁତ୍ୱ ଦିଆଯାଉଥିବା କ୍ଲବ୍ ସଭାପତି ଉମେଶ ସାହୁ ଓ ସମ୍ପାଦକ ସୁଧାଂଶୁ ଶେଖର ହୋତା ସୂଚନା ଦେଇଛନ୍ତି। ଅଷ୍ଟମୀ ଓ ନବମୀ ସନ୍ଧ୍ୟାରେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ହେବାକୁ ଥିବା ବେଳେ ଦଶମୀ ରାତିରେ କ୍ଲବ କଳାକାରଙ୍କ ଦ୍ୱାରା 'ଛାତିର କୋହକୁ ଦେଖିଛି କିଏ' ମଞ୍ଚସ୍ଥ ହେବ। ବରିଷ୍ଠ ସଭ୍ୟ ଚନ୍ଦ୍ରଧ୍ୱଜ ସେଠୀ ନିର୍ଦ୍ଦେଶନା ଦେଇଛନ୍ତି।

## ସିଦ୍ଧିଦାତ୍ରୀ ବେଶରେ ଦର୍ଶନ ଦେଲେ ମା'

ବିନିକା,୩୦।୯ (ସମିସ): ବିନିକା ପୁରୁଣା ବସ୍‌ଷ୍ଟାଣ୍ଡ ସ୍ଥିତ ମା' ଦୂର୍ଗାଙ୍କ ଭବ୍ୟ ମନ୍ଦିରରେ ମଙ୍ଗଳବାର ନବମୀ ଅବସରରେ ଦେବୀ ଦୁର୍ଗା ସିଦ୍ଧିଦାତ୍ରୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ମା'ଙ୍କ ପୂଜାରେ ମୁଖ୍ୟ କର୍ତ୍ତା ଭାବେ ସୁନିଲ ପାତ୍ର ଓ ତାଙ୍କ ଧର୍ମପତ୍ନୀ ସୁକନ୍ୟା ପାତ୍ର ଦାୟିତ୍ୱ ତୁଲାଉଥିବା ବେଳେ ସହଯୋଗୀ କର୍ତ୍ତା ଭାବେ ବୌଦ୍ଧ ଉପଜିଲ୍ଲାପାଳ ପ୍ରଭାସ ଦଣ୍ଡସନା ଓ ତାଙ୍କ ଧର୍ମପତ୍ନୀ ପ୍ରତିଭା ଦଣ୍ଡସନା ରୀତିନୀତି ଅନୁଯାୟୀ ପୂଜାକାର୍ଯ୍ୟ ତୁଲାଇଥିଲେ। ମା'ଙ୍କ ବେଶ ଓ ପୂଜା କାର୍ଯ୍ୟ ଦେଖିବା ପାଇଁ ସନ୍ଧ୍ୟାରେ ପୀଠରେ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତଙ୍କ ଭିଡ଼ ଜମିଥିଲା। ଏହି ପୂଜାରେ ମୁଖ୍ୟ ପୂଜକ ଭାବେ ସୁବାସ ଚନ୍ଦ୍ର ବଡ଼ପଣ୍ଡା, ମନ୍ଦିର ପୂଜକ ଜନାର୍ଦ୍ଦନ ଆଚାର୍ଯ୍ୟ ପୂଜା କାର୍ଯ୍ୟ ତୁଲାଇଥିବା ବେଳେ ସହଯୋଗୀ ପୂଜକ ଭାବେ କିଶୋର ନାୟକ, ସଞ୍ଜୀବ ପାଢ଼ୀ, ଦେବାଶିଷ ପୁରୋହିତ, ଶ୍ରୀନାଥ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ବିଶିଷ୍ଟ କବି ହଳଧର ନାଗ ମା'ଙ୍କୁ ପୀଠରେ ଦର୍ଶନ କରିଥିଲେ। କମିଟି ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ରାବଣ ଦରବାର ଅନୁଷ୍ଠିତ ହୋଇଥିଲା।



## କମସରାରେ ଶାରଦୀୟ ଦୁର୍ଗାପୂଜା



ତରଭା,୩୦।୯ (ସମିସ): ତରଭା ବ୍ଲକ୍ କମସରା ଦୁର୍ଗା ମଣ୍ଡପରେ ଶାରଦୀୟ ଦୁର୍ଗାପୂଜା ଆନନ୍ଦ ଉଲ୍ଲାସର ସହ ପାଳନ କରାଯାଉଛି। ମଙ୍ଗଳବାର ଅଷ୍ଟମୀ ତିଥିରେ ଭାଇଜିଇନ୍ତିଆ ଯୋଗୁଁ ପୂଜା ମଣ୍ଡପରେ ମହିଳାଙ୍କ ପ୍ରବଳ ଭିଡ ପରିଲକ୍ଷିତ ହୋଇଥିଲା। ଭାଇଜିଇନ୍ତିଆରେ ଭାଇର ମଙ୍ଗଳ କାମନା କରି ଭଉଣୀମାନେ ଉପବାସ ରହି ବ୍ରତ ପାଳନ କରିଥିଲେ। ଆଜି ତରଭା ସହର ସମେତ ମେଣ୍ଡା, ଦେଉଳପଦର ଓ ଚାରଭଟାରେ ପାଳିତ ହେଉଥିବା ସାର୍ବଜନୀନ ଦୁର୍ଗା ପୂଜା ମଣ୍ଡପମାନଙ୍କରେ ମହିଳାମାନଙ୍କ ଭିଡ଼ ଦେଖିବାକୁ ମିଳିଥିଲା।

## ମହାନଦୀରୁ ଯୁବକଙ୍କ ମୃତଦେହ ଉଦ୍ଧାର

ଶଗଡା,୩୦।୯ (ସମିସ): ମହାନଦୀ କୂଳରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତ ଯୁବକ ଜଣକ ହେଲେ ମନମୁଣ୍ଡା ଥାନା ରକ୍ସା ଗ୍ରାମର ଖଗେଶ୍ୱର ନାଏକ (୪୭)। ସୋମବାର ସକାଳୁ ଖଗେଶ୍ୱର ମାଛ ଧରିବାକୁ ଦହ୍ୟା ଅମୃତା ମହାନଦୀ ଘାଟକୁ ଯାଇଥିଲେ। ଅସାବଧାନତା ବଶତଃ ନଦୀରେ ଗୋଡ଼ ଖସି ପଡି ଯାଇଥିଲେ। ଦୀର୍ଘ ସମୟ ନ ଆସିବାରୁ ପରିବାର ଲୋକେ ନଦୀ ନିକଟରେ ଖୋଜାଖୋଜି କରିଥିଲେ ସୁଦ୍ଧା ତାଙ୍କର କୌଣସି ସନ୍ଧାନ ପାଇ ନ ଥିଲେ। ପରେ ମନମୁଣ୍ଡା ପୁଲିସକୁ ସୂଚନା ଦେଇଥିଲେ। ଖବର ପାଇ ଅଗ୍ନିଶମ ବାହିନୀ ସହ ନଦୀ କୂଳକୁ ଆସି ବହୁ ଖୋଜାଖୋଜି କରିଥିଲେ; ହେଲେ ଦୀର୍ଘ ସମୟ ଖୋଜିଲା ପରେ ମଧ କୌଣସି ସନ୍ଧାନ ପାଇ ନ ଥିଲେ। ମଭ୍‌ଗଳବାର ସକାଳୁ ସ୍ଥାନୀୟ ଲୋକେ ତାଙ୍କ ମୃତଦେହ ନଦୀରେ ଭାସୁଥିବା ପରିବାର ଲୋକଙ୍କୁ ଖବର ଦେଇଥିଲେ। ପୁଲିସ ଓ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନଦୀରୁ ମୃତଦେହ ଉଦ୍ଧାର କରିଥିଲେ। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମନମୁଣ୍ଡା ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ଅପେକ୍ଷା ସତ୍ତ୍ୱେ ସମସ୍ତେ ସାର ପାଇଲେନି

ମନମୁଣ୍ଡା,୩୦।୯ (ସମିସ): ମନମୁଣ୍ଡା ସେବା ସମବାୟ ସମିତିରେ ସାର ନେବାକୁ ପ୍ରବଳ ଭିଡ଼ ସତ୍ତ୍ୱେ ଅନେକ ଚାଷୀ ହତାଶ ହୋଇଛନ୍ତି। ଶତାଧିକ ଚାଷୀ ରାତି ପ୍ରାୟ ଗୋଟାଏରୁ ସାର ପାଇଁ ଧାଡ଼ିରେ ରହିଥିବା ବିକଳ ଚିତ୍ର ଦେଖିବାକୁ ମିଳିଥିଲା। ସେବା ସମବାୟ ସମିତି ମାତ୍ର ୨୮୦ ବସ୍ତା ୟୁରିଆ ସାର ଆଣିଥିଲା। ହଜାରରୁ ଅଧିକ ଆବଶ୍ୟକ ଥିବାବେଳେ ସମ୍ପାଦକ ଜଣେ ଚାଷୀକୁ ଗୋଟିଏ ବସ୍ତା ସାର ବିକ୍ରି କରିଥିଲେ। ଏହାକୁ ନେଇ ଚାଷୀ ମହଲରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି।

ମନମୁଣ୍ଡା ଅଞ୍ଚଳରେ ୟୁରିଆ ସାରର ଘୋର ଅଭାବ ଦେଖା ଦେଇଛି। କେତେକ ବେପାରୀ ଅନ୍ୟ ଜିଲ୍ଲାରୁ ସାର ଆଣି ଲୁଚାଛପାରେ ଚଢ଼ା ଦରରେ ବିକ୍ରି କରୁଛନ୍ତି। ୟୁରିଆ ସାରର ବହୁତ ଆବଶ୍ୟକତା ରହିଛି। ଏଣୁ କେତେକ ଚାଷୀ ଚଢା ଦରରେ ସାର କିଣିବାକୁ ବାଧ ହୋଇଛନ୍ତି। ଚଳିତ ବର୍ଷ ସ୍ୱଳ୍ପ ବର୍ଷାରେ ଚାଷୀ ଯେନତେନ ପ୍ରକାରେ ନାଳ, ଗାଡିଆରୁ ମୋଟର ମାଧ୍ୟମରେ ଜଳ ସେଚନ କରି ଚାଷ କରିଛନ୍ତି। ଅଧିକ ଅମଳ ପାଇଁ ୟୁରିଆ ସାରର ବହୁତ ଆବଶ୍ୟକତା ରହିଛି। ଅଗଷ୍ଟ ମାସ ପ୍ରଥମ ସପ୍ତାହରୁ ୟୁରିଆ ସାର ଆବଶ୍ୟକ ପଡୁଥିବାବେଳେ ତାହା ନ ପାଇ ଚାଷୀ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳିଥିଲା। ୟୁରିଆ ସାର ବସ୍ତାକୁ ୨୬୬ ଟଙ୍କା ୫୦ ପଇସା ସରକାରୀ ମୂଲ୍ୟ ରହିଛି। ତେବେ ୩ ବସ୍ତା ୟୁରିଆ ସାରରେ ଗୋଟିଏ ନାନୋ ୟୁରିଆ (ତରଳ ପଦାର୍ଥ) ନେବାକୁ ଡିଲରକୁ ବାଧ୍ୟତାମୂଳକ ଭାବେ ପ୍ରଦାନ କରାଯାଉଛି। ଏହାରହାର ମୂଲ୍ୟ ୨୧୦ ଟଙ୍କା ରହିଛି। ପ୍ରାୟ କୌଣସି ଚାଷୀ ନାନୋ ୟୁରିଆ ନେଉ ନାହାନ୍ତି। ନାନୋ ୟୁରିଆ ମୂଲ୍ୟ ୨୧୦କୁ ୩ଭାଗ କଲେ ୭୦ ଟଙ୍କା ପଡୁଛି। ଗୋଟିଏ ୟୁରିଆ ବସ୍ତାରେ ଯୋଡ଼ି ବିକ୍ରି ନ କଲେ ଡିଲରର କ୍ଷତି ହେଉଛି। ବିକ୍ରି କଲେ ମଧ୍ୟ ଅସୁବିଧା ହେଉଛି। ଚାଷୀଙ୍କ ଅଭିଯୋଗ ଓ ଧରପଗଡ ଭୟରେ କେତେକ ଡିଲର ସାର ଆଣିବାକୁ କୁଣ୍ଠାବୋଧ କରୁଛନ୍ତି। ସେହିପରି ସାର କଳା ବଜାରରୁ ଆଣିଲେ ୫୫୦ ଟଙ୍କା ପଡୁଛି। ତାହା ଅତି କମ୍‌ରେ ୬୦୦ ଟଙ୍କାରେ ବିକ୍ରି ନ କଲେ ପୋଷାଇବ ନାହିଁ ବୋଲି କେତେକ ବ୍ୟବସାୟୀଙ୍କଠାରୁ ଜାଣିବାକୁ ମିଳିଛି। ସେହି ଦରରେ ବିକ୍ରି କଲେ ହୋହାଲ୍ଲା ଓ ଧରପଗଡ ଭୟ ରହୁଛି। ଏଣୁ କୌଣସି ବେପାରୀ ତାହା ଆଣିବାକୁ ଇଛା ପ୍ରକାଶ କରୁ ନାହାନ୍ତି। ଡିଏପିରେ ମଧ୍ୟ ସେହିପରି ଅବସ୍ଥା ରହିଛି। ୮ଟି ଡିଏପିରେ ଗୋଟିଏ ନାନୋ ଡିଏପି (ମୂଲ୍ୟ ୫୫୦) ନେବାକୁ ଡିଲରକୁ ବାଧ୍ୟତାମୂଳକ କରାଯାଉଛି। ନାନୋ ଡିଏପି ବିକ୍ରି ହେଉ ନ ଥିବାରୁ ଡିଲରଙ୍କୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଅନ୍ୟପକ୍ଷେ ସାରର ଅଭାବକୁ ନେଇ ଚାଷୀ ବିଭିନ୍ନ ଜାଗାରେ ଆନ୍ଦୋଳନକୁ ଓହ୍ଲାଇଥିବା ଦେଖିବାକୁ ମିଳିଥିଲା। ମନମୁଣ୍ଡା ଅଞ୍ଚଳରେ ମଧ୍ୟ ତାହା ଦେଖିବାକୁ ମିଳିଥିଲା। ତେବେ ଡବଲ ଇଞ୍ଜିନ ସରକାର ଚାଷକୁ ନେଇ ବଡ ବଡ କଥା କହୁଛି। ଚାଷୀଙ୍କୁ ସାର ଯୋଗାଇ ଦେବାରେ କିନ୍ତୁ ବିଫଳ ହୋଇଛି। ସାର ଅଭାବକୁ ନେଇ ଚଳିତ ବର୍ଷ ଧାନ ଅମଳ କମିବ ବୋଲି ଚାଷୀ କହିଛନ୍ତି।

## ମଦ ଦୋକାନ ଓ କାରଖାନା ବନ୍ଦ ଦାବିରେ ପ୍ରତିବାଦ




ବୀରମହାରାଜପୁର,୩୦।୯ (ସମିସ): ସର୍ବଭାରତୀୟ ମହିଳା ସାଂସ୍କୃତିକ ସଂଗଠନର ବୀରମହାରାଜପୁର ବ୍ଲକ୍ ସଂଗଠିକା ବିନୋଦିନୀ ମେହେରଙ୍କ ନେତୃତ୍ୱରେ ସୁବଳୟାଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ରାଜ୍ୟରେ ବନ୍ଦ ହୋଇଥିବା ୭୦ଟି ମଦଦୋକାନ ଓ ୪ଟି ମଦକାରଖାନା ଖୋଲିବା ନିଷ୍ପତ୍ତିକୁ ବାତିଲ କରିବା, ମଦ, ଡ୍ରଗ୍ସ ଆଦି ମାଦକ ଦ୍ରବ୍ୟର କାରବାର ସଂପୂର୍ଣ୍ଣ ନିଷିଦ୍ଧ କରିବା, ଜସ୍ମିନ ସେଠ୍‌ର ହତ୍ୟାକାରୀଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ଦେବା, ସୌମ୍ୟଶ୍ରୀ, ବଳଙ୍ଗା ଘଟଣା ସମେତ ରାଜ୍ୟରେ ସମ୍ପ୍ରତି ଘଟିଥିବା ଘଟଣାର ଆସାମୀମାନଙ୍କୁ କଠୋର ଦଣ୍ଡ ଦେବା, ଇଣ୍ଟରନେଟ୍ ସମେତ ସମସ୍ତ ଗଣମାଧ୍ୟମରେ ଅଶ୍ଳୀଳତା, ନାଗ୍ନତା, ଯୌନବ୍ୟଭିଚାରିତା, ଅପରାଧ ପ୍ରବଣତାର ପ୍ରଚାର ପ୍ରସାର ବନ୍ଦ କରିବାକୁ ଏଥିରେ ଦାବି କରାଯାଇଥିଲା। ସଂଗଠିକା ବିନୋଦିନୀ ମେହେର ସରକାରଙ୍କ ମଦଦୋକାନ ଓ କାରଖାନା ଚାଲୁ ନିଷ୍ପତ୍ତିକୁ ବିରୋଧ କରିଥିଲେ। ସରକାର ନିର୍ବାଚନ ସମୟରେ ଦେଶରୁ ସଂପୂର୍ଣ୍ଣ ନିଶା ନିବାରଣ ବନ୍ଦ କରାଇବାକୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ କ୍ଷମତାକୁ ଆସିଲାପରେ ମଦ ଓ ମାଦକ ଦ୍ରବ୍ୟର ପ୍ରଚାର ଓ ପ୍ରସାରକୁ ବହୁଗୁଣିତ କରିଛନ୍ତି ବୋଲି କହି କଟାକ୍ଷ କରିଥିଲେ। ସରକାରଙ୍କ ଏଭଳି ମଦ ଓ ମାଦକ ଦ୍ରବ୍ୟର ପ୍ରଚାର ପ୍ରସାର ବିରୋଧରେ ଆନ୍ଦୋଳନ କରିବାକୁ ସେ ସମସ୍ତଙ୍କୁ ନିବେଦନ କରିଥିଲେ। ଏଥିରେ ସବିତା ମେହେର, ସରୋଜିନୀ ନାଏକ, ରାଇବାରୀ ମେହେରଙ୍କ ସହ ଶତାଧିକ ମହିଳା ଉପସ୍ଥିତ ଥିଲେ।

### ବଶିଷ୍ଠ ଓ ସୁଧାଂଶୁ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ଗୁଦଗୁଦାକୁ ହରାଇ ସେମିରେ ଘିଚାପାଲି

ବୀରମହାରାଜପୁର,୩୦।୯ (ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ ଅନ୍ତର୍ଗତ ଲୁଡୁରପଙ୍କ ହାଇସ୍କୁଲ ପଡ଼ିଆରେ ଚାଲିଥିବା ପ୍ରଥମ ବଶିଷ୍ଠ ଓ ସୁଧାଂଶୁ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ମଙ୍ଗଳବାର ତିନୋଟି ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ଗୁଦଗୁଦାକୁ ହରାଇ ଘିଚାପାଲି ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ପ୍ରଥମ ମ୍ୟାଚଟି ଘିଚାପାଲି ଓ ଘଣ୍ଟପାଲି ମଧ୍ୟରେ ହୋଇଥିଲା। ଏଥିରେ ଘଣ୍ଟପାଲି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୮ ଉଇକେଟ ହରାଇ ୬୬ ରନ କରିଥିଲା। ଜବାବରେ ଘିଚାପାଲି ଦଳ ଆବଶ୍ୟକୀୟ ୬୭ ରନ୍‌କୁ ୫ ଓଭରରେ ଗୋଟିଏ ଉଇକେଟ ହରାଇ ସଂଗ୍ରହ କରି ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍‌ଟି ଜନକପୁର ଓ ଗୁଦଗୁଦା ମଧ୍ୟରେ ହୋଇଥିଲା। ଏଥିରେ ଗୁଦଗୁଦା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୪ ଉଇକେଟ ହରାଇ ୧୧୩ ରନ କରିଥିଲା। ଜବାବରେ ଜନକପୁର ଦଳ ନିର୍ଦ୍ଧାରିତ ୧୦ ଓଭରରେ ୬ ଉଇକେଟ ହରାଇ ୮୪ ରନ୍ କରି ପରାସ୍ତ ହୋଇଥିଲା। ତୃତୀୟ ମ୍ୟାଚ୍‌ଟି ପ୍ରଥମ ମ୍ୟାଚ୍‌ର ବିଜେତା ଘିଚାପାଲି ଓ ଦ୍ୱିତୀୟ ମ୍ୟାଚର ବିଜେତା ଗୁଦଗୁଦା ମଧ୍ୟରେ ହୋଇଥିଲା। ଏଥିରେ ଗୁଦଗୁଦା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୬ ଉଇକେଟ ହରାଇ ୪୫ ରନ୍ କରିଥିବା ବେଳେ ଘିଚାପାଲି ଦଳ ଆବଶ୍ୟକୀୟ ୪୬ ରନ୍‌କୁ ୪ ଓଭରରେ ଗୋଟିଏ ଉଇକେଟ ହରାଇ ସଂଗ୍ରହ କରି ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ମ୍ୟାଚ୍ ଗୁଡିକରେ ସୁରେଶ ବିଶି, ସୁନୀଲ ପ୍ରଧାନ, ଟୁଟୁ ମହାକୁର ଓ ଆଶିଷ ମେହେର ଆମ୍ପାୟାର, ଲଳିତ ପ୍ରଧାନ ସ୍କୋରିଙ୍ଗ ଏବଂ କାହ୍ନୁ ପ୍ରଧାନ ଧାରାବିବରଣୀ ପ୍ରଦାନ କରିଥିଲେ।



## ଯାଦବ ସମାଜର ବାର୍ଷିକ ଉତ୍ସବ

ବିନିକା,୩୦।୯ (ସମିସ): ବିନିକା ସହରାଞ୍ଚଳ ଯାଦବ ସମାଜ ପକ୍ଷରୁ ସ୍ଥାନୀୟ ପାଳିପଡାଠାରେ ମା' ସମଲେଶ୍ୱରୀଙ୍କ ମହାନବମୀ ପୂଜା ଓ ଯାଦବ ସମାଜର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ମନ୍ଦିରରେ ମା' ସମଲେଶ୍ୱରୀଙ୍କ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା। ବିନିକା ବ୍ଲକ ଯାଦବ ସମାଜ ସଭାପତି ଶୀତଳ ପ୍ରସାଦ ମହାକୁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପଦ୍ମଶ୍ରୀ ହଳଧର ନାଗ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ସୁବର୍ଣ୍ଣପୁର ଜିଲ୍ଲା ଯାଦବ ସମାଜ ସଭାପତି ତପନ ଜୁଆଡି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା, କଂସ ମହାରାଜ ଅଭିନେତା ଶୁଭମ ଘିବିଲା, ବରପାଲି ବ୍ଲକ୍ ସଭାପତି ମନଫୁଲ ଭୋଇ, ଡୁଙ୍ଗୁରିପାଲି ସଭାପତି ଶତ୍ରୁଘନ ବଗର୍ତ୍ତୀ, ବୀରମହାରାଜପୁର ସଭାପତି ବଳରାମ କାଣ୍ଡ, କଣ୍ଟାମାଲ ସଭାପତି ପୃଥ୍ୱିରାଜ ଗରିଆ, ରସାନନ୍ଦ ଥପା, ପୀତବାସ ଭୋଇ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ବିନିକା ବ୍ଲକ୍ ଯାଦବ ସମାଜ ସମ୍ପାଦକ ବୃନ୍ଦାବନ ଦୀପ ପରିଚାଳନା କରିଥିଲେ। ମୁଖ୍ୟଅତିଥି ପଦ୍ମଶ୍ରୀ ଶ୍ରୀ ନାଗଙ୍କୁ ବାଇକ ରାଲିରେ ବିନିକା ସହର ପରିକ୍ରମା କରି କାର୍ଯ୍ୟକ୍ରମ ସ୍ଥଳକୁ ନିଆଯାଇଥିଲା। ପରେ ମା' ସମଲେଶ୍ୱରୀଙ୍କ ଦର୍ଶନ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଗତ ମାଟ୍ରିକ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ଯାଦବ ସମାଜର ଛାତ୍ରୀମାନଙ୍କୁ ସାର୍ଟିଫିକେଟ ଓ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଦେବରାଜ ଗରିଆ, କୃଷ୍ଣଚନ୍ଦ୍ର ବନଛୋର, ପ୍ରଶାନ୍ତ ବଗର୍ତ୍ତୀ, ମନଗଡୁ ଜୁଆଡିଙ୍କ ସମେତ ସମସ୍ତ ସହରାଞ୍ଚଳ ଯାଦବ ସମାଜ ସଭ୍ୟ, ପ୍ରତିପଞ୍ଚାୟତ ସଭାପତି ପ୍ରମୁଖ ସହଯୋଗ କରିଥିଲେ।




ବାଲିମେଲା ପୂଜା ମଣ୍ଡପ


ଗୋବିନ୍ଦପାଲି ପୂଜା ମଣ୍ଡପ


ଏମ୍ ୭ ୯ ପୂଜା ମଣ୍ଡପ


ଜେକେ କାଗଜ କଳ ଦୁର୍ଗାପୂଜା କମିଟି

■ କଲ୍ୟାଣସିଂହପୁର ରେଞ୍ଜରେ ହାତୀ ଉପଦ୍ରବ

# ଘର ଭାଙ୍ଗି ଖାଇଲା ଖାଦ୍ୟ

**କଲ୍ୟାଣସିଂହପୁର,୩୦।୯ (ସମିସ):** ଜିଲ୍ଲା କଲ୍ୟାଣସିଂହପୁର ବନାଞ୍ଚଳର ଶିକରପାଇ ସେକ୍ସନର ଭିତରଖୋଲା ଓ ଭେଜା ମଧ୍ୟରେ ଥିବା ଜଙ୍ଗଲରେ ଏକ ଦନ୍ତା ଓ ମାଈ ହାତୀ ତା'ର ଛୁଆ ସହ ବୁଲୁଥିବା ଦେଖି ସ୍ଥାନୀୟ ଅଞ୍ଚଳବାସୀ ଭୟଭୀତ। ଗତ ଦୁଇଦିନ ପୂର୍ବେ ପଲମା ପଡିଭଟା ଅଞ୍ଚଳରୁ ଉପର ସଜା ଦେଇ ବେଳକୋଣା ମଶାଣିରେ ଦିନ ତମାମ ରହିଥିଲେ। ସନ୍ଧ୍ୟାରେ ଭିତରଖୋଲା ଗ୍ରାମର ଜଙ୍ଗଲରେ ପଶିଥିଲେ। ରାତି ହେଲେ କୋକୁଆ ଭୟରେ ତାଟି କବାଟ ପକାଇ ଦେଉଛନ୍ତି ଗ୍ରାମବାସୀ। ଗତକାଲି ଭିତରଖୋଲା ଗ୍ରାମର ଦାଶାଇ ମେଲାକାଙ୍କ ଘରଭାଙ୍ଗି ଖାଦ୍ୟ ଖାଇ ଦେଇ ଚାଲି ଯାଇଥିଲେ। ପରେ କୋଳନରା ବ୍ଲକର ଏମାଲୀ ଗୁଡ଼ାଦେଇ ଥେରୁବାଲି, ପୂଜାରୀଗୁଡା ଗ୍ରାମରେ ଥିବା ଫରେଷ୍ଟର



ପ୍ରଦୀପ କୁମାର ଜେନା ପ୍ରକାଶ କରିଛନ୍ତି। ପୂର୍ବରୁ ମଧ୍ୟ ଉପରମୂଣ୍ଡି ପଲମା, ବନ୍ଧ କରଞ୍ଜା, ପଡିଭଟା ଗ୍ରାମରେ କାହାର ଘରେ ରଖିଥିବା ଧାନ ଚାଉଳ, ମାଣ୍ଡିଆ ଭଳି ଖାଦ୍ୟ ଖାଇଦେଇ ଚାଲିଯାଉଥିବା ନଜର ରହିଛି। ଦୀର୍ଘ ଏକ ବର୍ଷଧରି ନିୟମଗିରି, କରଲାପଟ, କାଶୀପୁର ଲେଲିଗୁମା, କୋଳନରାର ଡଙ୍ଗର ବଲାଙ୍ଗୀର ଅଞ୍ଚଳରେ ହାତୀ ନିତିଦିନିଆ ଦୌରାତ୍ମ୍ୟ କରିଚାଲିଥିବାରୁ ଲୋକେ ଅଣ ନିଶ୍ୱାସୀ ହୋଇ ଯାଉଥିବା ଅଭିଯୋଗ କରିଛନ୍ତି। ଏହି ଅଞ୍ଚଳରେ ଘୁରି ବୁଲିଛନ୍ତି ୨୮ ଗୋଟି ହାତୀ। ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ସନ୍ଧ୍ୟାରୁ ତାଟିକବାଟ ପକାଇ ଘରେ ରହିଛନ୍ତି ଲୋକେ। ଖବର ପାଇ ବନବିଭାଗ କର୍ମଚାରୀ ପହଞ୍ଚି ହାତୀର ଗତିବିଧି ଅନୁଧ୍ୟାନ କରୁଛନ୍ତି। ଦନ୍ତା ଓ ମା'ଛୁଆ ହାତୀ ନୁହନ୍ତି, ନିୟମଗିରି ପାହାଡ଼ରେ ଓ ଏହାର ଆଖାପାଖ ଅଞ୍ଚଳରେ ହାତୀପଲ ଥିବା ସନ୍ଦେହ ସୂଚନା ଅନୁଯାୟୀ, ରବିବାର ସନ୍ଧ୍ୟା ପ୍ରାୟ ୫ଟା ସମୟରେ ଉପରସଜା ଓ ତଳ ସଜା ଦେଇ ଏହି ତିନଟି ହାତୀ ଜଙ୍ଗଲରୁ ଏକ ଦନ୍ତା ସହ ମାଈ ହାତୀ ତା'ର ଛୁଆ। ଏହି ସମ୍ପର୍କରେ ଫରେଷ୍ଟର ଶ୍ରୀ ଜେନାଙ୍କୁ ପଚାରିବାରୁ ହାତୀଙ୍କ ଗତିବିଧି ଉପରେ ନଜର ରଖି ଲୋକଙ୍କୁ ସଚେତନା କରାଯାଉଛି ବୋଲି ପ୍ରକାଶ କରିଛନ୍ତି।

## ଶୁଣିଲାନି ପ୍ରଶାସନ

# ରାସ୍ତା ନିର୍ମାଣ କଲେ ଦୈନିକ ବଜାର କମିଟି ସଦସ୍ୟ

**ଚିତ୍ରକୋଣ୍ଡା, ୩୦।୯ (ସମିସ):** ପ୍ରଶାସନକୁ ବାରମ୍ବାର ଜଣାଇବା ପରେ ବି କେହି ଶୁଣିଲେନି। ଏଣୁ ରାସ୍ତା ନିଜେ ନିର୍ମାଣ କଲେ ବଜାର କମିଟି ସଦସ୍ୟ। ଦୀର୍ଘ ପନ୍ଦର ବର୍ଷ ପରେ ବି ନିର୍ମାଣ ହୋଇପାରିଲାନି ଚିତ୍ରକୋଣ୍ଡା ଗୋପବନ୍ଧୁ ଛକ ଠାରୁ ଦୈନିକ ବଜାର ପର୍ଯ୍ୟନ୍ତ ଏକ କିଲୋମିଟର ରାସ୍ତା। ଦୀପ ତଳ ଅନ୍ଧାର ଭଳି ବ୍ଲକ କାର୍ଯ୍ୟାଳୟ ଠାରୁ ମାତ୍ର ୫୦୦ ମିଟର ଦୂରରେ ରହିଛି ଦୈନିକ ବଜାର। ସେଇ ରାସ୍ତାରେ ରହିଛି ଚିତ୍ରକୋଣ୍ଡା ପଞ୍ଚାୟତ କାର୍ଯ୍ୟାଳୟ। କିନ୍ତୁ ରାସ୍ତାର ଶୋଚନୀୟ ଅବସ୍ଥା ପ୍ରତି କାହାର ବି ଦୃଷ୍ଟି ପଡୁନି। ବର୍ଷା ହେଲେ ଡ୍ରେନ୍‌ର ପାଣି ରାସ୍ତା ଉପରେ ପ୍ରବାହିତ ହେବା ଫଳରେ ଡ୍ରେନର କୁଢ଼ କୁଢ଼ ମଇଳା ରାସ୍ତା ଉପରେ ଜମା ହୋଇ ଏକ ଅପ୍ରୀତିକର ପରିବେଶ ସୃଷ୍ଟି କରୁଛି। ଚିତ୍ରକୋଣ୍ଡା ବ୍ଲକ ସଦର ମହକୁମା ଓ ୧୮ ଗୋଟି ପଞ୍ଚାୟତ ସମେତ ପଡୋଶୀ ରାଜ୍ୟ ଆନ୍ଧ୍ର ବହୁ ଗ୍ରାମର ହଜାର ହଜାର ଲୋକେ ନିର୍ଭର କରିଥାନ୍ତି ଏହି ଦୈନିକ ବଜାର ଉପରେ। ଗୋପବନ୍ଧୁ



ଛକଠାରୁ ଢ଼େପ ସାହି ପର୍ଯ୍ୟନ୍ତ ରାସ୍ତା ଅତି ଶୋଚନୀୟ ହୋଇ ପଡିଛି। ୩୦ ବର୍ଷ ତଳେ ନିର୍ମାଣ ହୋଇଥିବା କଂକ୍ରିଟ ରାସ୍ତା ବର୍ତ୍ତମାନ ସମ୍ପୂର୍ଣ ରୂପେ ଭାଙ୍ଗି ନଷ୍ଟ ହୋଇଯାଇଛି। ସେହି ରାସ୍ତାରେ ଚାଲିବା ବି ବହୁତ୍ କଷ୍ଟକର । ପ୍ରତିଦିନ ଏହି ରାସ୍ତାରେ ଛୋଟ ବଡ ଦୁର୍ଘଟଣା ଘଟିଥାଏ। ବ୍ଲକ ରିଭ୍ୟୁ ମିଟିଙ୍ଗରେ ଜିଲ୍ଲାପାଳ, ବିଧାୟକ, ଏମ୍‌ପି ଙ୍କୁ ରାସ୍ତାର ଶୋଚନୀୟ ଅବସ୍ଥା କୁ ନେଇ ବହୁବାର ଅଭିଯୋଗ କରିଥିଲେ ମଧ୍ୟ ନିଦାବିଷ୍ଟ ସାଜିଛି ପ୍ରଶାସନ। ମୁଖ୍ୟମନ୍ତ୍ରୀ ଏହି ଅଞ୍ଚଳର ରାସ୍ତା ଘାଟର ବିକାଶ ନିମନ୍ତେ ବିଭିନ୍ନ ଯୋଜନା ମାଧ୍ୟମରେ ଶହ ଶହ କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ବ୍ଲକ ସଦର ମହକୁମା ଦୈନିକ ବଜାର ର ମୁଖ୍ୟ ରାସ୍ତା ପ୍ରତି କିପରି ପ୍ରଶାସନର ଦୃଷ୍ଟି ପଡୁନାହିଁ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।୨୦୧୯ ନିର୍ବାଚନ ସରି ୨୦୨୪ ନିର୍ବାଚନ ମଧ୍ୟ ସରିଲା, ରାସ୍ତାର ଦୁରାବସ୍ଥାକୁ ନେଇ କେତେ ନେତା କେତେ, ଅଫିସରଙ୍କୁ ଗୁହାରି କରିଥିଲେ ମଧ୍ୟ ମିଥ୍ୟା ପ୍ରତିଶୃତିରେ ରହିଗଲା ରାସ୍ତାକାମ। ଶେଷରେ ବାଧ ହୋଇ ରାସ୍ତା କାମ କରିବାକୁ ଅଣ୍ଟା ଭିଡ଼ିଥିଲେ ଦୈନିକ ବଜାର ଯୁବକ ଗୋଷ୍ଠୀ ନିଜ ଖର୍ଚ୍ଚରେ ଦେନିକ ବଜାର ରେ ଥିବା ଖାଲ ଗୁଡିକୁ କ୍ରସର ଡଷ୍ଟ ପକାଇ ରାସ୍ତାକୁ ସମତୁଲ କରିଥିଲେ। ଯୁବ ଗୋଷ୍ଠୀଙ୍କ ଏଭଳି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରିବା ସହ କେବେ ପ୍ରଶାସନର ନିଦ ଭାଙ୍ଗିବ ଓ ଏହି ରାସ୍ତା ଉପରେ ଦୃଷ୍ଟି ପଡିବ ତାହା ଦେଖିବାକୁ ବାକି ରହିଲା।

## ସୁସଜ୍ଜିତ ମେଢ଼ରେ ପୂଜା ପାଉଛନ୍ତି ମା'

**ଲକ୍ଷ୍ମୀପୁର,୩୦।୯ (ସମିସ):** କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ସଦର ମହକୁମାରେ ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ରୀତିନୀତି ଅନୁସାରେ ଷଷ୍ଠୀରୁ ଆରମ୍ଭ ହେଲା ମା'ଦୁର୍ଗାଙ୍କ ପୂଜା କାର୍ଯ୍ୟ। ରବିବାର ଅପରାହ୍ନରେ କଳସରେ ପାଣି ଉଠା ଯାଇ ଥିଲା ଏବଂ ଆରମ୍ଭ ହୋଇଥିଲା ପୂଜା କାର୍ଯ୍ୟ। ସୁସଜ୍ଜିତ ମଣ୍ଡପରେ ମା'ଙ୍କୁ ସ୍ଥାପନ କରି ମହା ଆଡ଼ମ୍ବର ସହିତ ଚାଲିଛି ପୂଜା। ମା'ଙ୍କ ଦର୍ଶନ ପାଇଁ ପୂଜା ମଣ୍ଡପରେ ଭିଡ ଜମୁଛି ଏବଂ ଲକ୍ଷ୍ମୀପୁର ରାଜରାସ୍ତାକୁ ଝିମିମିଲି ଲିଚୁ ଆଲୁଅରେ ଝଲୁସୁଛି। ପୂଜାକୁ ନେଇ ବାହାରୁ ବିଭିନ୍ନ ପୂଜା ସାମଗ୍ରୀ ବ୍ୟବସାୟ ପାଇଁ ରାସ୍ତା କଡ଼ରେ ବସି ବ୍ୟବସାୟ କରୁଥିବା ଦେଖିବାକୁ ମିଳିଛି। ଲକ୍ଷ୍ମୀପୁର ବଜାର ଦେଇ ଯାଇ ଥିବା ୩୨୬ତମ ଜାତୀୟ ରାଜପଥ ସଜ୍ଜିତ ହେବା ସହ ଆକର୍ଷଣୀୟ ମେଢ଼ ଲୋକଙ୍କୁ ମନମୋହୁଛି। ପୂଜା କମିଟି ପକ୍ଷରୁ ପ୍ରତିବର୍ଷ ଏଠି ଭିନ୍ନ ଭିନ୍ନ ପ୍ରକାରେ ମେଢ଼ ତିଆରି ହୋଇ ରଙ୍ଗୀନ ଆଲୋକରେ ସୁସଜ୍ଜିତ କରାଯାଏ। ପୂଜା ସମୟରେ ଲକ୍ଷ୍ମୀପୁର ବଜାର ଉତ୍ସବ ମୁଖର ପାଲଟିବା ସହ ଦେଖିବାକୁ ଆକର୍ଷଣୀୟ ଲାଗି ଥାଏ।

## ଆଦିବାସୀଙ୍କ ରୀତିନୀତିରେ ପୂଜା ପାଉଛନ୍ତି ବିରୋଖମ୍ବ

**ବୈପାରୀଗୁଡା,୩୦।୯ (ସମିସ):** ନବରାତ୍ର ପାଇଁ ଚଳଚଞ୍ଚଳ ହୋଇ ଉଠିଛି କୋରାପୁଟ ଜିଲ୍ଲା ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ବିରୋଖମ୍ବ ପୀଠ। ଆଜି ନିଜ ପୀଠକୁ ଫେରିଛନ୍ତି ବିରୋଖମ୍ବ ଠାକୁର । କେନ୍ଦୁପଡା ଗ୍ରାମବାସୀ ବିରାଟ ପଟୁଆରରେ ଗୀତନାଚ କରି ଗାଁ ମୁଣ୍ଡରୁ ଠାକୁରଙ୍କୁ ପାଛୋଟି ଆଣିଛନ୍ତି।

ସୂଚନା ଥାଉକି, ବିରୋଖମ୍ବ ଠାକୁର ନିଜ ଭଉଣୀ ବିରୋଳା ଦେବୀଙ୍କୁ ଭେଟିବାକୁ ବର୍ଷକୁ ଥରେ ନବରାତ୍ର ସମୟରେ ଯାଇଥାନ୍ତି। ଏହି ଅବସରରେ ଗତକାଲି ଦଶମନ୍ତପୁର ସ୍ଥିତ



ବିରଳି ଦେବୀଙ୍କୁ ଭେଟି ପୁଣି ଆଜି ନିଜ ପୀଠକୁ ଫେରିଛନ୍ତି ବିରୋଖମ୍ବ ଠାକୁର। ଏହି ପୀଠରେ ଏଭଳି ପରମ୍ପରା ଚାଲିଆସୁଛି। ପୂଜକଙ୍କ ମନ୍ତ୍ର ଓ ଆଦିବାସୀର ବାଜାରେ ରୀତିନୀତି ଅନୁଯାୟୀ ପୂଜା ପାଆନ୍ତି ବିରୋଖମ୍ବ।। ଆଜି ପୀଠରେ ଦୀପ, ଧୂପ, ପୁଷ୍ପ ଓ ନୈବେଦ୍ୟ ଅର୍ପଣ କରାଯାଇଥିବା ବେଳେ ଏଠାରେ ପଶୁ ଓ ପକ୍ଷୀ ବଳି ପ୍ରଥା ମଧ୍ୟ ରହିଛି । ବିରୋଖମ୍ବଙ୍କ ମହତ୍ୱ ଅନେକ, ଏହା ଏକ ଆଦିବାସୀ ଅଞ୍ଚଳ, ଏଠାରେ ଯେଉଁ ମାନେ ବାସକରନ୍ତି, ସେମାନେ ବହୁତ ବିଶ୍ୱାସ କରନ୍ତି। ବିରୋଖମ୍ବ ପୀଠରେ ମୁଖ୍ୟ ପୂଜକ ମନ୍ତ୍ର ଉଚ୍ଚରଣ ସହ ଚାଉଳ ପୂଜାର୍ଚ୍ଚନା କରି ଭକ୍ତଙ୍କ ମନସ୍କାମନା ପୂରଣ ପାଇଁ ଠାକୁଙ୍କୁ ଆରାଧନା କରିଥାନ୍ତି। ରାଜ୍ୟ ତଥା ରାଜ୍ୟ ବାହାର ଭକ୍ତ ମଧ୍ୟ ଠାକୁରଙ୍କୁ ଦର୍ଶନ କରନ୍ତି।

## ମହାଷ୍ଟମୀରେ ଦୁର୍ଗାଙ୍କ ପୂଜାର୍ଚ୍ଚନା



**କୋଷାଗୁମୁଡା,୩୦।୯ (ସମିସ):** ନବରରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ ସଦର ମହକୁମାଠାରେ ଆଜି ଅଷ୍ଟମୀ ତିଥିରେ ମଣ୍ଡପରେ ପୂଜା ପାଉଛନ୍ତି ମା' ମହିଷା ମର୍ଦ୍ଦିନୀ ମା' ଦୁର୍ଗା। ସେଭଳି କୋଡ଼ିଙ୍ଗା, ବଡ଼ ଆମ୍ବଡା, ଚିର୍ମା, ଚୁଚୁର୍ଣ୍ଡା,ରାଜୋଡା, ଟେମ୍ରା, ବରଗାଁର ମଣ୍ଡପରେ ମା'ଦୁର୍ଗାଙ୍କ ଅଷ୍ଟମୀ ପୂଜା ହେଉଛି। ପୂର୍ବ ଭଳି ପୂଜା ବିଧିବଦ୍ଧ ଭାବେ ମଣ୍ଡପରେ ପାଳନ କରାଯାଉଛି। ପୂଜା କମିଟି ଦ୍ୱାରା ରଙ୍ଗୀନ ଆଲୋକ, ସୁସଜ୍ଜିତ ତୋରଣ ଓ ଗେଟ୍‌ର ସାଜସଜ୍ଜାରେ ସନ୍ଧ୍ୟାରେ ବହୁ ଶ୍ରଦ୍ଧାଳୁ ଅଞ୍ଚଳରୁ ଆସୁଥିବା ଭିଡ଼ ପରିଲକ୍ଷିତ ହେଉଥିବା ଦେଖିବାକୁ ମିଳିଛି। ଶ୍ରଦ୍ଧାଳୁଙ୍କ ଭିଡକୁ ଦେଖି କମିଟି ପକ୍ଷରୁ ସ୍ଥାନୀୟ ଥାନାଧିକାରୀଙ୍କ ଦ୍ୱାରା ଛକ ଗୁଡିକୁ ଭିଡ଼ ନିୟନ୍ତ୍ରଣର ବ୍ୟବସ୍ଥା କରାଯାଇଛି। ଏହି ପରିପ୍ରେକ୍ଷୀରେ ଡାଣ୍ଡିଆ ନୃତ୍ୟ ତଥା ଗର୍ଭା ନୃତ୍ୟ ମା' ହିଂଗଳା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଥିଲା। ଏହି ନୃତ୍ୟରେ ଅଞ୍ଚଳ ଯୁବକ ଯୁବତୀ ମାନେ ବହୁ ସଂଖ୍ୟାରେ ଯୋଗଦାନ କରିଥିଲେ।

## ତାରିଣୀ ମନ୍ଦିରରେ ନବରାତ୍ର ପୂଜା

**ବେହେଡା, ୩୦।୯ (ସମିସ):** ନବରଙ୍ଗପୁର ଜିଲ୍ଲାର ବେହେଡା ତାରିଣୀ ମନ୍ଦିରରେ ନବରାତ୍ର ପୂଜା ଧୁମ୍‌ଧାମରେ ପାଳିତ ହେଉଛି। ମାଙ୍କ ନବଦିନ ଯାତ୍ରା ଚାଲିଥିବା ସମୟରେ ସପ୍ତମୀ, ଅଷ୍ଟମୀ, ନବମୀ, ଦଶମୀ ପୂଜା ହେଉଛି। ଏହାକୁ ଦେଖିବା ପାଇଁ ଭକ୍ତଙ୍କ ଭିଡ଼ ଲାଗୁଛି। ଏହାକୁ ନେଇ ବେହେଡାବାସୀଙ୍କ ମଧ୍ୟରେ ଉତ୍ସାହ ଓ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟିହୋଇଛି।

## ଅନ୍ତଃରାଷ୍ଟ୍ରୀୟ ସାହିତ୍ୟ ମହୋତ୍ସବରେ ଯୋଗଦେଲେ ପ୍ରୀତିଧାରା

**କୋରାପୁଟ,୩୦।୯ (ସମିସ):** ବିହାରର ପାଟଣା ଠାରେ ଆୟୋଜିତ ଅର୍ନ୍ତରାଷ୍ଟ୍ରୀୟ ସାହିତ୍ୟ ମହୋତ୍ସବ "ଉନ୍ମେଷ ୨୦୨୫ ଅଭିବ୍ୟକ୍ତିର ଉତ୍ସବ'ରେ ଡ.ପ୍ରୀତିଧାରା ସାମଲ ଯୋଗଦେଇ କୋରାପୁଟ ଜିଲ୍ଲା ନିମନ୍ତେ ଗର୍ବ ଓ ଗୌରବ ଆଣି ଦେଇଛନ୍ତି। ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରାଳୟ, ବିହାର ସରକାର ଓ ସାହିତ୍ୟ ଅକାଦେମୀ ନୂଆଦିଲ୍ଲୀଙ୍କ ଦ୍ୱାରା ଏସିଆର ସର୍ବବୃହତ୍ ସାହିତ୍ୟ ଉତ୍ସବ "ଉନ୍ମେଷ : ଅଭିବ୍ୟକ୍ତିର ଉତ୍ସବ' ସମାରୋହରେ ଦେଶ ଓ ବିଦେଶରୁ ପ୍ରାୟ ୬୦୦ଜଣ କବି, ଲେଖକ, ସମାଲୋଚକ, ଚଳଚ୍ଚିତ୍ର ନିର୍ମାତା, ନିର୍ଦ୍ଦେଶକ, ଅଭିନେତା, ସାମ୍ବାଦିକ, ସଂସ୍କୃତି ଗବେଷକ ଯୋଗ ଦେଇଥିଲେ। ପାଟଣା ସ୍ଥିତ ଜ୍ଞାନ ଭବନ , ସମ୍ରାଟ ଅଶୋକ କନ୍‌ଭେନସନ






କେନ୍ଦ୍ରରେ ଆୟୋଜିତ ଏହି ଉତ୍ସବରେ କବି ଡଃ.ପ୍ରୀତିଧାରା ସାମଲ ଜଣେ ବିଶିଷ୍ଟ କବି ଭାବରେ ନିମନ୍ତ୍ରିତ ହୋଇ ଓଡ଼ିଶାର ପ୍ରତିନିଧିତ୍ୱ କରିଥିଲେ। ସେ ସ୍ୱରଚିତ ଓଡ଼ିଆ କବିତା ସହ ଦୁଇଟି ହିନ୍ଦିରେ ଅନୁବାଦିତ କବିତା ପାଠ କରି ଉଚ୍ଚ ପ୍ରଶଂସିତ ହେଇଥିଲେ। ଏଭଳି ସାହିତ୍ୟ ଉତ୍ସବ ଜରିଆରେ ସଂସ୍କୃତି, ଭାବ ଓ ଭାଷାର ଆଦାନ ପ୍ରଦାନ ସହ ପରସ୍ପର ସାହିତ୍ୟ ସହ ପରିଚିତ ହେବାର ସୁଯୋଗ ମିଳେ ବୋଲି ଡ.ସାମଲ ମତ ବ୍ୟକ୍ତ କରିଛନ୍ତି।

## ଆମ୍ବୁଲାନ୍ସ-ବାଇକ୍ ଧକ୍କା, ବାଇକ୍ ଚାଳକ ଗୁରୁତର

**ରାୟଗଡ଼,୩୦।୯ (ସମିସ):** ଆମ୍ବୁଲାନ୍ସ ଧକ୍କାରେ ଯୁବକ ଗୁରୁତର। ଗୁରୁତର ଯୁବକ ହେଲେ ରାୟଗଡ଼ା ସହର ରାଣୀଗୁଡା ଫାର୍ମ ଅଞ୍ଚଳର ରାଜେଶ କୁମାର ପାଢୀ। ଆଜି ସଂଧ୍ୟାରେ ରାଜେଶ ସହରର ଲକ୍ଷ୍ମୀପୂଜା ଛକ ଦେଇ ବାଇକ୍ ଯୋଗେ ଆସୁଥିବା ବେଳେ ସାମ୍ନା ପଟୁ ଆସୁଥିବା ଏକ ଆମ୍ବୁଲାନ୍ସ ଧକ୍କା ଦେଇଥିଲା। ଫଳରେ ଯୁବକ ରାଜେଶ ଘଟଣାସ୍ଥଳରେ ଅଚେତ ଅବସ୍ଥାରେ ପଡିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ଅନ୍ୟପଟେ ଦୁର୍ଘଟଣା ଘଟାଇଥିବା ଆମ୍ବୁଲାନ୍ସ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଛି।

## ଦୁର୍ଗାପୂଜା ପାଇଁ ଜିଲ୍ଲା କିନ୍ନର ସଂଘର ସହଯୋଗ



**ତେନ୍ତୁଳିଖୁଣ୍ଟି,୩୦।୯ (ସମିସ):** ନବରଙ୍ଗପୁର ଜିଲ୍ଲା କିନ୍ନର ସଂଘ ତରଫରୁ ଇନ୍ଦ୍ରାବତୀ ବଣିକ ସଂଘଅନୁକୂଲ୍ୟରେଆୟୋଜିତ ଦୁର୍ଗାପୂଜା ପାଇଁ ମିଳିଛି ଆର୍ଥିକ ସହଯୋଗ। ସୂଚନାଅନୁଯାୟୀ ଖାତିଗୁଡା ଦୁର୍ଗା ପୂଜା ମଣ୍ଡପ ପରିସରରେ ଆୟୋଜିତ ଦୁର୍ଗାପୂଜା ପାଇଁ ଜିଲ୍ଲା କିନ୍ନର ସଂଘ ସଭାପତି କାଜଲଙ୍କ ନେତୃତ୍ୱରେ ସମ୍ପାଦିକା ଚୁମକିଙ୍କ ସମେତ ପ୍ରୀତି, ଶ୍ରୁତି, ଅନିତା, ବୋଇଦି, ରାଧା, ଶିବାନୀ, କବିତା, ତୁଳସୀ, କୁନି, ଡମୁଣି, ଇପ୍ସିତାଙ୍କ ସମେତ ଅନ୍ୟମାନେ ପହଞ୍ଚି ମା ଦୁର୍ଗାଙ୍କ ପୂଜାର୍ଚ୍ଚନା କରିବା ସହ ପୂଜା ପାଇଁ କିଛି ଅର୍ଥ ସହଯୋଗ କରିଛନ୍ତି । କିନ୍ନରଙ୍କ ଏହିଭଳି ସହଯୋଗ ମନବୃତ୍ତିକୁ ବିଭିନ୍ନ ମହଲରେ ପ୍ରଶଂସା କରାଯିବା ସହ ଇନ୍ଦ୍ରାବତୀ ଦୁର୍ଗା ପୂଜା କମିଟି ସେମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି। କିନ୍ନରଙ୍କ ଏହି ପୂଜା ସହଯୋଗ ରାଶି ପ୍ରଦାନ ସମୟରେ ଇନ୍ଦ୍ରାବତୀ ବଣିକ ସଙ୍ଘ ଉପସଭାପତି ସୁରେନ୍ଦ୍ର ନାଥ ରାଉତ, ପୂଜା କମିଟି କୋଷାଧକ୍ଷ ପ୍ରବୀର ସାମଲ, ବଣିକ ସଙ୍ଘ ଉପଦେଷ୍ଟା ପୃଥ୍ୱୀରାଜ ପାଇକରାୟ ଏବଂ ଧର୍ମପତ୍ନୀ ମମତା ଧୀର , ରାଜେନ୍ଦ୍ର ସ୍ୱାଇଁ, ପୂଜା କମିଟି ସମ୍ପାଦକ ମହେଶ୍ୱର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ପୂଜା ମଣ୍ଡପ ବୁଲିଦେଖିଲେ ଗଣଶିକ୍ଷା ମନ୍ତ୍ରୀ

**ଉମରକୋଟ ୩୦।୯ (ସମିସ):** ଗଣଶିକ୍ଷା ମନ୍ତ୍ରୀ ତଥା ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ ଶାରଦୀୟ ଦୁର୍ଗାପୂଜା ଅବସରରେ ମହାଷ୍ଟମୀ ତିଥିରେ ଉମରକୋଟର ବିଭିନ୍ନ ପୂଜା ମଣ୍ଡପ ବୁଲି ଦେଖିଥିଲେ। ମା' ଙ୍କ ଆଶୀର୍ବାଦ ଭିକ୍ଷା କରି ରାଜ୍ୟର ସମୃଦ୍ଧି ଏବଂ ସମସ୍ତଙ୍କ ସୁଖ ଶାନ୍ତି କାମନା କରିଥିଲେ। ଶ୍ରୀ ଗଣ୍ଡ ମଣ୍ଡପରେ ପହଞ୍ଚିବା ପରେ ସ୍ଥାନୀୟ ବୁଦ୍ଧିଜୀବୀ ଓ ପୂଜା ମଣ୍ଡପର କର୍ମକର୍ତ୍ତାମାନେ ତାଙ୍କୁ ଉପଢୌକନ ଦେଇ ସ୍ୱାଗତ କରିଥିଲେ।ବିଭିନ୍ନ ମଣ୍ଡପ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜ୍ୟ ବିଜେପି ସମ୍ପାଦକ ରମେଶ ସାହୁ , ମନ୍ତ୍ରୀ ପ୍ରତିନିଧି ଅଶୋକ ପାଢ଼ୀ, ଦଳୀୟ କର୍ମ କର୍ତ୍ତା ଓ ସଦସ୍ୟମାନେ ଉପସ୍ଥିତ ରହି ତାଙ୍କୁ ସ୍ୱାଗତ କରିଥିଲେ।






# ଅଷ୍ଟମୀ ରାତିରେ ମା' ମାର୍କମାଙ୍କ ସ୍ୱତନ୍ତ୍ର ନିଶା ପୂଜା

**ବିଷମ କଟକ,୩୦।୯ (ସମିସ):** ଶକ୍ତି ପୀଠରେ ବିରାଜମାନ ମା' ମହିମାମୟୀ ମା ମାର୍କମାଙ୍କ ନବରାତ୍ର ପୂଜା ମହା ଆଡମ୍ବରରେ ଚାଲିଛି। ତନ୍ତ୍ର ମନ୍ତ୍ରରେ ଚାଲିଛି ସତନ୍ତ୍ର ଗୁପ୍ତ ପୂଜା। ରାୟଗଡ଼ା ଜିଲ୍ଲା ବିଷମ କଟକ ସହରର ଅଧିଷ୍ଠାତ୍ରୀ ମା ମାର୍କମା ମନ୍ଦିରର ଶକ୍ତି ପୀଠରେ ସପ୍ତମି ଠାରୁ ମା ବିରାଜ ମାନ କରି ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି। ଅଷ୍ଟମି ରେ ତିଥିରେ ମାଁ ତାଙ୍କ ଉଗ୍ରରୂପରେ ଦର୍ଶନ ଦେଇଛନ୍ତି। ଏହି ପୂଜା ସପ୍ତମୀ ତିଥିରୁ ଆରମ୍ଭ ହୋଇ ବିଜୟା ଦଶମି ପର୍ଯ୍ୟନ୍ତ ଚାଲିବ। ଏ ଅବସରରେ ମାଁଙ୍କ ଦର୍ଶନ ନିମନ୍ତେ ଜିଲ୍ଲା ତଥା ରାଜ୍ୟ ବାହାରୁ ଶତାଧିକ ଶ୍ରଦ୍ଧାଳୁଙ୍କ ଭିଡ ଜମିବା ସହ ମାଁ ଙ୍କ ଆଶିଷ ଭିକ୍ଷା କରୁଛନ୍ତି। ବିଷମ କଟକ ସହରର ଅଧିଷ୍ଠାତ୍ରି ଦେବୀ ମା ମାର୍କମାଙ୍କ ଶକ୍ତି ପିଠରେ ରୀତିନୀତି ମୁତାବକ ଆରମ୍ଭ ହୋଇ ପୂଜାର୍ଚ୍ଚନା । ସପ୍ତମୀ ଠାରୁ ମନ୍ଦିରରେ ମାଁଙ୍କ ରୀତିନୀତି ପୂଜାର୍ଚ୍ଚନା କାରାଯାଇଛି।



ଦିନକୁ ଦିନ ମନ୍ଦିରରେ ଭକ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଅଧିଷ୍ଠାତ୍ରୀ ମା' ମାର୍କମାଙ୍କୁ ସ୍ମରଣ କଲେ ସମସ୍ତ ଦୁଃଖ ଦୂର ହୁଏ ବୋଲି ଭକ୍ତ କହୁଥିବା ବେଳେ ମା'ଙ୍କୁ ସ୍ମରଣ କରି ଯେଉଁ ଆଡେ ଗଲେ ବି ସୁରକ୍ଷିତ ଭାବେ ଘରକୁ ଫେରନ୍ତି ଏବଂ ସମସ୍ତ କାର୍ଯ୍ୟରେ ସଫଳତା ପାଉଥିବା ଭକ୍ତମାନେ ପ୍ରକାଶ କରନ୍ତି ଏହି ନବରାତ୍ର ସମୟରେ ଅଧିଷ୍ଠାତ୍ରୀ ମା' ମାର୍କମାଙ୍କ ଦର୍ଶନ କରିବା ପାଇଁ ଆମ ରାଜ୍ୟର ବିଭିନ୍ନ ଜିଲ୍ଲା ସମେତ ଆନ୍ଧ୍ରପ୍ରଦେଶ ଓ ଛତିଶଗଡ଼ର

### ଉଗ୍ର ରୂପରେ ଦର୍ଶନ ଦେଲେ ମା'

ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ଏଠାରେ ଜମିଥାଏ। ମା'ଙ୍କୁ ଅତି ନିକଟରେ ପାଇଁ ପୂଜାର୍ଚ୍ଚନା କରିବା ସହ ମା'ଙ୍କ ଉଗ୍ରରୂପ ବେଶର ଦର୍ଶନ କରି ଆଶିଷ ପାଇ ପାରୁଥିବାରୁ ଭକ୍ତଙ୍କ ମଧ୍ୟରେ ବେଶ ଉତ୍ସାହ ଦେଖା ଦେଇଛି। ସପ୍ତମୀ ତିଥିରେ ମା' ମାର୍କମା, ଦୁର୍ଗା, ଠାକୁରାଣୀ, ଭୈରବି, ନିୟମରାଜାଙ୍କ ସ୍ୱତନ୍ତ୍ର ଖଣ୍ଡା ବାହାରି ସହରର ଦୋଳ ମଣ୍ଡପରେ ସ୍ଥାପନ କରାଯାଇ ବିଜୟା ଦଶମୀ ପର୍ଯ୍ୟନ୍ତ ସେଠାରେ ପୂଜା ପାଇବେ। ଅଷ୍ଟମି ତିଥିରୁ ଦଶମି ତିଥି ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ମା'ଙ୍କ ସ୍ୱତନ୍ତ୍ର ପୂଜା ର୍ଚ୍ଚନା ସହ ନିଶା ପୂଜା ,ସନ୍ଧି ପୂଜା ନିଷ୍ଠାର ସହ କରାଯାଇଥାଏ। ଅଧିଷ୍ଠାତ୍ରୀ ମା ମାର୍କମାଙ୍କ ତନ୍ତ୍ର ପିଠିରେ ସ୍ୱତନ୍ତ୍ର ଅଷ୍ଟମୀ ପୂଜା ବେଶ ଗୁରତ୍ୱ ହୋଇଥାଏ। ଏହି ନବରାତ୍ରୀରେ ଅଧିଷ୍ଠାତ୍ରୀ ମା' ମାର୍କମାଙ୍କ ସ୍ୱତନ୍ତ୍ର ଅଷ୍ଟମ ପୂଜା ହୋଇଥାଏ। ବିଳମ୍ବିତ ରାତ୍ରି ରେ ଗୁପ୍ତ ଭାବେ ମାଁ ଙ୍କ ଏହି ଅଷ୍ଟାମୀ ପୂଜା ପାଳିତ ହୋଇଥାଏ। ଅଷ୍ଟମୀରେ ନିଶା ପୂଜା ଓ ସନ୍ଧି ପୂଜା କରାଯାଇଥାଏ। ମା ମାର୍କମା ଙ୍କ ମୁଖ୍ୟ ସେବକ ରାଧାକାନ୍ତ ପୂଜାରୀ ଏହି ନିଶା ପୂଜା କୁ ରୀତି ନୀତି ଅନୁଯାଏ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରିଥାନ୍ତି। ମହା ଅଷ୍ଟମୀ ଦିନ ମା'ମାର୍କମା ଉଗ୍ରରୂପ ଧାରଣ କରିଥାନ୍ତି। ବିଳମ୍ବିତ ରାତ୍ରିରେ ମା'ଙ୍କ ନିଶା ପୂଜା କରାଯାଇଥାଏ। ଏହି ନିଶା ପୂଜାରେ ମାଗୁର ମାଛ ବଳି ଦେଇ ରୁଧିର, ଶୁରା ପାନ,"ଧଳା ଭାତ ମିଠା ଖେଚୁଡ଼ି, ଖିରି, ପିଠାପଣା, କୁକୁଲି ଶୁଖୁଆ ,ନଦୀ ମାଛ,ଓ କୁକୁଡ଼ା ମାଂଶ ସ୍ୱଦ୍ୱର ଭୋଗ ଲାଗି ହୋଇଥାଏ।ଏହି ଅଷ୍ଟମୀ ରେ ଅଧିଷ୍ଠାତ୍ରୀ ମା ମାର୍କମା ଉଗ୍ରରୂପରେ ଭକ୍ତଙ୍କୁ ଦର୍ଶନ ଦେଇଥାନ୍ତି। ବହୁ ଭକ୍ତ ମାଁଙ୍କ ଆଶିଷ ଲାଭ କରିଥିବା କହୁଥିବା ବେଳେ ମାନସିକଧାରୀଙ୍କ ପ୍ରବଳ ଭିଡ଼ ଜମୁଛି। ବିଜୟା ଦଶମି ଦିନ ଶହ ଶହ ଗାଡି ପୂଜା କରାଯାଇ ମା'ଙ୍କ ଆଶୀର୍ବାଦ ଗ୍ରହଣ କରିବାକୁ ମନ୍ଦିର ନିକଟରେ ହଜାର ହଜାର ଭକ୍ତଙ୍କ ଭିଡ ଲାଗିଥାଏ। ଆମ ରାଜ୍ୟର ସମସ୍ତ ଶକ୍ତି ପୀଠରୁ ବିଷମ କଟକ ସହରର ମା'ମାର୍କମାଙ୍କ ଶକ୍ତି ପୀଠ ଅନ୍ୟତମ। ରାଜାରାଜୁଡ଼ା ଅମଳରୁ ଏଠାରେ ପୂଜା ପାଇ ଆସୁଛନ୍ତି ମା ମାର୍କମା। ଗୋଟାଏ ଡାକରେ ଭକ୍ତଙ୍କ ଗୁହାରି ମା ଶୁଣୁଥିବାରୁ ଜିଲ୍ଲା ତଥା ରାଜ୍ୟ ବାହାରର ହଜାର ହଜାର ଭକ୍ତ ଓ ଶ୍ରଦ୍ଧାଳୁଙ୍କୁ ଏଠାରେ ସୁଅଛୁଟି ଥାଏ।



# ବିଭିନ୍ନ ଦେବୀପୀଠରୁ ପହଞ୍ଚିଲା ଲାଠି



ଜୟପୁର,୩୦ା୯ (ସମିସ): ଜୟପୁର ଦଶହରାରେ ଯୋଗଦେବା ନେଇ ଗତ ମୂଳାଷ୍ଟମୀ ଠାରୁ ସହରର ଅଧିଷ୍ଠାତ୍ରୀ ଦେବୀ ଭଗବତୀ ପୀଠରେ ପୂଜାର୍ଚ୍ଚନା କରାଯାଇ ଅବିଭକ୍ତ କୋରାପୁଟ ଜିଲ୍ଲାର ବିଭିନ୍ନ ଦେବୀ ପୀଠକୁ ନିମନ୍ତ୍ରଣ ପର୍ଯ୍ୟାୟ କ୍ରମେ ପ୍ରେରଣ କରାଯାଇଥିଲା । ଏହି ପରମ୍ପରା ରାଜା ରାଜୁଡା ସମୟରୁ ଚାଲି ଆସୁଛି । ତେଣୁ ଏହି ପରମ୍ପରାକୁ ବଜାୟ ରଖିବା ପାଇଁ ନିମନ୍ତ୍ରଣ ପାଇବା ପରେ ଉତ୍ସାହର ସହିତ ଶତାଧିକ କିଲୋମିଟର ଦୂରତାରୁ ମଧ୍ୟ ବିଭିନ୍ନ ଦେବୀପୀଠରୁ ଦେବୀଙ୍କ ପ୍ରତୀକ ସ୍ୱରୂପ ଲାଠୀ, ଖଣ୍ଡା, ଗାଦି ନେଇ ପୂଜକ , ଭକ୍ତ ଓ ଗ୍ରାମବାସୀ ମାନେ ବାଜା ବାଜଣା ବଜାଇ ଚାଲି ଚାଲି ଜୟପୁର ଠାରେ ପହଞ୍ଚିଥାଆନ୍ତି । ଏହିପରି ଦେବୀଙ୍କ ଭେଟି ଦେବା ପାଇଁ ବୋଦା, ଚାଉଳ, ଅନ୍ୟାନ୍ୟ ପନପରିବା, ଫଳମୂଳ , ନଡିଆ, କୋଦଳୀ ଆଣି ମନ୍ଦିର ଦେବୀଙ୍କ ନିକଟରେ ଲାଗି କରିଥାଆନ୍ତି । ଆଜି ଅଷ୍ଟମୀ ତିଥିରେ ନବରଙ୍ଗପୁର ଜିଲ୍ଲାର ରାଇଘର , ଉମରକୋଟ, ପୋଡାଗଡ, ଅଞ୍ଚଳରୁ ଦେବୀ ପେଣ୍ଡ୍ରାଣି ଏବଂ ଅନ୍ୟାନ୍ୟ ଦେବୀ ଏବଂ କୋରାପୁଟ ଜିଲ୍ଲାର ନନ୍ଦପୁର, ହାଡିଆ, ପୁଟ୍ରା, କଙ୍ଗା ପ୍ରଭୃତି ସ୍ଥାନରୁ ଭୈରବ ଏବ ଅନ୍ୟାନ୍ୟ ଦେବୀ ମାନଙ୍କ ପୀଠରୁ ପ୍ରତୀକ ଲାଠି ଆସିଥିଲା । ଚଳିତ ବର୍ଷ ଅବିଭକ୍ତ କୋରାପୁଟ ଜିଲ୍ଲାର ୮୪ଟି ଦେବୀ ପୀଠକୁ ନିମନ୍ତ୍ରଣ ଦଶହରା ଯୋଗଦେବା ପାଇଁ ପ୍ରେରଣ ହୋଇଥିଲା । ଲାଠୀଧାରୀମାନଙ୍କ ପାଇଁ ଜୟପୁର ବାଙ୍କମଠ ଠାରେ ରହିବା ବ୍ୟବସ୍ଥା ଏବଂ ଖାଇବା ବ୍ୟବସ୍ଥା କରାଯାଇଛି । ସେହିପରି ଏହି ଲାଠି ଗୁଡିକ ରାଜମହଲ ଭିତରେ ପ୍ରବେଶ କରିବା ସହ ରାଜାଙ୍କ ଇଷ୍ଟଦେବୀ କନକ ଦୁର୍ଗା ମନ୍ଦିରରେ ପୂଜାର୍ଚ୍ଚନା ପରେ ପୁରୁଣାଗଡ ଦକ୍ଷିଣକାଳୀ ମନ୍ଦିର, ଏବଂ ଦଶହରା ଦିବସରେ ରାତିରେ ଭଗବତୀ ମନ୍ଦିରରେ ପହଞ୍ଚି । ସେଠାରୁ ଅଧିଷ୍ଠାତ୍ରୀ ଦେବୀ ଭଗବତୀ ପ୍ରତମୂର୍ତ୍ତି, ଦକ୍ଷିଣକାଳୀଙ୍କ ପ୍ରତିମୂର୍ତ୍ତି, କନକଦୁର୍ଗାଙ୍କ ପ୍ରତିମୂର୍ତ୍ତି,ବସନ୍ତାୟୀ ଦେବୀଙ୍କ ପ୍ରତିମୂର୍ତ୍ତି ବିମାନ ବିରାଜମାନ ହେବା ସହ ବାହାରରୁ ଆସିଥିବା ଦେବୀ ପୀଠରୁ ପ୍ରତୀକ ଭାବେ ଆସିଥିବା ଲାଠି,ଖଣ୍ଡା ଓ ଗାଦି ବିରାଟ ପଟୁଆରରେ ସାମିଲ ହୋଇ ବାଜାବାଜଣା ଓ ପାଇକ ଆଖଡାରେ ମୁଖ୍ୟରାସ୍ତା ଦେଇ ଦଶହରା ପଡିଆ ଠାରେ ପହଞ୍ଚି ଅପରାଜିତା ପୂଜାରେ ସାମିଲ ହେବା ପରେ ପୁଣି ନିଜ ନିଜ ଅଞ୍ଚଳକୁ ଫେରିଯିବେ ।





































୧୯ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



✓ ବନବାସୀ ସାମଲ
ସ୍ୱାମୀ–✓ଅଧୀକାରୀ ସାମଲ
ଖଡ଼ଗପ୍ରସାଦ,ଢେଙ୍କାନାଳ
ତିରୋଧାନ–୧୨.୧୦.୨୦୦୫
ତୁମ ଆତ୍ମାର ଶାନ୍ତି ଓ ସଦଗତି ନିମନ୍ତେ ଜଗତର ନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାବିନ୍ଦରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ ପରିବାର
ପୁଅ–ବୋହୁ– ରମେଶ,ଅଞ୍ଜଳୀ,ଗଙ୍ଗା,ଗୀତା,ସୁଧିର(ନିଧି),ଅବନ୍ତୀ
ଝିଅ–ଜ୍ୱାଇଁ– ଇନ୍ଦ୍ରମଣୀ,ସୁଧାକର,ସୁଷମା,ପ୍ରତାପ
ନାତି– କୁମାର,ଅବିନାଶ,ଜଗ
ନାତୁଣୀ– ଲିସୁ,ଲିଟୁ,ଲିମା,ଲିଜା,ଲିକି,ଲୋନୀ,ରାନୀ ଓ ସାମଲ ପରିବାର ।

# ନୟାଗଡ଼ ଜିଲ୍ଲାର ବିଭିନ୍ନ ମଣ୍ଡପରେ ମା’ ଜଗଜ୍ଜନନୀ


ନୟାଗଡ଼- ଆଦିଶକ୍ତି


ନୟାଗଡ଼-ରିଜର୍ଭ ପୁଲିସ


ନୟାଗଡ଼- ସାର୍ବଜନୀନ


ନୟାଗଡ଼- ଶିବାଜୀ ନଗର


ଶରଣକୁଳ-ବଣିକସଂଘ


କଣ୍ଟିଲୋ- ହାଟମୁଣ୍ଡପାଟଣା


କଣ୍ଟିଲୋ- କଳାପରିଷଦ


କଣ୍ଟିଲୋ- କୃଷ୍ଣେଶ୍ୱର ପାଟଣା


କଣ୍ଟିଲୋ-ମଠସାହି


କଣ୍ଟିଲୋ-ତଳବଜାର


ଦଶପଲ୍ଲା- ବଣିକ ସଂଘ


ଦଶପଲ୍ଲା- ବସଷ୍ଟାଣ୍ଡ


ପଦ୍ମାବତୀ-କଦମ୍ବସାହି


ପଦ୍ମାବତୀ- ଲକ୍ଷ୍ମୀନୃସିଂହ ସାହି


ପଦ୍ମାବତୀ- ମା’ ଭଙ୍ଗାରିକା ପୂଜା କମିଟି


ପଦ୍ମାବତୀ- ସାନତଳସାହି


ପଦ୍ମାବତୀ- ଥୋରିଆସାହି


ଖଳିସାହି- ଦୁର୍ଗାବଜାର


ଖଳିସାହି-ଲକ୍ଷ୍ମୀବଜାର


ପଦ୍ମାବତୀ- ରାସବିହାରୀସାହି


ପଦ୍ମାବତୀ- ଗିରିଗିରିଆ ସାହି


ପଦ୍ମାବତୀ- ହନୁମାନ ସାହି


ପଦ୍ମାବତୀ- କୈବର୍ତ୍ତସାହି


ପଦ୍ମାବତୀ- ମାଷ୍ଟର କଲୋନୀ


ପଦ୍ମାବତୀ- ରଘୁନାଥସାହି


ଭାପୁର- ବଜାର


ଭାପୁର-ରାମପଡ଼ା


ଗଣିଆ- ମହାବୀର ବଣିକ ସଂଘ


କଣ୍ଟିଲୋ- କଂସାରିସାହି


କଣ୍ଟିଲୋ- ମଝିସାହିପାଟଣା

**ଇଟାମାଟି ଗଣ୍ଡଗୋଳ ଘଟଣା**

## ପ୍ରତ୍ୟୁଷାଙ୍କ ଉପରେ ବର୍ଷିଲେ ଇରାନୀ

ନୟାଗଡ଼,୩୦।୯ (ସମିସ)

ଇଟାମାଟି ଗଣ୍ଡଗୋଳ ଘଟଣାରେ ପୁଲିସ ଉପରେ ଚାପ ସୃଷ୍ଟି କରାଯିବା, ପୁଲିସ ବିନା ଅନୁମତିରେ ଇରାନୀ ରାୟଙ୍କ ବାସଭବନରେ ରାତି ଅଧିଆ ଚଢ଼ଉ କରିବା, ପୂର୍ବତନ କନ୍ଧମାଳ ସାଂସଦ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ନୟାଗଡ଼ରେ ଅସ୍ଥିରତା ସୃଷ୍ଟି କରୁଥିବା ନେଇ ଆଜି ସାମ୍ବାଦିକ ସମ୍ମିଳନୀରେ ବର୍ଷିଛନ୍ତି ବରିଷ୍ଠ ବିଜେଡି ନେତ୍ରୀ ଇରାନୀ ରାୟ। ସିଧାସଳଖ ପ୍ରତ୍ୟୁଷାଙ୍କୁ ଟାର୍ଗେଟ କରି ଇରାନୀ ଖୋଲା ଚ୍ୟାଲେଞ୍ଜ ଦେଇଛନ୍ତି। ଯାହାକୁ ନେଇ ଦୀର୍ଘଦିନ ଧରି ନୀରବ ବସିଥିବା ବିଜେଡି ଶିବିର ଆଜି ଉଷ୍ମ ହେବା ସହ ନୟାଗଡ଼ ଜିଲ୍ଲା ରାଜନୀତି ସରଗରମ ହୋଇଛି। ଇରାନୀ କହିଛନ୍ତି କି ତାଙ୍କ ଅନୁପସ୍ଥିତିରେ ରାତି ଅଧରେ ପୁଲିସ ପାଚେରି ଡେଇଁ ତାଙ୍କ ବାସଭବନରେ ପଶି ଘର ତଲାସୀ କରିଛନ୍ତି। ବିନା ମହିଳା ପୁଲିସ ଏବଂ ବିନା ସର୍ଚ୍ଚ ୱାରେଣ୍ଟରେ ପୁଲିସ ଘର ତଲାସୀ ନେବାକୁ ସେ ନିନ୍ଦା କରିଛନ୍ତି। ଏହା ସହିତ ବିଜେଡି ନେତ୍ରୀ ଭାବେ ତାଙ୍କର ମାନ ସମ୍ମାନ ରହିଥିବା ବେଳେ ତାକୁ କ୍ଷୁଣ୍ଣ କରିବାକୁ ପୂର୍ବତନ ସାଂସଦ ପ୍ରତ୍ୟୁଷା ପୁଲିସ ଦ୍ୱାରା ହୀନ ରାଜନୀତି କରୁଥିବା ସେ କହିଛନ୍ତି। ଘଟଣା କ’ଣ, ଘଟଣାକୁ ତର୍ଜମା ନ କରି ବିଜେଡି ଉପରେ ଆରୋପ ଲଗାଇବା ଏବଂ



କର୍ମୀମାନଙ୍କ ଘରେ ରାତି ଅଧିଆ ଚଢ଼ଉ କରିବା ନିନ୍ଦନୀୟ ବୋଲି କହିଛନ୍ତି। ଇଟାମାଟି ନାରାୟଣୀ ମନ୍ଦିର ପରିଚାଳନା କମିଟି ବୈଠକ ଏବଂ ତାହାର ହିସାବ ନିକାଶକୁ ନେଇ ଗତ ୨୮ ତାରିଖ ରାତିରେ ସଭାପତି ତଥା ବିଜେପି ନେତା ଶ୍ରବଣ କୁମାର ରାମଙ୍କ ଅଧକ୍ଷତାରେ ବୈଠକ ହୋଇଥିଲା। ଏହି ବୈଠକରେ ବିଜେପି, ବିଜେଡି ଓ କଂଗ୍ରେସର କର୍ମକର୍ତ୍ତା ଥିଲେ ବି ଏହା ଗ୍ରାମ୍ୟ କମିଟି ତଥା ଦଶହରା ପୂଜା ଉପଲକ୍ଷେ ବୈଠକ ବସିଥିଲା। ଏହା କୌଣସି ଦଳର କାର୍ଯ୍ୟକ୍ରମ ନଥିଲା। ଏହି ବୈଠକରେ କର୍ମକର୍ତ୍ତା ଚୟନ ପାଇଁ ଗୌଡ ସାହିର କିଛି ବ୍ୟକ୍ତି ପ୍ରସ୍ତାବ ଦେଇଥିଲେ। ଏହି ପ୍ରସ୍ତାବକୁ ନେଇ କମିଟିର ସଭ୍ୟଙ୍କ ମଧ୍ୟରେ ତର୍କବିତର୍କ ହୋଇଥିଲା। ଜନୈକ ସଭ୍ୟ ବିଷ୍ଣୁ ପ୍ରସାଦ ସାହୁଙ୍କ ଉପରେ ଆକ୍ରମଣ ହୋଇଥିଲା। ଏହି ଆକ୍ରମଣକୁ ନେଇ ବିଜେପି ଏବେ ରାଜନୀତି ଆରମ୍ଭ କରିଛି। ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ଗଣ୍ଡଗୋଳକୁ ରାଜନୈତିକ ରୁଟି ସେକୁଛନ୍ତି। ପୁଲିସ ଚାପଗ୍ରସ୍ତ ହୋଇ ରାତି ୧ଟା ସମୟରେ ଇରାନୀଙ୍କ ବାସଭବନ ଉପରେ ଚଢ଼ଉ କରିଥିଲେ। କିନ୍ତୁ ପୁଲିସ କାହାକୁ ପାଇନଥିଲେ। ବିଜେଡି କର୍ମୀଙ୍କ ଘରେ ବି ଚଢ଼ଉ କରିଛନ୍ତି। ଫଳରେ କର୍ମୀମାନେ ଗିରଫ ଭୟରେ ଲୁଚିବାକୁ ବାଧ୍ୟ ହୋଇଛନ୍ତି ବୋଲି କହିବା ସହ ମୋର କର୍ମୀଙ୍କୁ ଜାଣିଶୁଣି ହଇରାଣ କରିବା ପାଇଁ ଉଦ୍ୟମ ଏବଂ ଆଇନରେ ଛନ୍ଦିବାକୁ ପ୍ରୟାସ ହୋଇଛି ବୋଲି ଇରାନୀ କହିଛନ୍ତି। ବିଜେପି କ୍ଷମତା ବଳରେ ପୁଲିସ ଲଗାଇ ମୋ ଘର ଉପରେ ଏଭଳି ଚଢ଼ଉ କରିବା କେତେଦୂର ଠିକ। ଇଟାମାଟି ନାରାୟଣୀ ମନ୍ଦିରର ପରିଚାଳନା କମିଟି ବୈଠକ ହୋଇଥିଲା। ଏଠି ବିଜେଡି କିଭଳି ଦାୟୀ ରହିଲା ବୋଲି ସେ ପ୍ରଶ୍ନ କରିଛନ୍ତି। ନୟାଗଡ ଭଳି ଶାନ୍ତିପୂର୍ଣ୍ଣ ଅଞ୍ଚଳକୁ ପ୍ରତ୍ୟୁଷା ଅଶାନ୍ତ କରିବା ପାଇଁ ଚେଷ୍ଟା ଚଳାଇଛନ୍ତି। ଯାହାର ଜବାବ ଦିଆଯିବ ବୋଲି ଇରାନୀ କହିଛନ୍ତି। ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଛାତ୍ର କଂଗ୍ରେସ ସଭାପତି ନୀଳମାଧବ ପଣ୍ଡା ଉପସ୍ଥିତ ରହିଥିଲେ।

## ନିଖୋଜ ଛାତ୍ର ଦିଲ୍ଲୀରୁ ଉଦ୍ଧାର

ଓଡ଼ଗାଁ, ୩୦।୯ (ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ରଘୁନାଥ ସରକାରୀ ଉଚ୍ଚ ବିଦ୍ୟାଳୟର ନିଖୋଜ ୧୦ମ ଶ୍ରେଣୀ ଛାତ୍ରକୁ ଓଡ଼ଗାଁ ପୁଲିସ ଦିଲ୍ଲୀ ପାର୍ଲ୍ୟାମେଣ୍ଟ ହାଉସ ଷ୍ଟ୍ରିଟ୍ ଥାନା ଲାଲକିଲ୍ଲା ନିକଟ ବଙ୍ଗଳା ସାହେବ ଅଞ୍ଚଳରୁ ଉଦ୍ଧାର କରିଥିବା ଜଣାଯାଇଛି। ନାବାଳକ ଛାତ୍ର ଜଣକ ଗତ ୧୨ତାରିଖରୁ ନିଖୋଜ ରହିଥିଲା। ତେବେ ଆଜି ଓଡ଼ଗାଁ ପୁଲିସ୍ ଦିଲ୍ଲୀରୁ ଉଦ୍ଧାର କରି ସ୍ୱାସ୍ଥ୍ୟ ପରୀକ୍ଷା ପରେ ତାର ପିତାମାତାଙ୍କୁ ହସ୍ତାନ୍ତର କରିଥିଲେ। ସୂଚନା ଥାଉକି ଗତ ୧୨ ତାରିଖ ଶୁକ୍ରବାର ସକାଳ ୧୦ଟା ବେଳେ ସ୍କୁଲକୁ ଯାଉଛି ବୋଲି କହି ସ୍କୁଲ୍ ବ୍ୟାଗ୍ ନେଇ ନାବାଳକ ଜଣକ ଘରୁ ଚାଲି ଆସିଥିଲେ। ହେଲେ ଛୁଟି ପରେ ସେ ଘରକୁ ନଫେରିବାରୁ ସନ୍ଧ୍ୟାରେ ନାବାଳକର ମା’ ପିଙ୍କି ସାହାଣୀ ଓଡ଼ଗାଁ ଥାନାରେ ଅଭିଯୋଗ କରିଥିଲେ।

**ହୋଟେଲରେ ଦେହ ବ୍ୟବସାୟ**

## ଆଖି ବୁଜି ଦେଇଛି ପୁଲିସ୍

ନୟାଗଡ଼,୩୦।୯ (ସମିସ): ନୟାଗଡ଼ ଜିଲ୍ଲା ଇଟାମାଟି ଥାନା ଅଞ୍ଚଳରେ ଥିବା ଏକ ହୋଟେଲରେ ଦେହ ବ୍ୟବସାୟ ହେଉଛି। ଦିନ ରାତି ଏଠାରେ ଦେହ ବ୍ୟବସାୟ ଚାଲୁଥିବା ବେଳେ ଇଟାମାଟି ପୁଲିସ ସବୁ ଜାଣି ଅଜଣା ସାଜୁଛି। କିଛି ବରିଷ୍ଠ ପୁଲିସ ଅଧିକାରୀ ମଧ୍ୟ ସବୁ ଜାଣି ନୀରବ ରହିବା ପଛରେ ଅନେକ କାରଣ ରହିଛି। ନୟାଗଡ଼ରେ ଏଭଳି ଖୁଲମଖୋଲା ଦେହ ବ୍ୟବସାୟ ଚାଲିବା ପୁଲିସ କାର୍ଯ୍ୟପନ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଭୁବନେଶ୍ୱର, ବାଲେଶ୍ୱର ଅଞ୍ଚଳରୁ ଦେହଜୀବୀ ଏଠାକୁ ଆସୁଥିବା ବେଳେ ବଙ୍ଗାଳୀ ଲଳନାଙ୍କ ଡିମାଣ୍ଡ ବେଶୀ ରହିଛି ବୋଲି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି। ଦୀର୍ଘଦିନ ଧରି ଏହି ହୋଟେଲରେ ଦେହ ବ୍ୟବସାୟ ହେଇ ଆସୁଥିବା ବେଳେ କିଛି ମାସ ତଳେ ଏନେଇ ସକାଳରେ ଖବର ପ୍ରକାଶ ପାଇଥିଲା। ଯାହାକୁ ନେଇ ପୁଲିସ ଉକ୍ତ ହୋଟେଲରେ ରେଡ୍ କରିଥିଲା। ରେଡ ସମୟରେ କିଛି ନପାଇ ହୋଟେଲ କର୍ମଚାରୀଙ୍କୁ ରୁମରେ ଭର୍ତ୍ତୀ କରି ନିର୍ଦ୍ଧିମ ଛେଚିଥିଲା। ଯାହାକୁ ନେଇ କିଛି ମାସ ଏହି କାରବାର ବନ୍ଦ ରହିଥିବା ବେଳେ ଜୈନିକ ପୁଲିସ ଅଧିକାରୀଙ୍କ ସହ ଭିତିରିଆ ଡିଲ୍ ହୋଇ ପୁଣିଥରେ ଦେହ ବ୍ୟବସାୟ ଚାଲୁଥିବା ଆଲୋଚନା ହେଉଛି। ଇଟାମାଟି ଥାନାରୁ ପ୍ରେଟୋଲିଂ ଭ୍ୟାନ ବାହାରିଲେ, ହୋଟେଲକୁ ଖବର ମଧ୍ୟ ଦିଆଯାଉଛି। ଯାହାକୁ ନେଇ ହୋଟେଲ ମାଲିକ ଅନ୍ୟାୟସରେ ନିଜର କଳା କାରବାର ଚଳାଉଥିବା ଅଭିଯୋଗ ହୋଇଛି। ନୟାଗଡ଼ ଏସ୍‌ପି ଏବଂ ବରିଷ୍ଠ ପୁଲିସ ଅଧିକାରୀ ଏହା ଉପରେ ତର୍ଜମା କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

# ମନ୍ତ୍ରଧ୍ୱନିରେ କମ୍ପୁଛି ପୂଜା ମଣ୍ଡପ



ଅସ୍ତରଙ୍ଗ,୩୦।୯(ସମିସ): ଅସ୍ତରଙ୍ଗରେ ମା' ଦୁର୍ଗାଙ୍କ ପୂଜା ଯଥାବିଧି ଅନୁଷ୍ଠିତ ହେଉଛି। ଅସ୍ତରଙ୍ଗରେ ଦୁର୍ଗା କ୍ଲବ୍ ସଭାପତି ଦିବ୍ୟଦର୍ଶୀ ବିଶ୍ୱାଳ, ସମ୍ପାଦକ ରବୀନ୍ଦ୍ର ପରିଡ଼ା ଓ ଉପସଭାପତି ପ୍ରକାଶ ବେହେରା ଶାରଦୀୟ ପୂଜା ପରିଚାଳନା କରୁଛନ୍ତି। ଚଳିତବର୍ଷ ତୋରଣରେ ମାୟାପୁରୀ ଇସ୍କନ ମନ୍ଦିର ଶୋଭା ପାଉଛି। ପୂଜକ ମଙ୍ଗରାଜ କର ଓ ଅନ୍ୟ ୪ ଜଣ ସହଯୋଗୀ ପୂଜା କାର୍ଯ୍ୟ କରୁଛନ୍ତି। ସେହିପରି ନଇଗୁଆଁରେ କ୍ୟାପଟେନ୍ ଅଟଳ ବିଶ୍ୱାଳଙ୍କ ନେତୃତ୍ୱରେ ଭବାନୀ ଶଙ୍କର ବଳ, ବିକାଶ ତ୍ରିପାଠୀ, ଲକି ମହାନ୍ତି, ବୁବୁ ବିଶ୍ୱାଳ ଓ ସୁଶାନ୍ତ ତ୍ରିପାଠୀ ପ୍ରମୁଖଙ୍କ ସହ ଯୁବକ ସଂଘର ସଦସ୍ୟ ଓ ଗ୍ରାମବାସୀ ନୀତିକାନ୍ତି ପରିଚାଳନା କରୁଛନ୍ତି।

# ପ୍ରାଚୀ ଗୁରୁ ଧର୍ମ କ୍ଷେତ୍ରରେ ପାର୍ବଣ ପୂଜା



ନୟାହାଟ,୩୦।୯(ସମିସ): ସର୍ବଧର୍ମ ପୀଠ ପ୍ରାଚୀ ଗୁରୁ ଧର୍ମ କ୍ଷେତ୍ରର ଅଧିଷ୍ଠାତ୍ରୀ ଦେବୀ ମା' ଶ୍ୟାମାକାଳୀ ଓ ଦକ୍ଷିଣକାଳୀଙ୍କ ଷୋହଳ ଦିନ ବ୍ୟାପି ପାର୍ବଣ ପୂଜା ଗତକାଲି ଅଷ୍ଟମୀ ତିଥିରେ ଶେଷହୋଇଛି। ଆଶ୍ରମର ମୁଖ୍ୟ ବାବାଜୀ ଦାମୋଦର ଦାସଙ୍କ ତତ୍ତ୍ୱାବଧାନରେ ଚଣ୍ଡୀ ପାଠ, ଓ ପାଶ୍ୱର୍ ଦେବୀ ମା' ବଗଳାମୁଖୀ, ମା' ଭୁବନେଶ୍ୱରୀ, ମା ଧୂମାବତୀ, ମା ଛିନ୍ନମସ୍ତା, ମା ମାତଙ୍ଗୀ, ମା କମଳା, ମା' ତ୍ରିପୁରା, ମା' ଷୋଡ଼ଶୀ, ମା' ଭୈରବୀ, ମା' ତାରା ଦେବୀଙ୍କୁ ପୂଜା କରାଯାଇଥିଲା। ଅଷ୍ଟମୀ ତିଥିରେ ପଣ୍ଡିତ ଶରତ ମିଶ୍ର ମା'ଙ୍କ ସନ୍ଧି ପୂଜା କରିଥିଲେ। ବାବାଜୀ ଅକ୍ଷୟ କୁମାର ଦାସ, ସେବିକା ସବିତା ଦାସ, ଶାନ୍ତି ମା, ଅନୁ ମା, ମିନା ମା, ହର୍ଷ ମା, ସବିତା ମା, ବାସନ୍ତୀ ମା, ସନ୍ତୋଷ ସାହୁ, ଟୁଲୁ ଦଳେଇ, ଧୋବେଇ ଭାଇ, ଟୁନିଆ ଭାଇ ପ୍ରମୁଖ ଭଜନ ଗାନ କରି ଥିଲେ। ଡାକ୍ତର ରତ୍ନାକର ମହାନ୍ତି, ନୀଳମଣି ସାହୁ, ପ୍ରୀତିରଞ୍ଜନ ଦାସ, ମହେଶ ସାହୁ, ବ୍ରଜଭାଇ, ସୁର ଭାଇ, ରମେଶ ଭାଇ, ଗୋବିନ୍ଦ ଭାଇ, ଅଭି ଭାଇ, ଚରଣ ଭାଇ ପ୍ରମୁଖ ପରିଚାଳନା କରିଥିଲେ।

# ବଳଙ୍ଗା ଅଞ୍ଚଳରେ ଦୁର୍ଗାପୂଜା

ବଳଙ୍ଗା,୩୦।୯(ସମିସ): ବଳଙ୍ଗା ଅଞ୍ଚଳରେ ଶାରଦୀୟ ଦୁର୍ଗାପୂଜା ମହା ସମାରୋହରେ ପାଳିତ ହେଉଛି। ବଳଙ୍ଗା ବଜାରରେ ସ୍ଥାୟୀ ମଣ୍ଡପରେ ମା'ଙ୍କ ପୂଜାର୍ଚ୍ଚନା କରାଯାଇଛି। ଲଙ୍କେଶ୍ୱରୀ ବଜାର କମିଟି, ବ୍ୟବସାୟୀ ସଂଘ ଏବଂ ଗ୍ରାମବାସୀଙ୍କ ସହଯୋଗରେ ଏହି ପୂଜା କରାଯାଉଛି। ସେହିପରି ରୂପଦେଇପୁର ଠାରେ ପୂଜା କମିଟି ପରିଚାଳନା କର୍ମକର୍ତ୍ତା ଓ ଗ୍ରାମବାସୀଙ୍କ ଦ୍ୱାରା ଦୁର୍ଗାପୂଜା ଅନୁଷ୍ଠିତ ହେଉଛି। ଗୁଆଳିଗୋରଡ଼ାର ବାଲି ମେଳଣ ପଡ଼ିଆରେ ମଧ୍ୟ ପୂଜା ଅନୁଷ୍ଠିତ ହେଉଛି।

# ରାଧାମାଧବ ପାଟଣା ଉତ୍ସବମୁଖର

କୁଣ୍ଡେଇ,୩୦।୯(ସମିସ): ଶାରଦୀୟ ଦୁର୍ଗାପୂଜା ପାଇଁ କାକଟପୁର ବ୍ଲକ୍ ବାଜପୁର ରାଧାମାଧବ ପାଟଣା ଗ୍ରାମବାସୀଙ୍କ ସହଯୋଗରେ ନୃସିଂହନାଥ ୟୁଥ୍ କ୍ଲବ୍ ଦ୍ୱାରା ସାର୍ବଜନୀନ ଦୁର୍ଗାପୂଜା ୨ ବର୍ଷ ହେଲା ଅନୁଷ୍ଠିତ ହୋଇଆସୁଛି। ସେଥିପାଇଁ ଆଜି ସମଗ୍ର ଗ୍ରାମ ଉତ୍ସବମୁଖର ହୋଇଛି। ରଙ୍ଗିନ ଆଲୋକ ମାଳାରେ ନବବଧୂଟିଏ ଭଳି ସଜେଇ ହୋଇଛି ଗ୍ରାମ ଆରମ୍ଭରୁ ପୂଜା ମଣ୍ଡପ ପର୍ଯ୍ୟନ୍ତ। ଏହି ପୂଜାରେ ଗ୍ରାମର ସବୁ ବର୍ଗର ଲୋକେ ସାମିଲ୍ ହୋଇଛନ୍ତି।

# ଗାଁ ମୁରବୀ ଯୋଗେନ୍ଦ୍ର ମହାରଣାଙ୍କ ପରଲୋକ

ଚାରିଛକ,୩୦।୯(ସମିସ): ନିମାପଡ଼ା ବ୍ଲକ୍ ଛଣିଜଙ୍ଗ ପଞ୍ଚାୟତ ଖୋରଡ଼ ଗ୍ରାମର ମୁରବୀ ଯୋଗେନ୍ଦ୍ର ମହାରଣା (୭୨)ଙ୍କ ହୃଦ୍‌ଘାତରେ ସୋମବାର ପରଲୋକ ହୋଇଯାଇଛି। ତାଙ୍କ ବିୟୋଗରେ ସ୍ଥାନୀୟ ସରପଞ୍ଚ ଅଜୟ ପରିଡା ସମେତ ସ୍ଥାନୀୟ ଅଂଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଖୋରଡସ୍ଥିତ ବାସ ଭବନରେ ପହଞ୍ଚି ଶେଷଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ପୁରୀ ସ୍ୱର୍ଗଦ୍ୱାର ଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ବଡ଼ପୁଅ ସୁଧୀର ମୁଖାଗ୍ନି ଦେଇଥିଲେ।

# ସତ୍ୟବାଦୀରେ ଶାରଦୀୟ ଦୁର୍ଗାପୂଜା

ସାକ୍ଷୀଗୋପାଳ,୩୦।୯(ସମିସ): ଶାରଦୀୟ ପୂଜା ଉତ୍ସବ ଅବସରରେ ଲଗ୍ନ ନିର୍ଘଣ୍ଟ ଅନୁସାରେ ନିକଟସ୍ଥ ପୀଠ ଗୁଡ଼ିକରେ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ସୁସଜ୍ଜିତ ମେଢ଼ ଓ ମଣ୍ଡପରେ ମା' ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ସ୍ଥାପନ କରାଯାଇ ପୂଜାର୍ଚ୍ଚନା ଆରମ୍ଭ ହୋଇଛି। ଏହି ଅବସରରେ ସୋମବାର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। କଳସ ବରଣ ପରେ ସପ୍ତମୀ ପୂଜା ମା'ଙ୍କୁ କରାଯାଇଥିଲା। ଆଜି ଅଷ୍ଟମୀ ପୂଜା ଅନୁଷ୍ଠିତ ହେଉଛି। ସାକ୍ଷୀଗୋପାଳ ନିୟନ୍ତ୍ରିତ ବଜାର କମିଟି ପରିସର ଓ ରେଳ ଷ୍ଟେସନ ପଡ଼ିଆରେ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଛି।




































# ନିପୁରରେ ମେଡିକାଲ କଲେଜ ଦାବି

ଜଗତସିଂହପୁର,୩୦।୯ (ସମିସ): ଜଗତସିଂହପୁର ଜିଲ୍ଲାର ନିପୁରଠାରେ ପ୍ରତିଷ୍ଠା ହେବ ମେଡିକାଲ କଲେଜ । ଯଦିଓ ବିଧିବଦ୍ଧ ଭାବେ ଏ ସମ୍ପର୍କରେ ଘୋଷଣା ହୋଇନାହିଁ, ତଥାପି ସ୍ଥାନ ଚିହ୍ନଟ ପ୍ରକ୍ରିୟା ଏକପ୍ରକାର ଚୂଡ଼ାନ୍ତ ହୋଇଥିବା ସୂଚନା ମିଳିଛି । ଜଗତସିଂହପୁର ସଦର ବ୍ଲକ୍ ଅନ୍ତର୍ଗତ ନିପୁରଠାରେ ଆବଶ୍ୟକତା ପୂରଣ କଲାଭଳି ସରକାରୀ ଜମି ଥିବାରୁ ଏଠାରେ ହିଁ ମେଡିକାଲ କଲେଜ ପ୍ରତିଷ୍ଠା କରାଯିବା ପାଇଁ ଜିଲ୍ଲା ବିଜେପି ସଭାପତି ପ୍ରତାପ କୁମାର ମିଶ୍ର ମୁଖ୍ୟମନ୍ତ୍ରୀଙ୍କୁ ଭେଟି ସମସ୍ତ ବିଷୟରେ ଆଲୋଚନା କରିବା ସହିତ ଦାବିପତ୍ର ପ୍ରଦାନ କରିଛନ୍ତି । ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ରହିଥିବା ଗାଇଡ୍ ଲାଇନକୁ ମଧ୍ୟ ଏହି ସ୍ଥାନ ପୂରଣ କରୁଥିବା ଶ୍ରୀ ମିଶ୍ର ପ୍ରକାଶ କରିବା ସହିତ ଯଥାଶୀଘ୍ର ଏଥିପାଇଁ ପ୍ରକ୍ରିୟା ଆରମ୍ଭ ହେବ ବୋଲି ସୂଚନା ଦେଇଛନ୍ତି । ସୂଚନା ମୁତାବକ, ଜଗତସିଂହପୁର ଜିଲ୍ଲାର ବିଭିନ୍ନ ସଂଗଠନ ପକ୍ଷରୁ ଜିଲ୍ଲାରେ ମେଡିକାଲ କଲେଜ ଖୋଲିବା ଦାବିରେ ବର୍ଷ ବର୍ଷ ଧରି ଆନ୍ଦୋଳନ, ଗଣଧାରଣା, ପଦଯାତ୍ରା ଓ ବଜାର ବନ୍ଦ ଭଳି କାର୍ଯ୍ୟକ୍ରମ କରାଯାଇଥିବାବେଳେ ୨୦୨୪ ବିଧାନସଭା ନିର୍ବାଚନ ସମୟରେ ଏହା ପ୍ରମୁଖ ମୁଦ୍ଦା ଭାବେ ଉଭା ହୋଇଥିଲା । ନିର୍ବାଚନ ପରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଜିଲ୍ଲାର ଜନପ୍ରତିନିଧି ସ୍ୱର ଉତ୍ତୋଳନ କରିବାକୁ ଜିଲ୍ଲାବାସୀଙ୍କ ପକ୍ଷରୁ ପୂର୍ବରୁ ଆନ୍ଦୋଳନ ଚଲାଇ ଆସିଥିବା ସଂଗଠନ ଦାବି କରିଥିଲେ । ଏହାକୁ ଦୃଷ୍ଟିରେ ରଖି ଜିଲ୍ଲାବାସୀଙ୍କ ବୃହତ ସ୍ୱାର୍ଥରକ୍ଷା ପାଇଁ ଓଡ଼ିଶା ବିଧାନସଭାରେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଓ ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ମେଡିକାଲ କଲେଜ ପ୍ରତିଷ୍ଠା ପ୍ରସଙ୍ଗ ଉଠାଇଥିଲେ । ସେହିପରି ଜଗତସିଂହପୁର ସାଂସଦ ବିଭୁପ୍ରସାଦ ତରାଇ ମଧ୍ୟ ଜିଲ୍ଲାରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଲୋକସଭାରେ ପ୍ରସଙ୍ଗ ଉଠାଇଥିଲେ । ଶେଷରେ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଓଡ଼ିଶାରେ ୮ଟି ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଗତ ମାର୍ଚ୍ଚ ମାସରେ ଅନୁମତି ପ୍ରଦାନ କରିଥିଲେ । ଏହାକୁ ଆଧାର କରି ଓ ଆବଶ୍ୟକତା ଦୃଷ୍ଟିରୁ ଗତ ମାର୍ଚ୍ଚ ମାସ ଶେଷ ଭାଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଜଗତସିଂହପୁର ଜିଲ୍ଲାରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଅନୁମୋଦନ ଲାଭ କରିଥିବା ତାଙ୍କ ବିଧାନସଭା ଅଭିଭାଷଣ ସମୟରେ ସୂଚନା ଦେଇଥିଲେ । ତେବେ ଜିଲ୍ଲାର କେଉଁ ସ୍ଥାନରେ ମେଡିକାଲ କଲେଜ ପ୍ରତିଷ୍ଠା କରାଯିବ, ତାହାକୁ ନେଇ ସାମାଜିକ ଗଣମାଧ୍ୟମରେ ବେଶ୍ କିଛିଦିନ ବାଦବିବାଦ ମଧ୍ୟ ଚାଲିଥିଲା । ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଆନ୍ଦୋଳନକୁ ଓହ୍ଲାଇଥିବା ଜଗତସିଂହପୁର ଜିଲ୍ଲା ସ୍ୱାସ୍ଥ୍ୟ ସୁରକ୍ଷା ମଞ୍ଚ ସଦର ବ୍ଲକ୍ ଅନ୍ତର୍ଗତ ନିପୁରଠାରେ ଏହା ପ୍ରତିଷ୍ଠା କରାଯାଉ ବୋଲି ଦାବି କରିଆସୁଥିବା ଓ କେତେକ ସଂଗଠନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଥିବା ସ୍ଥାନରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଦାବି ଜଣାଇଥିଲେ ।

# ରଘୁନାଥଜୀଉ ମନ୍ଦିରରେ ରାମ ଚରିତ ମାନସ

ରଘୁନାଥପୁର,୩୦।୯ (ସମିସ): ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ୍ ଅନ୍ତର୍ଗତ ରେଡୁଆସ୍ଥ ରଘୁନାଥଜୀଉ ମନ୍ଦିରରେ ଶ୍ରୀରାମ ଚରିତ ମାନସ ପାରାୟଣ ଓ ପ୍ରବଚନ ଅନୁଷ୍ଠିତ ହୋଇଯାଇଛି । ଆଶ୍ୱିନ ମାସ ପ୍ରତିପଦ ଦିନ ନବାହ୍ନ ପାରାୟଣ ଅଧିବାସ ଆରମ୍ଭ ହୋଇ ରଘୁନାଥଜୀଉଙ୍କ ପ୍ରତିମୂର୍ତ୍ତି ବିଭିନ୍ନ ଗାଁ ବୁଲିଲା ବେଳେ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଥିଲା । ୯ ଦିନ ବ୍ୟାପି ଏହି ପ୍ରବଚନ କାର୍ଯ୍ୟକ୍ରମ ଚାଲିଥିବାବେଳେ ନବମୀ ଦିନ ହିଁ କାର୍ଯ୍ୟକ୍ରମ ଶେଷ ହୋଇଥାଏ । ରଘୁନାଥଜୀଉ ମନ୍ଦିରର ପ୍ରତିଷ୍ଠାତା ତଥା ପ୍ରତିବର୍ଷ ବିଭିନ୍ନ କାର୍ଯ୍ୟକ୍ରମର ମୁଖ୍ୟ ପୁରୋଧା ସାଜିଥିବା ମଙ୍ଗଳ ଦାସମହାରାଜ ନିଜେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଚଳିତ ବର୍ଷ ବିଭିନ୍ନ ଜିଲ୍ଲାର ପ୍ରବଚକ ରାମାୟଣ, ମହାଭାରତ କଥାବସ୍ତୁ ଉପରେ ଜନସାଧାରଣଙ୍କୁ ମୋହିତ କରିଥିଲେ ।

# ବିଇଓଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ନାଉଗାଁ,୩୦।୯ (ସମିସ): ଜଗତସିଂପୁର ଜିଲ୍ଲା ନାଉଗାଁ ବ୍ଲକ୍ ଶିକ୍ଷାଧିକାରୀ ଉମେଶ ଚନ୍ଦ୍ର ରାଉତଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ବ୍ଲକ୍ କାର୍ଯ୍ୟାଳୟରେ ଆୟୋଜିତ ସଭାରେ ବିଇଓ ଶ୍ରୀ ରାଉତଙ୍କ ସହକର୍ମୀ ପୁଷ୍ପଗୁଚ୍ଛ, ମାନପତ୍ର, ଉପଢ଼ୌକନ ଦେଇ ତାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦେଇଥିଲେ । ଶିକ୍ଷକ ଶିକ୍ଷୟିତ୍ରୀ ତାଙ୍କର ନିଷ୍ଠାପଣ ଓ ସମୟାନୁବର୍ତ୍ତିତା ଆଦିର ଗୁଣଗାନ କରିଥିଲେ । ଶ୍ରୀ ରାଉତ ନାଉଗାଁ ବ୍ଲକ୍ ଅନ୍ତର୍ଗତ ରୋହିଆ ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ । ୧୯୮୮ରେ ସେ ସହକାରୀ ବିଜ୍ଞାନ ଶିକ୍ଷକ ଭାବେ ଆର୍ତ୍ତତ୍ରାଣ ବିଦ୍ୟାପୀଠରେ କାର୍ଯ୍ୟ ଆରମ୍ଭ କରିଥିଲେ । ସେ ୨୦୨୦ରେ ରୋହିଆ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଦାୟିତ୍ୱରେ ଥିବାବେଳେ ସ୍କୁଲର ୫୦ ବର୍ଷ ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ରାଜ୍ୟପାଳଙ୍କ କାର୍ଯ୍ୟସୂଚୀକୁ ସୁଚାରୁରୂପେ ତୁଲାଇଥିଲେ । ୨୦୨୫ ମସିହାରେ ପଦନ୍ନୋତି ପାଇ ନାଉଗାଁ ବ୍ଲକ୍ ଶିକ୍ଷା ଅଧିକାରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଡାକ୍ତର ସୁଶାନ୍ତ ମହାନ୍ତି, ସିଆରସିସି ବୃନ୍ଦ, ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀ ଓ ସହକାରୀ ଶିକ୍ଷକ ଯୋଗ ଦେଇଥିଲେ । ଉତ୍ସବକୁ କାର୍ଯ୍ୟାଳୟର କର୍ମଚାରୀ ଓ ସିଆରସିସି ପରିଚାଳନା କରିଥିଲେ ।




































## ୧୯ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



✓ ବନବାସୀ ସାମଲ
ସ୍ୱାମୀ– ✓ଅଧୀକାରୀ ସାମଲ
ଖଡ଼ଗପ୍ରସାଦ,ଢେଙ୍କାନାଳ
ତିରୋଧାନ–୧୨.୧୦.୨୦୦୫
ତୁମ ଆତ୍ମାର ଶାନ୍ତି ଓ ସଦଗତି ନିମନ୍ତେ ଜଗତର ନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାବିନ୍ଦରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ ପରିବାର
ପୁଅ–ବୋହୂ– ରମେଶ,ଅଞ୍ଜଳୀ,ଗଙ୍ଗା,ଗୀତା,ସୁଧିର(ନିଧି),ଅବନ୍ତୀ
ଝିଅ–ଜ୍ୱାଇଁ– ଇନ୍ଦ୍ରମଣୀ,ସୁଧାକର,ସୁଷମା,ପ୍ରତାପ
ନାତି– କୁମାର,ଅବିନାଶ,ଜଗ
ନାତୁଣୀ– ଲିସୁ,ଲିଟୁ,ଲିମା,ଲିଜା,ଲିକି,ଲୋନୀ,ରାନୀ ଓ ସାମଲ ପରିବାର ।


ମା' ଶାରଳାଙ୍କ ସନ୍ଧି ପୂଜା ବେଶ

# ବାଲିକୁଦାରେ ଦୁର୍ଗାପୂଜା


କାଠଗୋଲା ଛକ ମୁକ୍ତେଶ୍ୱର ମହାଦେବ ପୂଜା କମିଟି


ବାଲିକୁଦା ବସ୍‌ଷ୍ଟାଣ୍ଡ ଦୁର୍ଗାପୂଜା କମିଟି


ମାଛଗାଁ ଦୁର୍ଗା ବଜାର ପୂଜା କମିଟି


ମାଛଗାଁ ଶିବ ପାର୍ବତୀ ପୂଜା କମିଟି



# ଦୁର୍ଗାପୂଜାରେ ତିର୍ତ୍ତୋଲ ଉତ୍ସବମୁଖର

ତିର୍ତ୍ତୋଲ,୩୦।୯ (ସମିସ): ଦୁର୍ଗାପୂଜାରେ ତିର୍ତ୍ତୋଲ ଉତ୍ସବମୁଖର ହୋଇଉଠିଛି। ତିର୍ତ୍ତୋଲ ଜନସାଧାରଣଙ୍କ ସହଯୋଗରେ ତିର୍ତ୍ତୋଲ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରାଙ୍ଗଣରେ ସାର୍ବଜନୀନ ଦୁର୍ଗାପୂଜା ଅନୁଷ୍ଠିତ ହେଉଛି। ପୂଜା ମଣ୍ଡପରେ ମା' ଦୁର୍ଗାଙ୍କ ମୃଣ୍ମୟ ମୂର୍ତ୍ତି ଶୋଭା ପାଉଛି। ଗତକାଲି ସପ୍ତମୀ ପୂଜା ପୂଜକ ମିହିର ରଞ୍ଜନ ପଣ୍ଡା ଓ ବୈଦିକ ପଣ୍ଡିତଙ୍କ ଦ୍ୱାରା ସମ୍ପନ୍ନ ହୋଇଥିବାବେଳେ ଆଜି ମହାଷ୍ଟମୀ ପୂଜା ଅନୁଷ୍ଠିତ ହୋଇଛି। ପୂଜା ମଣ୍ଡପ ସୁଉଚ୍ଚ ତୋରଣ ଓ ଆକର୍ଷଣୀୟ ମେଢ଼, ରଙ୍ଗୀନ ଆଲୋମାଳାରେ ସଜ୍ଜିତ ହୋଇଛି। ମା' ଦୁର୍ଗାଙ୍କ ସ୍ତୋତ୍ର ପାଠ ଓ ଘଣ୍ଟ ଘଣ୍ଟା ହୁଳହୁଳିରେ ସ୍ଥାନୀୟ ଅଞ୍ଚଳରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି। ସନ୍ଧ୍ୟାରେ ପୂଜା ମଣ୍ଡପରେ ଜନସାଧାରଣଙ୍କ ଭିଡ଼ ଲାଗି ରହିଛି। ପୂଜା କମିଟି ପକ୍ଷରୁ ଭଜନ ସନ୍ଧ୍ୟା, ନୃତ୍ୟ ଓ ସଙ୍ଗୀତ ଆଦି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି।

### ସ୍ଥାଣୁ ପାଲଟିଛି ପ୍ରଶାସନ; ଦୁର୍ଦ୍ଦଶା ଭୋଗୁଛନ୍ତି ସାଧାରଣ ଜନତା

# ଯୋଜନାର ସମୀକ୍ଷା ଚାଲିଛି, ହେଉନି କାର୍ଯ୍ୟାନୁଷ୍ଠାନ

ଜଗତସିଂହପୁର,୩୦।୯ (ସମିସ): ଜଗତସିଂହପୁର ଜିଲ୍ଲା ଏକ ଶିକ୍ଷିତ ଓ ସଚେତନ ଜିଲ୍ଲା ଭାବେ ସମଗ୍ର ଓଡ଼ିଶାରେ ସ୍ୱତନ୍ତ୍ର ସ୍ଥାନ ଗ୍ରହଣ କରିଆସିଛି। ସ୍ୱାଧୀନତା ସଂଗ୍ରାମଠାରୁ ଆରମ୍ଭ କରି ଓଡ଼ିଶାର ରାଜନୀତି, କଳା, ସାହିତ୍ୟ, ସଂସ୍କୃତି ଓ ବିଜ୍ଞାନ କ୍ଷେତ୍ରକୁ ଜଗତସିଂହପୁର ଜିଲ୍ଲାର ବଡ଼ ଅବଦାନ ରହିଛି। ତେବେ ସାମ୍ପ୍ରତିକ ସମୟରେ ଜିଲ୍ଲାର ପ୍ରଶାସନିକ ବ୍ୟବସ୍ଥା ସ୍ଥାଣୁ ପାଲଟିଥିବାବେଳେ ଜନପ୍ରତିନିଧିଙ୍କ ନିଷ୍କ୍ରିୟତା କାରଣରୁ ଜିଲ୍ଲାର ବିକାଶ ପ୍ରକ୍ରିୟାରେ ଏକପ୍ରକାର ବ୍ରେକ୍ ଲାଗିଲା ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ପ୍ରଶାସନ ପକ୍ଷରୁ ଯୋଜନାର ସମୀକ୍ଷା ଚାଲିଥିଲେ ହେଁ କାର୍ଯ୍ୟାନୁଷ୍ଠାନ ହେଉନି। ଫଳରେ ସାଧାରଣ ଜନତା ଦୁର୍ଦ୍ଦଶା ଭୋଗୁଥିବା ଅଭିଯୋଗ ହେଉଛି।

ଜିଲ୍ଲାର ୪ ଜଣ ବିଧାୟକଙ୍କ ମଧ୍ୟରୁ ୨ ଜଣ ଶାସକ ବିଜେପିର ହୋଇଥିବାବେଳେ ୨ ଜଣ ବିରୋଧୀ ବିଜେଡିର। ସେହିପରି ପାରାଦୀପ ବିଧାୟକ ସମ୍ପଦ ଚନ୍ଦ୍ର ସ୍ୱାଇଁ ରାଜ୍ୟ ସରକାରରେ ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗ ମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଉଛନ୍ତି। ଅନ୍ୟପକ୍ଷରେ ଜଗତସିଂହପୁର ଲୋକସଭା ଆସନରେ ଶାସକ ବିଜେପିର ବିଭୂପ୍ରସାଦ ତରାଇ ସାଂସଦ ଅଛନ୍ତି। ତେବେ ଶାସକ ଦଳ ନେତାଙ୍କ ମଧ୍ୟରେ ବିଭେଦ କାରଣରୁ ସରକାରୀ ବ୍ୟବସ୍ଥା ସଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରୁ ନ ଥିବା ଅଭିଯୋଗ ହେଉଛି। ବିଭିନ୍ନ ବିଭାଗର କାର୍ଯ୍ୟକ୍ରମକୁ ନେଇ ସଭା ଓ ସମୀକ୍ଷା ବୈଠକ ମଧ୍ୟ ପ୍ରଶାସନ ପକ୍ଷରୁ କରାଯାଉଛି। ପ୍ରାୟ ସମସ୍ତ ବୈଠକରେ ରାଜନୀତିରୁ ଊର୍ଦ୍ଧ୍ୱରେ ରହି ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ପାଇଁ କାମ କରିବାକୁ ଦଳମତ ନିର୍ବିଶେଷରେ ଆହ୍ୱାନ ଦିଆଯାଉଛି। ତେବେ ଜିଲ୍ଲାର ଜନପ୍ରତିନିଧି ଓ ପ୍ରଶାସନ ମଧ୍ୟରେ ସମନ୍ୱୟର ଅଭାବ କାରଣରୁ ବିକାଶ ପ୍ରକ୍ରିୟା ଏକପ୍ରକାର ଶିଥିଳ ହୋଇପଡିଛି କହିଲେ ଅତ୍ୟୁକ୍ତି ହେବନାହିଁ।

ଖୋଦ୍ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ପଡ଼ିଆ ଓ ରାସ୍ତାର ଦୁରବସ୍ଥା, ଜିଲ୍ଲା ସଦର ମହକୁମା ଅଞ୍ଚଳରେ ବିପର୍ଯ୍ୟସ୍ତ ରାସ୍ତାଘାଟକୁ ଦେଖିଲେ କିପରି ବିକାଶ ଚାଲିଛି, ତାହା ସହଜେ ଅନୁମେୟ। ଜଳ ନିଷ୍କାସନ ବ୍ୟବସ୍ଥା ସମ୍ପୂର୍ଣ୍ଣ ଫେଲ୍ ମାରିଥିବାରୁ ଅସରାଏ ବର୍ଷାରେ ଜଗତସିଂହପୁର ସହରର ଅନେକ ଅଞ୍ଚଳ ଜଳାର୍ଣ୍ଣବ ହୋଇ ଲୋକଙ୍କ ଦୁର୍ଦ୍ଦଶାର କାରଣ ପାଲଟୁଛି। ବିଦ୍ୟାଳୟରେ ଆବଶ୍ୟକତା ଅନୁସାରେ ଶିକ୍ଷକ ନାହାନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ ଜିଲ୍ଲାର ଅନ୍ୟ ଚିକିତ୍ସାଳୟରେ ଡାକ୍ତର ମରୁଡ଼ି ପରିସ୍ଥିତି ଲାଗି ରହିଛି। ଫଳରେ ଦୁଇଟି ମୌଳିକ ଆବଶ୍ୟକତା ଶିକ୍ଷାଦାନ ଓ ରୋଗୀ ସେବା ଗୁରୁତର ଭାବେ ବାଧାପ୍ରାପ୍ତ ହେଉଛି। ସେହିପରି ଜଗତସିଂହପୁର ସଦର ଥାନା ସମେତ ଅନ୍ୟ ଥାନାମାନଙ୍କରେ ପୁଲିସ ଅଧିକାରୀ ଓ କର୍ମଚାରୀ ସଂଖ୍ୟା ମଧ୍ୟ ଆବଶ୍ୟକତାକୁ ପୂରଣ କରିପାରୁନାହିଁ। ଅବକାରୀ ବିଭାଗ ଓ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ମଧ୍ୟ ସମାନ ପରିସ୍ଥିତି। ଫଳରେ ବିଭାଗୀୟ କାର୍ଯ୍ୟରେ ବାଧା ସୃଷ୍ଟି ହେଉଥିବା ପରିଲକ୍ଷିତ ହେଉଛି। ଶାସକ ଦଳ ନେତାଙ୍କ ମଧ୍ୟରେ ଫାଟ ଓ ପ୍ରଶାସନିକ ବ୍ୟବସ୍ଥାରେ ତାଳମେଳ ଅଭାବ ଯୋଗୁଁ ଜଳସେଚନ, ଜଳ ନିଷ୍କାସନ ଓ ରାସ୍ତାଘାଟ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରୁ ନ ଥିବା ସାଧାରଣରେ ଅଭିଯୋଗ ହେଉଛି। ଏପରିକି ଖୋଦ୍ ଶାସକ ଦଳ ବିଧାୟକଙ୍କ ଚିଠିକୁ ମଧ୍ୟ ଜିଲ୍ଲା ପ୍ରଶାସନ ଅଣଦେଖା କରୁଥିବା ଉଦାହରଣ ରହିଛି। ତେଣୁ ଖାଲି କଥାରେ ନୁହେଁ, ରାଜନେତା ଓ ପ୍ରଶାସନିକ ଅଧିକାରୀ ନିଜ ମଧ୍ୟରେ ସମନ୍ୱୟ ରକ୍ଷା କରି ଜିଲ୍ଲାର ବିକାଶ ଦିଗରେ କାମ କରିବାକୁ ଜିଲ୍ଲାବାସୀ ଦାବି କରିଛନ୍ତି।

# ହୃଦଘାତରେ ଧର୍ମପ୍ରାଣ ମହିଳାଙ୍କ ପରଲୋକ

ରଘୁନାଥପୁର,୩୦।୯ (ସମିସ): ଅଢେଇକୂଳ ପଞ୍ଚାୟତର ସମିତିସଭ୍ୟା ଶ୍ରୀମତୀ ଗୀତାଞ୍ଜଳି ପଣ୍ଡାଙ୍କ ଶାଶୂ ଶ୍ରୀମତୀ ଆଶାଲତା ପଣ୍ଡା(୬୮)ଙ୍କ ହୃଦଘାତରେ ମଙ୍ଗଳବାର ସକାଳେ ମୃତ୍ୟୁ ଘଟିଛି। ସେ ଜଣେ ଧର୍ମପରାୟଣ, ପରୋପକାରୀ ମହିଳା ଥିଲେ। ତାଙ୍କ ବିୟୋଗରେ ଅଢେଇକୂଳ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ବହୁ ମାନ୍ୟଗଣ୍ୟ ଓ ରାଜନୈତିକ ବ୍ୟକ୍ତି ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।



ମର ଶରୀରକୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡ଼ପୁଅ ଜ୍ୟୋତିରଞ୍ଜନ ପଣ୍ଡା ମୁଖାଗ୍ନି ଦେଇଥିଲେ।

# ଶିଖର ଦେବୀ ନଦୀ ବନ୍ଧ ନିକଟରୁ ଯୁବକଙ୍କ ମୃତଦେହ ଉଦ୍ଧାର

ନାଉଗାଁ,୩୦।୯ (ସମିସ): ନାଉଗାଁ ଥାନା ଅନ୍ତର୍ଗତ ଶିଖର ଦେବୀନଦୀ ବନ୍ଧର ବାଇଁଆପଡ଼ା ଗ୍ରାମ ନିକଟରୁ ଯୁବକଙ୍କ ଗଳିତ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ଏହି ମୃତଦେହ ଦେଖି ଗ୍ରାମବାସୀ ନାଉଗାଁ ଅଗ୍ନିଶମ ବାହିନୀ ଓ ନାଉଗାଁ ପୁଲିସକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲା। ନାଉଗାଁ ପୁଲିସ ପହଞ୍ଚି ମୃତ ଦେହକୁ ନିଜ ହେପାଜତକୁ ନେଇ ଘଟଣାର ତଦନ୍ତ ଆରମ୍ଭ କରିଛି।

# ଦୁର୍ଗାପୂଜାରେ ଉତ୍କଳ ସୁପୁତ୍ର ସଂଗଠନ ପକ୍ଷରୁ ଦହିପଣା ବଣ୍ଟନ



ନାଉଗାଁ,୩୦।୯ (ସମିସ): ଶାରଦୀୟ ଦୁର୍ଗାପୂଜା ଉପଲକ୍ଷେ ନାଉଗାଁ ବ୍ଲକ୍‌ରେ ଉତ୍କଳ ସୁପୁତ୍ର ସଂଗଠନ ସଭାପତି ଆଶୁତୋଷ ଲେଙ୍କାଙ୍କ ନେତୃତ୍ୱରେ ଭକ୍ତଙ୍କୁ ଦହିପଣା ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସଂଗଠନର ସଦସ୍ୟ ଦୀପକ କାଳିଆ, ବିଶ୍ୱରଞ୍ଜନ ରାଉଳ, ଅଚ୍ୟୁତ ମୁଦୁଲି, ଦେବସ୍ମାନ ସ୍ୱାଇଁ, ଅଶୋକ ଓଝା, ଆଶୁତୋଷ ପରିଡା, ପ୍ରଦୀପ ରାଉତ, ନିହାର ବେହେରା ପ୍ରମୁଖ ଯୋଗ ଦେଇଥିଲେ।

# କୁଜଙ୍ଗ ପାଇଁ ଗୌରବ ଆଣିଲେ ଆକାଶ

କୁଜଙ୍ଗ,୩୦।୯ (ସମିସ): କୁଜଙ୍ଗର ଆକାଶ ନାୟକ ଓଡ଼ିଶା ପ୍ରାଶାସନିକ ସେବା ପରୀକ୍ଷାରେ ସମଗ୍ର ରାଜ୍ୟରେ ୨୫ତମ ସ୍ଥାନ ଅଧିକାର କରି ନିଜ ପାଇଁ ତଥା ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। କୁଜଙ୍ଗ ଜଳଧରପୁର ନିବାସୀ ରମେଶ ଚନ୍ଦ୍ର ନାୟକ ଓ ବିନୋଦିନୀ ସ୍ୱାଇଁ ପୁଅ ଆକାଶ ଓସିଏସ୍ ପରୀକ୍ଷାରେ ୨୫ତମ ସ୍ଥାନ ହାସଲ କରି ସଫଳତା ପାଇଛନ୍ତି। ଜିଲ୍ଲାରେ ଲୋକାଲ ଫଣ୍ଡ ଅଡିଟ୍ ରୂପେ କାର୍ଯ୍ୟରତ ଏହି ଯୁବ ପ୍ରତିଭା ସଫଳତା ପାଇଁ ପିତାମାତାଙ୍କ ଆଶୀର୍ବାଦ ଓ ଦୃଢ଼ ଇଚ୍ଛାଶକ୍ତି ବଳରେ ସମ୍ଭବ ବୋଲି କହିଛନ୍ତି। ତାଙ୍କର ଏହି ସଫଳତା ଫଳରେ କୁଜଙ୍ଗ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି। ସତ୍ୟସାଇ ସେବା ସଂଗଠନ ଜିଲ୍ଲା ସଭାପତି ଦାମୋଦର ସ୍ୱାଇଁ, ଫ୍ରେଣ୍ଡସ ଫର୍ମ ଏଭର ପକ୍ଷରୁ ଶିବ କୁମାର ସାହୁ, ମଡେଲ ପବ୍ଲିକ୍ ସ୍କୁଲ୍ ଅଧ୍ୟକ୍ଷ ଅଶୋକ ମହାନ୍ତି ପ୍ରମୁଖ ଆକାଶଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



# ଅଶୋକଝରରେ ସମ୍ବର୍ଦ୍ଧନା ଉତ୍ସବ

ସୁକିନ୍ଦା,୩୦।୯ (ସମିସ): ଯାଜପୁର ଜିଲ୍ଲା ସୁକିନ୍ଦା ବ୍ଲକ ଅନ୍ତର୍ଗତ ଲେମ୍ବୋ ପଞ୍ଚାୟତ ସ୍ଥିତ ଅଶୋକଝର ଉଚ୍ଚବିଦ୍ୟାଳୟର ପୂର୍ବତନ ଛାତ୍ର ସଂସଦ ପକ୍ଷରୁ ଏକ ମିଳିତ ଅବସର କାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗତ ୧୯୮୬ ମସିହା ଠାରୁ ଆଜି ପର୍ଯ୍ୟନ୍ତ ଅବସର ଗ୍ରହଣ କରିଥିବା ଏହି ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ କର୍ମଚାରୀଙ୍କୁ ଗୋଟିଏ ମଞ୍ଚରେ ଏକାଠି କରି ସମ୍ବର୍ଦ୍ଧନା ଜଣାଇବା ଲକ୍ଷ୍ୟରେ ପୂର୍ବତନ ଛାତ୍ର ସଂସଦ ପକ୍ଷରୁ ଏହି ନିଆରା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପୂର୍ବତନ ସରପଞ୍ଚ ତଥା ପୂର୍ବତନ ଛାତ୍ର ଉଦୟ ନାରାୟଣ ସିଂ ଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ସୁକିନ୍ଦା ମଣ୍ଡଳ ଅତିରିକ୍ତ ଶିକ୍ଷାଧିକାରି ଗୋବର୍ଦ୍ଧନ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଅବସରପ୍ରାପ୍ତ ଶିକ୍ଷକ ରାମ ଚନ୍ଦ୍ର ଖିଲାର, ସତ୍ୟ ନାରାୟଣ ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମଞ୍ଚାସିନ ଅତିଥି ମାନେ ବିଦାୟୀ ଶିକ୍ଷକ ବୃନ୍ଦାବନ ସାହୁ, ବିଜୟ କୁମାର ସାହୁ, ମୋହନଲାଲ ମହାନ୍ତ, ନନ୍ଦମଣି ମହାନ୍ତ, ମିହିର ରଞ୍ଜନ ପଟ୍ଟନାୟକ, ଗୋପାଳ ନାୟକ, ଦୁର୍ଗାପ୍ରସାଦ ମହାନ୍ତ, ଗିରିଧାରୀ ପ୍ରଧାନ ଓ ବିଦାୟୀ କର୍ମଚାରୀ ଉଦୟନାଥ ଦାସ, ଲକ୍ଷ୍ମୀଧର ମହାନ୍ତି, ହରେକୃଷ୍ଣ ମହାନ୍ତଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ବିଦ୍ୟାଳୟରୁ ପ୍ରଥମ ମାଟ୍ରିକ ପାସ କରିଥିବା ଛାତ୍ର ସାଧୁ ଚରଣ ମହାନ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କଳ୍ପନା ମହାନ୍ତ ଓ ଜୟଶ୍ରୀ ଜ୍ୟୋତି ମହାନ୍ତ ସ୍ୱାଗତ ସଙ୍ଗୀତ ଓ ବିଦାୟୀ ସଙ୍ଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ଛାତ୍ର ପିକୁଲ ସାର ସଙ୍ଗୀତ ରଚନା ଓ ସ୍ୱର ସଂଯୋଜନା କରିଥିବା ବେଳେ ନନ୍ଦରାମ ମହାନ୍ତ ସଭାପରିଚାଳନା କରିଥିଲେ ଓ ଶେଷରେ ଛାତ୍ର କୃଷ୍ଣଚନ୍ଦ୍ର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ର ଛାତ୍ରୀ, ପୂର୍ବତନ ଛାତ୍ର ଛାତ୍ରୀ, କର୍ମଚାରୀ ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତି ଥିଲେ।

# ଗୀତିକାର ସୁଦର୍ଶନ ସ୍ୱାଇଁଙ୍କ ଏକାଦଶାହରେ ସ୍ମୃତିସଭା



ଜଗତସିଂହପୁର,୩୦।୯ (ସମିସ): ଜଗତସିଂହପୁର ଜିଲ୍ଲା ସଦର ବ୍ଲକ୍ ଅନ୍ତର୍ଗତ ବଡ଼ଲହଙ୍ଗା ଗ୍ରାମର ଗୀତିକାର ତଥା ବେହେଲା ବାଦକ ସୁଦର୍ଶନ ସ୍ୱାଇଁଙ୍କ ଏକାଦଶାହରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ କଳାକାର ଯୋଗଦେଇ ସ୍ୱର୍ଗତ ସ୍ୱାଇଁଙ୍କ ଅନନ୍ୟ ପ୍ରତିଭା ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ସୁଦର୍ଶନଙ୍କ ପେଶା ଥିଲା ସରକାରୀ ଚାକିରି। ତେବେ ନିଶା ଥିଲା ଗୀତ ରଚନା ଓ ସଙ୍ଗୀତ ସାଧନା। ସୁମଧୁର ବେହେଲା ବାଦନ ସହିତ ଗ୍ରାମଫୋନ ରେକର୍ଡ, ପୁରୁଣା ରେଡ଼ିଓ ଓ ବାଦ୍ୟଯନ୍ତ୍ର ସଂଗ୍ରହ କରି ସାଇତି ରଖିବା ଥିଲା ତାଙ୍କର ଅନ୍ୟଏକ ରୁଚି। ସୁଦର୍ଶନଙ୍କ ରଚିତ ଗୀତ ଓଡ଼ିଶାର ବହୁ ସୁନାମଧନ୍ୟ କଣ୍ଠଶିଳ୍ପୀ ସୁବାସ ଦାଶ, ଶୈଳଭାମା, ବାଦଲ କୁମାର, ସୌରଭ ନାୟକ, ରୁଦ୍ରନାରାୟଣ ଓ ସୁଧୀର ପାଲ ପ୍ରମୁଖ ଗାଇଛନ୍ତି। ପିଲାଟି ଦିନରୁ ସଙ୍ଗୀତ ପ୍ରତି ଅହେତୁକ ରୁଚି ଓ ବିଭିନ୍ନ ପ୍ରକାର ବାଦ୍ୟଯନ୍ତ୍ର ବଜାଇବାର ସଉକ ସହିତ ଗ୍ରାମଫୋନ ପ୍ରତି ତାଙ୍କର ରହିଥିଲା ଅହେତୁକ ଦୁର୍ବଳତା। ପରବର୍ତ୍ତୀ ସମୟରେ ୧୯୭୮ରେ କଟକସ୍ଥ ମତ୍ସ୍ୟ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ଚାକିରି କରି ୨୦୧୫ରେ ଅବସର ଗ୍ରହଣ କରିଥିଲେ। ନିଜର କର୍ମମୟ ଜୀବନ ଓ ଝଞ୍ଜାଳମୟ ପାରିବାରିକ ଜୀବନ ମଧ୍ୟ ପରାଜିତ ହୋଇଥିଲା ତାଙ୍କର ଏହି ସଙ୍ଗୀତ ନିଶା ଆଗରେ। ସୁଦର୍ଶନ ସ୍ୱାଇଁଙ୍କ ବଡ଼ଝିଅ ମନସ୍ମିତା ସ୍ୱାଇଁ(ଡେଜି) ମଧ୍ୟ ଓଡ଼ିଶାର ଜଣେ ସୁନାମଧନ୍ୟ କଣ୍ଠଶିଳ୍ପୀ ଭାବେ ପରିଚିତ ହୋଇ ପାରିଛନ୍ତି। ସ୍ମୃତିସଭା ପରେ ଆୟୋଜିତ ହୋଇଥିଲା ଭଜନ ସନ୍ଧ୍ୟା। ଏଥିରେ କଣ୍ଠଶିଳ୍ପୀ କୃଷ୍ଣଚନ୍ଦ୍ର ସାହୁ, ବିଷ୍ଣୁଚରଣ ମହାରଣା, ଡେଜି ସ୍ୱାଇଁ, ଗାୟତ୍ରୀ ଏବଂ ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡା ଯୋଗଦେଇ ଭଜନ ପରିବେଷଣ କରିଥିଲେ। ସେହିପରି ସଙ୍ଗୀତ ନିର୍ଦ୍ଦେଶକ ଶ୍ରୀନିବାସ ବିଶ୍ୱାଳ, ନିରଞ୍ଜନ ତ୍ରିପାଠୀ ଓ ଜିତୁ ପ୍ରମୁଖ ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ।

### ଦୋକାନ ମାଲିକାଣୀଙ୍କ ଦାଦାଗିରି

# ଭଡ଼ାଟିଆ ମିଠା ଦୋକାନୀ ହନ୍ତସନ୍ତ; ରାସ୍ତାକୁ ଫିଙ୍ଗିଦେଲେ ମିଠା

ପାରାଦୀପ, ୩୦।୯ (ସମିସ): ବଡ଼ପଡ଼ିଆରେ ଜଣେ ଲଜ୍ ମାଲିକଙ୍କ ଦାଦାଗିରି ସମସ୍ତଙ୍କୁ ବ୍ୟଥିତ କରିଛି। ଲଜ୍ ମାଲିକ ଜଣେ ବ୍ୟବସାୟୀଙ୍କୁ ଲଜ୍ ତଳ ଦେକାନ ଭଡ଼ା ଦେଇ ଜବରଦସ୍ତ ଦେକାନରେ ମିଠା ଓ ଅନ୍ୟାନ୍ୟ ସାମଗ୍ରୀକୁ ବାହାରକୁ ଫୋପାଡି ଦେବା ଘଟଣା ସମଗ୍ର ପାରାଦୀପ ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି।

ସୂଚନା ମୁତାବକ, ପାରାଦୀପ ବଡ଼ପଡିଆ ମାର୍କେଟରେ ଥିବା ସନ୍ତୋଷ ପ୍ଲାଜା ନାମକ ଏକ ଲଜ୍‌ର ମାଲିକ ସନ୍ତୋଷ ପଟ୍ଟନାୟକ ଲଜ୍ ତଳେ ଥିବା ଏକ ଦୋକାନ ଘରକୁ ଭୁବନେଶ୍ୱର ଅଞ୍ଚଳର ପବିତ୍ର ସ୍ୱାଇଁ ନାମକ ବ୍ୟକ୍ତିଙ୍କୁ ଭଡ଼ା ସୂତ୍ରରେ ଦେଇଥିଲେ। ଏଥିପାଇଁ ପବିତ୍ର ତାଙ୍କୁ ଅଗ୍ରୀମ ଏକ ଲକ୍ଷ ଟଙ୍କା ଦେବା ସହିତ ପାଣି ଓ ବିଦ୍ୟୁତ ଛାଡି ତିରିଶ ହଜାର ଟଙ୍କା ମାସିକ ଭଡା ଦେଉଥିଲେ। ଘର ମାଲିକଙ୍କଠାରୁ ଦୋକାନ ଘର ଦୁଇବର୍ଷିଆ ଚୁକ୍ତିରେ ଭଡ଼ା ନେବା ପରେ ପବିତ୍ର ସନ୍ତୋଷୀ ସୁଇଟ୍ସ ନାମରେ ଏହି ଦୋକାନ ଖୋଲିଥିଲେ। ଦୋକାନ ନେବା ପରଠାରୁ ଦୋକାନ ଘର ମାଲିକ ସନ୍ତୋଷ ପଟ୍ଟନାୟକଙ୍କ ପତ୍ନୀ ନଳିନୀ ପଟ୍ଟନାୟକ ପବିତ୍ରଙ୍କ ଉପରେ ଅନେକ ସମୟରେ ଆସି ଦୋକାନ ଘର ଭଡ଼ା ବଢାଇବା ନେଇ ଜାମେଲା କରୁଥିବା ନେଇ ପବିତ୍ର ଅଭିଯୋଗ କରିଛନ୍ତି। ପାର୍ବଣ ଚାଲିଥିବା ସମୟରେ ପବିତ୍ରଙ୍କୁ ପାରାଦୀପର ବହୁ ବ୍ୟକ୍ତି, ଅନୁଷ୍ଠାନ ପକ୍ଷରୁ ମିଠାର ଅଡର ମିଳିଥିଲା। ସେହି ହିସାବରେ ପବିତ୍ର ମିଠା ତିଆରି ପାଇଁ ସାମଗ୍ରୀ ଆଣି ପ୍ରସ୍ତୁତ କରିବା ବେଳକୁ ଘର ମାଲିକ ସନ୍ତୋଷ ପଟ୍ଟନାୟକଙ୍କ ପତ୍ନୀ ନଳିନୀ ଆସି ମିଠା ଦୋକାନର ଲାଇନ୍ ଓ ପାଣି କନେକସନ ବନ୍ଦ କରି ଦେଇଥିଲେ। ଏପରିକି ମଙ୍ଗଳବାର ଦିନ ସକାଳେ ଦୋକାନରେ ପଶି ମିଠା, ଲଡୁ, ରସଗୋଲା, ଛେନାପୋଡ, ରସମଲେଇ, ସିଙ୍ଗଡା ଆଦି ବାହାରକୁ ଫୋପାଡି ଦେଇଥିଲେ। ଫଳରେ ବ୍ୟବସାୟୀ ପବିତ୍ରଙ୍କ ସାମଗ୍ରୀ ରାସ୍ତାରେ ଫୋପାଡି ଦେଉଥିବା ଦେଖି ପବିତ୍ରଙ୍କ ସମେତ ତାଙ୍କ ପତ୍ନୀ ଓ ଅନ୍ୟ କର୍ମଚାରୀ ଭୋଭୋ ହୋଇ କାନ୍ଦିବା ଦୃଶ୍ୟ ବେଶ୍ ହୃଦୟ ବିଦାରକ ହୋଇପଡିଥିଲା। ମାଲିକ ଘର ଭଡ଼ା ଦେଇଥିବାବେଳେ ତାଙ୍କ ପତ୍ନୀଙ୍କ ଏଭଳି ଦାଦାଗିରି ଘଟାଇବା ପରେ ମିଠା ବ୍ୟବସାୟୀ ପବିତ୍ର ଆତଙ୍କିତ ହୋଇପଡିଥିଲେ। ଏହି ଘଟଣା ପୂର୍ବରୁ ମଧ୍ୟ ଲଜ୍ ମାଲିକଙ୍କ ପତ୍ନୀ ଦାଦାଗିରି ଦେଖାଇବା ନେଇ ପବିତ୍ର ପାରାଦୀପ ପୋର୍ଟ ବଣିକ ସଂଘରେ ଅଭିଯୋଗ କରିଥିଲେ। ମଙ୍ଗଳବାରର ଏହି ଘଟଣା ପରେ ପବିତ୍ର ପାରାଦୀପ ପୋର୍ଟ ବଣିକ ସଂଘରେ ଅଭିଯୋଗ କରିବା ସହିତ ପାରାଦୀପ ଆଦର୍ଶ ଥାନାରେ ଅଭିଯୋଗ କରିଥିଲେ। ପାରାଦୀପ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦାଦାଗିରି ଦେଖାଉଥିବା ଲଜ୍ ମାଲିକ ସନ୍ତୋଷ ପଟ୍ଟନାୟକଙ୍କ ପତ୍ନୀଙ୍କୁ ଥାନାକୁ ନେଇଥିବା ଜଣାପଡିଛି। ସନ୍ଧ୍ୟା ପର୍ଯ୍ୟନ୍ତ ଦୋକାନ ସମ୍ମୁଖରେ ମିଠା ଏଣେତେଣେ ପଡିଥିବା ଦେଖିବାକୁ ମିଳିଛି। ପୂର୍ବରୁ ମଧ୍ୟ ଶ୍ରୀମନ୍ଦିର ନାମକ ଏକ ମିଠା ଦୋକାନ ଏଠାରେ ଚାଲିଥିଲା। ଏହାର ମାଲିକଙ୍କୁ ଅକଥନୀୟ ନିର୍ଯାତନା ଦେବା ପରେ ସେ ମଧ୍ୟ ବାଧ୍ୟ ହୋଇ ବ୍ୟବସାୟ ବନ୍ଦ କରି ଚାଲିଯାଇଥିଲେ। ଏଭଳି ମାଲିକ ଓ ମାଲିକାଣୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସେଠାରେ ଉପସ୍ଥିତ ଦେଖଣାହାରୀ ଦାବି କରିଛନ୍ତି।



# ବାରିପଦା ଉତ୍ସବ ମୁଖର; ମା'ଙ୍କ ନବମୀ ପୂଜା ଆରମ୍ଭ









ନବରାତ୍ରରେ ମା' ଅମ୍ବିକାଙ୍କ ସିଦ୍ଧିଦାତ୍ରୀ ରୂପ



ବାରିପଦା, ୩୦।୯ (ସମିସ): ଚଳିତବର୍ଷ ମା'ଙ୍କ ଆଗମନରେ ବାରିପଦା ସହରର ଉତ୍ସବ ମୁଖର ହୋଇଉଠିଛି। ସହର ତଥା ଆଖପାଖରେ ୩୦ରୁ ଊର୍ଦ୍ଧ୍ୱ ସ୍ଥାନରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ଓ ପୀଠରେ ପ୍ରତିମା ପୂଜା ଜାରି ରହିଛି। ପଞ୍ଜିକା ଅନୁସାରେ ମଣ୍ଡପରେ ମଙ୍ଗଳବାର ସକାଳୁ ମହାଷ୍ଟମୀ ପୂଜା ଆରମ୍ଭ ହୋଇଥିଲା। ସକାଳୁ ପୂଜାଡାଲା ସହିତ ଉପବାସ କରିଥିବା ଭକ୍ତମାନେ ମା'ଙ୍କ ପାଖରେ ପହଞ୍ଚି ସଙ୍କଳ୍ପ କରିବା ସହିତ ପୂଜା ସାରି ପୁଷ୍ପାଞ୍ଜଳି ଦେଇଛନ୍ତି। ଏହାପରେ ସନ୍ଧ୍ୟା ୬ଟାରୁ ପାରମ୍ପରିକ ରୀତିନୀତି ଅନୁସାରେ ବ୍ରାହ୍ମଣ କର୍ତ୍ତାଙ୍କ ସହିତ ନବମୀର ସନ୍ଧିପୂଜା ଆରମ୍ଭ କରିଛନ୍ତି। ଗୁରୁବାର ବିଜୟାଦଶମୀ। ସହରର ୨/୩ଟି ମଣ୍ଡପକୁ ଛାଡିଦେଲେ ବାକି ମଣ୍ଡପର ଭସାଣି ସେହିଦିନ ହୋଇଥାଏ। ଚଳିତବର୍ଷ ଶୁକ୍ରବାର ଭସାଣି ଅନୁଷ୍ଠିତ ହେବ। ବୁଢାବଳଙ୍ଗ ନଦୀ ତଟରେ ଏକ କୃତ୍ରିମ ପୋଖରୀ ନିର୍ମାଣ କରାଯାଇ ମୂର୍ତ୍ତି ବିସର୍ଜନ କରାଯିବ। ପୂଜା ମଣ୍ଡପଗୁଡିକ ଆକର୍ଷଣୀୟ ସାଜସଜ୍ଜା ଓ ଆଲୋକମାଳାରେ ଝଲସୁଛି। ଅନୁକୂଳ ପାଗପାଇଁ ଲୋକଙ୍କ ଗହଳି ଲାଗିଛି। ତୁଳସୀଚଉରା, ପାଲବଣି, ତକତପୁର, ମଧୁବନ ଓ ମୁର୍ଗାବାଡି ତୋରଣ ଏଥର ସମସ୍ତଙ୍କୁ ଆକର୍ଷଣ କରିଛି।ସେହିପରି ସହିଦ ପଡ଼ିଆ, ବଡବଜାର ଟାଉନ ଥାନା ନିକଟ, ଷ୍ଟେସନ ବଜାର, ପୌରପରିଷଦ କାର୍ଯ୍ୟାଳୟ ପରିସର, ଫ୍ରେଜର ହଷ୍ଟେଲ ସମ୍ମୁଖ, ବଡବଜାରର ଶ୍ରୀରାଧାମୋହନ ମନ୍ଦିର ମାଉସୀ ବାଡି, ସୁନାମୁହିଁ ଦୁର୍ଗାପୂଜା, ବଡବଜାରର ଶୀତଳା ମନ୍ଦିର ନିକଟ ବନଦୁର୍ଗା ମେଢ, କୃଷ୍ଣଚନ୍ଦ୍ର ଗୋଲେଇ ଏବଂ ଦାରୋଗାଡାହି ଗୋଲେଇ, ଭଞ୍ଜପୁର, କମଳାନେହରୁ ବାଳିକା ହାଇସ୍କୁଲ ନିକଟ, ଲାଲବଜାର, ବାରୁଣୀରୋଡ, ବାଘଡାରୋଡ, କ୍ଷେତ୍ରପାଟଣା ଓ ବେଲଗଡ଼ିଆ ଆଦି ବିଭିନ୍ନ ସ୍ଥାନରେ ଜନଗହଳି ଲାଗିରହିଛି। କଲେଜ ଛକ ଓ ଦୋଳିପଡ଼ିଆରେ ହରପାର୍ବତୀ ପୂଜା ମେଢ ସହିତ ପ୍ରଥମ ଥର ପାଇଁ ହେଉଥିବା ବାଘଡାରୋଡ ମହାବୀର ଦୁର୍ଗାପୂଜା ମଣ୍ଡପ ଏବଂ ମା' ଅମ୍ବିକା ମନ୍ଦିର ସହିତ ବିଭିନ୍ନ ପୀଠରେ ଚଣ୍ଡୀପାଠର ସୁଲଳିତନାଦ ପରିବେଶକୁ ଆଧ୍ୟାତ୍ମିକ ଭାବବେଗରେ ନିମଜ୍ଜିତ କରିଛି। ଦଶହରା ପର୍ଯ୍ୟନ୍ତ ବିଭିନ୍ନ ମଣ୍ଡପରେ ଭକ୍ତଙ୍କ ମଧ୍ୟରେ ବାରିପଦାର ପ୍ରସିଦ୍ଧ ଦୋଳାଖେଚୁଡି, ରାମରୋଚକ ଅନ୍ନଭୋଗ ବଣ୍ଟନ, ମେଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଜାରି ରହିଛି। ଶାନ୍ତିଶୃଙ୍ଖଳା ପାଇଁ ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି।












## ଓପିଏସ୍ ପରୀକ୍ଷାରେ ଜୟଶ୍ରୀଙ୍କୁ ୨୩୧ ର୍ୟାଙ୍କ



**ବାରିପଦା/ବଡ଼ସାହି, ୩୦।୯ (ସମିସ):** ବଡ଼ସାହି ବ୍ଲକ କଇଁଶାଳି ଗ୍ରାମର ବିଶ୍ୱଜିତ ଦଳେଇ ଓ କଳ୍ପଲତା ଦଳେଇଙ୍କ କନ୍ୟା ଜୟଶ୍ରୀ ଦଳେଇ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷା -୨୦୨୩ରେ ୨୩୧ ର୍ୟାଙ୍କ ପାଇ କୃତକାର୍ଯ୍ୟ ହୋଇଛନ୍ତି। ସେ ଜଣେ ଅଧ୍ୟବସାୟୀ ମେଧାବୀ ଛାତ୍ରୀ ଥିଲେ। ସେ ୨୦୦୭ ମସିହାରେ ବଡ଼ସାହି ଉଚ୍ଚ ବିଦ୍ୟାଳୟରୁ ମାଟ୍ରିକ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେବା ପରେ ୨୦୦୯ରେ ବଡ଼ସାହି ପିଏସ କଲେଜରୁ ଯୁକ୍ତ ଦୁଇ ବିଜ୍ଞାନରେ ପ୍ରଥମ ଶ୍ରେଣୀ, ୨୦୧୨ରେ ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟରୁ ଯୁକ୍ତ ତିନିରେ ରସାୟନ ବିଜ୍ଞାନ ସମ୍ମାନ ସହ ପ୍ରଥମ ଶ୍ରେଣୀ ଏବଂ ୨୦୧୪ରେ ମହାରାଜ ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରୁ ରସାୟନ ବିଜ୍ଞାନରେ ଟପ୍ପର ହୋଇଥିଲେ। ବିବାହ ପରେ ତାଙ୍କ ଶଶୁର ଘର ଲୋକେ ସିଭିଲ ସର୍ଭିସ ପରୀକ୍ଷା ପାଇଁ ଉତ୍ସାହିତ କରିଥିଲେ। ସେ ଏହି ପରୀକ୍ଷାରେ ସେ ଦୁଇ ଦୁଇ ଥର ବିଫଳ ହେଲେବି ହାରମାନି ନଥିଲେ। ପରିବାର ବର୍ଗଙ୍କ ପ୍ରେରଣା ଓ ଉତ୍ସାହ ଯୋଗୁଁ ସେ ସଫଳ ହୋଇଛନ୍ତି ବୋଲି କହିଛନ୍ତି। ଏହି ସଫଳତା ପାଇଁ ଈଶ୍ୱରଙ୍କ ଆଶୀର୍ବାଦ, ପରିବାରବର୍ଗ, ଶିକ୍ଷକ ଶିକ୍ଷୟିତ୍ରୀ, ଅଧ୍ୟାପକ ଅଧ୍ୟାପିକାଙ୍କୁ ଶ୍ରେୟ ଦେଇଛନ୍ତି।

## ଦୁର୍ଗା ପୂଜାରେ ମାତିଲେଣି ଛିନ୍‌ତାଇ ଗ୍ୟାଙ୍ଗ

**ବାରିପଦା, ୩୦।୯ (ସମିସ):** ବାରିପଦା ସହରର ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଥିବା ବେଳେ ଦୁର୍ଗା ପୂଜା ସମୟରେ ପୁଣି ଛିନତାଇ ଗ୍ୟାଙ୍ଗଙ୍କ ଉପଦ୍ରବ ଆରମ୍ଭ ହୋଇଛି। ବାରିପଦା ସହରରେ ପୂଜା ଭିଡ଼ରେ ଦୁର୍ବୃତ୍ତମାନେ ଛିନତାଇ କରିଛନ୍ତି। ଭିଡର ସୁଯୋଗ ନେଇ ଦୁର୍ବୃତ୍ତମାନେ ମହିଳାଙ୍କଠାରୁ ସୁନାହାର ଛିନତାଇ କରିଛନ୍ତି। ଏନେଇ କାଳିକାପୁର ଅଞ୍ଚଳର ସନ୍ଦୀପ୍ତ ଶଙ୍କର ହୋତା ବାରିପଦା ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ସେ ତାଙ୍କ ମା ଓ ସ୍ତ୍ରୀ ସହ ବାରିପଦା ବଜାରକୁ ଆସିଥିଲେ। ସେଠାରୁ ବାହାରିଲା ବେଳକୁ ଦୁର୍ବୃତ୍ତମାନେ ଛିନତାଇ କରି ଚମ୍ପଟ ମାରିଛନ୍ତି। ତାଙ୍କ ମା' ରାସ୍ତା କଡରେ ଯାଉଥିବା ବେଳେ ୩ଜଣ ଦୁର୍ବୃତ୍ତ ଏକ ବାଇକରେ ଆସି ବେକରୁ ସୁନା ଚେନକୁ ଛିନତାଇ କରି ଚମ୍ପଟ ମାରିଥିଲେ। ଯାହାର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ। ପରେ ଏନେଇ ସେ ବାରିପଦା ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ସିସି ଟିଭି ସହାୟତାରେ ପୁଲିସ ଯାଞ୍ଚ ଚଳାଇଛି।

## କବିତା ଡ୍ୟାନ୍ସ ଗ୍ରୁପ ପକ୍ଷରୁ ଦାଣ୍ଡିଆ ଉତ୍ସବ



**କରଞ୍ଜିଆ, ୩୦।୯ (ସମିସ):** ନବରାତ୍ରି ଉତ୍ସବ ଅବସରରେ ରାମ ଭାଟିକା ପ୍ରେକ୍ଷାଳୟରେ କବିତା ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଦାଣ୍ଡିଆ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ କରଞ୍ଜିଆ ଥାନା ଅଧିକାରୀ ଶରତ କୁମାର ମହାଳିକ, ସମ୍ମାନିତ ଅତିଥି ଭାବେ ସାମ୍ବାଦିକ କର୍ଣ୍ଣାର୍ଜୁନ ସାହା, ସାମାଜିକ କର୍ମୀ ଚନ୍ଦ୍ର କୁମାର ଶ୍ୟାମଳେନ୍ଦୁ ଦାସ, ଇଂରାଜୀ ପତ୍ରିକାର ସମ୍ପାଦକ ହରେକୃଷ୍ଣ ମହାନ୍ତ ଓ ଗୁରୁ କହ୍ନେଇ ନାଏକ ପ୍ରମୁଖ ଯୋଗଦେଇ ଉତ୍ସବକୁ ଉଦଘାଟନ କରିଥିଲେ। କରଞ୍ଜିଆରେ ପ୍ରଥମ କରି ପାଇଁ ଦାଣ୍ଡିଆ ଉତ୍ସବ ଅନୁଷ୍ଠିତ ହୋଇଥିବାରୁ ଆୟୋଜକଙ୍କୁ ଅତିଥିମାନେ ସାଧୁବାଦ ଜଣାଇଥିଲେ। ଏଇ ମାଟିରେ ଅଭିନେତା ଅଜିତ ଦାସ, ସାଲିଲ ମିତ୍ର, କରୁଣା ଦାଶଙ୍କ ପରି ମହାନ୍ କଳାକାର ଜନ୍ମ ନେଇଛନ୍ତି। ଅଞ୍ଚଳର କଳା, ସଂସ୍କୃତି ଓ ପରମ୍ପରାକୁ ବଞ୍ଚାଇ ରଖିଥିବାରୁ କବିତା ଗ୍ରୁପକୁ ସାଧୁବାଦ ଦେଉଥିଲେ ଅତିଥି ବୃନ୍ଦ। ଗୁରୁ କବିତା ଦାସ, ତନୁଶ୍ରୀ ଦାସ, ଅନୁଦେବୀ, ରାଜନୀ ରାମ, ସବିତା ରାମ, ଜ୍ୟୋତି ବରାନୀ, ଅନୁ ରାମ, ଚନ୍ଦନ ରାମ, ଜ୍ୟୋତି ରାମ, ସଂଗୀ ନାଏକ ପ୍ରମୁଖ ପରିଚାଳନା କରିଥିଲେ। ଶିଶୁ କଳାକାର ଖୁସି ନାଏକ ଓ ତନୁଶ୍ରୀ ଦାସ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ଗୁରୁ କବିତା ଦାସ ଧନ୍ୟବାଦ ଦେଇଥିଲେ।

## ତାରିଣୀ ଗଣନାଟ୍ୟରେ ନିଶା ମହାରଣାଙ୍କ ଅଶ୍ଳୀଳ ନୃତ୍ୟକୁ ନେଇ ମାମଲା

**ହଳଦା, ୩୦।୯ (ସମିସ):** ମୟୂରଭଞ୍ଜ ଜିଲ୍ଲା ତିରିଙ୍ଗ ଥାନା ଅନ୍ତର୍ଗତ ବିଞ୍ଝୁଆ ଗ୍ରାମରେ ତାରିଣୀ ଗଣନାଟ୍ୟ ପକ୍ଷରୁ ଯାତ୍ରା ପରିବେଷଣ ହେଉଥିଲା। ହେଲେ ଯାତ୍ରାରେ ନିଶା ମହାରଣାଙ୍କ ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନକୁ ନେଇ ତିରିଂ ଥାନାରେ ଏକ ମାମଲା ରୁଜୁ ହୋଇଛି। ଗତ ୨୩ ତାରିଖ ଦିନ ପ୍ରଦର୍ଶିତ ହୋଇଥିବା ଯାତ୍ରାରେ ନିଶା ମହାରଣାଙ୍କ ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନ କରାଯିବାକୁ ନେଇ ଆୟୋଜକଙ୍କ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ଟିକଟ ମୂଲ୍ୟ ୪୦୦ ଟଙ୍କା ରଖାଯାଇଥିବା ବେଳେ ମହିଳାଙ୍କୁ ଯାତ୍ରା ଦେଖିବାକୁ ଅନୁମତି ଦିଆଯାଇ ନ ଥିଲା। ତେବେ ଏଥିରେ ନାବାଳକଙ୍କୁ ପ୍ରବେଶ ଅନୁମତି ଦିଆଯାଇଥିବା ନେଇ ବିଭିନ୍ନ ମହଲରୁ ଅଭିଯୋଗ ହୋଇଥିଲା। ବିଞ୍ଝୁଆ ପରି ଏକ ସଭ୍ୟ ଗ୍ରାମରେ ଏପରି ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନ କରାଯିବା ନେଇ କ୍ଷୋଭ ପ୍ରକାଶ ପାଇଥିଲା। ଆୟୋଜକଙ୍କ ଏପରି ଔଧତ୍ୟକୁ ନେଇ ବିଭିନ୍ନ ମହଲରୁ ତିରିଂଥାନା ଅଧିକାରୀ ତଥା ଉପଖଣ୍ଡ ପୁଲିସ୍ ଅଧିକାରୀ ଗୋକୁଳାନନ୍ଦ ସାହୁଙ୍କ ସହ ଯୋଗାଯୋଗ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ନିବେଦନ କରାଯାଇଥିଲା। ପରେ ଏନେଇ ତିରିଂ ଥାନାରେ ନିଶା ମହାରଣା, ତାରିଣୀ ଗଣନାଟ୍ୟ ଯାତ୍ରା ଦଳର ମାଲିକ, ମ୍ୟାନେଜର ତଥା ଆୟୋଜକଙ୍କ ବିରୋଧରେ ମାମଲା ରୁଜୁ ହୋଇଥିବା ନେଇ ତିରିଂଥାନା ଅଧିକାରୀ ପ୍ରଶାନ୍ତ କୁମାର ଜେନା ପ୍ରକାଶ କରିଛନ୍ତି। ଆୟୋଜକଙ୍କ ଏପରି କାର୍ଯ୍ୟକୁ ସବୁ ମହଲରୁ ନିନ୍ଦା କରାଯାଉଛି।

## ଟାୱାରରୁ ଯନ୍ତ୍ରାଂଶ ଚୋରି; ୨ ଦୁର୍ବୃତ୍ତ ଗିରଫ

**ବାରିପଦା, ୩୦।୯ (ସମିସ):** ମୋବାଇଲ ଟାୱାରରୁ ଯନ୍ତ୍ରାଂଶ ଚୋରି କରିବା ବେଳେ ଦୁଇ ଜଣ ଦୁର୍ବୃତ୍ତ ଧରାପଡ଼ିଛନ୍ତି। ଦୁର୍ବୃତ୍ତଙ୍କୁ ସ୍ଥାନୀୟ ଲୋକେ କାବୁ କରି ପୁଲିସ ଜିମା ଦେଇଛନ୍ତି। ବାରିପଦା ସହର ତଥା ଆଖପାଖ ଅଞ୍ଚଳରେ ଟାୱାରରୁ ଯନ୍ତ୍ରାଂଶ ଚୋରି ନେଇ ବାରମ୍ବାର ଅଭିଯୋଗ ହେଉଛି। ବେଲଗଡ଼ିଆରେ ଥିବା ଏକ ମୋବାଇଲ ଟାୱାରରୁ ଦୁଇ ଜଣ ଦୁର୍ବୃତ୍ତ ଚୋରି କରୁଥିଲେ। ରାତିରେ ଅନ୍ଧାର ସୁଯୋଗ ନେଇ ଯନ୍ତ୍ରାଂଶ ଚୋରି କରୁଥିଲେ। ଏ ବାବଦରେ ସ୍ଥାନୀୟ ଲୋକମାନେ ଜାଣିବା ପରେ ଦୁଇ ଜଣକୁ ଧରି କାବୁ କରିଥିଲେ। ଦୁଇ ଜଣକ ପରିଚୟ ମିଳିନଥିବା ବେଳେ ପୁଲିସ ଜିମା ଦେଇଛନ୍ତି। ଚୋରି ନିମନ୍ତେ ମୋବାଇଲ ଟାୱାରରୁ ଯନ୍ତ୍ରାଂଶ କାଟି ଥିବା ବେଳେ ସେନେଇ ପରିଚାଳନା ସଂସ୍ଥାକୁ ମଧ୍ୟ ଜଣାଯାଇଥିଲା। ଲକ୍ଷାଧିକ ଟଙ୍କାର ଟାୱାରର ଯନ୍ତ୍ରାଂଶ ଚୋରି କରିବାକୁ ଉଦ୍ୟମ କରୁଥିବା ନେଇ କମ୍ପାନୀ ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକ୍ରମେ ପୁଲିସ ତଦନ୍ତ ଜାରି ରଖିଛି।

# ଷ୍ଟ୍ରିଟ୍ ଲାଇଟ୍ ହଡ଼ପ ଟଙ୍କା ଫେରସ୍ତ ଘଟଣା; ୨ ଗୋଷ୍ଠୀ ଗଣ୍ଡଗୋଳ

ଧାମନଗର,୩୦।୯ (ସମିସ): ଧାମନଗର ବ୍ଲକ ଅନ୍ତର୍ଗତ ଭଗବାନପୁର ପଞ୍ଚାୟତରେ ଷ୍ଟ୍ରିଟ୍ ଲାଇଟ୍ ନ ଲଗାଇ ଟଙ୍କା ହଡ଼ପ ହୋଇଥିବା ଘଟଣା ସଂପର୍କରେ ଏକ ଖବର ପ୍ରକାଶ ପାଇବା ପରେ ପିଇଓ ଅର୍ଥ ଫେରସ୍ତ କରିଥିଲେ। ଏହି ଘଟଣାକୁ କେନ୍ଦ୍ର କରି ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଲାଗି ଉଭୟ ପକ୍ଷରୁ ଧାମନଗର ଥାନାରେ ଲିଖିତ ଅଭିଯୋଗ ହୋଇଛି। ପୁଲିସ ଦୁଇଟି ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ନିଜ ଗ୍ରାମ ଦାଣ୍ଡରେ ଲାଗିଥିବା ଲାଇଟ ମରାମତି ଅବା ନୂତନ ଲାଇଟ ଲଗାଇବାକୁ ଅନୁରୋଧ କରିଥିଲେ ଭଗବାନପୁର ଗ୍ରାମର ଅଜିତ କୁମାର ଲେଙ୍କା। ମାତ୍ର ଲାଇଟ ନାହିଁ, ପରେ ବୁଝିବା ବୋଲି ସରପଞ୍ଚ କାଞ୍ଚନଲତା ସ୍ୱାଇଁଙ୍କ ସ୍ୱାମୀ କପିଳେନ୍ଦ୍ର ବଳ କହିଥିଲେ। ପରେ ଅପରାହ୍ନରେ ଖବର ପାଇଲେ ଯେ ଶ୍ରୀ ବଳ ତାଙ୍କ ନିଜ ଓ ସମ୍ପର୍କୀୟ ଲୋକଙ୍କୁ ପାଖାପାଖି ୬ଟି ଏଲିଡ ଲାଇଟ ସେହି ଦିନ ମଧ୍ୟାହ୍ନରେ ଦେଇଛନ୍ତି। ଅପରାହ୍ନରେ ପି.ବି. ହାଇସ୍କୁଲ ଛକରେ ଶ୍ରୀ ବଳଙ୍କୁ ଦେଖି ଶ୍ରୀ ଲେଙ୍କା ଆପଣ ଲାଇଟ ଆଜି ଲୋକଙ୍କୁ ଦେଉଛନ୍ତି ମୋତେ କାହିଁକି ଦେଲେନି ବୋଲି କହିଲେ। ଏଥିରେ ହଠାତ ରାଗିଯାଇ ଶ୍ରୀ ବଳ ଅଜିତ ମୁହଁକୁ ଶକ୍ତ ମୁଥ ମାରିଥିଲେ। ମୁଥ ମାଡ଼ରେ ଅଜିତଙ୍କ ନାକ ଏବଂ ମୁହଁ ଫାଟି ରକ୍ତାକ୍ତ ହୋଇଥିଲା। ଅଜିତ ଯନ୍ତ୍ରଣାରେ ଚିତ୍କାର କରୁଥିବା ବେଳେ ପୁଣି ଆକ୍ରମଣ ପାଇଁ ଶ୍ରୀ ବଳ ଚେଷ୍ଟା କରିବା ସମୟରେ ସେଠାରେ ଥିବା ବାଇଧର ସାହୁ, ରାଜେଶ ପାତ୍ର ପ୍ରମୁଖ ବିରୋଧ କରିବା ସହ ଆହତ ଅଜିତଙ୍କୁ ଚିକିତ୍ସା ପାଇଁ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଶ୍ରୀ ଲେଙ୍କା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଶୁଣାଯାଏ ଦୁଇ ଘଣ୍ଟା ବିଳମ୍ବରେ ଶ୍ରୀ ବଳ ତାଙ୍କ ପତ୍ନୀଙ୍କୁ ନେଇ ଥାନାରେ ପହଞ୍ଚିଥିଲେ। ପରେ ତାଙ୍କ ସ୍ୱାମୀଙ୍କୁ ଅଜିତଙ୍କ ସମେତ ତାଙ୍କୁ ଡାକ୍ତରଖାନା ନେଇ ଆସିଥିବା ପିଲାଙ୍କ ନାମରେ ଅଭିଯୋଗ କରିଛନ୍ତି। ଉଭୟ ପକ୍ଷର ଅଭିଯୋଗ କ୍ରମେ ଧାମନଗର ଥାନା ପକ୍ଷରୁ କେସ ନଂ ୩୬୪/୨୫ ଓ ୩୬୭/୨୫ରେ ଦୁଇଟି ମାମଲା ରୁଜୁ ହୋଇଛି।

# ବିଜୟା ସମ୍ମାନ ପାଇବେ ନାଟ୍ୟକାର ପ୍ରଫେସର ବିଜୟ ଶତପଥୀ

ଭଦ୍ରକ,୩୦।୯ (ସମିସ): ୫୪ ତମ ସାରସ୍ୱତ ବିଜୟା ମିଳନ ଭଦ୍ରକ ପୂଜ୍ୟପୂଜା ସଂସଦ ଆନୁକୂଲ୍ୟରେ ଅକ୍ଟୋବର୨ ଗୁରବାର ପବିତ୍ର ଦଶହରାରେ ଭଦ୍ରକର ଭାଗବତ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହେବାକୁ ଯାଉଛି। ଉକ୍ତ ସାରସ୍ୱତ କାର୍ଯ୍ୟକ୍ରମରେ ସଂସ୍କୃତି ପରମ୍ପରା ଚର୍ଚ୍ଚା, ସମ୍ବର୍ଦ୍ଧନା ଜ୍ଞାପନ, କବି ସମ୍ମିଳନୀ ଏବଂ ପୁସ୍ତକ ଉନ୍ମୋଚନ କାର୍ଯ୍ୟ ହେବାପାଇଁ ସ୍ଥିରିକୃତ ହୋଇଛି। ଉଦଘାଟକ ଭାବେ ଜିଲ୍ଲାପାଳ ଦିଲୀପ ରାଉତରାଏ ଓ ମୁଖ୍ୟ ଅତିଥି ଭାବେ ଭଦ୍ରକ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ମନୋଜ କୁମାର ରାଉତଙ୍କ ସମେତ ଅନେକ ସାରସ୍ୱତ ଓ ବୁଦ୍ଧିଜୀବୀ ଯୋଗଦାନ କରିବା ପାଇଁ ସମ୍ମତି ପ୍ରଦାନ କରିଛନ୍ତି। ସଂସଦର ଶ୍ରେଷ୍ଠ ବିଜୟା ସମ୍ମାନ-୨୦୨୫ ନାଟ୍ୟକାର ପ୍ରଫେସର ବିଜୟ କୁମାର ଶତପଥୀ, ନିଶାମଣି ସ୍ମୃତି ସମ୍ମାନ ସାହିତ୍ୟିକା ଅନ୍ନପୂର୍ଣ୍ଣା ମହାନ୍ତି, ବିନୋଦ ବିହାରୀ ସ୍ମୃତି ସମ୍ମାନ ପ୍ରଫେସର ଡ. ଜୋସ୍ନା ମହାପାତ୍ର, ସରୋଜକଳା ସମ୍ମାନ ଚିତ୍ରଶିଳ୍ପୀ କ୍ଷୀରୋଦ ରାଉତ ଏବଂ ଗୌରାଙ୍ଗଚନ୍ଦ୍ର ମହାନ୍ତି ସ୍ମୃତି ସମ୍ମାନ ଡ. ସୁଚେତା ରାଉତଙ୍କୁ ପ୍ରଦାନ କରାଯିବ। ସେହିପରି ଉପସ୍ଥିତ ସମସ୍ତ କବି ଓ କବୟିତ୍ରୀଙ୍କୁ ପ୍ରମାଣପତ୍ର ଓ ସ୍ମାରକୀ ଉପହାର ପ୍ରଦାନ କରାଯିବ।

# ଜଳହରୀ ଗ୍ରାମରୁ ସୁନା ଓ ଟଙ୍କା ଚୋରି ଅଭିଯୋଗ

ଭଣ୍ଡାରିପୋଖରୀ,୩୦।୯ (ସମିସ): ଭଣ୍ଡାରିପୋଖରୀର ଥାନା ଅନ୍ତର୍ଗତ ମାଳଦା ପଞ୍ଚାୟତ ଅନ୍ତର୍ଗତ ଜଳହରୀ ଗ୍ରାମର ୨ଟି ଘରୁ ସୋମବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଛି ।ଥିବା ଜଣାଯାଇଛି। ଗ୍ରାମର ସଞ୍ଜୟ କୁମାର ମହାରଣାଙ୍କ ଘରକୁ ଲାଗିଥିବା ନିମ୍ବଗଛ ଚଢି ଛାତବାଟେ ଖୋଲାଥିବା ସିଡିଘର ଦେଇ ଦୁର୍ବୃତ୍ତମାନେ ଘରେ ପଶି ୨୦ ହଜାର ୪୫୦ ଟଙ୍କା ସହ ସୁନା ହାର ଓ କାନଫୁଲ ଚୋରି ନେଇ ପଳାଇଛନ୍ତି। ଅନ୍ୟ ଏକ ବଖରାରେ ଥିବା ଆଲମିରାକୁ ସ୍କ୍ରୁ ଡ୍ରାଇଭର ଯୋଗେ ଖୋଲୁଥିବା ସମୟରେ ଶବ୍ଦ ହେବାରୁ ସଞ୍ଜୟଙ୍କ ପତ୍ନୀ ଉଠି ଚିତ୍କାର କରିଥିଲେ। ପରେ ବାଇକ୍‌ରେ ଦ୍ରୁତ ବେଗରେ ପଳାଇଥିଲେ। ପୁଲିସ ଅଭିଯୋଗ ପାଇ ତଦନ୍ତ ଚଳାଇଛି।

# ଦୁର୍ଗୋତ୍ସବ-୨୦୨୫ ଉଦ୍‌ଘାଟିତ

ଭଦ୍ରକ,୩୦।୯ (ସମିସ): ଭଦ୍ରକ ଗାନ୍ଧୀ ପଡିଆରେ ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାଏଙ୍କ ଦ୍ୱାରା ଦୁର୍ଗୋତ୍ସବ ଉଦଘାଟିତ ହୋଇଯାଇଛି। ସଭାପତି ସୌମାଭ କୁମାର ଦେ, ସମ୍ପାଦକ ସଞ୍ଜୟ କୁମାର ଗୁପ୍ତା, ବରିଷ୍ଠ ସଦସ୍ୟ ଦୁର୍ଗାଶଙ୍କର ବିଶ୍ୱାଳ ଓ ଅନ୍ୟାନ୍ୟା ସଦସ୍ୟମାନଙ୍କ ଗହଣରେ ୫ ଦିନ ବ୍ୟାପୀ ଦୁର୍ଗୋତ୍ସବ ର ଆନୁଷ୍ଠାନିକ ଭାବରେ ଉଦଘାଟନ କରିବା ଅବସରରେ ଜିଲ୍ଲାପାଳ ମା' ଦୁର୍ଗାଙ୍କ ଆଶିଷ ଲାଭ ପାଇଁ ଆମ ସମସ୍ତଙ୍କର ପ୍ରବଳ ଇଚ୍ଛାଶକ୍ତି ହିଁ ଆମକୁ ଆଗକୁ ନେଉଛି ବୋଲି ଦର୍ଶାଇଥିଲେ। ବରିଷ୍ଠ ସଦସ୍ୟ ଗାନ୍ଧୀ ପଡିଆର ସମସ୍ୟା ବିଷୟରେ ଜିଲ୍ଲାପାଳଙ୍କୁ ଅବଗତ କରିଥିଲେ। ଏହାକୁ ଅତିଶୀଘ୍ର କାର୍ଯ୍ୟକାରୀ କରାଯିବ ବୋଲି ଜିଲ୍ଲାପାଳ ଦର୍ଶାଇଥିଲେ। ଗାନ୍ଧିପଡିଆ ଦୁର୍ଗରେ ପୂଜାର ଅନ୍ୟତମ ଆକର୍ଷଣ କୁଇଜ୍ ପ୍ରତିଯୋଗିତା ସମସ୍ତଙ୍କ ମନକୁ ବର୍ଷ ବର୍ଷ ଧରି ଆକୃଷ୍ଟ କରିଆସିଥିବା ଏବଂ ଚଳିତ ବର୍ଷ ଜନସଚେତନା ମୂଳକ ବାର୍ତ୍ତା "ଜୀବନ ଜିନ୍ଦାବାଦ' ବିଷୟକୁ ସ୍ଥାନିତ କରିଥିବାରୁ ଜିଲାପାଳ ଖୁସି ଜାହିର କରିଥିଲେ। ଏହି ଅବସରରେ ପରିମଳ କର୍ମଚାରୀ ସତ୍ୟ ନାୟକ ଓ କାଞ୍ଚନ ନାୟକଙ୍କୁ କମିଟି ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗାନ୍ଧିପଡିଆ ଦୁର୍ଗାପୂଜା କମିଟି ସବୁବେଳେ ନିଆରା କିଛି କରି ଆସିଛି ଗତ ୨୮ ତାରିଖରେ ମୃଣ୍ମୟୀ ପତ୍ରିକା ଉନ୍ମୋଚନ କରିବା ସହ ପତ୍ରିକାର ଲେଖକଙ୍କୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସମ୍ମାନିତ ମଧ୍ୟ କରାଯାଇଥିଲା।





































## ମା' ବିରଜାଙ୍କ ଦୁର୍ଗା ଉତ୍ସବ ଉଦ୍‌ଯାପିତ

# ମା'ଙ୍କ ରଥ ଟାଣି, ପାଦ ସ୍ପର୍ଶ କରି ଭକ୍ତ ବିଭୋର







**ଯାଜପୁର, ୩୦।୯ (ସମିସ)**

ବେଶ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ଶେଷ ହୋଇଛି ମା'ବିରଜାଙ୍କ ନବ ଦିନାତ୍ମକ ରଥଯାତ୍ରା ବା ଦୁର୍ଗୋତ୍ସବ। ଚାଲୁଥିବା ମହାଷ୍ଟମୀ ଯଜ୍ଞ ଆଜି ସକାଳ ୬.୩୦ ମିନିଟ୍‌ରେ ପୂର୍ଣ୍ଣାହୁତି ହେବା ପରେ ମନ୍ଦିର ପହଡ଼ କରାଯାଇଥିଲା। ୮.୩୦ ମିନିଟ୍‌ରେ ମା'ଙ୍କ ପହଡ଼ ଖୋଲାଯାଇ ସ୍ନାନ, ପାଦ ସ୍ପର୍ଶ ଓ ନାନାଦି ବେଶ କାର୍ଯ୍ୟ ଦିନ ୧୦ଟାରେ ସମାପନ କରାଯାଇଥିଲା। ଆଜି ଦୁର୍ଗାଙ୍କର ଅଷ୍ଟମୀ ଓ ମା' ବିରଜାଙ୍କ ନବମୀ ଥିବାରୁ ଭକ୍ତଙ୍କ ଗହଳି ମନ୍ଦିର ପରିସରରେ ଦେଖିବାକୁ ମିଳିଥିଲା। ଅପରାହ୍ନ ୧ଟାରେ ତର୍ପଣ କାର୍ଯ୍ୟ ଆୟୋଜନ କରାଯାଇ ୩ଟାରେ ଶେଷ ହେବା ପରେ ନୀତି ଲାଗି କରାଯାଇଥିଲା। ପରେ ୪.୪୫ ମିନିଟରେ ଆଜିର ରଥଯାତ୍ରା ଆୟୋଜନ କରାଯାଇଥିଲା। ଆଜି ଆଦ୍ୟଦୁର୍ଗାଙ୍କ ନିକଟରୁ ରଥଯାତ୍ରା ଆରମ୍ଭ କରାଯାଇ ମନ୍ଦିର ସମ୍ମୁଖକୁ ରଥକୁ ଅଣାଯାଇଥିଲା। ରଥରୁ ଆର୍ଶୀ ଦଣ୍ଡ, ଛତ୍ର, ତରାଶ ଅବତରଣ ପରେ ମନ୍ଦିର ପ୍ରବେଶ କରାଯାଇଥିଲା। ସନ୍ଧ୍ୟା ଆଳତି କରାଯାଇଥିଲ। ଆଜି ଲାଖବିନ୍ଧା ଯାତ୍ରା ଥିବାରୁ ମନ୍ଦିର ପ୍ରଶାସନ ଓ ସେବାୟତ ପରିଷଦ ମଧ୍ୟରେ ଆଲୋଚନା କରାଯାଇ ରାତିର କାର୍ଯ୍ୟକ୍ରମ ସ୍ଥିର କରାଯାଇଥିଲା। ରାତି ୧୦.୩୦ ମିନିଟ୍‌ରେ ମନ୍ଦିରର ମ୍ୟାନେଜିଂ ଟ୍ରଷ୍ଟି ତଥା ଯାଜପୁର ଉପ-ଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀଙ୍କ ମୁଣ୍ଡରେ ଶିରିପା ଓ ଆର୍ଶୀ ସେବାୟତ ରଞ୍ଜନ ପାଣିଙ୍କ ମୁଣ୍ଡରେ ଶିରିପା ବନ୍ଧା ହେବା ପରେ ଲାଖବିନ୍ଧା ଯାତ୍ରା ଆରମ୍ଭ କରାଯାଇଥିଲା। ନହରପଦା କୀର୍ତ୍ତନ ମଣ୍ଡଳୀଙ୍କ ଉପସ୍ଥିତିରେ ମା'ଙ୍କ ବିଜେ ପ୍ରତିମାକୁ ରଥରୁ ଅବତରଣ କରାଯାଇଥିଲା। ଛତ୍ର, ତରାଶ ସେବାୟତମାନେ ଉପସ୍ଥିତ ହେବା ପରେ ପ୍ରଥା ଓ ପରମ୍ପରା ଅନୁଯାୟୀ ବିରଜା ହାଇସ୍କୁଲ ଛକ ଦେଇ ଲାଖବିନ୍ଧା ପଡ଼ିଆକୁ ଯାତ୍ରା କରାଯାଇଥିଲା। ଉକ୍ତ ସ୍ଥାନରେ ବିଭିନ୍ନ ପୂଜା କରାଯିବା ସହିତ ଲାଖବିନ୍ଧା କାର୍ଯ୍ୟ ସମାପନ କରାଯାଇଥିଲା। ଶେଷରେ ଉପସ୍ଥିତ ଥିବା ଜମିଦାର ଗୋପାଳ କୃଷ୍ଣ ପତିଙ୍କ ମୁଣ୍ଡରେ ଶିରିପା ଓ ଲାଖ ସେବାୟତ ଧନଞ୍ଜୟ ପାଣିଙ୍କ ମୁଣ୍ଡରେ ଶିରିପା ବନ୍ଧା ଯାଇଥିଲା। ସମସ୍ତ କାର୍ଯ୍ୟ ସମାପନ ପରେ ନହରପଦା ଗ୍ରାମ ଦେଇ ମା'ଙ୍କ ବିଜେ ପ୍ରତିମାକୁ ଅଣାଯାଇଥିଲା। ଉକ୍ତ ଗ୍ରାମର ମହିଳା ଓ ପୁରୁଷ ଭକ୍ତମାନେ ଉଜାଗର ରହି ମା' ବିରଜାଙ୍କୁ ଦର୍ଶନ କରିବା ସହିତ ଝୁଣା, ପଣା, ଦୀପ, ଧୂପ ଦେଇ ସ୍ୱାଗତ କରିଥିଲେ। ପୁଲିସ ପ୍ରଶାସନ ତରଫରୁ ଟାଉନ ଥାନାଧିକାରୀ ଶରତ ଚନ୍ଦ୍ର ପାତ୍ରଙ୍କ ନେତୃତ୍ୱରେ ୬ ପ୍ଲାଟୁନ ପୁଲିସ କର୍ମଚାରୀ ଉପସ୍ଥିତ ରହି ଆଇନ ଶୃଙ୍ଖଳା ନିୟନ୍ତ୍ରଣ କରିଥିଲେ। ରଥଯାତ୍ରା ଶେଷରେ ଟ୍ରଷ୍ଟବୋର୍ଡ ତରଫରୁ ସେବାୟତ ମାନେ ଟ୍ରଷ୍ଟ ବୋର୍ଡ କାର୍ଯ୍ୟାଳୟରେ ଉପସ୍ଥିତ ରହି ଟ୍ରଷ୍ଟ ବୋର୍ଡ ସମସ୍ତ ସଭ୍ୟମାନଙ୍କୁ ଉତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିବା ସହିତ ଜିଲ୍ଲାପାଳ, ଆରକ୍ଷୀଅଧିକ୍ଷକ, ଉପଆରକ୍ଷୀ ଅଧିକ୍ଷକଙ୍କୁ ଉତ୍ତରୀୟ ପ୍ରଦାନ କରିଥିଲେ। ଆଜି ସକାଳୁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ମନ୍ଦିର ଭିତରେ ଭକ୍ତମାନଙ୍କ ଗହଳି ଲାଗିରହିଥିଲା। ଆଜି ପାଖାପାଖି ୩୦ ହଜାରରୁ ଉର୍ଦ୍ଧ୍ୱ ପୁରୁଷ ଓ ମହିଳା ଭକ୍ତମାନେ ମା' ବିରଜାଙ୍କୁ ଦର୍ଶନ କରିଥିବା ବେଳେ ଶାନ୍ତିଶୃଙ୍ଖଳାର ସହିତ ସମସ୍ତ କାର୍ଯ୍ୟ ସମାପନ କରାଯାଇଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ମା' ବିରଜାଙ୍କ ମନ୍ଦିରରେ ପୂଜାର୍ଚ୍ଚନା ଚାଲୁଥିବାରୁ ସହରରେ ମଧ୍ୟ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଭକ୍ତମାନେ ଉଜାଗର ଥିଲେ। ଲାଖବିନ୍ଧା ଯାତ୍ରା ସମୟରେ ମଧ୍ୟ ହଜାର ହଜାର ଭକ୍ତ ସାମିଲ ହୋଇ ମା' ବିରଜାଙ୍କ ଲାଖବିନ୍ଧା ଯାତ୍ରାକୁ ସ୍ୱାଗତ କରିଥିଲେ। ପୂଜା ଶେଷରେ ଉପ-ଜିଲ୍ଲାପାଳ ଯାଜପୁରର ସମସ୍ତ ଗଣମାଧ୍ୟମ, ସମସ୍ତ ସେବା ଯୋଗାଇଥିବା ସେବାୟତମାନଙ୍କୁ ଅଶେଷ ଅଶେଷ ଧନ୍ୟବାଦ ଦେଇଥିଲେ।

## ରଥଯାତ୍ରା ଧାରା ବିବରଣୀ ପ୍ରଦାନ

ଯାଜପୁର: ଶ୍ରୀ ବିରଜା ସେବା ସମିତି ତରଫରୁ ମା' ବିରଜାଙ୍କ ରଥଯାତ୍ରାର ତ୍ରିଦିବସୀୟ ଧାରାବିବରଣୀ ସୁନାମଧନ୍ୟ ପ୍ରବଚକମାନଙ୍କ ଦ୍ୱାରା ପ୍ରଦାନ କରାଯାଇଛି। ସଭାପତି ବିଶ୍ୱମ୍ଭର ମିଶ୍ରଙ୍କ ଅଧ୍ୟକ୍ଷତାରେ ପ୍ରଥମ ଦିନରେ ଯାଜପୁର ଡିଏସ୍‌ପି ଶରତ ଚନ୍ଦ୍ର ପାତ୍ର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବରେ ଯାଜପୁରର ଉପଜିଲ୍ଲାପାଳ ତଥା ବିରଜା ମନ୍ଦିରର ମ୍ୟାନେଜିଂ ଟ୍ରଷ୍ଟି ତାପସ ରଞ୍ଜନ ଦେହୁରୀ ଯୋଗଦେଇଥିଲେ। ଧାରାବିବରଣୀ ପ୍ରବଚକ ଭାବେ ପଣ୍ଡିତ ସୂର୍ଯ୍ୟମଣୀ ଖୁଣ୍ଟିଆ, ପ୍ରାଧ୍ୟାପକ କାହ୍ନୁଚରଣ ମିଶ୍ର, ପଣ୍ଡିତ କୃଷ୍ଣଚନ୍ଦ୍ର ମିଶ୍ର, ଗଦାଧର ରାଉତ ପ୍ରବଚନ ଦେଇଥିଲେ। ୨ୟ ଦିନରେ ଯାଜପୁରର ପଣ୍ଡିତ ଭୂପତି ଭୂଷଣ ମିଶ୍ର, ପ୍ରଫେସର ଡ. ଜୟନ୍ତ କୁମାର ଦାସ ଓ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବ୍ରହ୍ମାନନ୍ଦ ସ୍ୱାଇଁ ପ୍ରବଚକ ଭାବେ ଯୋଗଦେଇଥିଲେ। ପଣ୍ଡିତ ଭୂପତିଭୂଷଣ ମିଶ୍ରଙ୍କ ଲିଖିତ 'ବିରଜା ସୁପ୍ରଭାତମ୍' ପୁସ୍ତକ ଉନ୍ମୋଚନ ହୋଇଥିଲା। ୩ୟ ଦିନରେ ଯାଜପୁର ଆଡିସ୍‌ନାଲ୍ ଏସ୍‌ପି ଶୀତିକଣ୍ଠ କାନୁନ୍‌ଗୋ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପ୍ରବଚକ ଭାବେ ପ୍ରାଧ୍ୟାପକ ପୂର୍ଣ୍ଣଚନ୍ଦ୍ର ସାମଲ, ନିତ୍ୟାନନ୍ଦ ଦେଓ, ଡ. ଜ୍ଞାନରଞ୍ଜନ ପତି, ଅଧ୍ୟାପକ ଦାମୋଦର ବେହେରା ଓ ଅଧିକାରୀ ନବକିଶୋର ଦାସ ଯୋଗଦେଇଥିଲେ। ସମ୍ପାଦକ କ୍ଷୀରୋଦ ଚନ୍ଦ୍ର ପାଠୀ, ଉପସଭାପତି ପ୍ରମୋଦ କୁମାର ଦ୍ୱିବେଦୀ ଓ ସହ ସମ୍ପାଦକ ବୃନ୍ଦାବନ ମିଶ୍ର, ହରିହର ବେହେରା, ରମେଶ ଚନ୍ଦ୍ର ରାଉତ ଓ ସୁବାଷ ଚନ୍ଦ୍ରମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ଉମାକାନ୍ତ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଭଜନ କାର୍ଯ୍ୟକ୍ରମ ହୋଇଥିଲା। ସମିତିର ସମସ୍ତ ସଭ୍ୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥବଲେ।









ଯାଜପୁରରେ ବିଭିନ୍ନ ମଣ୍ଡପରେ ମା'





ବରୀ ବ୍ଲକ ଅଲ୍ଲୀପୁର ଓ ରାମଚନ୍ଦ୍ରପୁରରେ ମା'ଙ୍କ ମଣ୍ଡପ

# ମହାମାୟୀଙ୍କ ଆଗମନରେ ପୁଲକିତ ଧରା







**ବ୍ୟାସନଗର, ୩୦।୦୯ (ସମିସ):** ମହାମାୟୀ ମା' ଦୁର୍ଗାଙ୍କ ଆଗମନରେ ପୁଲକିତ ହେଉଛି ଗାଁ ଠୁ ସହର। ବ୍ୟାସନଗରର ବିଭିନ୍ନ ପୂଜାମଣ୍ଡପରେ ମହାମାୟୀ ମା' ଦୁର୍ଗାଙ୍କ ପୂଜା ଚାଲୁଛି। ମଙ୍ଗଳବାର ଦୁର୍ଗାଷ୍ଟମୀରେ ବିଭିନ୍ନ ମଣ୍ଡପରେ ମା'ଙ୍କ ପୂଜା କାର୍ଯ୍ୟ ହେବା ସହିତ କଖାରୁ ବଳି ପ୍ରଦାନ କରାଯାଇଥିଲା। ସହରର ରାଇସମିଲ ଦୁର୍ଗାପୂଜା କମିଟି, ଚୋରଦା ଦୁର୍ଗାପୂଜା କମିଟି, ନହକା ପାତ୍ର ବଜାର ଦୁର୍ଗାପୂଜା କମିଟି, ଷ୍ଟେସନ ବଜାର ଜୟଦୁର୍ଗା କମିଟି, କୋପଣ୍ଡ ଦୁର୍ଗାପୂଜା କମିଟି ଆନୁକୂଲ୍ୟରେ ମା'ଙ୍କ ପୂଜା ଖୁବ୍ ଜାକଜମକରେ ପାଳିତ ହେଉଛି। ଏଥିନିମନ୍ତେ ସମସ୍ତ ପୂଜା ମଣ୍ଡପରେ ଭଳିକି ଭଳି ଆଲୋକ ମାଳା ଏବଂ ସୁଦୃଶ୍ୟ ତୋରଣ ନିର୍ମାଣ କରାଯାଇଛି। ପ୍ରତିଦିନ ସନ୍ଧ୍ୟାରେ ବିଭିନ୍ନ ପୂଜାମଣ୍ଡପ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି।

### ଲକ୍ଷ୍ମୀନଗରରେ ୨୦୩ ବର୍ଷର ଦୁର୍ଗାପୂଜା

ରସୁଲପୁର ବ୍ଲକ ଲକ୍ଷ୍ମୀନଗର ପଞ୍ଚାୟତର ଦୁର୍ଗାପୂଜା ପ୍ରାୟ ୨୦୩ ବର୍ଷର ହେବ। ଏଠାରେ ମଙ୍ଗଳବାର ସନ୍ଧିପୂଜା ଏବଂ ସନ୍ଧିବଳୀ କାର୍ଯ୍ୟକ୍ରମ ସମାପନ ହୋଇଛି। ପ୍ରାୟ ୫୦୦ରୁ ଉର୍ଦ୍ଧ୍ୱ କଖାରୁ ମା'ଙ୍କ ନିକଟରେ ବଳି ଦିଆଯାଇଥିଲା। ଦଶହରାରେ ବଳଦ ଯାତ୍ରା କାର୍ଯ୍ୟକ୍ରମ ପାଳନ ହେବ ବୋଲି ଦୁର୍ଗା କମିଟି ପକ୍ଷରୁ ସୂଚନା ମିଳିଛି। ଶୁକ୍ରବାର ଭସାଣ ଉତ୍ସବରେ ମା'ଙ୍କୁ ଶ୍ରଦ୍ଧାଳୁମାନେ କାନ୍ଧରେ କାନ୍ଧେଇ ତରାପୁର, ବାଲିଆପଶି ଏବଂ ଭିକିପୁର ଗ୍ରାମ ପରିକ୍ରମା କରାଇବା ସହିତ କୃଷ୍ଣନଗର ଗ୍ରାମର ଡିଗି ପୋଖରୀରେ ମେଲାଣି ଦିଆଯିବା ବୋଲି କମିଟି ସଭାପତି ଆନନ୍ଦ ଚରଣ ସାହୁ ସୂଚନା ଦେଇଛନ୍ତି। ଦୁଇ ଦିନ ଦୁର୍ଗାଶ୍ରୀ ଲୋକନାଟ୍ୟ ମାଧ୍ୟମରେ ଏଠାରେ ନାଟକ ପରିବେଷଣ କରାଯିବ। ବିଜୟା ଦଶମୀ ଓ ଏକାଦଶୀ ଦିନ ବାଲେଶ୍ୱରର ମୟୂରୀ ଅପେରା ତରଫରୁ ନାଟକ ମଞ୍ଚସ୍ଥ କରାଯିବ ବୋଲି ସାଧାରଣ ସମ୍ପାଦକ ସୁବଳ ସାହୁ, ନାଣ୍ଡୁଚରଣ ସାହୁ ଏବଂ ଅନ୍ୟ କର୍ମକର୍ତ୍ତା ସୂଚନା ଦେଇଛନ୍ତି।

### ଶଙ୍ଖଚିଲାରେ ଦୁର୍ଗାପୂଜା

କୋରେଇ ବ୍ଲକ ଖମଣ ପଞ୍ଚାୟତ ଶଙ୍ଖଚିଲା ହାଟରେ ଦୀର୍ଘ ୫୯ ବର୍ଷ ହେବ ପୂଜା ପାଇଆସୁଛନ୍ତି ମା' ଦୁର୍ଗା। ରାଧାନଗର ପାଟଣା, ଗୋଡ଼ିପାଟଣା, ମଠ ପାଟଣା, ଉଦୟପାଟଣା, ଗୁରୁସାହି ଖମଣ, ବଡ଼େଇଟିକର, ଠାକୁରପାଟଣା, ନାଉଡପୁର, ନାହାନ୍ଦା, ନୂଆପାଟଣା ଆଦି ଗ୍ରାମର ଅଧିବାସୀଙ୍କ ମିଳିତ ସହଯୋଗରେ ଚଳିତ ବର୍ଷ ପୂଜା କାର୍ଯ୍ୟ ସମ୍ପାଦିତ ହେଉଛ। ମା'ଙ୍କ ସନ୍ଧିପୂଜା ଏବଂ ସନ୍ଧିବଳୀ କାର୍ଯ୍ୟକ୍ରମ ସମାପନ ହୋଇଥିବା ବେଳେ ମହାଷ୍ଟମୀରେ ଶ୍ରଦ୍ଧାଳୁ ମା'ଙ୍କ ଦର୍ଶନ କରିଥିଲେ। ଜହ୍ନା ପଞ୍ଚାୟତ ଅର୍ନ୍ତଗତ ଛୋଟରାୟପୁର ଗ୍ରାମରେ ମଧ୍ୟ ଚଳିତ ବର୍ଷ ମହାଆଡମ୍ବରରେ ଦୁର୍ଗାପୂଜା ପାଳିତ ହେଉଛି।

### ପହଙ୍ଗାରେ ୨୦ ବର୍ଷର ପୂଜା

ରସୁଲପୁର ବ୍ଲକ ପହଙ୍ଗା ପଞ୍ଚାୟତରେ ଦୀର୍ଘ ୨୦ ବର୍ଷ ଧରି ମହାମାୟୀ ମା' ଦୁର୍ଗାଙ୍କ ପୂଜା ଅନୁଷ୍ଠିତ ହୋଇଆସୁଛି। ମଙ୍ଗଳବାର ମହାଷ୍ଟମୀ, ବୁଧବାର ମହାନବମୀ ଏବଂ ଗୁରୁବାର ବିଜୟା ଦଶମୀ ବା ଦଶହରା ପାଳନ ହେବ ବୋଲି ସ୍ଥାନୀୟ ଦୁର୍ଗା କମିଟି ପକ୍ଷରୁ ସୂଚନା ମିଳିଛି। ଏହି ପୂଜା ଉତ୍ସବରେ ସ୍ଥାନୀୟ ନୀଳକଣ୍ଠେଶ୍ୱର ଯୁବ ନାଟ୍ୟ ସଂସଦ ପକ୍ଷରୁ 'ସାଥିରେ ରହିବା ସାତ ଜନମ' ନାଟକ ମଞ୍ଚସ୍ଥ କରାଯିବ।

### ମଣ୍ଡପ ବୁଲିଲେ ଭବପ୍ରସାଦ

ବରିଷ୍ଠ ବିଜେଡି ନେତା ତଥା ଅଶୋକ ଦାସ ଫାଉଣ୍ଡେସନର ମହାସଚିବ ଭବପ୍ରସାଦ ଦାସ (ଲଲ) ବ୍ୟାସନଗର ପୌରାଧ୍ୟକ୍ଷ ସୁବାସ ଚନ୍ଦ୍ର ବଳ ଏବଂ ସ୍ଥାନୀୟ କାଉନସିଲରଙ୍କ ସହିତ ମଙ୍ଗଳବାର ବ୍ୟାସନଗର ସହରର ବିଭିନ୍ନ ପୂଜାମଣ୍ଡପ ବୁଲିଛନ୍ତି। ଏହା ସହିତ ସ୍ଥାନୀୟ କୋରେଇ ବ୍ଲକ ଖମଣ ପଞ୍ଚାୟତ ଶଙ୍ଖଚିଲା, ଜହ୍ନା ପଞ୍ଚାୟତ ଛୋଟରାୟପୁର ପୂଜା ମଣ୍ଡପ ବୁଲି ଦେଖିଥିଲେ। ଏହି ଅବସରରେ ବିଭିନ୍ନ ପୂଜା କମିଟି ପକ୍ଷରୁ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା।





## ମହିଳାଙ୍କୁ ଅପହରଣ କରି ଗଣବଳାତ୍କାର ଅଭିଯୋଗ

# ଭୁବନେଶ୍ୱର ପୁଲିସ ପଞ୍ଝାରେ ୩ ଦୁର୍ଦ୍ଦାନ୍ତ ଅପରାଧୀ

**ଦଶରଥପୁର, ୩୦।୯ (ସମିସ):** ଗତ ୨ ଦିନ ତଳେ ଭୁବନେଶ୍ୱର ଉପକଣ୍ଠ ପଟିଆ ଇଞ୍ଜଣା ଗାଁ ଭିତରେ ଗୋଟେ ଭଡ଼ାଘରୁ ଜଣେ ମହିଳାଙ୍କୁ ଅତି ଗୁରୁତର ଭାବେ ଉଦ୍ଧାର କରାଯାଇଥିଲା। ଏହି ଘଟଣାରେ ଭୁବନେଶ୍ୱର କମିଶନରେଟ୍ ଭରତପୁର ଥାନା ପୁଲିସ୍ ଯାଜପୁର ଜିଲ୍ଲା ମଙ୍ଗଳପୁର ଥାନା ବିରିପଟା ଗ୍ରାମର ସୁବାସ ରାଉତଙ୍କ ପୁଅ ଅବିନାଶ ରାଉତ ଓରଫ୍ ପପୁନ ଓ ସେହି ଗ୍ରାମର ଜଣେ ବିଜେପି ଯୁବ ନେତା ବୋଲାଉଥିବା ବାପି ଧଳ ସମେତ ଭୁବନେଶ୍ୱରରେ ଅନେକ କ୍ରାଇମ୍ କରିଥିବା ସତ୍ୟବ୍ରତ ସ୍ୱାଇଁଙ୍କୁ ଗିରଫ କରିଛି।

ଗତ ୩ ବର୍ଷ ହେବ ସୁବାସ ରାଉତଙ୍କ ପୁଅ ଅବିନାଶ ରାଉତ ବିଭିନ୍ନ ମହିଳାଙ୍କୁ ହାତରେ ରଖି ଭୁବନେଶ୍ୱର ପଟିଆ ଅଞ୍ଚଳରେ ସେକ୍ସ ରାକେଟ ଚଳାଇଥିବା ଜଣା ପଡ଼ିଥିଲା। ଏସବୁ ଘଟଣା ଜଣା ପଡ଼ିବା ପରେ ପୁଲିସ ସ୍କାନରରେ ୨ ଥର ଧରାପଡ଼ି ମୋଟା ଅଙ୍କର ଟଙ୍କା ଦେଇ ଖସି ଯାଇଥିଲା ଅବିନାଶ। ଏବେ ଜଣେ ମହିଳାଙ୍କୁ ବାରମ୍ବାର ବିବାହ କରିବାର ପ୍ରତିଶ୍ରୁତି ଦେଇ ତାକୁ ଅନେକ ବଡ଼ ବଡ଼ ଲୋକଙ୍କ ପାଖକୁ ଯିବାକୁ ପ୍ଲାନ କରିବା ବେଳେ ମହିଳା ଜଣଙ୍କ ଫେରାର ହୋଇ ଯାଇଥିଲେ। ୨ ମାସ ପରେ କୌଣସି ଏକ ସୂତ୍ରରୁ ଖବର ପାଇଁ ଅବିନାଶ ରାଉତ ନିଜ ଗାଁର ଜଣେ ନିଶା ବେପାରୀ ବାପି ଧଳକୁ ଡାକିବା ସହ ଏକ ବଡ଼ ପ୍ଲାନ ପ୍ରସ୍ତୁତି କରି ସୁପାରୀ କିଲର ସତ୍ୟବ୍ରତ ସ୍ୱାଇଁଙ୍କୁ ଡାକିଥିଲେ। ୩ ଜଣ ମିଶି ରାତି ୨ଟାରେ ଝିଅକୁ ଏକ ସ୍କର୍ପିଓ ଗାଡିରେ ଆଣି ଭୁବନେଶ୍ୱର ଇଞ୍ଜଣା ଗାଁ ଭିତରେ ରଖି ୩ ଜଣ ୨ ଦିନ ଧରି ବାରମ୍ବାର ଧର୍ଷଣ କରିଥିବା ଝିଅ ତାଙ୍କ ବୟାନରେ ପ୍ରକାଶ କରିଥିବା ଜଣା ପଡ଼ିଛି। ଅବିନାଶ ରାଉତ ନାଁରେ ବିଭିନ୍ନ ଥାନାରେ ୨୩ଟି ଅପରାଧିକ ଓ ବାପି ଧଳ ନାଁରେ ୩ଟି ହତ୍ୟା ଓ ବୋମା ଫିଙ୍ଗା ଭଳି ସଙ୍ଗୀନ ଅଭିଯୋଗରେ ଖୋରାକ ପାଇଛି ପୁଲିସ। ଅବିନାଶ ରାଉତଙ୍କ ବାପା ଯାଜପୁରରେ ଥିବା ଜୁଣଭଦ୍ରା କଲେଜରେ ପ୍ରିନ୍ସପାଲ ଥିବା ବେଳେ ପୁଅ ଏବେ ବାପା ଓ ପୂରା ପରିବାରର ଇଜ୍ଜତକୁ ନଷ୍ଟ କରିଦେଲା ବୋଲି ଗ୍ରାମବାସୀ ପୁଲିସକୁ କହିଥିବା ଜଣାଯାଇଛି। ଯାଜପୁର ପୁଲିସ ରିମାଣ୍ଡରେ ନେଇକି ଅଧିକ କିଛି ସୁରାକ ପାଇବ ବୋଲି ଆଶା ରଖିଛି।

**ବିଜେପି ଯୁବ ନେତା ସହ ୩ ଗିରଫ**

## ଅଶୋକଝରରେ ସମ୍ବର୍ଦ୍ଧନା ଉତ୍ସବ

**ସୁକିନ୍ଦା, ୩୦।୯ (ସମିସ):** ସୁକିନ୍ଦା ବ୍ଲକ ଅନ୍ତର୍ଗତ ଲେମ୍ବୋ ପଞ୍ଚାୟତ ସ୍ଥିତ ଅଶୋକଝର ଉଚ୍ଚବିଦ୍ୟାଳୟର ପୂର୍ବତନ ଛାତ୍ର ସଂସଦ ପକ୍ଷରୁ ଏକ ମିଳିତ ଅବସର କାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗତ ୧୯୮୬ ମସିହା ଠାରୁ ଆଜି ପର୍ଯ୍ୟନ୍ତ ଅବସର ଗ୍ରହଣ କରିଥିବା ଏହି ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ କର୍ମଚାରୀଙ୍କୁ ଗୋଟିଏ ମଞ୍ଚରେ ଏକାଠି କରି ସମ୍ବର୍ଦ୍ଧନା ଜଣାଇବା ଲକ୍ଷ୍ୟରେ ପୂର୍ବତନ ଛାତ୍ର ସଂସଦ ପକ୍ଷରୁ ଏହି ନିଆରା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପୂର୍ବତନ ସରପଞ୍ଚ ତଥା ପୂର୍ବତନ ଛାତ୍ର ଉଦୟ ନାରାୟଣ ସିଂ ଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସୁକିନ୍ଦା ମଣ୍ଡଳ ଅତିରିକ୍ତ ଶିକ୍ଷାଧିକାରି ଗୋବର୍ଦ୍ଧନ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଅବସରପ୍ରାପ୍ତ ଶିକ୍ଷକ ରାମ ଚନ୍ଦ୍ର ଖିଲାର, ସତ୍ୟ ନାରାୟଣ ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମଞ୍ଚାସିନ ଅତିଥି ମାନେ ବିଦାୟୀ ଶିକ୍ଷକ ବୃନ୍ଦାବନ ସାହୁ, ବିଜୟ କୁମାର ସାହୁ, ମୋହନଲାଲ ମହାନ୍ତ, ନନ୍ଦମଣି ମହାନ୍ତ, ମିହିର ରଞ୍ଜନ ପଟ୍ଟନାୟକ, ଗୋପାଳ ନାୟକ, ଦୁର୍ଗାପ୍ରସାଦ ମହାନ୍ତ, ଗିରିଧାରୀ ପ୍ରଧାନ ଓ ବିଦାୟୀ କର୍ମଚାରୀ ଉଦୟନାଥ ଦାସ, ଲକ୍ଷ୍ମୀଧର ମହାନ୍ତି, ହରେକୃଷ୍ଣ ମହାନ୍ତଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ବିଦ୍ୟାଳୟରୁ ପ୍ରଥମ ମାଟ୍ରିକ ପାସ କରିଥିବା ଛାତ୍ର ସାଧୁ ଚରଣ ମହାନ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।କଳ୍ପନା ମହାନ୍ତ ଓ ଜୟଶ୍ରୀ ଜ୍ୟୋତି ମହାନ୍ତ ସ୍ୱାଗତ ସଙ୍ଗୀତ ଓ ବିଦାୟୀ ସଙ୍ଗୀତ ପରିବେଷଣ କରିଥିଲେ।ପୂର୍ବତନ ଛାତ୍ର ପିକୁଲ ସାର ସଙ୍ଗୀତ ରଚନା ଓ ସ୍ୱର ସଂଯୋଜନା କରିଥିବା ବେଳେ ନନ୍ଦରାମ ମହାନ୍ତ ସଭାପରିଚାଳନା କରିଥିଲେ ଓ ଛାତ୍ର କୃଷ୍ଣଚନ୍ଦ୍ର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ, ଛାତ୍ର ଛାତ୍ରୀ, ପୂର୍ବତନ ଛାତ୍ର ଛାତ୍ରୀ, କର୍ମଚାରୀ ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତି ଥିଲେ।

# ଗଡ଼ ରକ୍ଷାକାରୀ ମା' ପାତାଳେଶ୍ୱରୀ



ବ୍ରହ୍ମପୁର,୩୦।୧୦(ସମିସ): ଧରାକୋଟ ଗଡ଼ର ଦକ୍ଷିଣ ପାଶ୍ୱର୍ରେ ଶୁଳିଆ ପାହାଡ଼ ପାଦଦେଶରେ ଘଞ୍ଚ ବନାନୀ ପରିବେଷ୍ଟିତ ଏକ ପଥର ପାଶ୍ୱର୍ରେ ରହିଛି ମା' ପାତାଳେଶ୍ୱରୀଙ୍କ ପୀଠ। ୧୮୪୦ର ଭୟଙ୍କର ଲଗାଣ ବର୍ଷା ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଥିଲା। ଏହି ସମୟରେ ଶୁଳିଆ ପାହାଡ଼ରୁ ଅଚାନକ ଏକ ଭୟଙ୍କର ଓ ବୃହତ୍ ସାପ ଧରାକୋଟ ଗଡ଼ ଆଡ଼କୁ ଅଗ୍ରସର ହେଉଥିବା ବେଳେ ହଠାତ୍ ପାଶ୍ୱର୍ରେ ଥିବା ଘୁଙ୍ଗି ପାହାଡ଼ରୁ ତିନୋଟି ବଡ଼ ପଥର ଖସି ଆସିଥିଲା। ସେଥିରୁ ଗୋଟିଏ ସାପ ଉପରେ ମାଡ଼ି ବସିଥିବା ବେଳେ ଅନ୍ୟ ଦୁଇଟି ଆଗ ପଛ ହୋଇ ରହିଥିଲା। ଅନ୍ଧାର ରାତିରେ ପଥର ଖସିବାର ଶବ୍ଦରେ ଗଡ଼ବାସୀ ଭୟଭୀତ ହୋଇ ପଡ଼ିଥିଲେ। ମଧ୍ୟରାତ୍ରରେ ରାଜାଙ୍କୁ ସ୍ୱପ୍ନାଦେଶ ହେଲା ତୋର ଗଡ଼କୁ ସାପ କ୍ଷତି ପହଞ୍ଚାଇବା ଆଗରୁ ମୁଁ ରକ୍ଷା କରିବାକୁ ପଥର ଖସାଇଛି। ତୁ ସେଠାରେ ମୋର ପୂଜାର୍ଚ୍ଚନାର ବ୍ୟବସ୍ଥା କରେ। ସକାଳୁ ରାଜା ନିଜର ପାରିଷଦ ବର୍ଗକୁ ନେଇ ସେଠାରେ ପହଞ୍ଚି ମୃତ ବିରାଟକାୟ ସାପକୁ ଦେଖିବା ସହ ପଥରର ଗୋଟିଏ ପାଶ୍ୱର୍ରେ ସିନ୍ଦୂର ଝରୁଥିବା ଦେଖି ମା'ଙ୍କର ପୂଜାର୍ଚ୍ଚନାର ବ୍ୟବସ୍ଥା କରିଥିଲେ। ଦୈନନ୍ଦିନ ଫଳ ଭୋଗ ଲାଗି ହେଉଥିବା ଏବଂ ଖୋଲା ଆକାଶ ତଳେ ମା' ରହି ପୂଜା ପାଉଥିବା ବେଳେ ଗାଁର ମୁରବୀ ଶ୍ରେଣୀର ରାଜା ଅନୁଗତ ଦଫାଦାର ସୋମନାଥ ମହାନ୍ତି, ଦୁର୍ଯ୍ୟୋଧନ ସ୍ୱାଇଁ, ଆନନ୍ଦ ପତ୍ରୀ, ଗୋପୀନାଥ ବାରିକ ଓ ଭବାନୀ ଶଙ୍କର ବରାଡ଼ ପ୍ରମୁଖ ମା'ଙ୍କ ପାଇଁ ଏକ ଛୋଟିଆ ମନ୍ଦିର ନିର୍ମାଣ ସହ ସ୍ୱତନ୍ତ୍ର ପୂଜାର୍ଚ୍ଚନାର ବ୍ୟବସ୍ଥା କରିଥିଲେ। ସଂପ୍ରତି ଜଣେ ବଦାନ୍ୟ ବ୍ୟକ୍ତି ମୀନକେତନ ସ୍ୱାଇଁ ପୀଠର ଉନ୍ନତିକରଣ ପାଇଁ ପ୍ରୟାସ ଜାରି ରଖିଛନ୍ତି ଏବଂ ପ୍ରତ୍ୟହ ଅନ୍ନ ଭୋଗର ବନ୍ଦୋବସ୍ତ କରିଛନ୍ତି। ମା'ଙ୍କର ପ୍ରସିଦ୍ଧ ପୂଜା ମଧ୍ୟରେ, ଅଷ୍ଟମୀ ପୂଜା, ନୂଆଁଖିଆ, ନବରାତ୍ରୀ, ସଙ୍କରାନ୍ତି,ଚୈତ୍ର ମାସ ମଙ୍ଗଳବାର ଓ ଦୀପାବଳୀ ରହିଛି। ଏହିଦିନ ସ୍ୱତନ୍ତ୍ର ପୂଜା ଅନୁଷ୍ଠିତ ହୁଏ। ଘୁଙ୍ଗୀ ପାହାଡ଼ରେ ଦୀପାବଳୀ ଦିନ ଧରାକୋଟ ରାଜ ପରିବାର ତରଫରୁ ପିତୃ ପୁରୁଷଙ୍କ ଉଦ୍ଦେଶ୍ୟରେ ଦୀପ ଦାନ ପରେ ମା'ଙ୍କ ପୀଠରେ ଦୀପ ଜଳାଯାଏ। ଏହା ପରେ ଗଡ଼ ଓ ଆଖପାଖ ଗାଁର ଲୋକେ ଦୀପାବଳୀ ଉତ୍ସବ ପାଳନ କରିବାର ବିଧି ରହିଛି।

# ଉପାନ୍ତର ରାଣୀ ମା' ଭୂଇଁଆଣୀ



ବ୍ରହ୍ମପୁର,୩୦।୯(ସମିସ): ଗଞ୍ଜାମ ଜିଲ୍ଲାର ଉପାନ୍ତ ବ୍ଲକ ଜଗନ୍ନାଥପ୍ରସାଦରେ ଅବସ୍ଥିତ ମା' ଭୂଇଁଆଣୀ ଠାକୁରାଣୀ। ଲଙ୍କାଗଡ଼ ପାହାଡ଼ ସ୍ଥଳଭାଗରେ ଥିବା ପୁରୁଣାଗଡ଼ା ଜଙ୍ଗଲ ମଧ୍ୟ ଭାଗରେ ମା' ବିରାଜମାନ। ପୁରୁଣାଗଡା ଭୂଇଁଆଣୀ ଠାକୁରାଣୀ କହିଲେ ବୃଦ୍ଧ ଏବଂ ଅଞ୍ଚଳରେ ବେଶ ପରିଚିତ। କାରଣ ଏଠାରେ ମା'ଙ୍କ ସାତ ଭଉଣୀ ଅବସ୍ଥିତକୁ ନେଇ ପ୍ରସିଦ୍ଧି ଲାଭ କରିଛି ଏହି ମନ୍ଦିର। ରାସ୍ତାଘାଟ ନ ଥିବା ବଣଜଙ୍ଗଲ ଘେରା ପାହାଡ଼ରେ ଥିବା ମା' ଭୂଇଁଆଣୀ ପ୍ରଥମେ ଘଞ୍ଚଜଙ୍ଗଲ, ବଣ ପାହାଡ଼ ଘେରା ଓ ଲଟା ବୁଦାରେ ରହୁଥିଲେ। ଗ୍ରାମବାସୀ ଜଙ୍ଗଲକୁ ଗଲା ବେଳେ ଏହି ବାଟ ଦେଇ ଯାଆନ୍ତି। ସ୍ଥାନୀୟ ଲୋକଙ୍କ କହିବା ମୁତାବକ ଏହି ମନ୍ଦିରର ପୂର୍ବ ଦିଗରେ ରହିଛି ରାଣୀ ଗଣ୍ଡ, ପଶ୍ଚିମରେ ଜଳଭଙ୍ଗ ଗୁମ୍ଫ, ଦକ୍ଷିଣକୁ ଗଲେ ଲଙ୍କାଗଡ଼ ପାହାଡ଼ ଓ ଗିରିପୂଜା ପାହାଡ଼ ଏବଂ ଉତ୍ତରରେ ଇନ୍ଦ୍ରଗଡ଼ ସାହି। ଏହି ମନ୍ଦିରଠାରୁ ଏକ ଶହ ମିଟର ଦୂରରେ 'ଗଡ଼ଖାଲ' ନାମରେ ଏକ ସାହି ଥିଲା। ସେହି ଜାଗାରେ ଏକ ଶହେ ବର୍ଷର ବରଗଛ ଏବେ ବି ବଞ୍ଚି ରହିଥିବା ଶୁଣିବାକୁ ମିଳୁଛି। ଏହି ପୁରୁଣାଗଡା ଜଙ୍ଗଲର 'ଗଡ଼ଖାଲ' ସାହିରେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ରାଜା ଓ ରାଣୀ ଆସି ରହୁଥିଲେ। ରାଣୀ ପାଖରେ ଥିବା ଗଣ୍ଡକୁ ଗାଧୋଇବାକୁ ଯାଉଥିଲେ। ରାଣୀ ସ୍ନାନ କରୁଥିବା ସ୍ଥାନକୁ 'ରାଣୀଗଣ୍ଡ' କୁହାଯାଏ। ରାଣୀଙ୍କ ସ୍ନାନ ପରେ ମା' ଠାକୁରାଣୀକୁ ପ୍ରଥମ କରି ଦର୍ଶନ କରୁଥିଲେ। ବର୍ତ୍ତମାନ ସମୟରେ ଜଙ୍ଗଲ ଜନ୍ତୁ ଭୟ ଓ ହାତୀଙ୍କ ଆଡାସ୍ଥଳୀ ପାଲଟି ଥିବାରୁ ଆସ୍ତେ ଆସ୍ତେ "ଗଡ଼ଖାଲ ସାହି' ଲୋପ ପାଇଗଲାଣି। ମା'ଙ୍କ ଆସ୍ଥାନ ଛୋଟିଆ ପାଚେରୀ ଉଠାଇବା ସହିତ ବର୍ଷାରୁ ରକ୍ଷା ପାଇଁ ଟିଣ ଛପର କରାଯାଇଛି। କେବଳ ସଂକ୍ରାନ୍ତି ପଡ଼ିଲେ ଗ୍ରାମର କିଛି ଶ୍ରଦ୍ଧାଳୁ ମା'ଙ୍କ ପିଠସ୍ଥଳିକୁ ଯାଇ ସଫାସୁତୁରା ସହ ପୂଜାର୍ଚ୍ଚନା କରି ଆସନ୍ତି। ଏହାର ସ୍ଥାୟୀ ଗୃହ ପାଇଁ ଯୋଜନା କରାଯାଉଛି।





































# ମା' ଟିକାଚନ୍ଦ୍ରୀ ଦେବୀ ପୀଠରେ ବିଧାୟକଙ୍କ ପୂଜାର୍ଚ୍ଚନା



ଦିଗପହଣ୍ଡି, ୩୦।୯ (ସମିସ): ଦିଗପହଣ୍ଡି ବ୍ଲକ ଖମାରୀ ଗାଁ ପଞ୍ଚାୟତ ଗୋଲଣ୍ଡା ଗ୍ରାମ ନିକଟସ୍ଥ ଗାଇଡ଼ା ପର୍ବତ ପାଦଦେଶରେ ବିରାଜିତ ମା' ଟିକାଚନ୍ଦ୍ରୀ ଶକ୍ତିପୀଠରେ ନବରାତ୍ରି ପୂଜା ମହା ସମାରୋହରେ ପାଳିତ ହେଉଛି। ପ୍ରତ୍ୟେହ ଚଣ୍ଡୀପାଠ, ୧୦୮ ଆଳତି, ଷୋଡ଼ଶ ଉପଚାରରେ ପୂଜାର୍ଚ୍ଚନା, ହୋମଯଜ୍ଞ ସହ ଅନ୍ନଯଜ୍ଞ ଚାଲିଛି। ପ୍ରତିଦିନ ସନ୍ଧ୍ୟାରେ ଏଠାରେ ଉତ୍ସାହି ଯୁବତୀ ଯୁବକଙ୍କ ଦାଣ୍ଡିଆ ଓ ଗରବା ନୃତ୍ୟ ଗୀତ ପରିବେଷଣ ବେଶ ଉପଭୋଗ୍ୟ ହେଉଛି। ଦିଗପହଣ୍ଡି ବିଧାୟକ ଡ. ସିଦ୍ଧାନ୍ତ ମହାପାତ୍ର ମାଁ' ଟିକାଚନ୍ଦ୍ରୀଙ୍କ ପୀଠରେ ପହଞ୍ଚି ପୂଜାର୍ଚ୍ଚନା କରି ଅଞ୍ଚଳ ବାସୀଙ୍କ ମଙ୍ଗଳ କାମନା କରିବା ସହ ମନ୍ଦିରର ଉନ୍ନୟନ ନିମନ୍ତେ ମନ୍ଦିର ପରିଚାଳନା କମିଟି ସଦସ୍ୟଙ୍କ ସହ ଆଲୋଚନା କରିଥିଲେ। ପୂଜା ମହୋତ୍ସବ କମିଟିର ପରିଚାଳକ ତଥା ସ୍ଥାନୀୟ ସରପଞ୍ଚ ପ୍ରତିନିଧି ଚିତ୍ରସେନ ଗୌଡ଼, ସାମାଜିକ କର୍ମୀ ରଞ୍ଜନ କୁମାର ପାଣିଗ୍ରାହୀ, ଶିବାନନ୍ଦ ପାଣିଗ୍ରାହୀ, ବିଜେପି ଭୀଷ୍ମଗିରି ମଣ୍ଡଳ ସମ୍ପାଦକ କେ . ନରସିଂହ ପାତ୍ର, ବିଜେପି ଯୁବମୋର୍ଚ୍ଚା ଗଞ୍ଜାମ ଜିଲ୍ଲା ଉପସଭାପତି ବାପି ପ୍ରଧାନଙ୍କ ସମେତ ବହୁ ଦଳୀୟ କର୍ମୀ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ଏହାପରେ ବିଧାୟକ ଦିଗପହଣ୍ଡି ଅଞ୍ଚଳ କଲୋନୀ ସିଂହ ବାହିନୀ ପୂଜା କମିଟି ପକ୍ଷରୁ ଆୟୋଜିତ ଦୁର୍ଗାପୂଜା ମଣ୍ଡପରେ ପହଞ୍ଚି ପୂଜାର୍ଚ୍ଚନା କରିଥିଲେ। ପରିଶେଷରେ ଦିଗପହଣ୍ଡି ସହରର ଆରାଧ୍ୟ ଦେବୀ ମା' ବୁଢ଼ୀ ଠାକୁରାଣୀ ମନ୍ଦିରରେ ପହଞ୍ଚି ମା'ଙ୍କ ଦର୍ଶନ କରି ଫେରିଥିଲେ। ବିଜେପି ରାଜ୍ୟ ପରିଷଦ ସଦସ୍ୟ ପରେଶ ଚନ୍ଦ୍ର ରଥ, ବ୍ରହ୍ମପୁର ସାଂସଦ ପ୍ରତିନିଧି ଭବାନୀ ଶଙ୍କର ପଣ୍ଡା, ବିଜେପି ନଗର ସଭାନେତ୍ରୀ ସୁଷମା ଗୌଡ଼ଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

# ଛତିଶଗଡ଼ ଓ ଆନ୍ଧ୍ରରୁ ବେଆଇନ ବାଣ ଆଣି ଗଚ୍ଛିତ କଲେଣି ବେପାରୀ

## ବେଆଇନ ଦୋକାନରେ ଚଢ଼ଉ କେବେ ?

ଚନ୍ଦାହାଣ୍ଡି,୩୦।୯ (ସମିସ): ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ ଅଞ୍ଚଳରେ ବିଭିନ୍ନ ସମୟରେ ବିଭିନ୍ନ ପର୍ବପର୍ବାଣୀ ପାଳନ କରାଯାଏ। ସେଥିମଧ୍ୟରୁ ଦୀପାବଳି ଅନ୍ୟତମ ପର୍ବ। ଚନ୍ଦାହାଣ୍ଡିରେ କାଁ ଭାଁ ଜଣେ ଦୁଇ ଜଣଙ୍କ ବାଣ ବିକ୍ରି ପାଇଁ ଲାଇସେନ୍ସ ରହିଥିବା ବେଳେ ଅନେକ ବ୍ୟବସାୟୀ ବିନା ଲାଇସେନ୍ସରେ ବାଣ ବିକ୍ରି କରୁଥିବା ସୂଚନା ରହିଛି। ଗତ କିଛି ଦିନ ପୂର୍ବେ ବୌଦ୍ଧ ଜିଲ୍ଲାରେ ବାଣ ବିସ୍ଫୋରଣ ଘଟଣା ସାରା ରାଜ୍ୟରେ ଚହଳ ପକାଇଥିବା ବେଳେ ଲୋକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏଥିପ୍ରତି ପୋଲିସ ପ୍ରଶାସନ ଦୃଷ୍ଟିଦେଇ ବେଆଇନ ଭାବେ ବିକ୍ରି ପାଇଁ ଗଚ୍ଛିତ କରିଥିବା ବାଣ ବ୍ୟବସାୟୀଙ୍କ ତାଲିକା କରି ଚଢ଼ଉ କରିବାକୁ ଦାବି ହୋଇଛି । ସୂଚନାନୁଯାୟୀ ଚନ୍ଦାହାଣ୍ଡି ଅଞ୍ଚଳର କେତେ ଜଣ ବ୍ୟବସାୟୀ ବେଆଇନ ଭାବେ ବାଣ ବିକ୍ରି କରି ମାଲାମାଲ ହେଉଥିବା ବେଳେ ଆଗକୁ ଦୀପାବଳି ଥିବାରୁ ପଡୋଶୀ ଛତିଶଗଡ ଏବଂ ଆନ୍ଧ୍ରପ୍ରଦେଶ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ବେଆଇନ ଭାବେ ବିଭିନ୍ନ ବ୍ରାଣ୍ଡର ବାଣ ଆଣି ଗଚ୍ଛିତ ରଖିଥିବା ଏକ ବିଶେଷ ସୂତ୍ରରୁ ଜଣାପଡିଛି। ଅଞ୍ଚଳରେ ଆଗରୁ ବେଆଇନ



ବାଣ ବିକ୍ରି ଫଳରେ ବିଭିନ୍ନ ସମୟରେ ଛୋଟ ବଡ଼ ଅଘଟଣ ଘଟି ଲୋକଙ୍କର କ୍ଷୟକ୍ଷତି ଘଟିଛି । ତେଣୁ ଆଗକୁ ଏଭଳି ଅଘଟଣ ଏଡାଇ ଦିଆଯାଇ ନ ପାରେ। ଚନ୍ଦାହାଣ୍ଡି ତଥା ଗ୍ରାମାଞ୍ଚଳରେ ମଧ୍ୟ ଅନେକ ବେପାରୀ ମାନେ ଖୁଲମଖୁଲା ବିନା ଲାଇସେନ୍ସରେ ବାଣ ବିକ୍ରି କରୁଥିବା ନଜିର ରହିଛି । ତେଣୁ ଏଥିପ୍ରତି ପ୍ରଶାସନ ଉଚିତ ସମୟରେ ଅତର୍କିତ ଚଢ଼ଉ କଲେ ଲୋକେ ସୁରକ୍ଷିତ ସହିତ ଅଘଟଣ ଏବଂ ବେଆଇନ ବାଣ ବିକ୍ରି ଉପରେ ରୋକ୍ ଲଗାଇବା ନେଇ ସାଧାରଣରେ ଦାବି ହେଉଛି।

# ତାରିଣୀ ମନ୍ଦିରରେ ନବରାତ୍ର ପୂଜା

ବେହେଡା, ୩୦।୯ (ସମିସ): ନବରଙ୍ଗପୁର ଜିଲ୍ଲାର ବେହେଡା ତାରିଣୀ ମନ୍ଦିରରେ ନବରାତ୍ର ପୂଜା ଧୁମ୍‌ଧାମରେ ପାଳିତ ହେଉଛି। ମାଙ୍କ ନବଦିନ ଯାତ୍ରା ଚାଲିଥିବା ସମୟରେ ସପ୍ତମୀ, ଅଷ୍ଟମୀ, ନବମୀ, ଦଶମୀ ପୂଜା ହେଉଛି। ଏହାକୁ ଦେଖିବା ପାଇଁ ଭକ୍ତଙ୍କ ଭିଡ଼ ଲାଗୁଛି। ଏହାକୁ ନେଇ ବେହେଡାବାସୀଙ୍କ ମଧ୍ୟରେ ଉତ୍ସାହ ଓ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟିହୋଇଛି।

# ଏନ୍‌ଏସି ପକ୍ଷରୁ 'ଅଙ୍ଗୀକାର-୨.୦' କାର୍ଯ୍ୟକ୍ରମ

ବୁଗୁଡ଼ା, ୩୦।୯ (ସମିସ): ବୁଗୁଡା ଏନ୍‌ଏସି ପକ୍ଷରୁ 'ଅଙ୍ଗୀକାର-୨.୦' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଏନ୍‌ଏସି କଲ୍ୟାଣ ମଣ୍ଡପ ପରିସରରେ କାର୍ଯ୍ୟନିର୍ବାହୀ ଅଧିକାରୀ ବିଭୂତି ଭୂଷଣ ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନ, ଉପାଧ୍ୟକ୍ଷା ଗୀତାଞ୍ଜଳି ପାଢ଼ୀ, ନଗର ବିଜେପି ସଭାପତି କେଦାର ନାଥ ମହାରଣା ଓ ବିଧାୟକ ପ୍ରତିନିଧି ଯଜ୍ଞ ନାରାୟଣ ପାତ୍ରଙ୍କ ସମେତ କାଉନସିଲରମାନେ ଯୋଗ ଦେଇଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସମସ୍ତ ବାସହୀନଙ୍କୁ ଗୃହ ଯୋଗାଣ ସାଙ୍ଗକୁ ପାଣିପାଗ ସହିତ ଖାପ ଖୁଆଇ ଚଳିବା ନିମନ୍ତେ ଘର ନିର୍ମାଣ ଶୈଳୀ ସମ୍ପର୍କରେ ଜ୍ଞାନକୌଶଳ ପ୍ରଦାନ କରାଯାଇଥିଲା। ଏଥିସହ ଗୃହ ନିର୍ମାଣ ସକାଶେ ଅତିରିକ୍ତ ଋଣ ପ୍ରଦାନ ନିମନ୍ତେ ସହଯୋଗର ହାତ ବଢ଼ାଇବା ସହ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନାରେ ବିଦ୍ୟୁତ୍ ସେବା ନିମନ୍ତେ ଋଣ ପ୍ରଦାନ ସମ୍ପର୍କରେ ମଧ୍ୟ ଅବଗତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଏନ୍‌ଏସି କର୍ମଚାରୀବୃନ୍ଦ ସହଯୋଗ କରିଥିଲେ।

# ଆମ୍ବୁଲାନ୍ସ-ବାଇକ୍ ଧକ୍କା, ବାଇକ୍ ଚାଳକ ଗୁରୁତର

ରାୟଗଡ଼,୩୦।୯ (ସମିସ): ଆମ୍ବୁଲାନ୍ସ ଧକ୍କାରେ ଯୁବକ ଗୁରୁତର। ଗୁରୁତର ଯୁବକ ହେଲେ ରାୟଗଡ଼ା ସହର ରାଣୀଗୁଡା ଫାର୍ମ ଅଞ୍ଚଳର ରାଜେଶ କୁମାର ପାଢୀ। ଆଜି ସଂଧ୍ୟାରେ ରାଜେଶ ସହରର ଲକ୍ଷ୍ମୀପୂଜା ଛକ ଦେଇ ବାଇକ୍ ଯୋଗେ ଆସୁଥିବା ବେଳେ ସାମ୍ନା ପଟୁ ଆସୁଥିବା ଏକ ଆମ୍ବୁଲାନ୍ସ ଧକ୍କା ଦେଇଥିଲା। ଫଳରେ ଯୁବକ ରାଜେଶ ଘଟଣାସ୍ଥଳରେ ଅଚେତ ଅବସ୍ଥାରେ ପଡିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ଅନ୍ୟପଟେ ଦୁର୍ଘଟଣା ଘଟାଇଥିବା ଆମ୍ବୁଲାନ୍ସ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଛି।

# ବିସ୍ଫୋରକ,ଅସ୍ତ୍ରଶସ୍ତ୍ର ଓ ମାଓ ସମଗ୍ରୀ ଜବତ

ମାଲକାନଗିରି, ୩୦।୯ (ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡର ନାରାୟଣପୁର ଜିଲ୍ଲାରେ ସୁରକ୍ଷା ବାହିନୀ ଦ୍ୱାରା ତଲାସି ଅଭିଯାନ ବେଳେ ମାଓବାଦୀ ଲୁଚାଇ ରଖିଥିବା ବିସ୍ଫୋରକ, ଯୁଦ୍ଧ ସାମଗ୍ରୀ ଏବଂ ଦୈନନ୍ଦିନ ବ୍ୟବହାରର ସାମଗ୍ରୀକୁ ଜବତ କରାଯାଇଛି। ସୂଚନା ଅନୁଯାୟୀ ନାରାୟଣପୁର ଜିଲ୍ଲା ଏସ୍‌ପି ରବିନସନ୍ ଗୁଡିଆଙ୍କ ମାର୍ଗଦର୍ଶନରେ ମାଓ ବିରୋଧୀ ଅଭିଯାନ କରାଯାଉଥିଲା। ଜିଲ୍ଲାର ଧନୋରା ଥାନା ଅଞ୍ଚଳରେ ଥିବା ମୋହନାର ତୋୟାପାରା ଅଞ୍ଚଳରେ ଏହି ଅଭିଯାନ ବେଳେ ମାଟି ତଳେ କିଛି ବିସ୍ଫୋରକ ସାମଗ୍ରୀ ରହିଥିବା ଜଣାପଡ଼ିବା ପରେ ଯବାନଙ୍କ ବୋମା ନିଷ୍କ୍ରିୟକାରୀ ଦଳ ସେଠାରେ ମାଟି ତଳୁ ବିସ୍ଫୋରକ



ସାମଗ୍ରୀ, ଏକ ପ୍ରେସର କୁକର ବୋମା, ଏକ ମଲ୍ଟିମିଟର, ଏକ ବନ୍ଧୁକ ସହ କିଛି ନିତ୍ୟ ବ୍ୟବହୃତ ସାମଗ୍ରୀକୁ ଉଦ୍ଧାର କରିଥିଲେ। ଆଇଟିବିପିର ଯବାନଙ୍କ ଦ୍ୱାରା ଏହି ସାମଗ୍ରୀକୁ ଉଦ୍ଧାର କରାଯାଇଥିଲା। ମାଓ ସଂଗଠନର ନେସଲନାର କମିଟି ଏହି ଅଞ୍ଚଳରେ ସକ୍ରିୟ ଥିବାରୁ ଏହି ସମଗ୍ରୀ ସେହି ମାଓ ସଂଗଠନର ହୋଇଥିବା ବୋଲି ଅନୁମାନ କରାଯାଉଛି। ତେବେ ସୁରକ୍ଷା ବାହିନୀ ଏବଂ ସାଧାରଣ ନାଗରିକଙ୍କୁ କ୍ଷତି ପହଞ୍ଚାଇବା ଉଦ୍ଦେଶ୍ୟରେ ଏହି ବିସ୍ଫୋରକ ସାମଗ୍ରୀ ମାଓବାଦୀ ମାନେ ବ୍ୟବହାର କରିବାକୁ ଏଠାରେ ଲୁଚାଇ ରଖିଥିବା ଅନୁମାନ କରାଯାଉଛି।

# ସୁସଜ୍ଜିତ ମେଢ଼ରେ ପୂଜା ପାଉଛନ୍ତି ମା'

ଲକ୍ଷ୍ମୀପୁର,୩୦।୯ (ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ସଦର ମହକୁମାରେ ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ରୀତିନୀତି ଅନୁସାରେ ଷଷ୍ଠୀରୁ ଆରମ୍ଭ ହେଲା ମା'ଦୁର୍ଗାଙ୍କ ପୂଜା କାର୍ଯ୍ୟ। ରବିବାର ଅପରାହ୍ନରେ କଳସରେ ପାଣି ଉଠା ଯାଇ ଥିଲା ଏବଂ ଆରମ୍ଭ ହୋଇଥିଲା ପୂଜା କାର୍ଯ୍ୟ। ସୁସଜ୍ଜିତ ମଣ୍ଡପରେ ମା'ଙ୍କୁ ସ୍ଥାପନ କରି ମହା ଆଡ଼ମ୍ବର ସହିତ ଚାଲିଛି ପୂଜା। ମା'ଙ୍କ ଦର୍ଶନ ପାଇଁ ପୂଜା ମଣ୍ଡପରେ ଭିଡ ଜମୁଛି ଏବଂ ଲକ୍ଷ୍ମୀପୁର ରାଜରାସ୍ତାକୁ ଝିମିମିଲି ଲିଟୁ ଆଲୁଅରେ ଝଲୁସୁଛି। ପୂଜାକୁ ନେଇ ବାହାରୁ ବିଭିନ୍ନ ପୂଜା ସାମଗ୍ରୀ ବ୍ୟବସାୟ ପାଇଁ ରାସ୍ତା କଡ଼ରେ ବସି ବ୍ୟବସାୟ କରୁଥିବା ଦେଖିବାକୁ ମିଳିଛି। ଲକ୍ଷ୍ମୀପୁର ବଜାର ଦେଇ ଯାଇ ଥିବା ୩୨୬ତମ ଜାତୀୟ ରାଜପଥ ସଜ୍ଜିତ ହେବା ସହ ଆକର୍ଷଣୀୟ ମେଢ଼ ଲୋକଙ୍କୁ ମନମୋହୁଛି। ପୂଜା କମିଟି ପକ୍ଷରୁ ପ୍ରତିବର୍ଷ ଏଠି ଭିନ୍ନ ଭିନ୍ନ ପ୍ରକାରେ ମେଢ଼ ତିଆରି ହୋଇ ରଙ୍ଗୀନ ଆଲୋକରେ ସୁସଜ୍ଜିତ କରାଯାଏ। ପୂଜା ସମୟରେ ଲକ୍ଷ୍ମୀପୁର ବଜାର ଉତ୍ସବ ମୁଖର ପାଲଟିବା ସହ ଦେଖିବାକୁ ଆକର୍ଷଣୀୟ ଲାଗି ଥାଏ।

# ଆଦିବାସୀଙ୍କ ରୀତିନୀତିରେ ପୂଜା ପାଉଛନ୍ତି ବିରୋଖମ୍ବ

ବୈପାରୀଗୁଡା,୩୦।୯ (ସମିସ): ନବରାତ୍ର ପାଇଁ ଚଳଚଞ୍ଚଳ ହୋଇ ଉଠିଛି କୋରାପୁଟ ଜିଲ୍ଲା ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ବିରୋଖମ୍ବ ପୀଠ। ଆଜି ନିଜ ପୀଠକୁ ଫେରିଛନ୍ତି ବିରୋଖମ୍ବ ଠାକୁର । କେନ୍ଦୁପଡା ଗ୍ରାମବାସୀ ବିରାଟ ପଟୁଆରରେ ଗୀତନାଚ କରି ଗାଁ ମୁଣ୍ଡରୁ ଠାକୁରଙ୍କୁ ପାଛୋଟି ଆଣିଛନ୍ତି।

ସୂଚନା ଥାଉକି, ବିରୋଖମ୍ବ ଠାକୁର ନିଜ ଭଉଣୀ ବିରୋଳା ଦେବୀଙ୍କୁ ଭେଟିବାକୁ ବର୍ଷକୁ ଥରେ ନବରାତ୍ର ସମୟରେ ଯାଇଥାନ୍ତି। ଏହି ଅବସରରେ ଗତକାଲି ଦଶମନ୍ତପୁର ସ୍ଥିତ



ବିରଳି ଦେବୀଙ୍କୁ ଭେଟି ପୁଣି ଆଜି ନିଜ ପୀଠକୁ ଫେରିଛନ୍ତି ବିରୋଖମ୍ବ ଠାକୁର। ଏହି ପୀଠରେ ଏଭଳି ପରମ୍ପରା ଚାଲିଆସୁଛି। ପୂଜକଙ୍କ ମନ୍ତ୍ର ଓ ଆଦିବାସୀର ବାଜାରେ ରୀତିନୀତି ଅନୁଯାୟୀ ପୂଜା ପାଆନ୍ତି ବିରୋଖମ୍ବ।। ଆଜି ପୀଠରେ ଦୀପ, ଧୂପ, ପୁଷ୍ପ ଓ ନୈବେଦ୍ୟ ଅର୍ପଣ କରାଯାଇଥିବା ବେଳେ ଏଠାରେ ପଶୁ ଓ ପକ୍ଷୀ ବଳି ପ୍ରଥା ମଧ୍ୟ ରହିଛି । ବିରୋଖମ୍ବଙ୍କ ମହତ୍ୱ ଅନେକ, ଏହା ଏକ ଆଦିବାସୀ ଅଞ୍ଚଳ, ଏଠାରେ ଯେଉଁ ମାନେ ବାସକରନ୍ତି, ସେମାନେ ବହୁତ ବିଶ୍ୱାସ କରନ୍ତି। ବିରୋଖମ୍ବ ପୀଠରେ ମୁଖ୍ୟ ପୂଜକ ମନ୍ତ୍ର ଉଚ୍ଚରଣ ସହ ଚାଉଳ ପୂଜାର୍ଚ୍ଚନା କରି ଭକ୍ତଙ୍କ ମନସ୍କାମନା ପୂରଣ ପାଇଁ ଠାକୁଙ୍କୁ ଆରାଧନା କରିଥାନ୍ତି। ରାଜ୍ୟ ତଥା ରାଜ୍ୟ ବାହାର ଭକ୍ତ ମଧ୍ୟ ଠାକୁରଙ୍କୁ ଦର୍ଶନ କରନ୍ତି।

**■ କଲ୍ୟାଣସିଂହପୁର ରେଞ୍ଜରେ ହାତୀ ଉପଦ୍ରବ**

# ଘର ଭାଙ୍ଗି ଖାଇଲା ଖାଦ୍ୟ



କଲ୍ୟାଣସିଂହପୁର,୩୦।୯ (ସମିସ): ଜିଲ୍ଲା କଲ୍ୟାଣସିଂହପୁର ବନାଞ୍ଚଳର ଶିକରପାଇ ସେକ୍ସନର ଭିତରଝୋଲା ଓ ଭେଜା ମଧରେ ଥିବା ଜଙ୍ଗଲରେ ଏକ ଦନ୍ତା ଓ ମାଈ ହାତୀ ତା'ର ଛଆ ସହ ବୁଲୁଥିବା ଦେଖି ସ୍ଥାନୀୟ ଅଞ୍ଚଳବାସୀ ଭୟଭୀତ। ଗତ ଦୁଇଦିନ ପୂର୍ବେ ପଲମା ପଡିଭଟା ଅଞ୍ଚଳରୁ ଉପର ସଜା ଦେଇ ବେଳକୋଣା ମଶାଣିରେ ଦିନ ତମାମ ରହିଥିଲେ। ସନ୍ଧ୍ୟାରେ ଭିତରଝୋଲା ଗ୍ରାମର ଜଙ୍ଗଲରେ ପଶିଥିଲେ। ରାତି ହେଲେ କୋକୁଆ ଭୟରେ ତାଟି କବାଟ ପକାଇ ଦେଉଛନ୍ତି ଗ୍ରାମବାସୀ। ଗତକାଲି ଭିତରଝୋଲା ଗ୍ରାମର ଦାଶାଇ ମେଲାକାଙ୍କ ଘରଭାଙ୍ଗି ଖାଦ୍ୟ ଖାଇ ଦେଇ ଚାଲି ଯାଇଥିଲେ। ପରେ କୋଳନରା ବ୍ଲକର ଏମାଲୀ ଗୁଡ଼ାଦେଇ ଥେରୁବାଲି, ପୂଜାରୀଗୁଡା ଗ୍ରାମରେ ଥିବା ଫରେଷ୍ଟର ପ୍ରଦୀପ କୁମାର ଜେନା ପ୍ରକାଶ କରିଛନ୍ତି। ପୂର୍ବରୁ ମଧ ଉପରମୂଣ୍ଡି ପଲମା, ବନ୍ଧ କରଞ୍ଜା, ପଡିଭଟା ଗ୍ରାମରେ କାହାର ଘରେ ରଖିଥିବା ଧାନ ଚାଉଳ, ମାଣ୍ଡିଆ ଭଳି ଖାଦ୍ୟ ଖାଇଦେଇ ଚାଲିଯାଉଥିବା ନଜର ରହିଛି। ଦୀର୍ଘ ଏକ ବର୍ଷଧରି ନିୟମଗିରି, କରଲାପଟ, କାଶୀପୁର ଲେଲିଗୁମା, କୋଲନରାର ଡଙ୍ଗର ବଲାଙ୍ଗୀର ଅଞ୍ଚଳରେ ହାତୀ ନିତିଦିନିଆ ଦୌରାତ୍ମ୍ୟ କରିଚାଲିଥିବାରୁ ଲୋକେ ଅଣ ନିଶ୍ୱାସୀ ହୋଇ ଯାଉଥିବା ଅଭିଯୋଗ କରିଛନ୍ତି। ଏହି ଅଞ୍ଚଳରେ ଘୁରି ବୁଲିଛନ୍ତି ୨୮ ଗୋଟି ହାତୀ। ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ସନ୍ଧ୍ୟାରୁ ତାଟିକବାଟ ପକାଇ ଘରେ ରହିଛନ୍ତି ଲୋକେ। ଖବର ପାଇ ବନବିଭାଗ କର୍ମଚାରୀ ପହଞ୍ଚି ହାତୀର ଗତିବିଧି ଅନୁଧ୍ୟାନ କରୁଛନ୍ତି। ଦନ୍ତା ଓ ମା'ଛୁଆ ହାତୀ ନୁହନ୍ତି, ନିୟମଗିରି ପାହାଡ଼ରେ ଓ ଏହାର ଆଖାପାଖ ଅଞ୍ଚଳରେ ହାତୀପଲ ଥିବା ସନ୍ଦେହ ସୂଚନା ଅନୁଯାୟୀ, ରବିବାର ସନ୍ଧ୍ୟା ପ୍ରାୟ ୫ଟା ସମୟରେ ଉପରସଜା ଓ ତଳ ସଜା ଦେଇ ଏହି ତିନଟି ହାତୀ ଜଙ୍ଗଲରୁ ଏକ ଦନ୍ତା ସହ ମାଈ ହାତୀ ତା'ର ଛୁଆ। ଏହି ସମ୍ପର୍କରେ ଫରେଷ୍ଟର ଶ୍ରୀ ଜେନାଙ୍କୁ ପଚାରିବାରୁ ହାତୀଙ୍କ ଗତିବିଧି ଉପରେ ନଜର ରଖି ଲୋକଙ୍କୁ ସଚେତନା କରାଯାଉଛି ବୋଲି ପ୍ରକାଶ କରିଛନ୍ତି।

# ଦୁର୍ଗାପୂଜା ପାଇଁ ଜିଲ୍ଲା କିନ୍ନର ସଂଘର ସହଯୋଗ



ତେନ୍ତୁଳିଖୁଣ୍ଟି,୩୦।୯ (ସମିସ): ନବରଙ୍ଗପୁର ଜିଲ୍ଲା କିନ୍ନର ସଂଘ ତରଫରୁ ଇନ୍ଦ୍ରାବତୀ ବଣିକ ସଂଘ ଅନୁକୂଲ୍ୟରେ ଆୟୋଜିତ ଦୁର୍ଗାପୂଜା ପାଇଁ ମିଳିଛି ଆର୍ଥିକ ସହଯୋଗ। ସୂଚନା ଅନୁଯାୟୀ ଖାତିଗୁଡା ଦୁର୍ଗା ପୂଜା ମଣ୍ଡପ ପରିସରରେ ଆୟୋଜିତ ଦୁର୍ଗାପୂଜା ପାଇଁ ଜିଲ୍ଲା କିନ୍ନର ସଂଘ ସଭାପତି କାଜଲଙ୍କ ନେତୃତ୍ୱରେ ସମ୍ପାଦିକା ଚୁମକିଙ୍କ ସମେତ ପ୍ରୀତି, ଶ୍ରୁତି, ଅନିତା, ବୋଇଦି, ରାଧା, ଶିବାନୀ, କବିତା, ତୁଳସୀ, କୁନି, ଡମୁଣି, ଇପ୍ସିତାଙ୍କ ସମେତ ଅନ୍ୟମାନେ ପହଞ୍ଚି ମା ଦୁର୍ଗାଙ୍କ ପୂଜାର୍ଚ୍ଚନା କରିବା ସହ ପୂଜା ପାଇଁ କିଛି ଅର୍ଥ ସହଯୋଗ କରିଛନ୍ତି । କିନ୍ନରଙ୍କ ଏହିଭଳି ସହଯୋଗ ମନବୃତ୍ତିକୁ ବିଭିନ୍ନ ମହଲରେ ପ୍ରଶଂସା କରାଯିବା ସହ ଇନ୍ଦ୍ରାବତୀ ଦୁର୍ଗା ପୂଜା କମିଟି ସେମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି। କିନ୍ନରଙ୍କ ଏହି ପୂଜା ସହଯୋଗ ରାଶି ପ୍ରଦାନ ସମୟରେ ଇନ୍ଦ୍ରାବତୀ ବଣିକ ସଙ୍ଘ ଉପସଭାପତି ସୁରେନ୍ଦ୍ର ନାଥ ରାଉତ, ପୂଜା କମିଟି କୋଷାଧ୍ୟକ୍ଷ ପ୍ରବୀର ସାମଲ, ବଣିକ ସଙ୍ଘ ଉପଦେଷ୍ଟା ପୃଥ୍ୱୀରାଜ ପାଇକରାୟ ଏବଂ ଧର୍ମପତ୍ନୀ ମମତା ଧୀର , ରାଜେନ୍ଦ୍ର ସ୍ୱାଇଁ, ପୂଜା କମିଟି ସମ୍ପାଦକ ମହେଶ୍ୱର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଅନ୍ତଃରାଷ୍ଟ୍ରୀୟ ସାହିତ୍ୟ ମହୋତ୍ସବରେ ଯୋଗଦେଲେ ପ୍ରୀତିଧାରା






କୋରାପୁଟ,୩୦।୯ (ସମିସ): ବିହାରର ପାଟଣା ଠାରେ ଆୟୋଜିତ ଅର୍ନ୍ତରାଷ୍ଟ୍ରୀୟ ସାହିତ୍ୟ ମହୋତ୍ସବ "ଉନ୍ମେଷ ୨୦୨୫ ଅଭିବ୍ୟକ୍ତିର ଉତ୍ସବ'ରେ ଡ.ପ୍ରୀତିଧାରା ସାମଲ ଯୋଗଦେଇ କୋରାପୁଟ ଜିଲ୍ଲା ନିମନ୍ତେ ଗର୍ବ ଓ ଗୌରବ ଆଣି ଦେଇଛନ୍ତି। ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରାଳୟ, ବିହାର ସରକାର ଓ ସାହିତ୍ୟ ଅକାଦେମୀ ନୂଆଦିଲ୍ଲୀଙ୍କ ଦ୍ୱାରା ଏସିଆର ସର୍ବବୃହତ୍ ସାହିତ୍ୟ ଉତ୍ସବ "ଉନ୍ମେଷ : ଅଭିବ୍ୟକ୍ତିର ଉତ୍ସବ' ସମାରୋହରେ ଦେଶ ଓ ବିଦେଶରୁ ପ୍ରାୟ ୬୦୦ଜଣ କବି, ଲେଖକ, ସମାଲୋଚକ, ଚଳଚ୍ଚିତ୍ର ନିର୍ମାତା, ନିର୍ଦ୍ଦେଶକ, ଅଭିନେତା, ସାମ୍ବାଦିକ, ସଂସ୍କୃତି ଗବେଷକ ଯୋଗ ଦେଇଥିଲେ। ପାଟଣା ସ୍ଥିତ ଜ୍ଞାନ ଭବନ , ସମ୍ରାଟ ଅଶୋକ କନ୍‌ଭେନସନ କେନ୍ଦ୍ରରେ ଆୟୋଜିତ ଏହି ଉତ୍ସବରେ କବି ଡଃ.ପ୍ରୀତିଧାରା ସାମଲ ଜଣେ ବିଶିଷ୍ଟ କବି ଭାବରେ ନିମନ୍ତ୍ରିତ ହୋଇ ଓଡ଼ିଶାର ପ୍ରତିନିଧିତ୍ୱ କରିଥିଲେ। ସେ ସ୍ୱରଚିତ ଓଡ଼ିଆ କବିତା ସହ ଦୁଇଟି ହିନ୍ଦିରେ ଅନୁବାଦିତ କବିତା ପାଠ କରି ଉଚ୍ଚ ପ୍ରଶଂସିତ ହେଇଥିଲେ। ଏଭଳି ସାହିତ୍ୟ ଉତ୍ସବ ଜରିଆରେ ସଂସ୍କୃତି, ଭାବ ଓ ଭାଷାର ଆଦାନ ପ୍ରଦାନ ସହ ପରସ୍ପର ସାହିତ୍ୟ ସହ ପରିଚିତ ହେବାର ସୁଯୋଗ ମିଳେ ବୋଲି ଡ.ସାମଲ ମତ ବ୍ୟକ୍ତ କରିଛନ୍ତି।

# ପୂଜା ମଣ୍ଡପ ବୁଲିଦେଖିଲେ ଗଣଶିକ୍ଷା ମନ୍ତ୍ରୀ

ଉମରକୋଟ ୩୦।୯ (ସମିସ): ଗଣଶିକ୍ଷା ମନ୍ତ୍ରୀ ତଥା ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ ଶାରଦୀୟ ଦୁର୍ଗାପୂଜା ଅବସରରେ ମହାଷ୍ଟମୀ ତିଥିରେ ଉମରକୋଟର ବିଭିନ୍ନ ପୂଜା ମଣ୍ଡପ ବୁଲି ଦେଖିଥିଲେ। ମା' ଙ୍କ ଆଶୀର୍ବାଦ ଭିକ୍ଷା କରି ରାଜ୍ୟର ସମୃଦ୍ଧି ଏବଂ ସମସ୍ତଙ୍କ ସୁଖ ଶାନ୍ତି କାମନା କରିଥିଲେ। ଶ୍ରୀ ଗଣ୍ଡ ମଣ୍ଡପରେ ପହଞ୍ଚିବା ପରେ ସ୍ଥାନୀୟ ବୁଦ୍ଧିଜୀବୀ ଓ ପୂଜା ମଣ୍ଡପର କର୍ମକର୍ତ୍ତାମାନେ ତାଙ୍କୁ ଉପଢୌକନ ଦେଇ ସ୍ୱାଗତ କରିଥିଲେ।ବିଭିନ୍ନ ମଣ୍ଡପ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜ୍ୟ ବିଜେପି ସମ୍ପାଦକ ରମେଶ ସାହୁ , ମନ୍ତ୍ରୀ ପ୍ରତିନିଧି ଅଶୋକ ପାଢ଼ୀ, ଦଳୀୟ କର୍ମ କର୍ତ୍ତା ଓ ସଦସ୍ୟମାନେ ଉପସ୍ଥିତ ରହି ତାଙ୍କୁ ସ୍ୱାଗତ କରିଥିଲେ।



# ଅଷ୍ଟମୀ ରାତିରେ ମା' ମାର୍କମାଙ୍କ ସ୍ୱତନ୍ତ୍ର ନିଶା ପୂଜା

ବିଷମକଟକ,୩୦।୯ (ସମିସ): ଶକ୍ତି ପୀଠରେ ବିରାଜମାନ ମା' ମହିମାମୟୀ ମା ମାର୍କମାଙ୍କ ନବରାତ୍ର ପୂଜା ମହା ଆଡମ୍ବରରେ ଚାଲିଛି। ତନ୍ତ୍ର ମନ୍ତ୍ରରେ ଚାଲିଛି ସତନ୍ତ୍ର ଗୁପ୍ତ ପୂଜା। ରାୟଗଡ଼ା ଜିଲ୍ଲା ବିଷମ କଟକ ସହରର ଅଧିଷ୍ଠାତ୍ରୀ ମା ମାର୍କମା ମନ୍ଦିରର ଶକ୍ତି ପୀଠରେ ସପ୍ତମି ଠାରୁ ମା ବିରାଜ ମାନ କରି ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି। ଅଷ୍ଟମି ରେ ତିଥିରେ ମାଁ ତାଙ୍କ ଉଗ୍ରରୂପରେ ଦର୍ଶନ ଦେଇଛନ୍ତି। ଏହି ପୂଜା ସପ୍ତମୀ ତିଥିରୁ ଆରମ୍ଭ ହୋଇ ବିଜୟା ଦଶମି ପର୍ଯ୍ୟନ୍ତ ଚାଲିବ। ଏ ଅବସରରେ ମାଁଙ୍କ ଦର୍ଶନ ନିମନ୍ତେ ଜିଲ୍ଲା ତଥା ରାଜ୍ୟ ବାହାରୁ ଶତାଧିକ ଶ୍ରଦ୍ଧାଳୁଙ୍କ ଭିଡ ଜମିବା ସହ ମାଁ ଙ୍କ ଆଶିଷ ଭିକ୍ଷା କରୁଛନ୍ତି। ବିଷମ କଟକ ସହରର ଅଧିଷ୍ଠାତ୍ରି ଦେବୀ ମା ମାର୍କମାଙ୍କ ଶକ୍ତି ପିଠରେ ରୀତିନୀତି ମୁତାବକ ଆରମ୍ଭ ହୋଇ ପୂଜାର୍ଚ୍ଚନା । ସପ୍ତମୀ ଠାରୁ ମନ୍ଦିରରେ ମାଁଙ୍କ ରୀତିନୀତି ପୂଜାର୍ଚ୍ଚନା କାରାଯାଇଛି।



ଦିନକୁ ଦିନ ମନ୍ଦିରରେ ଭକ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଅଧିଷ୍ଠାତ୍ରୀ ମା' ମାର୍କମାଙ୍କୁ ସ୍ମରଣ କଲେ ସମସ୍ତ ଦୁଃଖ ଦୂର ହୁଏ ବୋଲି ଭକ୍ତ କହୁଥିବା ବେଳେ ମା'ଙ୍କୁ ସ୍ମରଣ କରି ଯେଉଁଆଡେ ଗଲେ ବି ସୁରକ୍ଷିତ ଭାବେ ଘରକୁ ଫେରନ୍ତି ଏବଂ ସମସ୍ତ କାର୍ଯ୍ୟରେ ସଫଳତା ପାଉଥିବା ଭକ୍ତମାନେ ପ୍ରକାଶ କରନ୍ତି ଏହି ନବରାତ୍ର ସମୟରେ ଅଧିଷ୍ଠାତ୍ରୀ ମା' ମାର୍କମାଙ୍କ ଦର୍ଶନ କରିବା ପାଇଁ ଆମ ରାଜ୍ୟର ବିଭିନ୍ନ ଜିଲ୍ଲା ସମେତ ଆନ୍ଧ୍ରପ୍ରଦେଶ ଓ ଛତିଶଗଡ଼ର

## ଉଗ୍ର ରୂପରେ ଦର୍ଶନ ଦେଲେ ମା'

ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ଏଠାରେ ଜମିଥାଏ। ମା'ଙ୍କୁ ଅତି ନିକଟରେ ପାଇଁ ପୂଜାର୍ଚ୍ଚନା କରିବା ସହ ମା'ଙ୍କ ଉଗ୍ରରୂପ ବେଶର ଦର୍ଶନ କରି ଆଶିଷ ପାଇ ପାରୁଥିବାରୁ ଭକ୍ତଙ୍କ ମଧ୍ୟରେ ବେଶ ଉତ୍ସାହ ଦେଖା ଦେଇଛି। ସପ୍ତମୀ ତିଥିରେ ମା' ମାର୍କମା, ଦୁର୍ଗା, ଠାକୁରାଣୀ, ଭୌରଭି, ନିୟମରାଜାଙ୍କ ସ୍ୱତନ୍ତ୍ର ଖଣ୍ଡା ବାହାରି ସହରର ଦୋଳ ମଣ୍ଡପରେ ସ୍ଥାପନ କରାଯାଇ ବିଜୟା ଦଶମୀ ପର୍ଯ୍ୟନ୍ତ ସେଠାରେ ପୂଜା ପାଇବେ। ଅଷ୍ଟମି ତିଥିରୁ ଦଶମି ତିଥି ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ମା'ଙ୍କ ସ୍ୱତନ୍ତ୍ର ପୂଜା ର୍ଚ୍ଚନା ସହ ନିଶା ପୂଜା ,ସନ୍ଧି ପୂଜା ନିଷ୍ଠାର ସହ କରାଯାଇଥାଏ। ଅଧିଷ୍ଠାତ୍ରୀ ମା ମାର୍କମାଙ୍କ ତନ୍ତ୍ର ପିଠିରେ ସ୍ୱତନ୍ତ୍ର ଅଷ୍ଟମୀ ପୂଜା ବେଶ ଗୁରତ୍ୱ ହୋଇଥାଏ। ଏହି ନବରାତ୍ରୀରେ ଅଧିଷ୍ଠାତ୍ରୀ ମା' ମାର୍କମାଙ୍କ ସ୍ୱତନ୍ତ୍ର ଅଷ୍ଟମ ପୂଜା ହୋଇଥାଏ। ବିଳମ୍ବିତ ରାତ୍ରି ରେ ଗୁପ୍ତ ଭାବେ ମାଁ ଙ୍କ ଏହି ଅଷ୍ଟାମୀ ପୂଜା ପାଳିତ ହୋଇଥାଏ। ଅଷ୍ଟମୀରେ ନିଶା ପୂଜା ଓ ସନ୍ଧି ପୂଜା କରାଯାଇଥାଏ। ମା ମାର୍କମା ଙ୍କ ମୁଖ୍ୟ ସେବକ ରାଧାକାନ୍ତ ପୂଜାରୀ ଏହି ନିଶା ପୂଜା କୁ ରୀତି ନୀତି ଅନୁଯାଏ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରିଥାନ୍ତି। ମହା ଅଷ୍ଟମୀ ଦିନ ମା'ମାର୍କମା ଉଗ୍ରରୂପ ଧାରଣ କରିଥାନ୍ତି। ବିଳମ୍ବିତ ରାତ୍ରିରେ ମା'ଙ୍କ ନିଶା ପୂଜା କରାଯାଇଥାଏ। ଏହି ନିଶା ପୂଜାରେ ମାଗୁର ମାଛ ବଳି ଦେଇ ରୁଧିର, ଶୁରା ପାନ,"ଧଳା ଭାତ ମିଠା ଖେଚୁଡ଼ି, ଖିରି, ପିଠାପଣା, କୁକୁଲି ଶୁଖୁଆ ,ନଦୀ ମାଛ,ଓ କୁକୁଡ଼ା ମାଂଶ ସ୍ୱଦ୍ୱର ଭୋଗ ଲାଗି ହୋଇଥାଏ।ଏହି ଅଷ୍ଟମୀ ରେ ଅଧିଷ୍ଠାତ୍ରୀ ମା ମାର୍କମା ଉଗ୍ରରୂପରେ ଭକ୍ତଙ୍କୁ ଦର୍ଶନ ଦେଇଥାନ୍ତି। ବହୁ ଭକ୍ତ ମାଁଙ୍କ ଆଶିଷ ଲାଭ କରିଥିବା କହୁଥିବା ବେଳେ ମାନସିକଧାରୀଙ୍କ ପ୍ରବଳ ଭିଡ଼ ଜମୁଛି। ବିଜୟା ଦଶମି ଦିନ ଶହ ଶହ ଗାଡି ପୂଜା କରାଯାଇ ମା'ଙ୍କ ଆଶୀର୍ବାଦ ଗ୍ରହଣ କରିବାକୁ ମନ୍ଦିର ନିକଟରେ ହଜାର ହଜାର ଭକ୍ତଙ୍କ ଭିଡ ଲାଗିଥାଏ। ଆମ ରାଜ୍ୟର ସମସ୍ତ ଶକ୍ତି ପୀଠରୁ ବିଷମ କଟକ ସହରର ମା'ମାର୍କମାଙ୍କ ଶକ୍ତି ପୀଠ ଅନ୍ୟତମ। ରାଜାରାଜୁଡ଼ା ଅମଳରୁ ଏଠାରେ ପୂଜା ପାଇ ଆସୁଛନ୍ତି ମା ମାର୍କମା। ଗୋଟାଏ ଡାକରେ ଭକ୍ତଙ୍କ ଗୁହାରି ମା ଶୁଣୁଥିବାରୁ ଜିଲ୍ଲା ତଥା ରାଜ୍ୟ ବାହାରର ହଜାର ହଜାର ଭକ୍ତ ଓ ଶ୍ରଦ୍ଧାଳୁଙ୍କୁ ଏଠାରେ ସୁଅଛୁଟି ଥାଏ।

# ମହାଷ୍ଟମୀରେ ଦୁର୍ଗାଙ୍କ ପୂଜାର୍ଚ୍ଚନା



କୋଷାଗୁମୁଡା,୩୦।୯ (ସମିସ): ନବରରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ ସଦର ମହକୁମାଠାରେ ଆଜି ଅଷ୍ଟମୀ ତିଥିରେ ମଣ୍ଡପରେ ପୂଜା ପାଉଛନ୍ତି ମା' ମହିଷା ମର୍ଦ୍ଦିନୀ ମା' ଦୁର୍ଗା। ସେଭଳି କୋଡ଼ିଙ୍ଗା, ବଡ଼ ଆମ୍ବଡା, ଚିର୍ମା, ଚୁଚୁର୍ଣ୍ଡା,ରାଜୋଡା, ଟେମ୍ରା, ବରଗାଁର ମଣ୍ଡପରେ ମା'ଦୁର୍ଗାଙ୍କ ଅଷ୍ଟମୀ ପୂଜା ହେଉଛି। ପୂର୍ବ ଭଳି ପୂଜା ବିଧିବଦ୍ଧ ଭାବେ ମଣ୍ଡପରେ ପାଳନ କରାଯାଉଛି। ପୂଜା କମିଟି ଦ୍ୱାରା ରଙ୍ଗୀନ ଆଲୋକ, ସୁସଜ୍ଜିତ ତୋରଣ ଓ ଗେଟ୍‌ର ସାଜସଜ୍ଜାରେ ସନ୍ଧ୍ୟାରେ ବହୁ ଶ୍ରଦ୍ଧାଳୁ ଅଞ୍ଚଳରୁ ଆସୁଥିବା ଭିଡ଼ ପରିଲକ୍ଷିତ ହେଉଥିବା ଦେଖିବାକୁ ମିଳିଛି। ଶ୍ରଦ୍ଧାଳୁଙ୍କ ଭିଡକୁ ଦେଖି କମିଟି ପକ୍ଷରୁ ସ୍ଥାନୀୟ ଥାନାଧିକାରୀଙ୍କ ଦ୍ୱାରା ଛକ ଗୁଡିକୁ ଭିଡ଼ ନିୟନ୍ତ୍ରଣର ବ୍ୟବସ୍ଥା କରାଯାଇଛି। ଏହି ପରିପ୍ରେକ୍ଷୀରେ ଡାଣ୍ଡିଆ ନୃତ୍ୟ ତଥା ଗର୍ଭା ନୃତ୍ୟ ମା' ହିଂଗଲା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଥିଲା। ଏହି ନୃତ୍ୟରେ ଅଞ୍ଚଳ ଯୁବକ ଯୁବତୀ ମାନେ ବହୁ ସଂଖ୍ୟରେ ଯୋଗଦାନ କରିଥିଲେ।

# ୧୦ ଘଣ୍ଟା ଶ୍ରମ ଓ ମହିଳାଙ୍କ ରାତ୍ରକାଳୀନ କାର୍ଯ୍ୟ ନିଷ୍ପତ୍ତିକୁ ବିରୋଧ

**କଟକ, ୩୦।୯ (ସମିସ):** ଗତକାଲି ରାଜ୍ୟ ସରକାର କ୍ୟାବିନେଟରେ ଅନ୍ୟାନ୍ୟ ବିଜେପି ଶାସିତ ରାଜ୍ୟ ଭଳି କେତେକ ଜନ ବିରୋଧୀ, ଶ୍ରମିକ-କର୍ମଚାରୀ ବିରୋଧୀ ଓ ଶ୍ରମଜୀବୀ ମହିଳା ବିରୋଧୀ ପଦକ୍ଷେପ ଅତ୍ୟନ୍ତ ଅଗଣତାନ୍ତ୍ରିକ ଭାବେ ମଞ୍ଜୁରୀ କରିଛନ୍ତି। ଅଗଣତାନ୍ତ୍ରିକ ଭାବରେ କାରଖାନା ଆଇନ ୧୯୪୮, ବାଣିଜ୍ୟିକ ଆଇନ ୧୯୫୬ ସଂଶୋଧନ କରି ଦୈନିକ କାର୍ଯ୍ୟ ଅବଧିରେ ସର୍ବାଧିକ ସମୟରେ ପରିବର୍ତ୍ତନ କରାଯାଇ ୧୦ଘଣ୍ଟା କରାଯାଇଛି। ନିଷ୍ପତ୍ତି ହୋଇଛି ଦରକାର ପଡ଼ିଲେ ରାଜ୍ୟ ସରକାର ବିଜ୍ଞପ୍ତି ମାଧ୍ୟମରେ ସର୍ବାଧିକ ଦୈନିକ କାର୍ଯ୍ୟ କରିବା ଅବଧିକୁ ୧୨ ଘଣ୍ଟା କରି ପାରିବେ। ସବୁଠାରୁ ଚିନ୍ତାଜନକ ବିଷୟ ହେଉଛି ଆମ ରାଜ୍ୟରେ ସରକାର ମହିଳାଙ୍କୁ ଦିନରେ ମଧ୍ୟ ସୁରକ୍ଷା ଦେଇପାରୁ ନାହାଁନ୍ତି। ଏହି ପରିସ୍ଥିତିରେ ମହିଳାମାନେ ରାତିରେ କାର୍ଯ୍ୟ କରିବା ନିଷ୍ପତ୍ତି କେତେଦୁର ନିରାପଦ ହେବ? ଆଇନଗତ ଭାବେ ବଭିନ୍ନ ଦିଗରୁ ମହିଳାମାନେ ରାତିରେ କାମ ନ କରିବା ପାଇଁ ପ୍ରତିବନ୍ଧକ ଥିଲା। ତାକୁ ଅଗଣତାନ୍ତ୍ରିକ ଭାବରେ ହଟାଇ ଦିଆଯାଇଛି। ଏହି ଶ୍ରମିକ-କର୍ମଚାରୀ ବିରୋଧୀ ସରକାରଙ୍କ ଅଗଣତାନ୍ତ୍ରିକ ନିଷ୍ପତ୍ତିକୁ ଏଆଇୟୁଟିୟୁସି କଟକ ଜିଲ୍ଲା ସମ୍ପାଦକ ରାଜକିଶୋର ମଲ୍ଲିକ, ସଭାପତି ଖଗେଶ୍ୱର ସେଠୀ ଘୋର ନିନ୍ଦା କରିବା ସହ ଏହି ଅଗଣତାନ୍ତ୍ରିକ ନିଷ୍ପତ୍ତିକୁ ପ୍ରତ୍ୟାହାର ପାଇଁ ଦାବି କରିଛନ୍ତି।

# ଅଧିକ ଆଦାୟ ହୋଇଥିବା ବିଦ୍ୟୁତ୍ ଦେୟ ଫେରସ୍ତ ଦାବି

**କଟକ, ୩୦।୯ (ସମିସ):** ଆମ ରାଜ୍ୟର ବିଦ୍ୟୁତ ଉପଭୋକ୍ତାଙ୍କ ଠାରୁ ବିଦ୍ୟୁତ ବିତରଣ କମ୍ପାନୀମାନେ ନିୟାମକ ଆୟୋଗ ନିର୍ଦ୍ଧାରିତ ମୂଲ୍ୟ ଠାରୁ ଅଧିକ ଆଦାୟ କରି ଥିବା ୬, ୧୧୦ କୋଟି ଟଙ୍କା ତୁରନ୍ତ ଫେରସ୍ତ କରିବାକୁ ଏସ୍‌ୟୁସିଆଇ(ସି) ଜିଲ୍ଲା ସମ୍ପାଦକ ବିଶ୍ୱାବସୁ ଦାସ ଦାବି କରିଛନ୍ତି। ଏକ ବିବୃତିରେ ଶ୍ରୀ ଦାସ କହିଛନ୍ତି ନିକଟରେ ଆନ୍ଧ୍ରପ୍ରଦେଶ ବିଦ୍ୟୁତ ବିତରଣ କମ୍ପାନୀ ଉପଭୋକ୍ତାଙ୍କ ଠାରୁ ଅଧିକ ଆଦାୟ କରଥିବା ୮୯୫ କୋଟି ଟଙ୍କା ଫେରସ୍ତ କରିବାକୁ ଆନ୍ଧ୍ରପ୍ରଦେଶ ବିଦ୍ୟୁତ ନିୟାମକ ଆୟୋଗ ଆଦେଶ ଜାରି କରିଛନ୍ତି। ଆମ ରାଜ୍ୟ ଓଡ଼ିଶାରେ ୨୦୧୭ରୁ ୨୦୨୪ ପର୍ଯ୍ୟନ୍ତ ୭ ବର୍ଷ ହେବ ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ ଅନୁମୋଦନ କରିଥିବା ହାରାହାରି ମୂଲ୍ୟଠାରୁ ରାଜ୍ୟର ଉପଭୋକ୍ତାଙ୍କ ଠାରୁ ଅଧିକ ୬, ୧୧୦ କୋଟି ଟଙ୍କା ବିଦ୍ୟୁତ ବିତରଣ କମ୍ପାନୀମାନେ ଆଦାୟ କରିଛନ୍ତି। ଏହାର ପୁରା ହିସାବ ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ ଅବଗତ ଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଫେରାଇ ବ୍ୟବସ୍ଥା କରୁନାହାଁନ୍ତି।

# ମହାନଦୀରେ ଛାତ୍ର ନିଖୋଜ

**ଆଠଗଡ଼, ୩୦।୯ (ସମିସ):** ଆଜି ସକାଳୁ ମହାନଦୀରେ ଗାଧୋଇବାକୁ ଯାଇ ଜଣେ ଦଶମ ଶ୍ରେଣୀର ଛାତ୍ର ନିଖୋଜ ହୋଇଯାଇଥିବା ଜଣାପଡ଼ିଛି। ନିଖୋଜ ଛାତ୍ର ଜଣକ ହେଉଛନ୍ତି ଆଠଗଡ଼ ଥାନା ଅନ୍ତର୍ଗତ ମେଘା ପଞ୍ଚାୟତ କାଇପୁଡିଆ ଗ୍ରାମର ଅକ୍ଷୟ କୁମାର ଓଝାଙ୍କ ପୁଅ ଅନିଶ ଓଝା। ଖବର ପାଇ ଆଠଗଡ଼ ଅଗ୍ନିଶମ ବାହିନୀ ଏବଂ ଓଡ୍ରାଫ ଟିମ୍ ମହାନଦୀ ଭିତରେ ଖୋଜାଖୋଜି ଆରମ୍ଭ କରିଥିଲେ। ଅନ୍ୟପକ୍ଷରେ ଆଠଗଡ଼ ପୁଲିସ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଥିବା ବେଳେ ରିପୋର୍ଟ ଲେଖା ହେବା ବେଳକୁ ନିଖୋଜ ଅନିଶଙ୍କ ପତ୍ତା ମିଳି ନ ଥିବା ଆଠଗଡ଼ ଥାନାଧିକାରୀ ସୁମତି ମହାନ୍ତି ସୂଚନା ଦେଇଛନ୍ତି।

# ଟାଙ୍ଗୀରେ ପୂଜା କମିଟି ସମ୍ବର୍ଦ୍ଧନା ସମାରୋହ

**ଟାଙ୍ଗୀ, ୩୦।୯ (ସମିସ):** ଶାରଦୀୟ ପୂଜା ଅବସରରେ କଟକ ଜିଲ୍ଲା ଟାଙ୍ଗୀ ଅଞ୍ଚଳରେ ସାମାଜିକ ସଙ୍ଗଠନ 'ସମ୍ପର୍କ' ପକ୍ଷରୁ କୋଟେଶ୍ୱର କଲ୍ୟାଣ ମଣ୍ଡପ ପରିସରରେ ତୃତୀୟ ପୂଜା କମିଟି ସମ୍ବର୍ଦ୍ଧନା ସମାରୋହ ସୋମବାର ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ଯୋଗେଶ ଚନ୍ଦ୍ର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଜେପି ସାମାଜିକ ସଙ୍ଗଠନ ରାଜ୍ୟ ସଂଯୋଜକ ରଶ୍ମିରଞ୍ଜନ କାନୁନଗୋ ଓ ସମ୍ମାନିତ ଅତିଥିଭାବେ ସମାଜସେବୀ ଦୁଃଖେନ୍ଦ୍ର ସାହୁ ପ୍ରମୁଖ ଦଶହରା ପର୍ବକୁ ଶାନ୍ତିଶୃଙ୍ଖଳା ସହ ଭାଇଚାରା ରକ୍ଷା କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ପୂଜା ବିଶେଷାଙ୍କ 'ପାର୍ବଣ'କୁ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ସେହିପରି ଟାଙ୍ଗୀ ଥାନା ଅଧିନସ୍ଥ ୫୮ ଟି ପୂଜା କମିଟିର କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା ଦିଆଯିବା ସହ ଦଶମ ଶ୍ରେଣୀ ଛାତ୍ରଙ୍କୁ ଟେଷ୍ଟ ପେପର ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରୀତିରଞ୍ଜନ ବେହେରା, ଜିତେନ୍ଦ୍ର ସାହୁ, ସତ୍ୟବ୍ରତ ସ୍ୱାଇଁ, ଆକାଶ ପାତ୍ର, ମନୋଜ ସ୍ୱାଇଁ, ମଣିଶଙ୍କର ସାହୁ ଓ ଜୟଶ୍ରୀ ସାହୁଙ୍କ ସମେତ ପୂଜା କମିଟିର ସଦସ୍ୟମାନେ ସହଯୋଗ କରିଥିଲେ। ପ୍ରକାଶ ଭୂୟାଁ ଧନ୍ୟବାଦ ଦେଇଥିଲେ।






































# କଟକ ସିଟି



## ପୀଠରେ ମା'ଙ୍କ ଷୋଡ଼ଶ ଉପଚାର ପୂଜା



ମା' କଟକ ଚଣ୍ଡୀଙ୍କ ମହାଲକ୍ଷ୍ମୀ ବେଶ



ମା' ଗଡ଼ଚଣ୍ଡୀଙ୍କ ମହାକାଳୀ ବେଶ



ମା' ଝାଞ୍ଜିରୀମଙ୍ଗଳାଙ୍କ ମହାଲକ୍ଷ୍ମୀ ବେଶ



ମା' ବାସନ୍ତୀ ଦୁର୍ଗାଙ୍କ କନକ ଦୁର୍ଗା ବେଶ



ମା' ଧାକୁଲେଇଙ୍କ ସିଂହବାହିନୀ ବେଶ

# ଆଜି ମହାନବମୀ: ମଣ୍ଡପରେ ଭିଡ଼ ଅସମ୍ଭାଳ

ରୌପ୍ୟନଗରୀର ବିଭିନ୍ନ ମଣ୍ଡପରେ ମହାଷ୍ଟମୀ ପୂଜା ଶେଷ ହୋଇଛି । ମହାଷ୍ଟମୀର ଆଦ୍ୟ ଦଣ୍ଡର ମଧ୍ୟକାଳୀନ ସମୟରେ ଏହି ପୂଜା ପ୍ରତ୍ୟେକ ମଣ୍ଡପରେ କରାଯାଇଥିଲା । ବୁଧବାର ପ୍ରତ୍ୟେକ ପୂଜା ମଣ୍ଡପରେ ମହାନବମୀ ପୂଜା କରାଯିବ । ମା'ଙ୍କ ପୀଠରେ ମାଛ ଭୋଗ ହେବ । ସିନ୍ଦୂର ଖେଳ ଭଳି ପରମ୍ପରା କେତେକ ପୂଜା ମଣ୍ଡପରେ କରାଯିବାର ବିଧି ରହିଥିବା ବେଳେ ପ୍ରତ୍ୟେକ ଦିନ ମା'ଙ୍କ ନିକଟରେ ସକାଳ ଧୂପ, ଷୋଡ଼ଶ ଉପଚାର କରାଯାଉଛି ।







**କଟକ,୩୦।୯ (ସମିସ):** ମା'ଙ୍କ ମୃଣ୍ମୟୀ ମୂର୍ତ୍ତିରେ ଜୀବଦାନ ଦିଆଯିବା ପରେ ସହରର ସମସ୍ତ ମଣ୍ଡପ ଗୁଡ଼ିକରେ ବିଧି ଅନୁଯାୟୀ ଚାଲିଛି ପୂଜାର୍ଚ୍ଚନା। ଚକ୍ଷୁଦାନ ପରେ ପ୍ରତ୍ୟେକ ମଣ୍ଡପରେ ଆଜି ନବପତ୍ରିକା ପୂଜା କରାଯାଇଛି। ଏହାପରେ ମହାସ୍ନାନ ବିଧି ଅନୁଯାୟୀ ସମାପନ ହୋଇଛି। ଷୋଡଶ ଉପଚାର କରାଯାଇ ଶାନ୍ତିହୋମ ଏବଂ ଏହାପରେ କୁସ୍ମାଣ୍ଡ ବଳି ଦିଆଯାଇଥିଲା। ଆସନ୍ତାକାଲି ମହାନବମୀ ହୋଇଥିବା ବେଳେ ମା'ଙ୍କ ମଣ୍ଡପରେ ସନ୍ଧିପୂଜା କରାଯିବ। ମହାଷ୍ଟମୀର ଶେଷ ଦଣ୍ଡ ଓ ମହାନବମୀର ଆଦ୍ୟ ଦଣ୍ଡର ମଧ୍ୟକାଳୀନ ସମୟରେ ଏହି ପୂଜା ପ୍ରତ୍ୟେକ ମଣ୍ଡପରେ କରାଯିବ। ନବମୀରେ ମା' ପୀଠରେ ମାଛ ଭୋଗ ହେବ। ସିନ୍ଦୂର ଖେଳ ଭଳି ପରମ୍ପରା କେତେକ ପୂଜା ମଣ୍ଡପରେ କରାଯିବାର ବିଧି ରହିଛି। ପ୍ରତ୍ୟେକ ଦିନ ମା'ଙ୍କ ନିକଟରେ ସକାଳ ଧୂପ, ଷୋଡ଼ଶ ଉପଚାର କରାଯାଉଛି।

## ବିଜୟା ଦଶମୀରେ ରାବଣ ପୋଡ଼ି

**କଟକ,୩୦।୯ (ସମିସ):** ବାରବାଟୀ ସର୍ବଧର୍ମ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ତଳ ବାଲିଯାତ୍ରା ପଡିଆରେ ଆସନ୍ତା ବିଜୟା ଦଶମୀରେ ରାବଣ ପୋଡି ହେବ। ସନ୍ଧ୍ୟା ୭ଟାରୁ ରାତି ୧୨ଟା ପର୍ଯ୍ୟନ୍ତ ହେବାକୁ ଥିବା ଏହି ଉତ୍ସବରେ ଅନେକ ମନୋରଞ୍ଜନ ଭିତ୍ତିକ କାର୍ଯ୍ୟକ୍ରମକୁ ସାମିଲ କରାଯାଇଛି। ଏପରିକି ଦର୍ଶକଙ୍କ ଉତ୍କଣ୍ଠାକୁ ନଜରରେ ରଖି କଟକ ଜିଲ୍ଲା ପ୍ରଶାସନ ଏବଂ ପୁଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ ହୋଇଛି। ନବକଳିକା ନୃତ୍ୟରୁ ରାବଣ ପୋଡି ଉତ୍ସବର ସନ୍ଧ୍ୟା ଆରମ୍ଭ ହେବ। ପରେ ଗଣେଶ ବନ୍ଦନା, ଦୁର୍ଗାସ୍ତୁତି, ଶିବ ଶକ୍ତି, ଗୁଜୁରାଟୀ ଗର୍‌ବା, ବେଙ୍ଗଲୀ ଲୋକନୃତ୍ୟ, କଥକ, ଡାଲଖାଇ ଆଦି ନୃତ୍ୟ ଉପସ୍ଥିତ ଦର୍ଶକଙ୍କୁ ମନୋରଞ୍ଜନର ଖୋରାକ୍ ଯୋଗାଇବ।

## ଦଶହରା ବୁଲିଲେ ଜରାଶ୍ରମ ଅନ୍ତେବାସୀ

### 'ସ୍ୱପ୍ନ ଫାଉଣ୍ଡେସନ ଓ ହେଲ୍ପ ଦି ହ୍ୟୁମାନିଟି'ର ନିଆରା ପ୍ରୟାସ

**କଟକ,୩୦।୯ (ସମିସ):** କଟକ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ "ସ୍ୱପ୍ନ ଫାଉଣ୍ଡେସନ' ଓ ହେଲ୍ପ ଦି ହ୍ୟୁମାନିଟି ପକ୍ଷରୁ ଜରାଶ୍ରମର ଅନ୍ତେବାସୀ ଓ ବିଭିନ୍ନ ବସ୍ତିର ପିଲାମାନଙ୍କ ପାଇଁ କଟକ ଦଶହରା ପରିଭ୍ରମଣ ବ୍ୟବସ୍ଥା କରାଯାଇଥିଲା। ମହାସପ୍ତମୀ ତିଥିରେ ଜରାଶ୍ରମରେ ରହୁଥିବା ବୃଦ୍ଧ ପିତାମାତା ଓ ସହରର ବିଭିନ୍ନ ବସ୍ତିର ପିଲାମାନେ କଟକ ସହର ବିଭିନ୍ନ ପୂଜା ମଣ୍ଡପରେ ଦେବୀ ଦର୍ଶନ କରିବା ସହିତ ବିଭିନ୍ନ ମନୋରଞ୍ଜନ ଖେଳର ଖେଳିବା ସହ ବିଭିନ୍ନ ଖାଦ୍ୟପ୍ରଦାର୍ଥର ମଜା ନେଇଥିଲେ। "ଖୁସି ବାଣ୍ଟିଲେ ଖୁସି ବଢ଼େ'ରେ ବିଶ୍ୱାସ କରୁଥିବା ଫାଉଣ୍ଡେସନର ସଭ୍ୟସଭ୍ୟାମାନେ ଆଜି ଏଭଳି ସାଧୁଉଦ୍ୟମ କରି ପ୍ରଶଂସାର ପାତ୍ର ପାଲଟିଛନ୍ତି। ପୂଜା ମଣ୍ଡପ ପରିଦର୍ଶନ ସମୟରେ ବିଭିନ୍ନ ପୂଜା କମିଟି ପକ୍ଷରୁ ପିଲାମାନଙ୍କୁ ବିଭିନ୍ନ ଉପହାର ପ୍ରଦାନ କରାଯାଇଥିଲା। ଯୁବ ସମାଜସେବୀ ପ୍ରତାପ ସାହୁ (ମିଲୁ) ପିଲାମାନଙ୍କ ବୁଲିବା ବ୍ୟବସ୍ଥା କରିବା ସହ ଖାନନଗରରେ ପଡ଼ିଥିବା ମୀନାବଜାରରେ ଉପଭୋଗ କରିବାର ବ୍ୟବସ୍ଥା କରିଥିଲେ। ଦୀର୍ଘ ୫ ବର୍ଷ ହେବ ସଂଗଠନ ଏହି ନିଆରା କାର୍ଯ୍ୟ ଆରମ୍ଭ କରିଥିବା ବେଳେ ପ୍ରତିବର୍ଷ ଏହି କାର୍ଯ୍ୟ ଜାରି ରହିବ ବୋଲି କହିଛନ୍ତି ପ୍ରତିଷ୍ଠାତା ସୁଧାଂଶୁ ପାତ୍ର।



## ମହାଷ୍ଟମୀରେ ଶାସ୍ତ୍ରୀୟ ସଙ୍ଗୀତ ଆସର

**କଟକ,୩୦।୯ (ସମିସ):** ମଙ୍ଗଳବାର ସନ୍ଧ୍ୟା ୬ଟାରେ ସ୍ଥାନୀୟ ଦେଉଳସାହିସ୍ଥିତ ମା' ସ୍ୱର୍ଣ୍ଣଦେବୀ ମନ୍ଦିର ପ୍ରାଙ୍ଗଣରେ କଟକର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ନାଦ ନିନାଦ ଅନୁଷ୍ଠାନ ତରଫରୁ ବିଶିଷ୍ଟ ଶାସ୍ତ୍ରୀୟ ସଙ୍ଗୀତ ଗୁରୁ ପଣ୍ଡିତ ଏ ମହେଶ୍ୱର ରାଓଙ୍କ ନିର୍ଦ୍ଦେଶନାରେ ଶାସ୍ତ୍ରୀୟ ସଙ୍ଗୀତ ଆସର ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଅନୁଷ୍ଠାନର ଶିଳ୍ପୀମାନେ ଗଣେଶ ବନ୍ଦନା ଗାନ କରିଥିଲେ। ଶାସ୍ତ୍ରୀୟ ସଙ୍ଗୀତ ଆସରର ପ୍ରଥମ ପର୍ଯ୍ୟାୟରେ ଅନନ୍ୟା ମିଶ୍ର, ଆଶିଷ ସାହୁ ରାଗ ଶଙ୍କରା, ସ୍ୱର୍ଣ୍ଣିକା ପଟ୍ଟନାୟକ, ଅନ୍ୱେଷା, ଅଂଶ, ଆଶୁତୋଷ, ଅରୋବିକ୍ରାନ୍ତ ରାଗ କଲ୍ୟାଣ ଓ ଦେବସ୍ମିତା ମିଶ୍ର - ରାଗ ମଧୁକୋଁଷ ଗାୟନ କରିଥିଲେ। ପରେ ପରେ ଡଃ ଭାନୁ ପ୍ରତାପ ସାହୁ ଏକକ ବେହେଲା ବାଦନ କରି



ଦର୍ଶକଙ୍କୁ ବିମୋହିତ କରିଥିଲେ। ଶେଷ ପର୍ଯ୍ୟାୟରେ ଅନୁଷ୍ଠାନର ଶିଳ୍ପୀମାନେ ଛାନ୍ଦ, ଚମ୍ପୁ ଓ ଭବାନୀ ଅଷ୍ଟକମ୍ ଗାନ କରିଥିଲେ। ବାଦ୍ୟଯନ୍ତ୍ରରେ ହାରମୋନିୟମରେ ଏ ନାରାୟଣ ରାଓ, ବିଶ୍ୱନାଥ ମିଶ୍ର, ତବଲାରେ ଯୋଗେନ୍ଦ୍ରନାଥ ସ୍ୱାଇଁ, ତାନପୁରାରେ ଶୁଭଶ୍ରୀ ମିଶ୍ର ଓ ଶିବଶଙ୍କର ମହାନ୍ତି ସହଯୋଗ କରିଥିଲେ। ପରିଚାଳନା କରିଥିଲେ ସୁଜନ ରାୟଚୌଧୁରୀ, କାନନ୍‌ବାଳା ରାୟଚୌଧୁରୀ, ମିଳନ ପରିଡ଼ା, ଅଜୟ ବାରିକ, ବିଜୟ ସ୍ୱାଇଁ ଓ ନାଦ ନିନାଦର କର୍ମକର୍ତ୍ତାବୃନ୍ଦ। ମନ୍ଦିର ପରିଚାଳନା କମିଟି ନାଦ ନିନାଦର ସମସ୍ତ ଶିଳ୍ପୀ, ବାଦ୍ୟଯନ୍ତ୍ର ଶିଳ୍ପୀ ଓ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଦେଇଥିଲେ।

## ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ନବରାତ୍ର ପୂଜା ସମ୍ପନ୍ନ

**କଟକ,୩୦।୯ (ସମିସ):** ନରାଜସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପରିସରରେ ଦୁର୍ଗାପୂଜା ଅବସରରେ ମହାସମାରୋହରେ ନବରାତ୍ରି ହୋମ ସମ୍ପନ୍ନ ହୋଇଛି। ମଙ୍ଗଳବାର ଐଶ୍ୱର୍ଯ୍ୟ ଶୁଦ୍ଧ ଅଷ୍ଟମୀ ପୂର୍ବାଶ୍ରାଦ୍ଧ ନକ୍ଷତ୍ର ଅବସରରେ ସାମୂହିକ ସଂକଳ୍ପ, ଗଣପତି ପୂଜା, ପୁଣ୍ୟବଚନ ସାଙ୍ଗକୁ ଅଧ୍ୟାୟ ହୋମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଗୋଶାଳାରେ ଗୋ-ପୂଜନ ଓ ଯଜ୍ଞସ୍ଥଳରେ କୁମାରୀ ପୂଜନ ପରମ୍ପରା ପାଳନ କରାଯାଇଥିଲା। ଏହାପରେ ମଧ୍ୟାହ୍ନ ପ୍ରାୟ ଗୋଟାଏ ସମୟରେ ହୋମାଗ୍ନିଙ୍କୁ ବସ୍ତ୍ର, ଆଭୂଷଣ ସାଙ୍ଗକୁ ଫଳପୁଷ୍ପ ଅର୍ପଣ ପୂର୍ବକ ପୂର୍ଣ୍ଣାହୁତି ସମ୍ପନ୍ନ ହୋଇଥିଲା। ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର



କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ ସମ୍ପୂର୍ଣ୍ଣ ଯଜ୍ଞ କାଣ୍ଡର କର୍ତ୍ତା ଭୂମିକାକୁ ଦାୟିତ୍ୱ ସମ୍ପନ୍ନ ଭାବରେ ଖୁବ୍ ସୁଚାରୁ ରୂପେ ତୁଲାଇଥିଲେ। କାର୍ଯ୍ୟକ୍ରମରେ କଟକ ଅତିରିକ୍ତ ଜିଲ୍ଲାପାଳ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର ସପରିବାର ହୋମ ଆଳତି କରିଥିଲେ। ଏଥିସହ ଶତାଧିକ ସଂଖ୍ୟାରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଅଧ୍ୟାପକ-ଅଧ୍ୟାପିକା, ପ୍ରଶାସନିକ ଅଧିକାରୀ, ନିରାପତ୍ତାଧିକାରୀ, ପ୍ରବନ୍ଧକ, କର୍ମଚାରୀ, ବରିଷ୍ଠ ଆର୍ଟ ଅଫ୍ ଲିଭିଂ ଶିକ୍ଷକ-ଶିକ୍ଷୟିତ୍ରୀ, ବେଦ ପଣ୍ଡିତ ଓ ବେଦ ବିଦ୍ୟାର୍ଥୀ ପ୍ରମୁଖ ଉପସ୍ଥିତ ଥିଲେ। ଗତ ସେପ୍ଟେମ୍ବର ୨୨ ତାରିଖରୁ ନବରାତ୍ରି ସହ ଆରମ୍ଭ ହୋଇଥିବା ଏହି ଉତ୍ସବରେ ୨୭ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ଶ୍ରୀ ସୁଦର୍ଶନ ହୋମ ଏବଂ ଲଳିତ ସହସ୍ର ନାମପାରାୟଣ ଏବଂ ୨୮ ତାରିଖଠାରୁ ଶେଷଦିନ ପର୍ଯ୍ୟନ୍ତ ରୁଦ୍ର ପୂଜା, ନବଗ୍ରହ ହୋମ, ମହାଲକ୍ଷ୍ମୀ ହୋମ, ସୁବ୍ରମଣ୍ୟ ହୋମ, ରୁଦ୍ର ହୋମ ଓ ପୂର୍ଣ୍ଣାହୁତି ସାଙ୍ଗକୁ ସନ୍ଧ୍ୟାରେ ଶ୍ରୀ ଚଣ୍ଡୀ କଳସ ସ୍ଥାପନ ଓ ଚଣ୍ଡୀ ପାରାୟଣ ହୋଇଥିଲା।



## ଭସାଣ ଉତ୍ସବ ପାଇଁ କମିସନରେଟ୍ ପୁଲିସର ମାର୍ଗଦର୍ଶିକା

# ଚାରି ରାସ୍ତାରେ ଯିବ ୪ ଭସାଣ ଯାତ୍ରା

ଭୁବନେଶ୍ୱର, ୩୦।୯ (ସମିସ): ସହରରେ ଦୁର୍ଗାପୂଜା ଭସାଣି ଉତ୍ସବକୁ ନେଇ କମିସନରେଟ୍ ପୁଲିସର ଗାଇଡ୍‌ଲାଇନ ଜାରି କରିଛି। ଭୁବନେଶ୍ୱର ସହରରେ ୪ଟି ରାସ୍ତାରେ ୪ଟି ଭସାଣି କମିଟିର ଭସାଣି ଉତ୍ସବ ପାଳନ କରାଯିବ। ଭୁବନେଶ୍ୱର ଭସାଣି ଉତ୍ସବ କମିଟି- ସହିଦ ନଗର, ରାଜଧାନୀ ମନ୍ଦିର ସୁରକ୍ଷା ଭସାଣି କମିଟି- ନୂଆପଲ୍ଲୀ, ଉତ୍ତର ଭୁବନେଶ୍ୱର ଭସାଣି କମିଟି- ଚନ୍ଦ୍ରଶେଖରପୁର ଏବଂ ଓଲ୍ଡ ଟାଉନ୍ ଭସାଣି କମିଟି। ଏହି ଭସାଣି ସମୟରେ ଯାନବାହାନ ଗୁଡ଼ିକର ଚଳାଚଳକୁ କିଛି ନିର୍ଦ୍ଦିଷ୍ଟ ସ୍ଥାନରେ ବାରଣ କରାଯାଇଛି। ୩ ତାରିଖ ଅପରାହ୍ନ ୨ ଘଟିକା ଠାରୁ ରାତି ୧ ଘଟିକା ପର୍ଯ୍ୟନ୍ତ ଏହି କଟକଣା ଲାଗୁ ରହିବ। ସହିଦ ନଗର ଭସାଣି କମିଟିର ସମସ୍ତ ମେଢ ସହିଦ ନଗରରେ ଏକତ୍ରିତ ହୋଇ ସେଠାରୁ ଭାୟା ରାମ ମନ୍ଦିର ଛକ, ମାଷ୍ଟର କ୍ୟାଣ୍ଟିନ୍ ଛକ ଦେଇ ରାଜମହଲ ଯିବେ। ନୟାପଲ୍ଲୀ ଭସାଣି କମିଟିର ସମସ୍ତ ମେଢ ନୟାପଲ୍ଲୀରେ ଏକତ୍ରିତ ହୋଇ ସେଠାରୁ ସିଆରପି ଛକ ଭାୟା ନୟାପଲ୍ଲୀ ଅଣ୍ଡରପାସ୍, ସିଆରପି ଛକ, ଡିଏଭି ଛକ ଡାହାଣ ମୋଡ଼ ନେଇ ଗୋପବନ୍ଧୁ ଛକ, ସିରିପୁର ଛକ ହୋଇ ଯିବେ।



ଶୋଭାଯାତ୍ରା ସମୟରେ, ସିଆରପି ଛକ ପାର୍ଶ୍ୱରୁ ଜୟଦେବ ବିହାର ଆଡ଼କୁ ଯିବାକୁ ଚାହୁଁଥିବା ଯାନବାହନଗୁଡ଼ିକ ସିଆରପି ଛକ ଠାରୁ ଏକାମ୍ର ପାର୍କ ରାସ୍ତା ଦେଇ ଯାଇପାରିବେ। ଏହି ଟ୍ରାଫିକ୍ ନିୟମ ଅପରାହ୍ନ ୨ ଘଟିକା ଠାରୁ ଭସାଣି ଯାତ୍ରା ଶେଷ ହେବ ପର୍ଯ୍ୟନ୍ତ ଲାଗୁ କରାଗଲା। ଏହି ସମୟରେ ଷ୍ଟୁଆର୍ଟ ସ୍କୁଲ୍ ରାସ୍ତା, ୟୁନିଟ୍-୮ ରାସ୍ତା, ଓୟୁଏଟି ଛକ - ନିୟୁ ଏୟାରପୋର୍ଟ ରାସ୍ତାରେ ଯାତାୟତ କରୁଥିବା ଯାନବାହାନ ଗୁଡିକ ଏହାର ସଂଲଗ୍ନ ରାସ୍ତା ଦେଇ ଯାଇପାରିବେ।

ଚନ୍ଦ୍ରଶେଖରପୁର ଭସାଣି କମିଟିର ସମସ୍ତ ମେଢ଼ କ୍ଲବ ଟାଉନ ଆପର୍ଟମେଣ୍ଟ ପଡ଼ିଆରେ ଏକତ୍ରିତ ହୋଇ ସେଠାରୁ ନାଲକୋ ଛକ ହୋଇ ଯିବେ। ଶୋଭାଯାତ୍ରା ସମୟରେ, ନନ୍ଦନକାନନ ଛକ ପଟୁ ଜୟଦେବ ବିହାର ଛକ ଆଡ଼କୁ ଆସୁଥିବା ଯାନବାହନ ଗୁଡ଼ିକକୁ କିଟ୍ କିମ୍ବା କଳାରାହାଙ୍ଗ ଛକ ଠାରେ ଥିବା ସଂଲଗ୍ନ ରାସ୍ତା ଦେଇ ଯାଇପାରିବେ। ଏହି ଟ୍ରାଫିକ୍ ନିୟମ ଅପରାହ୍ନ ୨ ଘଟିକା ଠାରୁ ଭସାଣି ଯାତ୍ରା ଶେଷ ହେବା ପର୍ଯ୍ୟନ୍ତ ଲାଗୁ କରାଗଲା। ଉପରୋକ୍ତ ବ୍ୟତୀତ, ଭୁବନେଶ୍ୱର ସହରର ବିଭିନ୍ନ ରାସ୍ତାରେ ଅନ୍ୟ ପୂଜା କମିଟି ମାନଙ୍କ ଦ୍ୱାରା ବ୍ୟକ୍ତିଗତ ବିସର୍ଜନ ଶୋଭାଯାତ୍ରା ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି।










































# ଡିଜେ, ମ୍ୟୁଜିକ୍‌ରେ ଦୁଲୁକୁଛି ରାଜଧାନୀ

ଭୁବନେଶ୍ୱର, ୩୦।୯ (ସମିସ): ଚଳିତବର୍ଷ ଶାରଦୀୟ ଦୁର୍ଗା ପୂଜା ଉପଲକ୍ଷେ ଚାରିଆଡ଼େ ଦେଖିବାକୁ ମିଳୁଛି ପୂଜା ଭାଇଭସ୍। ଛକ ଛକରେ ମା'ଙ୍କ ପୂଜାର୍ଚ୍ଚନା ସାଙ୍ଗକୁ ପୂଜାକୁ ଆହୁରି ରଙ୍ଗୀନ କରିଛି 'ଦାଣ୍ଡିଆ ନାଇଟସ୍'। ପ୍ରତିବର୍ଷ ଦାଣ୍ଡିଆ ମହୋତ୍ସବକୁ ନେଇ ରାଜଧାନୀବାସୀ ବେଶ୍ ଉତ୍ସାହିତ ଥିବା ବେଳେ ଏଥର ମଧ୍ୟ ଡିଜେରେ ଦୁଲୁକୁଛି ରାଜଧାନୀ। ପିଲାଙ୍କ ଠାରୁ ଆରମ୍ଭ କରି ସମସ୍ତ ବର୍ଗର ଉଭୟ ମହିଳା ଓ ପୁରୁଷ ଆନନ୍ଦ ଉଲ୍ଲାସର ସହ ଏହାକୁ ବେଶ୍ ଉପଭୋଗ କରୁଛନ୍ତି। ସଞ୍ଜ ହେଲେ ଡିଜେର ତାଳେ ତାଳେ ଝୁମୁଛନ୍ତି ସମସ୍ତେ। ମଣ୍ଡପ ବୁଲା ସାଙ୍ଗକୁ ଦାଣ୍ଡିଆ ନାଇଟସ୍‌ର ମଜ୍ଜା ନେବାକୁ ଚାରିଆଡ଼େ ଅସମ୍ଭାଳ ଭିଡ଼। ନିଜକୁ ସୁନ୍ଦର ଭାବେ ସଜାଇ କିଏ ସାଙ୍ଗସାଥୀଙ୍କ ସହ ତ ଆଉ କିଏ ପରିବାର ସହ ବାହାରି ପଡ଼ୁଛନ୍ତି ବୁଲିବାକୁ।



ପ୍ରଦର୍ଶନୀ ପଡ଼ିଆରେ ପ୍ରୟାସ ପକ୍ଷରୁ ଆୟୋଜିତ ଦାଣ୍ଡିଆ ମହୋତ୍ସବ ଆରମ୍ଭ ହୋଇଥିବା ବେଳେ ସନ୍ଧ୍ୟା ୬ଟାରୁ ଆରମ୍ଭ ହୋଇଯାଇଛି ଭିଡ଼। ହାତରେ ଦାଣ୍ଡିଆ ବାଡ଼ି ଧରି, ଲେହେଙ୍ଗା ପିନ୍ଧି ସଜବାଜ ହୋଇ ପହଞ୍ଚିଯାଉଛନ୍ତି ସମସ୍ତେ। କେବଳ ମହିଳା ନୁହଁନ୍ତି ବରଂ ପୁରୁଷମାନେ ମାନେ ମଧ୍ୟ ଏହି ଉତ୍ସବକୁ ବେଶ୍ ଉତ୍କଣ୍ଠାର ସହ ପାଳନ କରୁଥିବା ଦେଖିବାକୁ ମିଳିଛି। ୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ବେଳେ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ଲୋକଙ୍କ ସମାଗମ ଦେଖିବାକୁ ମିଳୁଛି। ଏଠାରେ ପିଲାମାନଙ୍କ ନିମନ୍ତେ ଏକ ଷ୍ଟେଜ୍, କପଲ୍ ମାନଙ୍କ ନିମନ୍ତେ ଗୋଟିଏ ଷ୍ଟେଜ୍ ଏବଂ ଯୁବଗୋଷ୍ଠୀଙ୍କ ସହ ଚଳିତବର୍ଷ ଏକ ସ୍ପେଶାଲ ଡ୍ୟାନ୍‌ସିଂ ଫ୍ଲୋରରେ ନାଚିବାକୁ ଅସମ୍ଭାଳ ଭିଡ଼ ଜମୁଛି। ମହୋତ୍ସବର ପ୍ରତି ସନ୍ଧ୍ୟାରେ ବେଷ୍ଟ କପୁଲ୍, ବେଷ୍ଟ କଷ୍ଟ୍ୟୁମ୍, ବେଷ୍ଟ ଡ୍ୟାନସର ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି। ଯାହା ସମସ୍ତଙ୍କ ମଧ୍ୟରେ ଆହୁରୀ ପ୍ରେରଣା ସୃଷ୍ଟି କରୁଛି। ସେହିପରି ମେଫେୟାର, ସ୍ୱସ୍ତି ପ୍ରିମିୟମ ଆଦି ଷ୍ଟାର ହୋଟେଲରେ ଏଥିପାଇଁ ଭବ୍ୟ ଆୟୋଜନ ହୋଇଥିବା ଦେଖିବାକୁ ମିଳିଛି। ଗର୍‌ବା ଓ ଦାଣ୍ଡିଆ ନୃତ୍ୟ, ଓପନ୍ ଫ୍ଲୋର ସାଙ୍ଗକୁ ଅସିମୀତ ଖାଦ୍ୟ ଓ ବୁଫେ, ଗିଫ୍ଟ ହାମ୍ପର, ଫେଷ୍ଟିଭ କ୍ଲିକ ଆଦି ବ୍ୟବସ୍ଥା ସହ ମିଳିବ ଏକ୍ସକ୍ଲୁସିଭ ଭିଆଇପି ଲାଉଞ୍ଜରେ ଏନର୍ଜି ଡ୍ରିଙ୍କ, ବଟ୍‌ଲର ସର୍ଭିସ, ହୁକା, ଭିଆଇପି ସୋଫା ସିଟିଙ୍ଗ ଓ ପ୍ରିମିୟମ ହସ୍ପିଟାଲିଟି ସୁବିଧା। ଯାହାକୁ କପୁଲ ମାନଙ୍କ ସହ ଦମ୍ପତି ଏବଂ ଯୁଗୋଷ୍ଠୀମାନେ ବେଶ୍ ଉପଭୋଗ କରୁଥିବା ଦେଖିବାକୁ ମିଳିଛି। ସେହିପରି ନଟ୍‌ୱର୍କ ଇଭେଣ୍ଟସ ଆଣ୍ଡ ପ୍ରମୋସନ୍ସ, କ୍ରିଷ୍ଟାଲ କ୍ରାଉନ ସହଭାଗିତାରେ ପଟିଆସ୍ଥିତ କ୍ରିଷ୍ଟାଲ କ୍ରାଉନଠାରେ ନବରାତ୍ରି ମହୋତ୍ସବ 'ଦାଣ୍ଡିଆ କାର୍ଣ୍ଣିଭାଲ ୨କେ୨୫' ସାଙ୍ଗକୁ ଜନତା ମଇଦାନରେ 'ଜସ୍ନେ ଦାଣ୍ଡିଆ', ଏସପ୍ଲାନେଡରେ ମଧ୍ୟ ଆରମ୍ଭ ହୋଇଛି ଦାଣ୍ଡିଆ ନାଇଟସ୍। ଏଠାରେ କିଣାକିଣି ସାଙ୍ଗକୁ ବେଶ୍ ଜମୁଛି ଦାଣ୍ଡିଆ ନାଇଟସ୍।

## ଗୁଜୁରାଟରୁ ଆସୁଛି ଦାଣ୍ଡିଆ ବାଡ଼ି

ଗୁରୁରାଟରୁ ଆରମ୍ଭ ହୋଇଥିବା ଦାଣ୍ଡିଆ ନାଚ ଦେଶ ବିଦେଶରେ ଲୋକପ୍ରିୟତା ହାସଲ କରିଥିବା ବେଳେ ଏଥିରୁ ବାଦ୍ ପଡ଼ିନି ଓଡ଼ିଶା। ବିଭିନ୍ନ ହୋଟେଲ ଠାରୁ ଆରମ୍ଭ କରି ଅନୁଷ୍ଠାନ ପକ୍ଷରୁ ଆରମ୍ଭ ହୋଇଛି ଦାଣ୍ଡିଆ ନାଇଟ୍‌ସ। ବିଶେଷ କରି ଭୁବନେଶ୍ୱରରେ ଏହାର ଝଲକ୍ ବିଶେଷ ଭାବେ ଦେଖିବାକୁ ମିଳିଥାଏ। ତେବେ ନବରାତ୍ରିରେ ୯ ଦିନ ଧରି ନବରାତ୍ର ପାଳନ ସାଙ୍ଗକୁ ଗର୍‌ବା ଓ ଦାଣ୍ଡିଆ ଖେଳିଥାନ୍ତି। ଏଥିପାଇଁ ଶାଢ଼ୀ ହେଉ ଅବା ଲେହେଙ୍ଗା ପରିଧାନ କରିବା ସହ ଦୁଇ ହାତରେ ଦୁଇଟି ବାଡ଼ି ଧରି ନୃତ୍ୟ ପରିବେଷଣ କରିଥାନ୍ତି ସମସ୍ତେ। ତେବେ ଏହି ପରିପାଟୀ ପାଇଁ ଗୁରୁରାଟ, ରାଜସ୍ଥାନ ବ୍ୟବସାୟୀମାନେ ମାସକ ଆଗରୁ ଭୁବନେଶ୍ୱରରେ ଡେରା ପାକାଇଥିବା ଦେଖିବାକୁ ମିଳିଛି। ପ୍ରଦର୍ଶନୀ ପଡ଼ିଆ ନିକଟରେ ରଙ୍ଗବେରଙ୍ଗର ଲେହେଙ୍ଗା ସାଙ୍ଗକୁ ବାଡ଼ି ଓ ଦାଣ୍ଡିଆ ପାଇଁ ଆବଶ୍ୟକ ସାମଗ୍ରୀ ବିକ୍ରି କରୁଛନ୍ତି। ଏହି ସୁସଜ୍ଜିତ ବାଡ଼ି ମଧ୍ୟ ଗୁରୁରାଟରୁ ଆମଦାନୀ କରାଯାଉଥିବା ବ୍ୟବସାୟୀମାନେ କହିଛନ୍ତି। କାରଣ ଏହି ପରମ୍ପରା ଗୁଜୁରାଟର ହୋଇଥିବାରୁ ସେଠାକାର ଅଧିକାଂଶ ବ୍ୟବସାୟୀମାନେ ଏହାକୁ ବିକ୍ରି କରୁଥିବା ବେଳେ ଘରର ମହିଳାମାନେ ତିଆରି କରିଥାନ୍ତି। ଫଳରେ ଆୟୋଜକମାନେ ସେଠାରୁ କମ୍ ମୂଲ୍ୟରେ ଅଧିକ ପରିମାଣରେ ବାଡ଼ି ଆମଦାନୀ କରିଥାନ୍ତି। ବିଭିନ୍ନ ରାଜ୍ୟକୁ ହୋଲସେଲିଂ ଦାମ୍‌ରେ ଯୋଗାଇଥାନ୍ତି। ତେବେ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ଆୟୋଜିତ ହେଉଥିବା ଦାଣ୍ଡିଆ ନାଇଟ୍‌ସରେ ମଧ୍ୟ ଏହି ବାଡ଼ି ଭଡ଼ାରେ ଦିଆଯାଉଛି। ପ୍ରଥମେ ଟଙ୍କାଦେଇ ଆଣିବା ପରେ କାର୍ଯ୍ୟକ୍ରମ ଶେଷ ହେବା ମାତ୍ରେ ବାଡ଼ି ଦୁଇଟି ଫେରସ୍ତ କରି ନିଜ ଟଙ୍କା ଫେରି ପାଇଥାନ୍ତି। ତେବେ କେବଳ ଏହି ସମୟରେ ବାଡ଼ିର ଆବଶ୍ୟକ ହେଉଥିବାରୁ ଏହାକୁ ସମସ୍ତେ କିଣିନଥାନ୍ତି। ତେବେ ଏହି ବାଡ଼ିକୁ ଅଧିକ ପରିମାଣରେ କିଣିଲେ ୨୦ରୁ ୫୦ ଟଙ୍କା ରହିଥିବା ବେଳେ ଅନଲାଇନ୍‌ରେ ମଧ୍ୟ ଏହା ଉପଲବ୍ଧ ରହିଛି।



# ସମସ୍ତ ଅବସରପ୍ରାପ୍ତ କର୍ମଚାରୀଙ୍କୁ ପେନ୍‌ସନ ଦେବାକୁ ଦାବି

ଭୁବନେଶ୍ୱର, ୩୦।୯ (ସମିସ): ସର୍ବୋଚ୍ଚ ନ୍ୟାୟାଳୟଙ୍କ ଆଦେଶ ବଳରେ ରାଜ୍ୟ ଜଳ ସମ୍ପଦ ବିଭାଗର ୯୮ ଜଣ ୱାର୍କଚାର୍ଜଡ଼ କର୍ମଚାରୀ ପେନସନ ପାଇବେ। ଏଥି ନିମନ୍ତେ ଜଳ ସମ୍ପଦ ବିଭାଗ ଯନ୍ତ୍ରୀମୁଖ୍ୟଙ୍କୁ ଚିଠିରେ ଆସନ୍ତା ଅକ୍ଟୋବର ୬ ତାରିଖ ମଧ୍ୟରେ ବ୍ୟୟ ଅଟକଳ ଓ ସମ୍ପୃକ୍ତ କର୍ମଚାରୀ ମାନଙ୍କର ଅବସର ସମୟ ପ୍ରଦାନ ନିମନ୍ତେ ଉଲ୍ଲେଖ କରିଛି। ତେବେ 'ଓଡ଼ିଶା ଅବସରପ୍ରାପ୍ତ ୱାର୍କଚାର୍ଜଡ଼/ରେଗୁଲାର କର୍ମଚାରୀ କ୍ରିୟାନୁଷ୍ଠାନ ସଂଗଠନ' ଅଭିଯୋଗ କରି ଏମାନଙ୍କ ଭଳି ଯେଉଁ ଗରିବ ବର୍ଗର ଅବସରପ୍ରାପ୍ତ କର୍ମଚାରୀମାନେ ଅର୍ଥ ଅଭାବରୁ କୋର୍ଟକୁ ଯାଇପାରୁ ନାହାନ୍ତି ସେମାନେ ପେନସନ ପାଇବେ କି ନାହିଁ ବୋଲି ସରକାରଙ୍କ ନିକଟରେ ପ୍ରଶ୍ନ କରିଛି। ସରକାର ମୋକଦ୍ଦମା ଖୋର ନହୋଇ ସହନଶୀଳତା ନୀତି ଅବଲମ୍ବନ କରି ୯୮ ଜଣଙ୍କୁ ପେନସନ ପ୍ରଦାନ କରାଯିବା ଭିତରେ ଏମାନଙ୍କ ଭଳି ସମାନ ସ୍ଥିତିରେ ଅବସର ଗ୍ରହଣ କରିଥିବା କର୍ମଚାରୀଙ୍କୁ ପେନସନ ଦେବା ନିମନ୍ତେ ସରକାର ଏକ ଉଚ୍ଚସ୍ତରୀୟ ବୈଠକରେ ନିଷ୍ପତ୍ତି ନେବାକୁ କ୍ରିୟାନୁଷ୍ଠାନ ସଂଗଠନର ମୁଖ୍ୟ ସଂଯୋଜକ ଗଗନ ଭଞ୍ଜ, ଆବାହକ ଅରୁଣ କେଶରୀ ପରିଡ଼ା ଓ ଗିରିଶ ନନ୍ଦ ଦାବି କରିଛନ୍ତି।

# ଅଷ୍ଟମୀ ତିଥିରେ କୁମାରୀ ପୂଜା



ଭୁବନେଶ୍ୱର, ୩୦।୯ (ସମିସ): ଶିବାନନ୍ଦ ସାଂସ୍କୃତିକ କେନ୍ଦ୍ର ଅଶୋକନଗର ଠାରେ ମଙ୍ଗଳବାର କୁମାରୀ ପୂଜା ଅନୁଷ୍ଠିତ ହୋଇଯାଇଛି। ମା ଦୁର୍ଗା ବିଶ୍ୱମାତାଙ୍କୁ କନ୍ୟା ରୂପରେ ପୂଜା କରିବା, ନାରୀ ଶକ୍ତି ଓ ପବିତ୍ରତାର ଗୁରୁତ୍ୱକୁ ଆଲୋକିତା କରିବା ଉଦେଶ୍ୟରେ ମହିଳାମାନଙ୍କର ପବିତ୍ର, ସହଜାତ ସୃଜନଶୀଳ ଶକ୍ତିର ପ୍ରତୀକ ଭାବେ ୯ ଜଣପ୍ରାକ- ଯୌବନକାଳୀନ ୫ବର୍ଷରୁ ୧୨ବର୍ଷର କୁମାରୀ କନ୍ୟାକୁ ଦୁର୍ଗା ପୂଜା ଅବସରରେ ଶରଦ ନବରାତ୍ରିର ଅଷ୍ଟମୀ ତିଥିରେ ପୂଜା କରାଯାଏ। କୁମାରୀଙ୍କୁ ସୃଷ୍ଟି, ସ୍ଥିରତା ଏବଂ ବିନାଶକୁ ନିୟନ୍ତ୍ରଣ କରୁଥିବା ଜୀବନ୍ତ ଦିବ୍ୟ ନାରୀ ଶକ୍ତିର ପବିତ୍ର ପ୍ରତୀକ ଭାବେ ପୂଜା କରା ଯାଇଥିଲା। ଶିବାନନନ୍ଦ ଆଶ୍ରମରେ ୧୩ ଜଣ ନବ କୁମାରୀଙ୍କୁ ଦୁର୍ଗାଙ୍କ ୯ ରୂପରେ ଯଥା ଶୈଳପୁତ୍ରୀ, ବ୍ରହ୍ମଚାରୀଣୀ, ଚନ୍ଦ୍ରଘଣ୍ଟା, କୁସ୍ମାଣ୍ଡା, ସ୍କନ୍ଦମାତା, କାତ୍ୟାୟିନୀ, କାଳରାତ୍ରି, ମହାଗୌରୀ, ସିଦ୍ଧିଦାତ୍ରୀ ରୂପରେ ପୂଜା କରାଯାଇଥିଲା। ପ୍ରାରମ୍ଭରେ ପାଦ ପ୍ରଖ୍ୟାଳନ, ଶୃଙ୍ଗାର, ପୁଷ୍ପ ମାଲ୍ୟ, ଉପହାର ଆଦି କନ୍ୟାରୂପୀ ନବ ଦୁର୍ଗାଙ୍କୁଭକ୍ତମାନେ ଅର୍ପଣ କରିଥିଲେ। ଏହାପରେ ରୀତି ଅନୁଯାୟୀ ପୂଜା, ଆରତୀ କରାଯାଇ ନବ କୁମାରୀଙ୍କୁ ପ୍ରସାଦ ଅର୍ପଣ କରାଯାଇଥିଲା। ଦିବ୍ୟ ଜୀବନ ସଂଘର ସଭାପତି ରାଧାଶ୍ୟାମ ଦାସ, ସମ୍ପାଦକ ରମେଶ ଚନ୍ଦ୍ର ପଣ୍ଡା, ଅର୍ଣ୍ଣପୂର୍ଣ୍ଣା ଦାସ, ଅନୁସୟା ସାହୁ ଓ କାଦମ୍ବିନୀ ଦାସ, ଶୈଳବାଳା ମହାନ୍ତି, ରାଜଗୋପାଳ ଆଚାରୀ ପରିଚାଳନା କରିଥିଲେ। ନବଦୁର୍ଗା ରୂପରେ ପ୍ରିୟାସୀ, ଅନିମା, ଅସୀମା, ସାବିତନୟା, ଦିବ୍ୟାଶା, ମାଇସା, ଏ. ସାବି, ରାଜଲକ୍ଷ୍ମୀ, ସାଇ ଶ୍ରଦ୍ଧା, ଆଇଭି ସାଇନି, ପ୍ରିତେଶ ନବ ଦୁର୍ଗା ରୂପରେ ପୂଜା ପାଇ ଥିଲେ।

# ୪୦ ପୁସ୍ତକ ଲୋକାର୍ପିତ

**ସମାଜ ସେବାରେ ଲାଗିବ ବିକ୍ରିଲବ୍ଧ ଅର୍ଥ**

ଭୁବନେଶ୍ୱର, ୩୦।୯ (ସମିସ): ଅନ୍ୱେଷଣ ଚାରିଟେବଲ ଟ୍ରଷ୍ଟ ଦ୍ୱାରା ପରିଚାଳିତ ବାଗ୍ମୀ ପବ୍ଲିକେସନର ପ୍ରଥମ ବାର୍ଷିକୋତ୍ସବ 'ଆରମ୍ଭ ୨୦୨୫' ବୁଦ୍ଧମନ୍ଦିରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୩୦ଜଣ ଲେଖକ, ଲେଖିକାଙ୍କ ୪୦ଟି ପୁସ୍ତକକୁ ଅତିଥିମାନେ ଲୋକାର୍ପଣ କରିଛନ୍ତି। ଟ୍ରଷ୍ଟର ପ୍ରତିଷ୍ଠାତା ତଥା ବାଗ୍ମୀ ପବ୍ଲିକେସନ୍ସର ପ୍ରକାଶକ ସୂର୍ଯ୍ୟକାନ୍ତ ପ୍ରଧାନଙ୍କ ସଭାପତିତ୍ୱ କରିଥିଲେ। ପୁସ୍ତକ ପ୍ରକାଶନ ପାଇଁ ଅର୍ଥ ବାଧକ ନ ହେଉ, ଏହି ଉଦ୍ଦେଶ୍ୟରେ ସମସ୍ତ ପୁସ୍ତକର ବିନା ମୂଲ୍ୟରେ ପ୍ରକାଶନର ଗୁରୁ ଦାୟିତ୍ୱ ବହନ କରିଥିବାରୁ ପ୍ରକାଶକଙ୍କୁ ଲେଖକମଣ୍ଡଳୀ କୃତଜ୍ଞତା ଜ୍ଞାପନ କରିଥିଲେ। ସବୁଠାରୁ ବଡ଼କଥା ହେଉଛି ବାଗ୍ମୀ ପବ୍ଲିକେସନ୍ସ ଦ୍ୱାରା ପ୍ରକାଶିତ ସମସ୍ତ ପୁସ୍ତକର ବିକ୍ରିଲବ୍ଧ ଅର୍ଥ କେବଳ ସମାଜ ସେବାରେ ଲାଗିବ ବୋଲି ଲେଖକ ଓ ପ୍ରକାଶକ ସତ୍ୟପାଠ କରିଥିଲେ। ଏହି ଉତ୍ସବରେ ତିରିଶ ଜଣ ଲେଖକଙ୍କୁ 'ବାଗ୍ମୀ ସମ୍ମାନ' ପ୍ରଦନାପନ କରାଯାଇଥିଲା। ଏହାସହ ବିଭିନ୍ନ କ୍ଷେତ୍ରରେ ନିଷ୍ଠା ଓ ସମାଜ ପାଇଁ ପ୍ରେରଣା ସାଜିଥିବା ୧୫ଜଣ ବ୍ୟକ୍ତିଙ୍କୁ 'କର୍ତ୍ତବ୍ୟ ନିଷ୍ଠା ସମ୍ମାନ' ପ୍ରଦାନ କରାଯାଇଥିଲା। ସେହିପରି ଅନ୍ୱେଷଣ ଅନୁଷ୍ଠାନକୁ 'ଗାର୍ଡିଆନ୍ସ ଅଫ୍ ହୋପ୍' ସମ୍ମାନରେ ସମ୍ମାନୀତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ବରିଷ୍ଠ ଅଭିନେତା ଓ ରାଜନେତା ଡ. ପ୍ରଶାନ୍ତ ନନ୍ଦ, କଣ୍ଠଶିଳ୍ପୀ ଲକ୍ଷ୍ମୀକାନ୍ତ ପାଲିତ, ଦୈନିକ ସମାଜ ତଥା ସତ୍ୟବାଦୀର ପୂର୍ବତନ ସମ୍ପାଦକ ଡ. ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ, ବକୁଳ ଫାଉଣ୍ଡେସନ୍ ପ୍ରତିଷ୍ଠାତା ସୁଜିତ ମହାପାତ୍ର, ବାଗ୍ମୀ ପବ୍ଲିକେଶନ୍ସର ଉପଦେଷ୍ଟା ହରମୋହନ ଦାଶ, ଅନନ୍ୱେଷଣ ଉପଦେଷ୍ଟା ଡ. ଦେବୀପ୍ରସାଦ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ପ୍ରତିଷ୍ଠାତା ସୂର୍ଯ୍ୟକାନ୍ତ ପ୍ରଧାନ ପରିଚାଳନା କରିଥିଲେ।

# ଚିତ୍ରରେ ଚିତ୍ରରେ 'ବିକଶିତ ଭାରତ'

ଭୁବନେଶ୍ୱର, ୩୦।୯ (ସମିସ): ରାଷ୍ଟ୍ରୀୟ ଲଳିତ କଳା ଏକାଡେମୀର ଆଞ୍ଚଳିକ କେନ୍ଦ୍ର ଭୁବନେଶ୍ୱର ତରଫରୁ ଏକାଡେମୀ ପରିସରରେ ସେବାପର୍ବ ଅବସରରେ 'ବିକଶିତ ଭାରତର ରଙ୍ଗ - କଳା ସହିତ' ଶୀର୍ଷକ ବିଦ୍ୟାଳୟସ୍ତରୀୟ ଚିତ୍ରକଳା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୭ମରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ୧୫୦ ଜଣ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ପୁରସ୍କାର ପାଇଁ ମନୋନୀତ ହେବା ସ୍ଥଳେ ଅଂଶିତା ସାହୁ, ସୌମ୍ୟରଞ୍ଜନ ପଳେଇ ଓ ବୈଭବ ଶୁଭଦର୍ଶୀ ପ୍ରମୁଖଙ୍କ ଛବି ଶାନ୍ତ୍ୱନାମୂଳକ ପୁରସ୍କାର ପାଇଁ ମନୋନୀତ ହୋଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଚିତ୍ରଶିଳ୍ପୀ ପଦ୍ମଶ୍ରୀ ବିନୋଦ ମହାରଣା ଓ ଧଉଳି ଚାରୁକଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ପଞ୍ଚାନନ ସାମଲ ଯୋଗଦେଇ ପୁରସ୍କାର ଘୋଷଣା କରିଥିଲେ। କାର୍ଯ୍ୟକ୍ରମକୁ ଲଳିତ କଳା ଏକାଡେମୀର କ୍ଷେତ୍ରୀୟ ସଚିବ ରାମକୃଷ୍ଣ ବେଦାଲା ପରିଚାଳନା କରିଥିଲେ।

# 'ମୋ କର୍ମମୟ ଜୀବନ' ଲୋକାର୍ପିତ

ଭୁବନେଶ୍ୱର, ୩୦।୯ (ସମିସ): ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ନିଧି କୁମାର ରାଉତରାୟ ଆତ୍ମଜୀବନୀ 'ମୋ କର୍ମମୟ ଜୀବନ' ବୁଦ୍ଧ ମନ୍ଦିର ପରିସରରେ ଲୋକାର୍ପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସୌମ୍ୟରଞ୍ଜନ ପଟ୍ଟନାୟକ ଯୋଗ ଦେଇଥିବାବେଳେ ଶିକ୍ଷାବିତ୍ ପର୍ଶୁରାମ ରାୟସିଂହ ଅଧ୍ୟକ୍ଷତା କରି ରାଉତରାୟଙ୍କ କର୍ମମୟ ଜୀବନର ନଚ୍ଛକ ଛବି ଏଥିରେ ପ୍ରତିଫଳିତ ହୋଇଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ସ୍ତମ୍ଭକାର ଦାଶ ବେନହୁର ଅନ୍ୟତମ ସମ୍ମାନିତ ଅତିଥି ଭାବେ ଲେଖକ ତଥା ସମାଜସେବୀ ସ୍ୱରାଜ ମିଶ୍ର ଯୋଗ ଦେଇଥିଲେ। କୃଷ୍ଣ ନାୟକ ପୁସ୍ତକର ସମୀକ୍ଷା କରିଥିବାବେଳେ ଶିକ୍ଷାବିତ୍ ଚିତ୍ତରଞ୍ଜନ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

**ଗାନ୍ଧୀଙ୍କ ସହ ଗୋଟିଏ ପାଦ ରାଷ୍ଟ୍ରୀୟ ପଦଯାତ୍ରା**

# ସାମିଲ ପାଇଁ ଉତ୍କଳ ସର୍ବୋଦୟ ମଣ୍ଡଳର ବାରାଣସୀ ଗସ୍ତ

ଭୁବନେଶ୍ୱର, ୩୦।୯ (ସମିସ): ବାରାଣସୀର ରାଜଘାଟସ୍ଥିତ ସର୍ବୋଦୟ ସାଧନା କେନ୍ଦ୍ରକୁ କେନ୍ଦ୍ର ଓ ଉତ୍ତରପ୍ରଦେଶ ସରକାର ସହିତ ଭାରତୀୟ ରେଳ ବିଭାଗ ମିଳିତ ଭାବରେ ବୁଲଡୋଜର ଚଳାଇ ଧ୍ୱଂସ କରିବା ତଥା ଗଣତନ୍ତ୍ର, ସମ୍ବିଧାନ, ରାଷ୍ଟ୍ରୀୟ ଐତିହ୍ୟର ସୁରକ୍ଷା ପରିପ୍ରେକ୍ଷାରେ ସର୍ୱସେବା ସଂଘ (ଅଖିଳ ଭାରତ ସର୍ବୋଦୟ ମଣ୍ଡଳ) ନେତୃତ୍ୱରେ ଦେଶର ସମସ୍ତ ଗାନ୍ଧୀବାଦୀ, ସର୍ବୋଦୟ କର୍ମୀ, ଜନ ଆନ୍ଦୋଳନ କର୍ମୀ ତଥା ଗଣତାନ୍ତ୍ରିକ ଜନ ସଂଗଠନର ସହଯୋଗରେ ଆସନ୍ତା ୨ ଅକ୍ଟୋବର ଗାନ୍ଧୀ ଜୟନ୍ତୀରୁ ୨୬ ନଭେମ୍ବର ସମ୍ବିଧାନ ଦିବସ ପର୍ଯ୍ୟନ୍ତ ବାରାଣସୀ ରାଜଘାଟରୁ ଦିଲ୍ଲୀ ରାଜଘାଟ ପର୍ଯ୍ୟନ୍ତ ୧୦୦୦ କି.ମି. ବ୍ୟାପୀ 'ଗାନ୍ଧୀଙ୍କ ସହ ଗୋଟିଏ ପାଦ' ରାଷ୍ଟ୍ରୀୟ ପଦଯାତ୍ରା ଅନୁଷ୍ଠିତ ହେବ। ସମଗ୍ର ଓଡ଼ିଶାରୁ ଉତ୍କଳ ସର୍ବୋଦୟ ମଣ୍ଡଳର ନେତୃତ୍ୱରେ ଶତାଧିକ ଗାନ୍ଧୀବାଦୀ, ସର୍ବୋଦୟ କର୍ମୀ, ଜନ ଆନ୍‌ଦୋଳନ କର୍ମୀ, ସାମାଜିକ କର୍ମୀ, ମହିଳା, ପୁରୁଷ, ଯୁବ-ଛାତ୍ର ଗୋଷ୍ଠୀ ଏହି ପଦଯାତ୍ରାରେ ସାମିଲ ହେବେ। ଏହି ପରିପ୍ରେକ୍ଷୀରେ ଆଜି ପ୍ରଥମ ପର୍ଯ୍ୟାୟରେ ଉତ୍କଳ ସର୍ବୋଦୟ ମଣ୍ଡଳ ସଭାପତି ମିହିର ପ୍ରତାପ ଦାସ, ରଚନା ସମିତି ସଂଯୋଜକ ଶ୍ରୀ ଅନ୍ତର୍ଯ୍ୟାମୀ ବରାଳ, ମହିଳା ସେଲ ସଂଯୋଜିକା ରାବେୟା ବେଗମ, ନୈତାଲିମର ଟ୍ରଷ୍ଟି ବିପିନ ବାରିକ, ରାଷ୍ଟ୍ରୀୟ ଯୁବା ସଙ୍ଗଠନର ରାଜ୍ୟ ସହ ସଂଯୋଜିକା ଅଲିଭା ଦାଶ ପ୍ରମୁଖ ଟ୍ରେନ ଯୋଗେ ବାରାଣସୀ ଅଭିମୁଖେ ଗସ୍ତ କରିଥିବା ବେଳେ ଆଗାମୀ ପର୍ଯ୍ୟାୟରେ ମଣ୍ଡଳର ସମ୍ପାଦକ ଆର୍ଯ୍ୟଭଟ୍ଟ ମହାନ୍ତି, ସଂଗଠନ ସମ୍ପାଦକ ଶ୍ରୀ ଗୌରାଙ୍ଗ ରାଉତ, ନିୟମଗିରି ଆନ୍ଦୋଳନର ରାଜକିଶୋର ସୁନାନୀ, ସମେତ ବିଭିନ୍ନ ଜିଲ୍ଲାର ଲୋକସେବକ, ସର୍ବୋଦୟ ମିତ୍ର ତଥା ସାମାଜିକ କର୍ମୀ, ଜନ ଆନ୍ଦୋଳନ କର୍ମୀ ମାନେ ପଦଯାତ୍ରାରେ ସାମିଲ ହେବେ।

# ପାର୍ବଣରେ ମୁକ୍ତିଲାଭ କଲା ପାଞ୍ଚ ଗୀତ

ଭୁବନେଶ୍ୱର, ୩୦।୯ (ସମିସ): ପାର୍ବଣରେ ବାବୁ ବାବୁଙ୍କ ନିର୍ଦ୍ଦେଶିତ ପାଞ୍ଚଟି ଗୀତ ଏକାସାଙ୍ଗରେ ମୁକ୍ତିଲାଭ କରିଛି। ସିନେ ପ୍ରଯୋଜକ ସଚ୍ଚିକାନ୍ତ ଜେନା, ମିଡ଼ିଆ ପ୍ଲାନର କ୍ରିଏଟିଭ ହେଡ଼ ପ୍ରଣୟ ଜେଠୀ, ୫ଟି ମ୍ୟୁଜିକ ଭିଡିଓର ସମସ୍ତ ପ୍ରଯୋଜକ, ସମସ୍ତ କଳାକାର ଏବଂ ବାବୁ ବାବୁ ନିଜେ ଏହି ମୁକ୍ତିଲାଭ ଉତ୍ସବରେ ଉପସ୍ଥିତ ଥିଲେ। ମାଆଙ୍କୁ ନେଇ ନିର୍ମାଣ କରିଥିବା ଭକ୍ତି ଗୀତ 'ତୁ ପାର୍ବଣର ରାଣୀ ମୁଁ ତୋ ପୁଜାରିଣୀ' ଗୀତଟି ମଲ୍ଟି ଷ୍ଟାର୍ସଙ୍କୁ ନେଇ ପ୍ରସ୍ତୁତ ହୋଇଛି। ଜୀନା ସାମଲ ପାଣିଗ୍ରାହୀ, ଶ୍ରଦ୍ଧା ପାଣିଗ୍ରାହୀ, ପ୍ରିୟଙ୍କା ପାଣିଗ୍ରାହୀ ଏବଂ ଶୀତଲ ପଟ୍ଟନାୟକ ଭଳି ଅଭିଜ୍ଞ ନାୟିକାମାନେ ଏହି ଭକ୍ତି ଗୀତରେ ନୃତ୍ୟାଭିନୟ କରିଛନ୍ତି। ଗୀତ ରଚନା କରିଛନ୍ତି ଜିତେନ୍ଦ୍ର, ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଅମରେଶ ମିଶ୍ର ଏବଂ କଣ୍ଠଦାନ କରିଛନ୍ତି ଅସୀମା ପଣ୍ଡା। ସାଇନା ଏଣ୍ଟରଟେନମେଣ୍ଟ ଦ୍ୱାରା ପ୍ରସ୍ତୁତ ହୋଇଥିବା ଭକ୍ତି ଗୀତକୁ ସୁଜିତ କୁମାର ଏବଂ ଆକାଶ ମିଶ୍ର ପ୍ରଯୋଜନା କରିଛନ୍ତି। ସେହିପରି 'ମାଆ ଲୋ ତୋତେ ଅଭିନନ୍ଦନ' ଭକ୍ତି ଗୀତଟିକୁ ପ୍ରଯୋଜନା କରିଛନ୍ତି ରାଘବ ସ୍ୱାଇଁ। ଅଭିନୟ କରିଛନ୍ତି ଅଭିନେତ୍ରୀ କୁକିଜ୍ ସ୍ୱାଇଁ ଏବଂ ଦିଶା। ଗୀତ ରଚନା କରିଛନ୍ତି ସୌମ୍ୟ ରଞ୍ଜନ ବଳ, ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଦିବ୍ୟ ଚନ୍ଦନ, କଣ୍ଠଦାନ କରିଛନ୍ତି ଅସୀମା ପଣ୍ଡା। ସେହିପରି 'ମା ଲୋ ଦୁର୍ଗା ମା ଲୋ' ଗୀତ ଟିକୁ ପ୍ରଯୋଜନା କରିଛନ୍ତି ମିଷ୍ଟର ନନ୍ଦିକେଶ ଏବଂ ଗୀତ ରଚନା କରିଛନ୍ତି ସୌମ୍ୟ ରଞ୍ଜନ ବଳ, ସଙ୍ଗୀତ ନିର୍ଦ୍ଦେଶନା ଦିବ୍ୟ ଚନ୍ଦନ। ଗୀତକୁ ଦର୍ଶକ ୟୁଟ୍ୟୁବ ଚ୍ୟାନେଲରେ ଦେଖିପାରିବେ।



# 'ପରାଗ'ର ଶାରଦୀୟ ସଂଖ୍ୟା ଉନ୍ମୋଚିତ



ଭୁବନେଶ୍ୱର, ୩୦।୯ (ସମିସ): ଦୀର୍ଘ ୪୩ ବର୍ଷ ଧରି ନିରବଚ୍ଛିନ୍ନ ଭାବେ ଆଜିରୁ ପ୍ରକାଶିତ ହୋଇ ଆସୁଥିବା ସାହିତ୍ୟ ପତ୍ରିକା 'ପରାଗ'ର ଶାରଦୀୟ ସଂଖ୍ୟାକୁ ଅତିଥିମାନେ ଭୁବନେଶ୍ୱରସ୍ଥ ପୁରୁଣା ବସଷ୍ଟାଣ୍ଡଠାରେ ବହୁ ସାହିତ୍ୟିକମାନଙ୍କ ଗହଣରେ ଉନ୍ମୋଚନ କରିଛନ୍ତି। ବରିଷ୍ଠ କବି ନିରାକାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉନ୍ମୋଚନ ପର୍ବରେ 'ପରାଗ'ର ସମ୍ପାଦକ କଥାକାର ବନମାଳୀ ସେନାପତି, ରାଜ୍ୟ ବର୍ଦ୍ଧନ ଧଳମହାପାତ୍ର, ଡ. ଭରତ ଚନ୍ଦ୍ର ବେହେରା, କମଳ କୁମାର ମହାନ୍ତି, କ୍ଷୀରୋଦ କୁମାର ଦାସ, ସୁରେଶ କୁମାର ନାୟକ, ଜାକୀର ଖାନ୍ ଓ ପଲ୍ଲବୀ ନାୟକ ଯୋଗ ଦେଇଥିଲେ। ଶେଷରେ 'ପରାଗ'ର ସମ୍ପାଦକ କଥାକାର ବନମାଳୀ ସେନାପତି ଧନ୍ୟବାଦ ଦେଇଥିଲେ।









# ପୂଜା ପେଣ୍ଡାଲରେ ସକାଳୁ ଭିଡ଼

ଭୁବନେଶ୍ୱର, ୩୦।୯ (ସମିସ): ମାଆଙ୍କ ଆବାହନରେ କମ୍ପୁଛି ରାଜଧାନୀର ଗଳି କନ୍ଦିର ପୂଜା ମଣ୍ଡପ। ମହାମାୟାଙ୍କ ମହାଷ୍ଟମୀରେ ପୂଜା ମଣ୍ଡପରେ ଶ୍ରଦ୍ଧାଳୁମାନଙ୍କ ପ୍ରବଳ ଭିଡ଼ ଜମିଥିଲା। ସକାଳୁ ସକାଳୁ ମା'ଙ୍କ ଦର୍ଶନ ପାଇଁ ଭକ୍ତମାନେ ହାତରେ ଭୋଗ ଧରି ଲାଇନ୍‌ରେ ଛିଡ଼ା ହୋଇଥିଲେ। ମହାଷ୍ଟମୀ ବ୍ରତ ରଖିଥିବା ମହିଳା ଶ୍ରଦ୍ଧାଳୁମାନେ ଶାଢ଼ି ପୂଜା କରିଥିଲେ। ପୂଜା ସମରିବା ପରେ ମା'ଙ୍କ ପ୍ରସାଦ ପାଇ ବ୍ରତ ଭଙ୍ଗ କରିଥିଲେ ଶ୍ରଦ୍ଧାଳୁ। ମହାଷ୍ଟମୀ ଅବସରରେ ପୂଜାମଣ୍ଡପଗୁଡ଼ିକରେ ଅଧିକ ଜନସମାଗମ ହୋଇଥିଲା। ଏହି ଦିନରେ ଅନେକ ଗାଡ଼ି ପୂଜା କରୁଥିବା ମଧ୍ୟ ଦେଖିବାକୁ ମିଳିଥିଲା। ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ କମିଟିର ସଦସ୍ୟମାନେ ଉପସ୍ଥିତ ଭକ୍ତଙ୍କୁ ଧାଡ଼ିରେ ଦର୍ଶନ କରାଇଥିଲେ। ସେହିପରି କେତେକ ମଣ୍ଡପରେ ସାଧାରଣ ଲୋକଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା ହୋଇଥିବା ଦେଖିବାକୁ ମିଳିଥିଲା। ବମିଖାଲ, ରସୁଲଗଡ଼, ନୂଆପଲ୍ଲୀ, ବରମୁଣ୍ଡା, ସହିଦ୍‌ନଗର, ଝାରପଡ଼ା, ପୁରୁଣା ଷ୍ଟେସନ୍ ବଜାର, ବରମୁଣ୍ଡା ଆଦି ପୂଜାମଣ୍ଡପରେ ରୀତିନୀତି ଅନୁଯାୟୀ ପୂଜା ଅନୁଷ୍ଠିତ ହୋଇଥିଲା। ଆସନ୍ତା କାଲି ନବମୀରେ ଅନେକ ସ୍ଥାନରେ ମହିଳାମାନଙ୍କ ଦ୍ୱାରା ସିନ୍ଦୂର ଖେଳ କରାଯିବା ସହ ଘରେ ଘରେ ପ୍ରସାଦ ପହଞ୍ଚାଇବା ବ୍ୟବସ୍ଥା ହୋଇଛି। ଅଷ୍ଟମୀରେ ସକାଳୁ ରାତି ପର୍ଯ୍ୟନ୍ତ ଲୋକମାନେ ମା'ଙ୍କ ଦର୍ଶନ କରୁଥିବା ବେଳେ ଭିଡ଼କୁ ଏଡ଼ାଇବାକୁ ରାଜଧାନୀବାସୀ ବିଳମ୍ବିତ ରାତିରେ ସହରର ପୂଜା ପେଣ୍ଡାଲ ପରିବାର ସହ ବୁଲିଥାନ୍ତି। ଅଷ୍ଟମୀ, ନବମୀ ଓ ଦଶମୀ ତିନି ଦିନ ଧରି ଚଳଚଞ୍ଚଳ ହୋଇଉଠିବ ସହର। ଆକର୍ଷଣୀୟ ତୋରଣ ସାଙ୍ଗକୁ ରଙ୍ଗୀନ ଆଲୋକମାଳାରେ ଝଲସୁଛି ରାଜଧାନୀର ରାସ୍ତାଘାଟ। ପୂଜା ଅବସରରେ ଅନେକ ନିଜ ଘର ଆଗରେ ଦୀପ ଲଗାଇଥିବା ମଧ୍ୟ ଦେଖିବାକୁ ମିଳିଛି। ମା'ଙ୍କ ଦର୍ଶନ ସାଙ୍ଗକୁ ଜମୁଛି କିଣାକିଣି। ଖାଦ୍ୟଷ୍ଟଲ, ମୀନାବଜାର ଓ ରାମଦୋଳି ଖେଳିବାର ବେଶ୍ ମଜ୍ଜା ନେଉଛନ୍ତି ପିଲାଠାରୁ ବୟସ୍କ ପର୍ଯ୍ୟନ୍ତ। ଦଶମୀରେ ରାବଣପୋଡ଼ି ଦେଖିବାକୁ ଉତ୍କଣ୍ଠାର ସହ ଚାହିଁ ବସିଛନ୍ତି ସମସ୍ତେ। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଣ୍ଡପଗୁଡ଼ିକରେ ଶାନ୍ତିଶୃଙ୍ଖଳାର ସହ ପୂଜା ପାଇଁ ବ୍ୟବସ୍ଥା ହୋଇଛି।



ତେବେ ଗତକାଲି ମାଙ୍କ ସପ୍ତମୀ ପୂଜାରେ ସାକଲୁ ପ୍ରବଳ ଭିଡ଼ ଜମିଥିବା ବେଳେ ବିଳମ୍ବିତ ରାତି ଯାଏ ମଧ୍ୟ ସମସ୍ତ ମଣ୍ଡପରେ ଗହଳି ଦେଖିବାକୁ ମିଳିଥିଲା। ବିଶେଷକରି ଭୁବନେଶ୍ୱର ବାସିନ୍ଦାମାନେ ବିଳମ୍ବିତ ରାତିରେ ସହଜ ଦର୍ଶନ ପାଇଁ ବାହାରିଥିଲେ ବି ଗହଳି ଲାଗି ରହିଥିଲା। ଏମିତିକି ଭୋର ୫ଟା ପର୍ଯ୍ୟନ୍ତ ମଧ୍ୟ ସହର ଚଳଚଞ୍ଚଳ ହୋଇଥିଲା। ତେବେ ଆଜି ଠାରୁ ଦଶହରା ଯାଏ ମଧ୍ୟ ଭୋର ଯାଏ ବିଭନ୍ନ ମଣ୍ଡପ ପରିସରରେ ଗହଳି ଜମିବା ସହ ବ୍ୟବସାୟୀମାନେ ଏଥିପାଇଁ ପ୍ରସ୍ତୁତି ହୋଇଥିବା କହିଛନ୍ତି।

## ସ୍ୱାମୀ ବିବେକାନନ୍ଦ ଲୋକ ସଂସଦରେ କବିବର ଜୟନ୍ତୀ

ସୋର, ୩୦।୯ (ସମିସ): ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ବାଲେଶ୍ୱର ଜିଲ୍ଲା ଶାଖା ତରଫରୁ ସେପ୍ଟେମ୍ବର ମାସର ମାସିକ ଆଭାସୀ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। 'କବିବର ରାଧାନାଥ ପ୍ରାଚ୍ୟ ଓ ପାଶ୍ଚାତ୍ୟର ମିଳନ ସେତୁ' ଶୀର୍ଷକ ଆଲୋଚନାଚକ୍ରରେ ବାଲେଶ୍ୱର ଜିଲ୍ଲା ସଭାପତି ପ୍ରଫେସର ରମାକାନ୍ତ ବେହେରା ପୌରୋହିତ୍ୟ କରିଥିବାବେଳେ ଅଧ୍ୟାପକ ଡ. ପ୍ରଦୀପ୍ତ କୁମାର ମିଶ୍ର ଆଲୋଚକ ଭାବରେ ଯୋଗଦେଇ ରାଧାନାଥଙ୍କୁ ସାହିତ୍ୟରେ ସୌନ୍ଦର୍ଯ୍ୟ ସୃଷ୍ଟିର ସାର୍ଥକଶିଳ୍ପୀ ଭାବରେ ପ୍ରତିପାଦିତ କରିଥିଲେ। ପ୍ରାରମ୍ଭରେ ଅଧ୍ୟାପକ ଗଣେଶ କୁମାର ତିଆଡ଼ିଙ୍କ ପରିଚାଳନାରେ ସୁଶ୍ରୀ ଲିଜା ଗିରି ଓଁକାର ଧ୍ୱନି ଓ ରାମଚନ୍ଦ୍ର ପୃଷ୍ଟି ବିବେକବାଣୀ ପଠନ କରିଥିବାବେଳେ ଅଧ୍ୟାପକ ତିଆଡ଼ି ଶେଷରେ ଧନ୍ୟବାଦ ଜ୍ଞାପନ କରିଥିଲେ। ଉକ୍ତ ପାଠଚକ୍ରରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର କୁମାରବର ଦାସ ଉପସ୍ଥିତ ଥିବାବେଳେ ଶତାଧିକ ସାହିତ୍ୟ ଅନୁରାଗୀ ଏଥିରେ ଯୋଗ ଦେଇଥିଲେ।

## ସାଧନା ଦାସ ଅଧିକାରୀ ନାବରା ମହିଳା କଲେଜର ନୂତନ ଅଧ୍ୟକ୍ଷା

କାଳିପଦା, ୩୦।୯ (ସମିସ): ପ୍ରାଧ୍ୟାପିକା ସାଧନା ଦାସ ଅଧିକାରୀ ନାବରା ମହିଳା ଜୁନିୟର କଲେଜ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆଜି ଅଧ୍ୟକ୍ଷା ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ପୂର୍ବତନ ଅଧ୍ୟକ୍ଷ ଅଜୟ କୁମାର ପ୍ରଧାନଙ୍କଠାରୁ ଏହି ଦାୟିତ୍ୱ ଗ୍ରହଣ କରିଛନ୍ତି। ଅଧ୍ୟକ୍ଷା ଦାସ ଅଧିକାରୀ ଏହି କଲେଜରେ ଅର୍ଥନୀତି ବିଭାଗର ପ୍ରାଧ୍ୟାପିକା ଥିଲେ। ସମସ୍ତଙ୍କ ପ୍ରତି ସମଭାବ ରଖି କାର୍ଯ୍ୟ କରିବେ ବୋଲି ସେ ପ୍ରକାଶ କରିଛନ୍ତି। ଏହି ଅବସରରେ କଲେଜର କର୍ମଚାରୀ ସଂଘ ଅଧ୍ୟକ୍ଷା ଦାସ ଅଧିକାରୀଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।

## ନାଳରେ ବୁଡ଼ି ବୃଦ୍ଧ ମୃତ

ସୋର, ୩୦।୯ (ସମିସ): ସୋର ବ୍ଲକ ଶିଙ୍ଗାଖୁଣ୍ଟା ପଞ୍ଚାୟତ ନୂଆଗାଁ ଗ୍ରାମରେ ପାଣି ନାଳରେ ବୁଡି ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଯାଇଛି। ଏହି ଗ୍ରାମର ନାରାୟଣ ଚଣ୍ଡ(୬୬) ଆଜି ସକାଳେ ବିଲକୁ ଯାଇଥିଲେ। କିନ୍ତୁ ଦୀର୍ଘ ସମୟ ପର୍ଯ୍ୟନ୍ତ ସେ ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ନିକଟସ୍ଥ ଏକ ନାଳରେ ଭାସୁଥିବାର ଦେଖିଥିଲେ। ସେଠାରୁ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସରେ ସୋର ମେଡିକାଲକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସୋର ପୁଲିସ ମେଡିକାଲରେ ପହଞ୍ଚି ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛି।

## ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଉଦ୍‌ଘାଟନୀ ଉତ୍ସବ

କାଳିପଦା, ୩୦।୯ (ସମିସ): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସଏସ) ବାଲିଆପାଳ ଖଣ୍ଡର ସଂଘ ଶତବାର୍ଷିକୀ ଉଦଘାଟନ ଉତ୍ସବ କାଳିପଦା ସରସ୍ୱତୀ ଶିଶୁ ମନ୍ଦିର ଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପର୍ଯ୍ୟବେକ୍ଷକ ରମାନାଥ କର ଯୋଗଦେଇ ବକ୍ତବ୍ୟ ରଖିଥିଲେ। ମୁଖ୍ୟ ବକ୍ତା ଖଣ୍ଡ ବୌଦ୍ଧିକ ପ୍ରମୁଖ ମହେଶ୍ୱର ମିଶ୍ର ଆର. ଏସ. ଏସ ର ଶହେ ବର୍ଷର ସଂଘର୍ଷ ମୟ ଇତିହାସ ବର୍ଣ୍ଣନା କରିଥିଲେ। ଖଣ୍ଡ ଶାରୀରିକ ପ୍ରମୁଖ ଗୋପାଳ ଚନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆର.ଏସ. ଏସ ବାଲିଆପାଳ ଖଣ୍ଡ କାର୍ଯ୍ୟବାହ ହେମନ୍ତ ମୁଖି ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ।

## ବାଲି ଉତ୍ତୋଳନ ନେଇ ପଞ୍ଚାୟତସ୍ତରୀୟ ବୈଠକ

ବାଲିଆପାଳ, ୩୦।୯ (ସମିସ): ବାଲିଆପାଳ ବ୍ଲକ ଅସ୍ତି ପଞ୍ଚାୟତର ବଡ଼ାପାଳଠାରେ ଦିନକୁଦିନ ବେଆଇନ ବାଲି ଉତ୍ତୋଳନ ବଢ଼ିବାରେ ଚାଲିଛି। ପ୍ରତ୍ୟେକ ଦିନ ବାଲି ମାଫିଆ ମାନେ ତିରିଶିରୁ ଅଧିକ ନୌକାରେ ସୁବର୍ଣ୍ଣରେଖା ନଦୀ ଗର୍ଭରୁ ବାଲି ଉତ୍ତୋଳନ କରି ୫୦ରୁ ଅଧିକ ଟ୍ରାକ୍ଟରରେ ବାଲି ଚାଲାଣ କରୁଛନ୍ତି। ଏମାନଙ୍କୁ ପ୍ରଶାସନର ଭୟ ନାହିଁ କିଛି ମାନୁନାହାନ୍ତି। ଖଣି ଅଧିକାରୀଙ୍କ ସହିତ ମାଫିଆମାନଙ୍କ ସଲାସୁତୁରାରେ ଚାଲିଛି ଏହି କାରବାର ବୋଲି ଲୋକେ ଅଭିଯୋଗ କରିଛନ୍ତି। ଗାଁ ରାସ୍ତାରେ ଏତେ ମାତ୍ରାରେ ଟ୍ରାକ୍ଟର ଯିବା ଆସିବା କରୁଥିବାରୁ ପିଲାଙ୍କୁ ସ୍କୁଲ ଛାଡିବା ପାଇଁ ଅମଙ୍ଗ ହେଉଛନ୍ତି ଅଭିଭାବକ। ଗାଡି ଗୁଡ଼ିକ ଦ୍ରୁତରେ ଯାତାୟାତ କରୁଥିବାରୁ ସାଧାରଣ ଲୋକ ମଧ୍ୟ ଯିବାଆସିବା କରିବାକୁ ନିରାପଦ ମଣୁନାହାନ୍ତି। ଏହାବ୍ୟତୀତ ଏମିତି ବାଲି ଉତ୍ତୋଳନ ଆଗକୁ ଚାଲିଲେ ନଦୀ ଗର୍ଭରେ ଗାଁ ଗୁଡ଼ିକ ଲୀନ ହେବାର ସମ୍ଭାବନା ରହିଛି। ଗ୍ରାମବାସୀ ମାନେ ଭୟଭୀତ ହୋଇ ସରପଞ୍ଚଙ୍କୁ ଏହାର ତ୍ୱରିତ ସମାଧାନ ପାଇଁ ଜଣାଇଥିଲେ। ଏ ନେଇ ସରପଞ୍ଚଙ୍କ ପ୍ରତିନିଧି ହରେକୃଷ୍ଣ ଜେନାଙ୍କ ତତ୍ତ୍ୱାବଧାନରେ ପୂର୍ବତନ ସରପଞ୍ଚ ଶରତ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅସ୍ତି ପଞ୍ଚାୟତ ଅଫିସ୍ ଠାରେ ବିଭିନ୍ନ ଗ୍ରାମର ମୁଖିଆମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଗ୍ରାମବାସୀ ବାଲି ଉତ୍ତୋଳନକୁ ସମ୍ପୂର୍ଣ୍ଣ ବିରୋଧ କରିବା ସହିତ ବାଲି ଉତ୍ତୋଳନକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ କରାଯାଉ ବୋଲି ଦାବି କରିଥିଲେ। ତେଣୁ ସର୍ବସମ୍ମତିକ୍ରମେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଚୋରା ବାଲି ଉତ୍ତୋଳନକୁ ବନ୍ଦ କରାଯାଇଛି। ଏହି ବୈଠକରେ କାର୍ତ୍ତିକ ପାତ୍ର, କମଳାକାନ୍ତ ପାତ୍ର, ଅଜୟ ଦାସ, ବଟକୃଷ୍ଣ ଜେନା, ମାନସ ଦାସ, କିଶୋର ପାତ୍ର, ରାଜୀବ ଜେନା ପ୍ରମୁଖ ଉପସ୍ଥିତ ଥିଲେ।





































## ବାଲେଶ୍ୱର ଜିଲ୍ଲାର ବିଭିନ୍ନ ସ୍ଥାନରେ ଦୁର୍ଗାପୂଜା

# ମହାଷ୍ଟମୀରେ ମା'ଙ୍କୁ ଦର୍ଶନକଲେ ଶ୍ରଦ୍ଧାଳୁ





ଚନ୍ଦନେଶ୍ୱର,୩୦।୯ (ସମିସ)

ଭୋଗରାଇର ବିଭିନ୍ନ ସ୍ଥାନରେ ଜଗତଜନନୀ ମା'ଦୁର୍ଗାଙ୍କ ପୂଜାର୍ଚ୍ଚନା ଅନୁଷ୍ଠିତ ହେଉଥିବା ବେଳେ ଚଳିତ ବର୍ଷ ଚନ୍ଦନେଶ୍ୱର ସାର୍ବଜନୀନ ଦୁର୍ଗାପୂଜାକୁ ୫୩ ବର୍ଷ ପୂରିଛି। ଭୋଗରାଇ ବ୍ଲକର ଏହା ଅନ୍ୟତମ ସର୍ବ ପୁରାତନ ସାର୍ବଜନୀନ ଶାରଦୀୟ ପୂଜା ଭାବେ ବେଶ ପରିଚିତ। ସ୍ଥାନୀୟ ଅଞ୍ଚଳର କିଛି ବିଶିଷ୍ଟ ବ୍ୟକ୍ତିଙ୍କ ପ୍ରଚେଷ୍ଟାରେ ଆରମ୍ଭ ହୋଇଥିଲା ଏଠାକାର ପୂଜା । ବଙ୍ଗୀୟ ଶୈଳୀରେ ମୂର୍ତ୍ତି ନିର୍ମାଣ ସହିତ ବଙ୍ଗୋପସାଗରରୁ ମାଟି ଆଣି ଦେବୀ ମା'ଙ୍କର ମୂର୍ତ୍ତି ସ୍ଥାପନ କରାଯାଇଥିଲା । ଚଳିତବର୍ଷ ଏକ ବିଶାଳ ଓ ଆକର୍ଷଣୀୟ ମଣ୍ଡପରେ ଦେବୀ ଦୁର୍ଗାଙ୍କ ସୁଉଚ୍ଚ ତଥା ଆକର୍ଷଣୀୟ ମୂର୍ତ୍ତି ଅପୂର୍ବ ଶୋଭା ବର୍ଦ୍ଧନ କରୁଛି । ମଙ୍ଗଳବାର ମହାଷ୍ଟମୀ ପୂଜାରେ ସ୍ଥାନୀୟ ଅଞ୍ଚଳରୁ ପ୍ରାୟ ପାଞ୍ଚ ହଜାରରୁ ଅଧିକ ମହିଳା ଓ ପୁରୁଷ ଭକ୍ତମାନେ ମା'ଙ୍କ ଠାରେ ପୂଜାର୍ଚ୍ଚନା କରି ନିଜର ମାନସିକ ପାଇଁ ଆସିଥିଲେ । ଅପରାହ୍ନରେ ବିଭିନ୍ନ ପୂଜା ମଣ୍ଡପରେ ସନ୍ଧିପୂଜା ପରେ ମହାନବମୀ ପୂଜା ଆରମ୍ଭ ହୋଇଛି। ପୂଜା କମିଟିର ସଭାପତି ତଥା ଚନ୍ଦନେଶ୍ୱର ମନ୍ଦିରର ମୌରସୀ ତପନ କୁମାର ପଣ୍ଡାଙ୍କ ପ୍ରଚେଷ୍ଟା ଓ ଅନ୍ୟ ସଦସ୍ୟଙ୍କ ସହଯୋଗରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ବହୁ ଧୁମ ଧାମରେ ପୂଜା ଅନୁଷ୍ଠିତ ହୋଇଆସୁଛି। ଏଥିରେ ପୂଜା କମିଟିର ସମ୍ପାଦକ ବ୍ରତ ପାଣିଗ୍ରାହୀ, ସମିତି ସଦସ୍ୟ ଗୋବିନ୍ଦ ଦାସ, ଭାରପ୍ରାପ୍ତ ସରପଞ୍ଚ ବିଭୁତି ଭୂଷଣ ପ୍ରଧାନ, କୋଷାଧ୍ୟକ୍ଷ ରବୀନ୍ଦ୍ର ପାତ୍ର, ସପନ ପଣ୍ଡା, ରବୀନ ସେନ, ବିଭୂତି ପ୍ରଧାନ, ସୁବାସ ଦାସ, ଧରଣୀ ସେନାପତି ଗୌତମ ପଣ୍ଡା, ରବୀନ୍ଦ୍ର ପାତ୍ର, ବିବେକ ପଣ୍ଡା, ମିହିର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

**ଭୋଗରାଇ:** ଭୋଗରାଇ ବ୍ଲକ୍ ଅନ୍ତର୍ଗତ ମନ୍ଦାରସାହି ପଞ୍ଚାୟତ କାଳାହି



ଗ୍ରାମରେ ଦୀର୍ଘ ୪୫ ବର୍ଷ ଧରି ମାଁ ଦୁର୍ଗାଦେବୀଙ୍କ ପୂଜାର୍ଚ୍ଚନା ଅନୁଷ୍ଠିତ ହେଉଛି। ଆଜି ମହାଷ୍ଟମୀରେ ପୂଜା ମଣ୍ଡପରେ ଶତାଧିକ ପୁରୁଷ ଓ ମହିଳାମାନେ ଆସି ପୂଜାର୍ଚ୍ଚନା କରିଥିଲେ। ସଭାପତି ଡାକ୍ତର ପ୍ରମଥ କୁମାର ବେହେରା ଆଠ ଦିନ ବ୍ୟାପୀ ବହୁ ମନୋରଞ୍ଜନ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହେବ ବୋଲି କହିଛନ୍ତି। କାଳାହି ସାର୍ବଜନୀନ ଦୁର୍ଗାପୂଜା ମଣ୍ଡପ ଏପରି ନିଆରା ପରମ୍ପରା ଯେ, ଏଠି ହିନ୍ଦୁ ଓ ମୁସଲମାନ ଭାଇ ଭଉଣୀମାନେ ମିଳିମିଶି ପୂଜା ଅର୍ଚ୍ଚନା କରନ୍ତି। ମା'ଙ୍କର ପ୍ରତିମୂର୍ତ୍ତି ଦାନ କରିଛନ୍ତି ଗଣେଶ ଚନ୍ଦ୍ର ଜେନା, ମୁଖ୍ୟ ପୂଜକ ବିପଦ ଭଞ୍ଜନ କର ସହ ପୂଜକ ଅମୁଲ୍ୟ କର ଓ ଶଙ୍କର ଚନ୍ଦ୍ର କର ମାଁଙ୍କୁ ପୂଜା ଅର୍ଚ୍ଚନା କରିଥିଲେ। କମିଟିର ସଭାପତି ସୁଧିର ଜେନା, ସମ୍ପାଦକ ଉତ୍ତମ ଜେନା, ମନ୍ଦାରସାହି ପଞ୍ଚାୟତର ସରପଞ୍ଚ ମମତା ସାହୁ, ସମିତି ସଭ୍ୟ ଲକ୍ଷ୍ମୀନାରାୟଣ ସାହୁ, ସମିତି ସଭ୍ୟ ବଂଶିଧର ସାହୁ, ସମୀର କୁମାର ତୁଳା, ଶୟମ୍ଭୁ ଜେନା, ସୁବଳ ମହାନ୍ତି, ପରେଶ ମହାପାତ୍ର ପୂଜାର୍ଚ୍ଚନାରେ ସହଯୋଗ କରିଥିଲେ।

**ନୀଳଗିରି:** ନୀଳଗିରିର ବହୁ ପୁରାତନ ଦୁର୍ଗା ମଣ୍ଡପ କଚେରୀ ବଜାର ଦୁର୍ଗା



ମଣ୍ଡପ ୭୨ବର୍ଷରେ ପଦାର୍ପଣ କରିଥିବା ବେଳେ ଚଳିତ ବର୍ଷ ଧୁମଧାମରେ ପାଳିତ ହେଉଛି। ମଙ୍ଗଳବାର ଦିନ ଏହି ମଣ୍ଡପରେ ମା' ଦୁର୍ଗାଙ୍କର ଅଷ୍ଟମୀ ପୂଜା ହଜାର ହଜାର ଉପାସକଙ୍କ ଭିଡ଼ ପରିଲକ୍ଷିତ ହୋଇଛି। ଏକ ଛୋଟ ଟେଣ୍ଟ କରି ପ୍ରଥମେ ପୂଜା ଆରମ୍ଭ କରାଯାଇଥିଲା। ସେତେ ବେଳେ ବିଦ୍ୟୁତ୍ ସଂଯୋଗ ନ ଥିଲା। ପମ୍ପ ଲାଇଟ୍ ଲଗାଇ ମଣ୍ଡପକୁ ଆଲୋକିତ କରାଯାଉଥିଲା। ସମସ୍ତଙ୍କ ସହଯୋଗରେ ଧୀରେ ଧୀରେ ଆଜି ୭୨ ବର୍ଷରେ ପଦାର୍ପଣ କରିଛି ବୋଲି ପୂଜା କମିଟିର ସଭାପତି ମନୋରଞ୍ଜନ ବିଶ୍ୱାଳ ପ୍ରକାଶ କରିଛନ୍ତି। ଅଷ୍ଟମୀ ଦିନ ପାଖା ପାଖି ଦୁଇ ହଜାରରୁ ଅଧିକ ଡାଲା ଲାଗିଥିବାର କମିଟିର ସମ୍ପାଦକ ମନୋରଞ୍ଜନ ଦାସ ପ୍ରକାଶ କରିଛନ୍ତି।

**ଜଳେଶ୍ୱର ବ୍ଲକ :** ଜଳେଶ୍ୱର ପଞ୍ଚାୟତ ସମିତି ରାୟାରାମଚନ୍ଦ୍ରପୁର ଗ୍ରାମ



ପଞ୍ଚାୟତର ମହାନ୍ତି ସାହି ଗଡ଼ ଦୁର୍ଗାପୂଜାରେ ଚତୁର୍ଭୁଜା ମା' ପୂଜା ପାଆନ୍ତି। ମା' ଦୁର୍ଗାଙ୍କ ସହ ରାଧାକୃଷ୍ଣ ଓ ମା' ସିଂହବାହିନୀଙ୍କୁ ମଧ୍ୟ ପୂଜା କରାଯାଏ। ମହାନ୍ତି ସାହି ଗଡ଼ ଦୁର୍ଗାପୂଜାର ବିଶେଷତ୍ୱ ଥିବାରୁ ଏଠାରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ ବୋଲି କହିଛନ୍ତି ବିଭୁତିଭୂଷଣ କାନୁନଗୋ, ଶିବଶଙ୍କର ଦାସ, ତ୍ରିଲୋଚନ ଦାସ, ପ୍ରଭାସ ଚନ୍ଦ୍ର ଦାସ, ବିଶ୍ୱମ୍ବର ଦାସ, କମଳଲୋଚନ ଦାସ, ଶିତିକାନ୍ତ ଚୌଧୁରୀ, ଆଇନଜୀବୀ କୁଞ୍ଜବିହାରୀ ଦାସ ପ୍ରମୁଖ ।

**ଥାନାଛକ ସାର୍ବଜନୀନ ଦୂର୍ଗାପୂଜା:** ଭୋଗରାଇ ବ୍ଲକର ଦେହୁର୍ଦ୍ଦା ପଞ୍ଚାୟତ



ଅନ୍ତର୍ଗତ ଥାନାଛକ ସାର୍ବଜନୀନ ଦୁର୍ଗାପୂଜାଟି ୧୯୭୯ ମସିହାରେ ଆରମ୍ଭ ହୋଇ ୪୬ ବର୍ଷରେ ପହଞ୍ଚିଛି। ଆଜି ମହାଷ୍ଟମୀ ଓ ସନ୍ଧି ପୂଜା ଅନୁଷ୍ଠିତ ହୋଇଥିଲା। ବୁଧବାର ନବମୀ ପୂଜା ଏବଂ ଗୁରୁବାର ଦଶମୀ ପୂଜା ମହାଆଡମ୍ବରରେ ଅନୁଷ୍ଠିତ ହେବ। କମିଟିର ସଭାପତି ଭୋଗରାଇ ଥାନା ଅଧିକାରୀ ରୋହିତ କୁମାର ବଳ, କାର୍ଯ୍ୟକାରୀ ସଭାପତି ଡ.ବିମଳ କୁମାର ମହାନ୍ତି, ଉପସଭାପତି ସୁରେନ୍ଦ୍ର ଚନ୍ଦ୍ର ଜେନା, ସୁକାନ୍ତ ଦାସ, ସାଧାରଣ ସମ୍ପାଦକ ତଥା ଅବସରପ୍ରାପ୍ତ ପ୍ରଫେସର ଡ. ନବକୃଷ୍ଣ ଦେ, ଯୁଗ୍ମ ସମ୍ପାଦକ ସୁମିତ କୁମାର ଦାସ,ସହ ସମ୍ପାଦକ ମନ୍ମଥ ପାତ୍ର(କ), ଲକ୍ଷ୍ମଣ ଚନ୍ଦ୍ର ଦାସ, କୋଷାଧ୍ୟକ୍ଷ ହରିପଦ ଦାସ ଓ ରାଧାକୃଷ୍ଣ ରାଉତ, ଦେବେନ୍ଦ୍ର ନାଥ ଦାସ, ପରେଶ ଚନ୍ଦ୍ର ଦାସ, କଳ୍ପତରୁ ମଣ୍ଡଳ, ବିଜୟ କୁମାର ପାତ୍ର, ପ୍ରଭାକର ପାତ୍ର, ପଞ୍ଚାୟତ ସମିତି ସଦସ୍ୟା ସନ୍ଧ୍ୟାରାଣୀ ଜେନା, ଜିଲ୍ଲା ପରିଷଦ ସଦସ୍ୟ ସଦସ୍ୟ ସନ୍ତୋଷ କୁମାର ଜେନା, ପୂର୍ବତନ ସରପଞ୍ଚ ରମାକାନ୍ତ କରଣ ପ୍ରମୁଖଙ୍କ ସମେତ ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି।

**ଦେହୁର୍ଦ୍ଦା ସାର୍ବଜନୀନ ଦୁର୍ଗାପୂଜା:** ଭୋଗରାଇ ବ୍ଲକ ଦେହୁର୍ଦ୍ଦା ରାୟ ମହାଶୟ



ଗଡର ସର୍ବ ପୁରାତନ ଦୁର୍ଗାପୂଜା ଚଳିତବର୍ଷ ୫୩୮ ବର୍ଷରେ ପଦାର୍ପଣ କରିଛି। ଦେହୁର୍ଦ୍ଦା ଗ୍ରାମବାସୀ ମାନଙ୍କ ସହଯୋଗରେ ସୋମବାର ସକାଳେ ଘଟଉତ୍ତୋଳନରେ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରାରେ ପୁରୁଷ ଓ ମହିଳାମାନେ ହାତରେ ଶଙ୍ଖ, ଢାଲି ନେଇ ଗାଁ ପରିକ୍ରମା କରିବା ପରେ ମଣ୍ଡପରେ ଘଟ ସ୍ଥାପନ କରାଯାଇଥିଲା। ତାପରେ ସପ୍ତମୀ ପୂଜା ମହାଆଡମ୍ବରରେ ଅନୁଷ୍ଠିତ ହୋଇଥିଲା। ମଙ୍ଗଳବାର ମଣ୍ଡପରେ ମହାଅଷ୍ଟମୀ ପୂଜା ସହିତ ଅପରାହ୍ନରେ ସନ୍ଧି ପୂଜା ଅନୁଷ୍ଠିତ ହୋଇଥିଲା ବେଳେ ହଜାର ହଜାର ମହିଳା ଭକ୍ତମାନେ ଆସି ମା'ଙ୍କ ଠାରେ ପୂଜାର୍ଚ୍ଚନା କରି ସହିତ ଉପବାସ ବ୍ରତ ପାଳନ କରିଥିଲେ। ବୁଧବାର ନବମୀ ପୂଜା ଓ ଗୁରୁବାର ଦଶମୀ ପୂଜା ଅନୁଷ୍ଠିତ ହେବା ସହିତ ଶନିବାର ରାବଣ ପୋଡ଼ି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ପୂଜା କମିଟିର ସଭାପତି ଅନୁପ କୁମାର ମିଶ୍ର, ଉପସଭାପତି ପ୍ରଦୀପ କୁମାର ଦାସ, ସୁବ୍ରତ କୁମାର ଦେ,ଶକ୍ତିପଦ ଦାସ, ହରେନ୍ଦ୍ର ମଣ୍ଡଳ, ସଂପାଦକ ନିତାଇ ଚରଣ ଆଚାର୍ଯ୍ୟ, ସହ ସଂପାଦକ ତପନ କୁମାର ଆଚାର୍ଯ୍ୟ, ଲବ କର, ଜ୍ୟୋତିପ୍ରକାଶ ଆଚାର୍ଯ୍ୟ, ସ୍ୱଧାପ୍ରିୟ ଦାସ, ମାନସ କୁମାର ଗାଙ୍ଗୁଲି, କୋଷାଧ୍ୟକ୍ଷ ମନୋଜ କୁମାର ରାୟ, କମିଟିର ଉପଦେଷ୍ଟା ଚତୁର୍ଭୁଜ ଆଚାର୍ଯ୍ୟ, ଶ୍ରୀନିବାସ ବେଜ, ନିମାଇଁ ଚରଣ ଘୋଷ, ଗୌରହରି ଘୋଷ, ହିମାଂଶୁ ମିଶ୍ର,ଘନଶ୍ୟାମ ଗିରି, ନରେଶ ଚନ୍ଦ୍ର ଗିରି,ଶୈଳଜା ନନ୍ଦନ ଚାଟାର୍ଜୀ, ପରେଶ ଦାସ, ଧର୍ମପଦ ଦାସ, ରଣଜିତ୍ ନାଥ ପ୍ରମୁଖ ଉପସ୍ଥିତ ଥିଲେ।



ଆନନ୍ଦ ବଜାର ବସ୍ତା



ଗୋପୀନାଥପୁର ପଞ୍ଚାୟତ କଞ୍ଚନଗଡ଼ିଆ



ନାରାୟଣପୁର



ବସ୍ତା ରେଲୱେ ଷ୍ଟେସନ



ହରପାର୍ବତୀ ପୂଜା, ବସ୍ତା ବଜାର



## ୧୮ ପୂଜା ମଣ୍ଡପରେ ଦଶଭୁଜାଙ୍କୁ ଆରାଧନା



**ଖଇରା, ୩୦।୯ (ସମିସ):** ଖଇରା ବ୍ଲକ ଅଧୀନ ୧୮ ପୂଜାମଣ୍ଡପରେ ଶାରଦୀୟ ଦୁର୍ଗାପୂଜା ଧୁମଧାମରେ ଆରମ୍ଭ ହୋଇଥିବା ବେଳେ ୭୯ବର୍ଷରେ ପଦାର୍ପଣ କରିଥିବ ଗଣ୍ଡିବେଡ ଦୁର୍ଗାପୂଜାର ନିଆରା ପରିବେଶ ଦର୍ଶକଙ୍କୁ ଆକୃଷ୍ଟ କରୁଛି। ପୂଜା ଆରମ୍ଭ ସମୟର ପ୍ରବାଦ ଅନୁଯାୟୀ ପ୍ରଥମେ ପୂଜା ୧୯୪୭ ମସିହାରେ ବର୍ତ୍ତମାନ ମଣ୍ଡପ ନିର୍ମାଣ ହୋଇଥିବା ନିଛାଟିଆ ଯାଗାରେ ନଡିଆ ବାହୁଙ୍ଗା ଛପର ତଳେ କେବଳ ମାଙ୍କର ଏକ ଛୋଟ ପ୍ରତିମା ରଖି ପୂଜା ଆରମ୍ଭ କରାଯାଇଥିଲା। ଦିବଂଗତ ମଧୁସୂଦନ ରାଉଳ, ରାମଚନ୍ଦ୍ର ରାଉଳ, ଗୋପିନାଥ ଦାସ, ଲୋକନାଥ ଦାସ ଓ ଅନ୍ୟ କିଛି ଗ୍ରାମବାସୀଙ୍କ ବ୍ୟକ୍ତିଗତ ଆର୍ଥିକ ସହଯୋଗରେ ଏହି ପୂଜାର ବିଜ ରୋପଣ କରାଯାଇଥିଲା। ପରେ ପରେ ଗଣ୍ଡିବେଡ ବଜାର ବ୍ୟବସାୟୀ ମାନେ ଏଥିରେ ସହଯୋଗ କରିଥିଲେ। ଚଳିତ ବର୍ଷ ସଭାପତି ବିଜୟ କେତନ ନାୟକ, ସମ୍ପାଦକ ମାନସ ରଞ୍ଜନ ରାଉଳ, କୋଷାଧ୍ୟକ୍ଷ ଇନ୍ଦୁଭୁଷଣ ପ୍ରଧାନ, ଉପସଭାପତି ରାମଚନ୍ଦ୍ର ବେହେରା, ସହ-ସମ୍ପାଦକ ବାବାଜୀ ଚରଣ ମହାନ୍ତି ପ୍ରମୁଖଙ୍କ ଆପ୍ରାଣ ଉଦ୍ୟମରେ ପୂଜା ମହାଆଡମ୍ବରରେ ଆରମ୍ଭ ହେବା ସହ ଭିଡ ନିୟନ୍ତ୍ରଣ ପାଇଁ ବ୍ୟବସ୍ଥା କରାଯାଇଛି। ଏହି କ୍ରମରେ ଚଳିତ ବର୍ଷ ଶ୍ୟମସୁନ୍ଦରପୁର ପଞ୍ଚାୟତର ୬ଟି ବିଦ୍ୟାଳୟର ଟପ୍ପରକୁ ସମ୍ବର୍ଦ୍ଧିତ କରାଯିବା ସହ ୨ଓ ୩ ତାରିଖରେ ଓଡିଶା ସଂସ୍କୃତି ବିଭାଗ ପ୍ରଦତ୍ତ ସାଂସ୍କୃତିକ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯିବାର କାର୍ଯ୍ୟକ୍ରମ ରହିଛି। ସେହିଭଳି ଖଇରା ଥାନା ଅଧୀନ ସୁଣ୍ଢିରା, ମହତୀପୁର, ପତିରାଜପୁର, ଡୁଙ୍ଗୁରା, ଗରସଙ୍ଗ, ବାରାପୁର, କୁପାରୀ, ସାରଡାଙ୍ଗ, ଅଲିପୁର, ଖଇରା, ମଛଦା, ଡାଲଙ୍ଗରେ ଦୁର୍ଗାପୂଜା ଧୁମଧାମରେ ପାଳିତ ହେଉଛି।



## ଆଦର୍ଶ ଶିକ୍ଷକ ଶ୍ରୀହରି ପିଲାଙ୍କ ପରଲୋକ

**କାଳିପଦା, ୩୦।୯ (ସମିସ):** ବାଲିଆପାଳ ବ୍ଲକ ବିଷ୍ଣୁପୁର ପଞ୍ଚାୟତ ଇକଡ଼ପାଳ ଗ୍ରାମର ଆଦର୍ଶ ଶିକ୍ଷକ ଶ୍ରୀହରି ପିଲାଙ୍କ ପରଲୋକ ହୋଇ ଯାଇଛି। ମୃତ୍ୟୁବେଳକୁ ତାଙ୍କୁ ଅଶି ବର୍ଷ ବୟସ ହୋଇ ଥିଲା। ଜଣେ ଆଦର୍ଶ ଶିକ୍ଷକ ଭାବରେ ଇକଡ଼ପାଳ ମଧ ଇଂରାଜୀ ବିଦ୍ୟାଳୟରୁ ସେ ଅବସର ଗ୍ରହଣ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ଦୁଇ ପୁଅ, ଝିଅ ଓ ଅନ୍ୟ ବନ୍ଧୁ ବାନ୍ଧବ ଉପସ୍ଥିତ ଥିଲେ। ବାଲିଆପାଳ ଜଗନ୍ନାଥ ମନ୍ଦିର ସ୍ୱର୍ଗଦ୍ୱାର ଶ୍ମଶାନରେ ବେତଗଡ଼ିଆ ସ୍ମଶାନ ସାଥୀ ହେଲ୍ପ ଫାଉଣ୍ଡେସନର ଶୁକଦେବ ହାଜିରା, ହେମନ୍ତ ପରିଡା, ମହେଶ୍ୱର ଦଳାଇ, ମେଘନାଦ ସାହୁ, ସତନ ଦାସ, ଜଗନ୍ନାଥ ଗିରି, କାହ୍ନୁ ଖଟୁଆ, ଝାଡେଶ୍ୱର ଦେହୁରୀ ପ୍ରମୁଖ ୪୦ଜଣ ଏହି ଶବ ଦାହ କାର୍ଯ୍ୟ ସମାପନ କରିଥିଲେ। ସ୍ୱର୍ଗତ ପିଲାଙ୍କ ବଡ଼ ପୁଅ ମୁଖାଗ୍ନି ଦେଇଥିଲେ।

## ବିପୁଳ ମଦ ଜବତ, ୫ ଗିରଫ

**ଭୋଗରାଇ, ୩୦।୯ (ସମିସ) :** ବାଲେଶ୍ୱର ଜିଲ୍ଲା ଅବକାରୀ ବିଭାଗର ଇନ୍ସପେକ୍ଟର ହରିଶ ଚନ୍ଦ୍ର ସିଂଙ୍କ ନିର୍ଦ୍ଦେଶ କ୍ରମେ ଭୋଗରାଇ ଅବକାରୀ ଥାନା ଓ ଜିଲ୍ଲା ସାଟେଲାଇଟ ସ୍କ୍ୱାଡ ପକ୍ଷରୁ ଚଢାଉ କରାଯାଇ ୧୩୨.୫୦୫ ଲିଟର ଦେଶୀ ମହୁଲି ଓ ବିଦେଶୀ ଚୋରା ମଦ ସହିତ ୫ ଜଣ ଚୋରା ମଦ ବେପାରୀଙ୍କୁ ଗିରଫ କରିଛି। ଭୋଗରାଇ ବ୍ଲକ ଅନ୍ତର୍ଗତ ଗୁଣସାର୍ଥା ଗ୍ରାମର କାହ୍ନୁ ହେମ୍ବ୍ରମ ପାଖରୁ ୨୧ ଲିଟର, ଭୋଗରାଇ ଗ୍ରାମର ବାପି ଦାସ ପାଖରୁ ୧୮ ଲିଟର, ରସଲପୁର ଗ୍ରାମର ରମଣୀ ପ୍ରମାଣିକ ପାଖରୁ ୧୨ ଲିଟର, ଗୁଣସାର୍ଥା ଗୁରୁବାରୀ ମୁର୍ମୁ ପାଖରୁ ୩୦ ଲିଟର ଓ ନିଶନପୁର ଗ୍ରାମର ସୁରପତି ଜେନା ପାଖରୁ ୫୧.୫୦୫ ଲିଟର ମଦ ଜବତ କରିଛି ଅବକାରୀ ବିଭାଗ। ଚଢ଼ଉରେ ଭୋଗରାଇ ଅବକାରୀ ଥାନା ଏସଆଇ ସୁନୀଲ ମାଝୀ, ଓଆଇସି ଭବେଶ ଦାସ, ଏଏସଆଇ ଦିଲ୍ଲୀପ ତ୍ରିପାଠୀ, କନଷ୍ଟେବଲ ବ୍ରହ୍ମଜିତ ଦାସଙ୍କ ସହିତ ଅନ୍ୟମାନେ ସାମିଲ ଥିଲେ।



# ଦୁର୍ଗାପୂଜା ପାଇଁ ପଟ୍ଟାମୁଣ୍ଡାଇ ଉତ୍ସବମୁଖର

## ଆକର୍ଷଣୀୟ ସାଜସଜ୍ଜା, ତୋରଣ ଓ ଆଲୋକମାଳାରେ ଝଲସୁଛି ସହର









ପଟ୍ଟାମୁଣ୍ଡାଇ,୩୦।୯ (ସମିସ)

ପଟ୍ଟାମୁଣ୍ଡାଇ ଅଞ୍ଚଳର ଅନନ୍ୟ ଗଣପର୍ବ ଶାରଦୀୟ ଦୁର୍ଗାପୂଜା ପାଇଁ ସମଗ୍ର ଅଞ୍ଚଳ ଉତ୍ସବମୁଖର ହୋଇପଡ଼ିଛି। ପ୍ରାୟ ୬୦/୭୦ ବର୍ଷର ପୁରୁଣା ଏହି ଶାରଦୀୟ ଉତ୍ସବର ଲମ୍ବା ଇତିହାସ ରହିଛି। ସାମ୍ପ୍ରଦାୟିକ ସଂପ୍ରୀତିର ସହର ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଆୟୋଜିତ ଦୁର୍ଗାପୂଜାରେ ଉଭୟ ହିନ୍ଦୁ ଓ ମୁସଲମାନ ଭାଗ ନେବାର ବିରଳ ପରମ୍ପରା ରହିଛି। ଚଳିତବର୍ଷ ଦୁର୍ଗାପୂଜା ଉତ୍ସବକୁ ଯାକଯମକରେ ବିପୁଳ ଆନନ୍ଦ ଉଲ୍ଲାସର ସହିତ ଶାନ୍ତିପୂର୍ଣ୍ଣ ଭାବେ ପାଳନ ପାଇଁ ପଟ୍ଟାମୁଣ୍ଡାଇ ବଣିକ ସଂଘ, ବିଭିନ୍ନ ପୂଜା କମିଟି ଓ ପ୍ରଶାସନ ପୁରା ଦମରେ ଲାଗିପଡିଛି। ବିଭିନ୍ନ ପୂଜା କମିଟି ପକ୍ଷରୁ ଆକର୍ଷଣୀୟ ସାଜସଜ୍ଜା କରାଯାଇଥିବାବେଳେ ପୋଖରୀଆପଡା ଦୁର୍ଗା, ବଙ୍ଗାଳି ଦୁର୍ଗା, ନୀଳମାଧବ, ଦଶ ଅବତାର, ମହାବୀର ପ୍ରଭୃତି ମେଢ଼ ସାଜସଜ୍ଜା ଅତ୍ୟନ୍ତ ଆକର୍ଷଣୀୟ ହୋଇଛି। ପଟ୍ଟାମୁଣ୍ଡାଇ ଦୁର୍ଗାପୂଜାର ସାରା ଓଡ଼ିଶାରେ ସ୍ୱତନ୍ତ୍ର ସୁନାମ ରହିଛି। କେନ୍ଦ୍ରାପଡ଼ା ଜିଲ୍ଲାରେ ପଟ୍ଟାମୁଣ୍ଡାଇ ଦୁର୍ଗାପୂଜାର ନିଆରା ଆକର୍ଷଣ ସମସ୍ତଙ୍କୁ ପଟ୍ଟାମୁଣ୍ଡାଇ ମୁହାଁ କରିଛି। ପଟ୍ଟାମୁଣ୍ଡାଇ ବ୍ଲକ ଓ ପୌରାଞ୍ଚଳର ପ୍ରତ୍ୟେକ ଘରେ ଉତ୍ସବ ଲାଗି ରହିବା ସହିତ ବନ୍ଧୁ ପରିଜନଙ୍କୁ ନେଇ ଘର ପୂରି ଉଠିଛି। ସହରରେ ବଙ୍ଗାଳୀ ଦୁର୍ଗା, କଚେରୀ ଦୁର୍ଗା, ଗୃହଲକ୍ଷ୍ମୀ, ପୋଖରୀଆପଡା ଦୁର୍ଗା, ମା ଶାରଳା ମହାବୀର, ନୀଳକଣ୍ଠେଶ୍ୱର ଲକ୍ଷ୍ମୀନାରାୟଣ, ରାମଓଭିଷେକ, ନିତାଇ ଗୌର, ହରଗୌରୀ, ଲକ୍ଷ୍ମୀବରାହ, ମା' ଗାୟତ୍ରୀ, ମା' ସନ୍ତୋଷୀ, ଦଶ ଅବତାର, ମା' ଅନ୍ନପୂର୍ଣ୍ଣା, ହରିହର ଭେଟ, ନୀଳମାଧବ, ସୂର୍ଯ୍ୟଦେବତା, ନୃସିଂହନାଥ, କୃଷ୍ଣ ବଳରାମ, ବାଳ ହନୁମାନ, ବନଦୁର୍ଗା, ରାଧାକୃଷ୍ଣ, ଗଙ୍ଗାମାତା, ପୋଖରୀଆପଡା ମଙ୍ଗଳା ଆଦି ୨୬ଟି ମେଢ଼ ପୂଜା ଉତ୍ସବର ଶୋଭା ମଣ୍ଡନ କରିଛନ୍ତି। ଆଜି ଅଷ୍ଟମୀ ପୂଜା ଥିବାରୁ ବିଭିନ୍ନ ମଣ୍ଡପରେ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ପଟ୍ଟାମୁଣ୍ଡାଇ ସହରର ଦୁର୍ଗା ପୂଜା ଉତ୍ସବକୁ ବିପୁଳ ଆନନ୍ଦ ଉଲ୍ଲାସର ସହିତ ଶାନ୍ତିପୂର୍ଣ୍ଣ ଭାବେ ପାଳନ ପାଇଁ ପଟ୍ଟାମୁଣ୍ଡାଇ ଏସଡିପିଓ କ୍ଷମାସାଗର ପଣ୍ଡା, ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ରଙ୍କ ନେତୃତ୍ୱରେ ସଶସ୍ତ୍ର ପୁଲିସ ବାହିନୀ ପଇଁତରା ମାରିବା ସହିତ ଆଇନଶୃଙ୍ଖଳା ଉପରେ କଡା ନଜର ରଖିଛି। ସେହିପରି ପଟ୍ଟାମୁଣ୍ଡାଇ ଶାନ୍ତି କମିଟି ସଦସ୍ୟ ପୂଜା ଉତ୍ସବରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପଟ୍ଟାମୁଣ୍ଡାଇ ପ୍ରଶାସନକୁ ସହଯୋଗ କରୁଛନ୍ତି। ଏହାଛଡ଼ା ପଟ୍ଟାମୁଣ୍ଡାଇ ବ୍ଲକର ଅଳପୁଆ, ତରଡ଼ିପାଳ, ଅମୃତମଣୋହି, ଚୌଦକୁଲାଟ, ନୀଳକଣ୍ଠପୁର, ମାଳିପୁର, କଣ୍ଟାବଣ, ମଦନପୁର ଆଦି ବିଭିନ୍ନ ସ୍ଥାନରେ ଶାରଦୀୟ ଦୁର୍ଗାପୂଜାର ମାହୋଲ ସମଗ୍ର ଅଞ୍ଚଳକୁ ଉତ୍ସବ ମୁଖର କରିଦେଇଛି। ଦୁର୍ଗାପୂଜା ଅବସରରେ ବିଭିନ୍ନ ମେଢ଼ ମଧ୍ୟରେ ସାଜସଜ୍ଜାକୁ ନେଇ ପ୍ରତିଯୋଗିତା ଚାଲିଥିବାବେଳେ ବିଭିନ୍ନ ରାଜନୈତିକ ଦଳ ଓ ନେତାଙ୍କ ମଧ୍ୟରେ ଶୁଭେଚ୍ଛା ବ୍ୟାନରକୁ ନେଇ ରୀତିମତ ପ୍ରତିଯୋଗିତା ଚାଲିଛି। ଦୁର୍ଗାପୂଜା ଅବସରରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ରାଜନଗର ବିଧାୟକ ଧ୍ରୁବ ସାହୁ, ପୂର୍ବତନ ବିଧାୟକ କିଶୋର ତରାଇ, ଅଂଶୁମାନ ମହାନ୍ତି, ଡ ଅଲେଖ ଜେନା, ବିଜେପି ନେତା ଲଳିତ ବେହେରା, ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ଓ ପୌର ଅଧ୍ୟକ୍ଷ ହେମନ୍ତ ସାହୁ ପଟ୍ଟାମୁଣ୍ଡାଇବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରିଛନ୍ତି।


ମହାକାଳପଡ଼ା ଖରିନାସି ୟୁଏନଏସ୍ କ୍ଲବ୍ ଦୁର୍ଗାପୂଜା


ଗରଦପୁର ହୁରାସାହି ଦୁର୍ଗାପୂଜା

## ୪୪ ବର୍ଷରେ ହଳଦିଆପାଟଣା ଦୁର୍ଗାପୂଜା



ପଞ୍ଚୁପାଣ୍ଡବ,୩୦।୯ (ସମିସ): ଡେରାବିଶ ବ୍ଲକ୍ ମଙ୍ଗଳପୁର ପଞ୍ଚାୟତ ଅନ୍ତର୍ଗତ ହଳଦିଆପାଟଣା ଗ୍ରାମ ଦୁର୍ଗାପୂଜା ୪୪ ବର୍ଷରେ ପଦାର୍ପଣ କରିଛି। ଆଜି ଅଷ୍ଟମୀରେ ମଣ୍ଡପରେ ହଜାର ହଜାର ସଂଖ୍ୟକ ଭକ୍ତ ଭିଡ଼ ଜମାଇଥିଲେ। କମିଟି ପକ୍ଷରୁ ମଣ୍ଡପ ନିକଟରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ପ୍ରବଚନ ଓ ଭଜନ ସମାରୋହ ଅନୁଷ୍ଠିତ ହେଉଥିବା ବରିଷ୍ଠ ଉପଦେଷ୍ଟା ସୁବାସ ସାହୁ କହିଛନ୍ତି। ଏହି ପୂଜା ଦେଖିବା ପାଇଁ ଦୂରଦୁରାନ୍ତରୁ ଲୋକେ ଆସୁଥିବାବେଳେ ବେଣୀପୁର, ଛୋଟି, ମଙ୍ଗଳପୁର, ରଘୁଦେଇପୁର ଓ କୁରୁଜଙ୍ଗ ପଞ୍ଚାୟତରେ ଲୋକେ ଭିଡ଼ ଜମାଉଛନ୍ତି। ଲୋକଙ୍କ ବିଶ୍ୱାସ ରହିଛି ମାନସିକ କଲେ ପୂରଣ କରନ୍ତି ମା' ବୋଲି ଅଞ୍ଚଳବାସୀ କହିଛନ୍ତି। ଏହି ପୂଜା ପରିଚାଳନାରେ ଗ୍ରାମବାସୀଙ୍କ ସହ ପୂଜା କମିଟି ସହଯୋଗ କରୁଛନ୍ତି।

## ମା' ବୁଢ଼ୀଜାଗୁଳାଇଙ୍କ ବାର୍ଷିକ ପୂଜା ଉତ୍ସବ



ଡେରାବିଶ, ୩୦।୯ (ସମିସ): ଡେରାବିଶ ବ୍ଲକ୍ ଦାନପୁର ପଞ୍ଚାୟତ ଅନ୍ତର୍ଗତ ଦାନପୁର ଗ୍ରାମ ଦେବତୀ ମା' ବୁଢ଼ୀ ଜାଗୁଳାଇଙ୍କ ପୀଠରେ ଠାକୁରାଣୀଙ୍କ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପବିତ୍ର ଦୁର୍ଗାଷ୍ଟମୀ ତିଥିରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ପ୍ରତ୍ୟୁଷରୁ ପାରମ୍ପରିକ ରୀତିରେ ମା'ଙ୍କ ସ୍ନାନ କରାଯାଇ ମା'ଙ୍କ ଆଜ୍ଞାମାଳ ଗ୍ରାମ ପରିକ୍ରମା କରାଯାଇଥିଲା। ପୀଠରେ ସୂର୍ଯ୍ୟପୂଜା, ଗୋ-ପୂଜା ଓ ହୋମାଦି କରାଯାଇ ଶୋଡ଼ଷ ଉପଚାରରେ ମା'ଙ୍କ ପୂଜା କରାଯାଇଥିଲା। ଶ୍ରଦ୍ଧାଳୁ ପୁଷ୍ପାଞ୍ଜଳି ପ୍ରଦାନ ପୂର୍ବକ ମା'ଙ୍କ କୃପାଭିକ୍ଷା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଗ୍ରାମବାସୀ ପରିଚାଳନା କରିଥିଲେ। ସେହିପରି ଅଞ୍ଚଳରେ ଥିବା ବିଭିନ୍ନ ଗ୍ରାମଦେବତୀ ଓ ଶକ୍ତି ପୀଠରେ ପାର୍ବଣ ଉତ୍ସବ ପାଳନ କରାଯାଇଥିଲା।

● ପୂଜା ତୋରଣ ଉପରେ ଛିଣ୍ଡି ପଡ଼ିଲା ବିଦ୍ୟୁତ୍ ତାର

## ଜଳିଲା ସିଲିଂ, ବର୍ତ୍ତିଲେ ଶ୍ରଦ୍ଧାଳୁ



ରାଜନଗର, ୩୦।୯ (ସମିସ): ରାଜନଗରର ମୁଖ୍ୟ ପର୍ବ ଦଶହରାରେ ବିଦ୍ୟୁତ୍ ତାର ତୋରଣ ଉପରେ ଛିଣ୍ଡିପଡ଼ିଛି। ତୋରଣ ଜଳିଥିବାବେଳେ ଶତାଧିକ ଲୋକେ ଅଳ୍ପକେ ବର୍ତ୍ତିଯାଇଛନ୍ତି। ରାଜନଗର ବଜାରର ଲକ୍ଷ୍ମୀନାରାୟଣ ବଜାର ନିକଟରେ ଆଜି ରାତି ପ୍ରାୟ ୭ଟା ସମୟରେ ହଠାତ ବିଦ୍ୟୁତ ଖୁଣ୍ଟରୁ ନିଆଁ ବାହାରିବା ଆରମ୍ଭ କରିଥିଲା। ନିଆଁ ବାହାରି ନିକଟରେ ବଜାର କମିଟି ପକ୍ଷରୁ ହୋଇଥିବା ତୋରଣ ଉପରେ ପଡିଥିଲା। ଏଥିସହିତ ବିଦ୍ୟୁତ ତାର ଛିଣ୍ଡି ତୋରଣ ଉପରେ ପଡିଥିଲା। ତୋରଣ ଜଳିବା ପରେ ତୋରଣ ତଳେ ଓ ନିକଟରେ ଥିବା ଦୋକାନ ନିକଟରେ ଥିବା ଲୋକେ ଦୌଡିବା ଆରମ୍ଭ କରିଥିଲେ। କିଛି ସମୟ ମଧ୍ୟରେ ନିଆଁକୁ ସ୍ଥାନୀୟ ଲୋକେ ଆୟତ୍ତ କରିଥିଲେ। ଫଳରେ ବଡ଼ଧରଣର ଅଘଟଣ ଟଳିଯାଇଛି। ବିଦ୍ୟୁତ୍ ବିଭାଗ ସମସ୍ତ ପୂଜା ମଣ୍ଡପ ଓ ବାହାରେ ପଡିଥିବା ବ୍ୟବସାୟୀ ପ୍ରତିଷ୍ଠାନଠାରୁ ରସିଦ ଦେଇ ଟଙ୍କା ନେଇଥିଲେ ମଧ୍ୟ ସେହି ଅନୁସାରେ ଅଧିକ ଟ୍ରାନ୍ସଫର୍ମର ବ୍ୟବସ୍ଥା କରିନାହିଁ। ପୂଜା ଆରମ୍ଭରୁ ଆଜି ମହାଷ୍ଟମୀ ତିଥିରେ ପ୍ରତି ୧୦ ମିନିଟରେ ଅଧଘଣ୍ଟା ବିଦ୍ୟୁତ କାଟ କରାଯାଉଛି। ଫଳରେ ଲୋକେ ଗରମରେ ହୀନସ୍ତା ଭୋଗିଛନ୍ତି।

## ପୋଖରୀରେ କୁମ୍ଭୀର; ଲୋକେ ଭୟଭୀତ



ପଟ୍ଟାମୁଣ୍ଡାଇ, ୩୦।୯ (ସମିସ): ବ୍ରାହ୍ମଣୀ ନଦୀରେ ବାରମ୍ବାର ବନ୍ୟା ଆସିବା ଫଳରେ ବନ୍ୟା ବିପନ୍ନ ଧୋୟାଞ୍ଚଳର ବିଭିନ୍ନ ଅଞ୍ଚଳରେ କୁମ୍ଭୀର ଦେଖିବାକୁ ମିଳିଥିଲା। ବନ୍ୟା ଛାଡ଼ିବା ପରେ ପ୍ରାୟତଃ କୁମ୍ଭୀର ଦେଖିବାକୁ ମିଳିଲା ନାହିଁ। ତେବେ ଆଜି ରାତି ୮ଟା ସମୟରେ ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ୭ନଂ ୱାର୍ଡର ତଳବାଲିପଡ଼ା ପୋଖରୀ ନିକଟ ରାସ୍ତାରେ ଏକ ୧୪ ଫୁଟ ଲମ୍ବର କୁମ୍ଭୀର ଶୋଇଥିବା ଦେଖି ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ଲୋକମାନେ ହୋହାଲ୍ଲା କରିବାରୁ କୁମ୍ଭୀରଟି ଏକ ଡ୍ରେନ ମଧ୍ୟରେ ପଶିଯାଇଥିବା ଜଣାପଡିଛି। ୭ନଂ ୱାର୍ଡ କାଉନସିଲର ମଳୟ ଓଝା ତୁରନ୍ତ କୁମ୍ଭୀର ଧରିବା ପାଇଁ ରାଜନଗର ବନ ବିଭାଗକୁ ଜଣାଇଛନ୍ତି। ବନ୍ୟା ପାଣିରେ ଭାସିଆସିଥିବା କୁମ୍ଭୀରଟି ବନ୍ୟା ଛାଡ଼ିବା ପରେ ତଳବାଲିପଡ଼ା ପୋଖରୀ ମଧ୍ୟରେ ରହି ଯାଇଥିବା ଅନୁମାନ କରାଯାଉଛି।

## ବିଭିନ୍ନ ଖାଦ୍ୟ ସାମଗ୍ରୀ ଦୋକାନ ଉପରେ ଚଢ଼ଉ



ପଟ୍ଟାମୁଣ୍ଡାଇ, ୩୦।୯ (ସମିସ): ସଂପ୍ରତି ପଟ୍ଟାମୁଣ୍ଡାଇରେ ଶାରଦୀୟ ଦୁର୍ଗାପୂଜା ଚାଲିଥିବାରୁ ବହୁ ଅସାଧୁ ବ୍ୟବସାୟୀ ଅଧିକ ଲାଭ ଆଶାରେ ବାସୀ ଗନ୍ଧିଆ ଓ ରୋଗ ସୃଷ୍ଟିକାରୀ ଖାଦ୍ୟ ବିକ୍ରି କରୁଥିବା ନେଇ ବାରମ୍ବାର ଅଭିଯୋଗ ହୋଇଆସୁଛି। ଏ ସମ୍ପର୍କରେ ପ୍ରଶାସନ ନିକଟରେ ଅଭିଯୋଗ କରାଯାଇଛି। ଆଜି କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶରେ ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ ନେତୃତ୍ୱରେ ଜିଲ୍ଲା ଓ ସ୍ଥାନୀୟ ଟିମ୍ ମିଳିତ ଭାବେ ବିଭିନ୍ନ ଜଳଖିଆ ଓ ଠେଲା ଗାଡ଼ିରେ ବିକ୍ରି ହେଉଥିବା ଖାଦ୍ୟ ସାମଗ୍ରୀର ମାନ ପରୀକ୍ଷା କରିବା ସହିତ କୌଣସି ଅପ୍ରମିଶ୍ରିତ ବାସୀ ଗନ୍ଧିଆ ଖାଦ୍ୟ ବିକ୍ରି କଲେ କଡ଼ା ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

## ରାଜନଗରରେ ଶାରଦୀୟ ଦୁର୍ଗାପୂଜା ମାହୋଲ







## ଶ୍ରୀଜଗନ୍ନାଥ ଏକ୍ସପ୍ରେସ ବସ୍ ରାଜକନିକାରେ ରହଣୀ ଦାବି

ରାଜକନିକା,୩୦।୯ (ସମିସ): ରାଜ୍ୟ ସରକାରଙ୍କ ପରିବହନ ବିଭାଗ ପକ୍ଷରୁ ଶ୍ରୀକ୍ଷେତ୍ର ପୁରୀକୁ ଯିବା ଆସିବା ପାଇଁ ଶ୍ରୀଜଗନ୍ନାଥ ଏକ୍ସପ୍ରେସ ଯୋଜନାରେ ଭଲଭୋ ବସ୍‌ରେ ଯାତ୍ରୀ ଯାତାୟତ ଜାରି ରହିଛି। ଏହି ଯୋଜନାରେ ଦୈନିକ ଭଦ୍ରକ ଜିଲ୍ଲାର ଧାମରାଠାରୁ ଜଗନ୍ନାଥ ଧାମ ପୁରୀକୁ ଯାତାୟାତ କରୁଥିବା ବସ୍ ରାଜକନିକାରେ ରହଣି ନ ହେବା ଦୁର୍ଭାଗ୍ୟଜନକ। ଏହି ବାଟ ଦେଇ ଦୈନିକ ଚାନ୍ଦବାଲିରୁ ସକାଳ ୬. ୪୪ ମିନିଟରେ ଛାଡ଼ି ପୁଣି ଆଳିରେ ସକାଳ ୭.୦୩ରେ ପହଞ୍ଚୁଛି। ମାତ୍ର ଦୁଇ ମିନିଟ୍ ପାଇଁ ଏହି ବସ୍ ରାଜକନିକା ବସଷ୍ଟାଣ୍ଡ, ଚନ୍ଦନପୋଖରୀ ଛକରେ ଅଟକିଲେ, ଦୈନିକ ବହୁ ଯାତ୍ରୀ ସିଧା ପୁରୀକୁ ଯିବାରେ ସୁବିଧା ପାଆନ୍ତେ। ଏହି ସରକାରୀ ବସ୍ ଦୈନିକ ସକାଳ ୬ ଟାରୁ ବାହାରି ଚାନ୍ଦବାଲି, ଆଳି, ପଟ୍ଟାମୁଣ୍ଡାଇ କେନ୍ଦ୍ରାପଡ଼ା, ସାଲେପୁର, କଟକ, ଭୁବନେଶ୍ୱର, ମାଳତିପାଟପୁର ଦେଇ ପୁରୀରେ ସକାଳ ୧୦. ୩୦ରେ ପହଞ୍ଚି ପୁଣି ପୁରୀରୁ ଅପରାହ୍ନ ୫ଟାରେ ଫେରି ଏସବୁ ଷ୍ଟପେଜ ଦେଇ ଧାମରା ଷ୍ଟାଣ୍ଡରେ ରାତି ୯. ୩୧ ସମୟରେ ପହଞ୍ଚୁଛି। ହେଲେ ସରକାରୀ ଘୋଷଣା କ୍ରମରେ ଥିବା ଏହି ରୁଟ ଦେଇ ଯାଉଥିବା ଶ୍ରୀଜଗନ୍ନାଥ ଏକ୍ସପ୍ରେସ ରାଜକନିକାବାସୀଙ୍କୁ ସୁବିଧା ଦେବାକୁ ବହୁ ବୟସ୍କ ଓ ଶ୍ରଦ୍ଧାଳୁ ଉପକୃତ ହେବେ ବୋଲି ଆଶା ବଢ଼ିଛି। ସରକାରୀ ଯୋଜନାର ଏଭଳି ସୁବିଧାକୁ ସାଧାରଣରେ ପହଞ୍ଚାଇବାକୁ ରାଜକନିକାର ବହୁ ବୁଦ୍ଧିଜୀବୀ ଦାବି କରିବା ସହ ଏ ବିଷୟରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଓ ପରିବହନ ଅଧିକାରୀ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି ହୋଇଛି।






# ପୂଜା ଉତ୍ସବ ପାଇଁ ପୁଲିସର ଫୁଟ୍ ପାଟ୍ରୋଲିଂ



ଅନୁଗୋଳ,୩୦।୯ (ସମିସ): ଚଳିତ ପାର୍ବଣ ଋତୁରେ ଜିଲ୍ଲାରେ ତାଳଚେର ଗଣେଶ ପୂଜା ଓ ନାଲ୍କୋ ବିଶ୍ୱକର୍ମାପୂଜା ବେଶ୍ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ଏବେ ଚାଲିଥିବା ଦଶହରା ଓ ଆଗାମୀ ଲକ୍ଷ୍ମୀପୂଜା ବି ସମ୍ପୂର୍ଣ୍ଣ ଅପରାଧମୁକ୍ତ ରହିବ। ଅନୁଗୋଳ ସହରରେ ପୁଲିସର ଫୁଟ୍ ପାଟ୍ରୋଲିଂ ବେଳେ ଏଭଳି ପ୍ରତିଶ୍ରୁତି ଦେଇଛନ୍ତି ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନ। ଅନୁଗୋଳ ସହରରେ ୪ ପ୍ଲାଟୁନ୍ ଫୋର୍ସକୁ ନେଇ ଖୋଦ୍ ଏସ୍‌ପି ଫୁଟ୍ ପାଟ୍ରୋଲିଂ କରି କହିଛନ୍ତି, ଦଶହରା ପାଇଁ ଅନୁଗୋଳ ସହରକୁ ୮ଟି ସେକ୍ଟରରେ ବିଭକ୍ତ କରାଯାଇଛି। ପୁରା ସହରରେ ୮ପ୍ଲାଟୁନ୍ ପୁଲିସ ଫୋର୍ସ ଓ ୧୫୦ ହୋମଗାର୍ଡ ମୁତୟନହୋଇଛନ୍ତି। ଆଇନଶୃଙ୍ଖଳା ଉପରେ କଡ଼ା ନଜର ରଖିବାଲାଗି ୫୦ ଅଫିସର, ୩ ଜଣ ଡିଏସପି, ଜଣେ ଅତିରିକ୍ତଏସପିଙ୍କୁ ଦାୟିତ୍ୱ ଦିଆଯାଇଛି। ସହରର ବିଭିନ୍ନ ଜାଗାରେ ୫୦ଟି ଏଆଇ କ୍ୟାମେରା ଖଞ୍ଜାଯାଇଛି। ପ୍ରତି ମଣ୍ଡପରେ ପୂଜା କମିଟିଗୁଡ଼ିକ ମଧ୍ୟ ସିସିଟିଭି କ୍ୟାମେରା ଲଗାଇଛନ୍ତି। ପୂରା ସହର ପୁଲିସର କଡ଼ା ନଜରରେ ରହିଛି। ଲୋକଙ୍କ ବିଶ୍ୱାସ ଜିତିବା ସହ ଅପରାଧୀଙ୍କୁ ଚେତାଇ ଦେବାକୁ ଫୁଟ୍ ପାଟ୍ରୋଲିଂ କରାଯାଉଛି।

# ସଫେଇ କର୍ମଚାରୀଙ୍କୁ ନିଆରା ଅବସରକାଳୀନ ସମ୍ବର୍ଦ୍ଧନା

ଅନୁଗୋଳ,୩୦।୯ (ସମିସ)





ଅନୁଗୋଳ ପୌରପାଳିକା ଇତିହାସରେ ପ୍ରଥମ ଥର ପାଇଁ ଜଣେ ସଫେଇ କର୍ମଚାରୀଙ୍କୁ ନିଆରାଢଙ୍ଗରେ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯିବା ସହରରେ ଚର୍ଚ୍ଚା ହୋଇଛି। ଦୀର୍ଘ ୩୧ ବର୍ଷର ସେବା ପରେ ସଫେଇ କର୍ମଚାରୀ ଲକ୍ଷ୍ମଣ ଗୋଛାୟତ ଅବସରଗ୍ରହଣ କରିଛନ୍ତି। ତାଙ୍କୁ ସମ୍ମାନ ଜଣାଇବା ପାଇଁ ପୌରପାଳିକା ପକ୍ଷରୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କିଛିଦିନ ପୂର୍ବେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ତ୍ରିପାଠୀ ଲକ୍ଷ୍ମଣଙ୍କର ଉଦାସୀନ ମନୋଭାବ ଲକ୍ଷ୍ୟ କରିଥିଲେ। ପଚରାଉଚରା ପରେ ଲକ୍ଷ୍ମଣ ଜଣାଇଥିଲେ ଯେ, ତାଙ୍କର ଚାକିରୀର ଅନ୍ତିମ ଦିନ ଆସୁଛି ଏବଂ ଡିଏଲଆର କର୍ମଚାରୀ ଭାବେ ସେ ବିଶେଷ ସଞ୍ଚୟ କରିପାରି ନାହାନ୍ତି, ଯାହା ତାଙ୍କୁ ଚିନ୍ତାରେ ରଖିଛି। ଏହି କଥା ଅଧିକାରୀଙ୍କ ମନକୁ ଗଭୀର ଭାବେ ସ୍ପର୍ଶ କରିଥିଲା। ଲକ୍ଷ୍ମଣଙ୍କର ସମୟାନୁବର୍ତ୍ତିତା ଓ ପରିଶ୍ରମୀ ମନୋଭାବ ତାଙ୍କୁ ସମସ୍ତଙ୍କ ମଧ୍ୟରେ ଲୋକପ୍ରିୟ କରିଥିଲା। ରାତି ୩ଟାରୁ ଜିଲ୍ଲା କାର୍ଯ୍ୟାଳୟ, କୋର୍ଟ, କଲେଜ ଛକ ଆଦି ଅଞ୍ଚଳରେ ସେ ନିୟମିତ ସଫେଇ କାର୍ଯ୍ୟ କରୁଥିଲେ ଏବଂ କେବେ ତାଙ୍କ ନାଁରେ କୌଣସି ଅଭିଯୋଗ ଆସି ନଥିଲା। ଲକ୍ଷ୍ମଣଙ୍କ ଅବସର ଦିନକୁ ସ୍ମରଣୀୟ କରିବା ପାଇଁ ନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ତ୍ରିପାଠୀ ସ୍ୱତନ୍ତ୍ର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଲକ୍ଷ୍ମଣଙ୍କୁ ସମ୍ମାନିତ କରିବା ସହିତ ବ୍ୟକ୍ତିଗତ ଭାବେ ୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଅବସର ପରେ ତାଙ୍କୁ ପୁନଃନିଯୁକ୍ତି ଦେବାର ପ୍ରତିଶ୍ରୁତି ମଧ୍ୟ ଦିଆଯାଇଛି। ଏଅବସରରେ ଲକ୍ଷ୍ମଣଙ୍କୁ ତାଙ୍କ ଇଚ୍ଛା ବିଷୟରେ ପଚରାଯିବାରୁ ସେ ଦୁର୍ଗା ମହାଷ୍ଟମୀରେ ସମସ୍ତ ଷ୍ଟାଫ୍‌ଙ୍କ ସହ ମିଶି ଖାଦ୍ୟ ଖାଇବାକୁ ଚାହୁଁଥିବା କହିଥିଲେ। ନିର୍ବାହୀ ଅଧିକାରୀ ତୁରନ୍ତ ଏହାର ବ୍ୟବସ୍ଥା କରି ଲକ୍ଷ୍ମଣଙ୍କୁ ସହରର ଏକ ତାରକା ହୋଟେଲକୁ ନେଇଥିଲେ। ଲକ୍ଷ୍ମଣ ନିର୍ବାହୀ ଅଧିକାରୀଙ୍କ ସହ ଟେବୁଲରେ ବସି ଖାଦ୍ୟ ଗ୍ରହଣ କରିଥିଲେ। ସେ କହିଥିଲେ, ଏହି ସମ୍ମାନ ମୁଁ ଜୀବନସାରା ମନେ ରଖିବି। ଅନ୍ୟପକ୍ଷରେ ନିର୍ବାହୀ ଅଧିକାରୀ ଶ୍ରୀ ତ୍ରିପାଠୀ କହିଥିଲେ, ଲକ୍ଷ୍ମଣ ମୋର ସବୁଠାରୁ ପ୍ରିୟ କର୍ମଚାରୀ ଥିଲେ। ତାଙ୍କର ଅବସର ଖବର ଜାଣି ଏବଂ ସେ ଉଦାସ ଥିବା ଦେଖି ମୁଁ ତାଙ୍କ ମନରେ ଖୁସି ଭରିବା ପାଇଁ ଏହି ନିଆରା ସମ୍ବର୍ଦ୍ଧନାର ଆୟୋଜନ କରିଥିଲି। କାର୍ଯ୍ୟକ୍ରମରେ ଅନୁଗୋଳ ପୌରପାଳିକାର ଅଧିକାଂଶ କର୍ମଚାରୀଙ୍କ ସମେତ ଯୁବ ସ୍ୱେଚ୍ଛାସେବୀ ପ୍ରତାପ ମହାପାତ୍ର ଉପସ୍ଥିତ ଥିଲେ।




































# ୧୯ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



## ✓ବନବାସୀ ସାମଲ

ସ୍ୱାମୀ–✓ଅଧୀକାରୀ ସାମଲ

ଖଡ଼ଗପ୍ରସାଦ,ଢେଙ୍କାନାଳ

ତିରୋଧାନ–୧୨.୧୦.୨୦୦୫

ତୁମ ଆତ୍ମାର ଶାନ୍ତି ଓ ସଦଗତି ନିମନ୍ତେ ଜଗତର ନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାବିନ୍ଦରେ ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ ପରିବାର

ପୁଅ–ବୋହୂ– ରମେଶ,ଅଞ୍ଜଳୀ,ଗଙ୍ଗା,ଗୀତା,ସୁଧିର(ନିଧି),ଅବନ୍ତୀ

ଝିଅ–ଜ୍ୱାଇଁ– ଇନ୍ଦ୍ରମଣୀ,ସୁଧାକର,ସୁଷମା,ପ୍ରତାପ

ନାତି– କୁମାର,ଅବିନାଶ,ଜଗ

ନାତୁଣୀ– ଲିସୁ,ଲିଟୁ,ଲିମା,ଲିଜା,ଲିକି,ଲୋନୀ,ରାନୀ ଓ ସାମଲ ପରିବାର।